# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ମେ ୧୪/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Rayagada, Saturday, May 14/2022 | Page 14 | ₹ 7.00 | ★

୧୨ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




## ବୀରେନ୍ଦ୍ରଙ୍କୁ ଗୁରୁଦାୟିତ୍ୱ
ଜାକର୍ତ୍ତାରେ ହେବାକୁ ଥିବା ଏସିଆ କପ୍ ପୁରୁଷ ହକି ପାଇଁ ଓଡ଼ିଶାର ବୀରେନ୍ଦ୍ର ଲାକ୍ରାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି।

୧୨

୧୦

## ଶୋହେଲଙ୍କ ବିବାହରେ ଫାଟ
ସ୍ତ୍ରୀ ସୀମାଙ୍କୁ ଛାଡ଼ପତ୍ର ଦେବା ପାଇଁ ମୁମ୍ବାଇ ଫ୍ୟାମିଲି କୋର୍ଟରେ ପହଞ୍ଚିଛନ୍ତି ବଲିଉଡ୍ ଅଭିନେତା ଶୋହେଲ ଖାନ୍



# କେନ୍ଦ୍ର, ରାଜ୍ୟକୁ କୋର୍ଟ ନୋଟିସ
## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ମାମଲା

**ପୁରୀ ଅଫିସ,୧୩।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ମାମଲାରେ ପୁରୀ ସିଭିଲ ଜଜ୍ ସିନିୟର ଡିଭିଜନ କୋର୍ଟ ଶୁକ୍ରବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ), ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ), ଟାଟା କମ୍ପାନୀ, ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍ (ଓବିସିସି), ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲାପାଳ ଏବଂ ପୌର କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ମେଘନାଦ ପାଚେରିର ଶହେ ମିଟର ପରିଧି ମଧ୍ୟରେ ହେଉଥିବା ବେଆଇନ ନିର୍ମାଣ ଓ ଖନନ ବିରୋଧରେ ପୁରୀ ଓକିଲ ସଂଘ ପକ୍ଷରୁ କୋର୍ଟରେ ଦେୱାନୀ ମକଦ୍ଦମା ଦାଏର କରାଯାଇଥିଲା। ଏ ନେଇ ମାମଲା ନଂ. ୧୭୯/୨୨ ରୁଜୁ ହୋଇଥିଲା। ଏହି ମାମଲାକୁ କୋର୍ଟ ବିଚାର ପାଇଁ ଗ୍ରହଣ କରି ଉପରୋକ୍ତ କର୍ତ୍ତୃପକ୍ଷ ଏବଂ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଜୁନ୍ ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉକ୍ତ ଦିନ ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ ଅଧିକାରୀମାନେ ହାଜର ହୋଇ ଜବାବ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ ଅଧୀନରେ ବେଆଇନ ଖନନ ଓ ନିର୍ମାଣ ବିରୋଧରେ ପୁରୀ ଓକିଲ ସଂଘ ତରଫରୁ ଗତ ଏପ୍ରିଲ ୨୦ରେ ପୁରୀ ସିଭିଲ ଜଜ୍ ସିନିୟର ଡିଭିଜନ୍‌ରେ ମକଦ୍ଦମା ଦାଏର କରାଯାଇଥିଲା। ଆମ୍‌ସାର୍ ଆକ୍ଟ-୧୯୫୮ର ଉଲ୍ଲଂଘନ କରି ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି, ଟାଟା କମ୍ପାନୀ, ଓବିସିସି ଭଳି ଅଂଶୀଦାରମାନେ ପ୍ରକଳ୍ପ କାର୍ଯ୍ୟରେ ସାମିଲ ଥିବା ମକଦ୍ଦମାରେ ଉଲ୍ଲେଖ ରହିଛି। ଶ୍ରୀମନ୍ଦିରର ୧୦୦ ମିଟର ପରିଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ବେଆଇନ ହୋଇଥିବାବେଳେ ଏଏସ୍ଆଇ, ଏନ୍ଏମ୍ଏ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗକୁ ଅଣଦେଖା କରାଯାଇଛି। ଖୋଲାଖୋଲି ଭାବେ ଆଇନ ଉଲ୍ଲଂଘନ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଣୁ ସମସ୍ତଙ୍କୁ ପକ୍ଷଭୁକ୍ତ କରି ଦେୱାନୀ ମାମଲା ହୋଇଛି। ଦେୱାନୀ ଆଇନ ଧାରା ୯୧ ଓ ଅର୍ଡର ରୁଲ୍ ୮ରେ ୧୧ ଜଣଙ୍କୁ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରାଯାଇଛି। ଜିଲାପାଳ, ଶ୍ରୀମନ୍ଦିର ପରିଚାଳନା କମିଟି, ଟାଟା ପ୍ରୋଜେକ୍ଟ ଏମ୍‌ଡି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ଓବିସିସି, ଏଏସ୍ଆଇ ଡିଜି, ପୁରୀ ଏଏସ୍ଆଇର ସଂରକ୍ଷଣ ସହାୟକ, ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ, ଏନ୍ଏମ୍ଏ, କେନ୍ଦ୍ର ସଂସ୍କୃତି ବିଭାଗ ଏବଂ ପୁରୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଛି। ବାଦୀ (ପ୍ଲେଣ୍ଟିଫ) ଭାବେ ପୁରୀ ବାର୍ ଆସୋସିଏସନ୍ ☞ପୃଷ୍ଠା-୪



# ଟୁଇଟର ଡିଲ୍ ସାମୟିକ ସ୍ଥଗିତ

**ଲଣ୍ଡନ,୧୩।୫**

ଏଲନ ମସ୍କ ତାଙ୍କର ୪୪ ବିଲିୟନ ଡଲାର ମୂଲ୍ୟର ଟୁଇଟର କିଣା ଯୋଜନାକୁ ଶୁକ୍ରବାର ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଉକ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ସ୍ପାମ୍ ଏବଂ ଫେକ୍ ଆକାଉଣ୍ଟ, ଯାହାର ବ୍ୟବହାରକାରୀଙ୍କ ସଂଖ୍ୟା ୫ ପ୍ରତିଶତରୁ କମ୍, ତା'ର ସବିଶେଷ ଆକଳନ ଅଟକି ରହିଥିବା ଦର୍ଶାଇ ମସ୍କ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ପରେ ପ୍ରିମାର୍କେଟ ଟ୍ରେଡିଂରେ ସୋସିଆଲ ମିଡିଆ କମ୍ପାନୀ ଶେୟାର ୧୭.୭ ପ୍ରତିଶତ ହ୍ରାସ ପାଇ ୩୭.୧୦ ଡଲାରରେ ପହଞ୍ଚିଛି, ଯାହାକି ଗତ ଏପ୍ରିଲ୍‌ରେ ମସ୍କ ଟୁଇଟରରେ ନିଜ ଶେୟାର ଘୋଷଣା କରିବା ପରେ ଏହା ସର୍ବନିମ୍ନ ସ୍ତର। କେବଳ ଟୁଇଟର ନୁହେଁ, ମସ୍କଙ୍କ ଟେସ୍‌ଲା କମ୍ପାନୀ ଶେୟାର ମଧ୍ୟ ନିମ୍ନଗାମୀ ହୋଇଛି। ଟୁଇଟର ଡିଲ୍ ସ୍ଥଗିତ ରଖିବା ଲାଗି ଟେସ୍‌ଲା ମାଲିକ ଟୁଇଟ୍ କରିବା ପରେ ତାଙ୍କର ଉକ୍ତ ସୋସିଆଲ ମିଡିଆ କିଣିବା ଯୋଜନାକୁ ନେଇ ଚାଲିଥିବା ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ନୂଆ ମୋଡ଼ ନେଇଛି। ଗୁରୁବାର ଟୁଇଟର ଏହାର ଦୁଇଜଣ ପ୍ରମୁଖ ପରିଚାଳକଙ୍କୁ ବହିଷ୍କାର କରିଥିଲା। ତେବେ ଟୁଇଟର ଡିଲ୍ ଅଟକିବା ପଛରେ ଫେକ୍ ଆକାଉଣ୍ଟ ପ୍ରସଙ୍ଗ ପ୍ରକୃତ କାରଣ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ। ଆଇନଗତ ସମସ୍ୟାକୁ ନେଇ ମସ୍କ ଟୁଇଟର ଡିଲ୍‌ରେ ଆଗେଇବାକୁ ଚାହୁଁ ନ ଥିବା ନିବେଶକମାନେ ଅନୁମାନ କରୁଛନ୍ତି। ସେହିପରି ଟୁଇଟର ଅଧିଗ୍ରହଣ କରିବା ପରେ ବିଶ୍ୱର ସବୁଠୁ ଦାମୀ କାର୍ ନିର୍ମାତା କମ୍ପାନୀ ଚଳାଇବାରେ ସମସ୍ୟା ଉପୁଜିପାରେ ବୋଲି ମଧ୍ୟ କୁହାଯାଉଛି। ଅଧିକାଂଶ ନିଯୁକ୍ତିକୁ ସ୍ଥଗିତ ରଖାଯାଇଥିବା ଗୁରୁବାର ଟୁଇଟର ପକ୍ଷରୁ ସୂଚନା ଦିଆଯାଇଥିଲା। ଡିଲ୍ ଶେଷ ନ ହେବା ପର୍ଯ୍ୟନ୍ତ ଟୁଇଟରକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ଏହାର ଭବିଷ୍ୟତ ଯୋଜନା ଓ ରଣନୀତିକୁ ନେଇ ବିଜ୍ଞାପନଦାତାମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି।


ଏଲନ ମସ୍କ






## ଝିଅ ବାହାଘର ବେଳେ ମା'ଙ୍କୁ ହତ୍ୟା

**ବରଗଡ଼ ଅଫିସ୍,୧୩।୫**

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଝିଅ ବାହାଘର ଚାଲିଥିବାବେଳେ ଝିଅର ମା'ଙ୍କୁ ହତ୍ୟା କରାଯାଇଛି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତା ମହିଳା ହେଲେ କିଶୋରୀ ତାଣ୍ଡି(୪୪)। ଘର ଆଗରେ ଚାଲିଥିବା ବରଯାତ୍ରୀ ଶୋଭାଯାତ୍ରାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ୨ ସମ୍ପର୍କୀୟ ଲିଙ୍ଗରାଜ ଓରଫ ସୁମନ୍ତ ନାଏକ ଏବଂ ସୁବୋଧ ରାଜହଂସଙ୍କୁ ସେ ପ୍ରତିରୋଧ କରିବାକୁ ଯାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଠୋର ବାର୍ତ୍ତା**

# ସ୍ଥଗିତ ହେବନି ଏନ୍ଇଇଟି-ପିଜି ପରୀକ୍ଷା

**ନୂଆଦିଲ୍ଲୀ,୧୩।୫(ପି.ଟି.)**

ଚଳିତ ବର୍ଷ ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ପାଇଁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍ଇଇଟି-ପିଜି) ସ୍ଥଗିତ ରଖିବା ଲାଗି ଡାକ୍ତରମାନଙ୍କ ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଅଗ୍ରାହ୍ୟ କରି ଦେଇଛନ୍ତି।

**ରୋଗୀ ସେବା ପ୍ରଭାବିତ ହେବ କହିଲେ ସୁପ୍ରିମକୋର୍ଟ**

ପରୀକ୍ଷାରେ ବିଳମ୍ବ ହେଲେ ଦେଶରେ ଡାକ୍ତର ଅଭାବ ଦେଖାଦେବେ, ଯାହା ରୋଗୀ ସେବାକୁ ଗୁରୁତର ପ୍ରଭାବିତ କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପରୀକ୍ଷା ସ୍ଥଗିତ ରଖାଯିବ ଦ୍ୱାରା ଅବ୍ୟବସ୍ଥା ଓ ଅନିଶ୍ଚିତତା ସୃଷ୍ଟି ହେବ। ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ରଙ୍କ ଏକ ବଡ଼ ଗୋଷ୍ଠୀ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ କହିଛନ୍ତି।

ଅଳ୍ପ କେତେଜଣ ଛାତ୍ରୀଛାତ୍ର ପରୀକ୍ଷା ସ୍ଥଗିତ ରଖିବା ଚାହୁଁଛନ୍ତି। ☞ପୃଷ୍ଠା-୪

# ମା' ସହ ଜଳିଗଲେ ୨ ଶିଶୁ

■ ହତ୍ୟା ଅଭିଯୋଗ,ସ୍ୱାମୀ ଅଟକ

**ସାରସକଣା,୧୩।୫(ଡି.ଏନ.ଏ.)**

ଦୁଇ ଶିଶୁଙ୍କୁ କୋଳରେ ଧରି ଶୋଇଥିଲେ ମା'। ରାତି ଅଧରେ ହଠାତ୍ ଘରେ ନିଆଁ ଲାଗିଗଲା। କିଛି ଜାଣିବା ପୂର୍ବରୁ ୩ଜଣ ଯାକ ଜୀବନ୍ତ ଦଗ୍ଧ ହୋଇଗଲେ। ଏଭଳି ହୃଦୟବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଉଚ୍ଚଗାଁ ଗ୍ରାମର ଡ଼ିପାସାହିରେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ମଙ୍ଗଲ ମାର୍ଣ୍ଡିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତକ ହେଲେ ମଙ୍ଗଲଙ୍କ ସ୍ତ୍ରୀ ସୁରୁକୁନି(୨୪), ୫ବର୍ଷର ଝିଅ ସରିତା ଓ ୩ମାସର ପୁଅ ଜଗଦୀଶ।

ମଙ୍ଗଲଙ୍କ ପରିବାର ଲୋକେ ଗୁରୁବାର ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ସମସ୍ତେ ଗଭୀର ନିଦରେ ଶୋଇଥିବାରୁ ଜାଣିପାରି ନ ଥିଲେ। ନିମିଷକ ମଧ୍ୟରେ ଦୁଇ ଶିଶୁଙ୍କ ସମେତ ମା' ସୁରୁକୁନି ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ଅନ୍ୟ ଏକ କୋଠରୀରେ ଶୋଇଥିବା ମଙ୍ଗଲ ଏହି ଅଗ୍ନିକାଣ୍ଡରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ। ସାରସକଣା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିବା ବେଳକୁ ସବୁ କିଛି ପୋଡ଼ି ଛାରଖାର ହୋଇଯାଇଥିଲା।

ଏସ୍‌ପି କେ.ଆର୍ ଦ୍ୟାନଦେଓ, ଅତିରିକ୍ତ ଏସ୍‌ପି ସୁରେଶ ପାତ୍ର, ଏସ୍‌ଡିପିଓ କେ.କେ. ହରିପ୍ରସାଦ, ଡିଏସ୍‌ପି ଉପାସନା ପାଢ଼ୀ, ଝାରପୋଖରିଆ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ମୁକ୍ତି କୁମାର କୁଲ୍ଲୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୦୭/୨୧) ରୁଜୁ ହୋଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଗଗନ ଦଲେଇ ପହଞ୍ଚି ଅଗ୍ନିକାଣ୍ଡ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ମୋ ଭଉଣୀଙ୍କୁ ନିଆଁ ଲଗାଇ ପୋଡ଼ି ମାରି ଦେଇଛନ୍ତି ବୋଲି ମୃତ ସୁରୁକୁନିଙ୍କ ସାନ ଭାଇ ବାଙ୍ଗିରିପୋଷି ଥାନା ଅଧୀନ ଖଡ଼ିପାହାଡ଼ି ଗ୍ରାମର କାମକର ମାଝି ଝାରପୋଖରିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀ ମଙ୍ଗଲଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଥାଉକି, ସୁରୁକୁନିଙ୍କୁ ମଙ୍ଗଲ ଦ୍ୱିତୀୟ ବିବାହ କରିଥିଲେ।


ପୁରୀ ରଥଖଳାରେ ଶୁକ୍ରବାର ଡୁମ୍ବରେ ବିନ୍ଧ କରାଯାଉଛି।

# ୨୭ରେ କେରଳ ଛୁଇଁବ ମୌସୁମୀ
## ଜୁନ୍ ୧୦ରେ ଓଡ଼ିଶାକୁ ଆସିପାରେ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ଚାଷୀଙ୍କ ପାଇଁ ଖୁସି ଖବର। ପୂର୍ବବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବ। ଆସନ୍ତା ୨୭ ତାରିଖରେ ମୌସୁମୀ କେରଳ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି। ସାଧାରଣତଃ କେରଳ ଛୁଇଁବାର ୧୦ରୁ ୧୨ ଦିନ ମଧ୍ୟରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥାଏ। ମୌସୁମୀ ଜୁନ୍ ପ୍ରଥମ ସପ୍ତାହ କିମ୍ବା ୧୦ ତାରିଖ ପୂର୍ବରୁ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ରହିଛି। ଚାଷୀମାନେ ଅଖିମୁଠି ଅନୁକୂଳ କରି ବର୍ଷାକୁ ଅପେକ୍ଷା କରି ରହିଛନ୍ତି। ପ୍ରାକ୍ ମୌସୁମୀ ବର୍ଷା ହେଲେ ଧାନବୁଣା ଆରମ୍ଭ ହେବ। ଏ ପର୍ଯ୍ୟନ୍ତ ପ୍ରାକ୍ ମୌସୁମୀ ବର୍ଷା ହୋଇ ନ ଥିବାରୁ ବିହନ ଅନୁକୂଳ ହୋଇ ନାହିଁ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଉ ଦୁଇଦିନ ପରେ ଆଣ୍ଡାମାନ ନିକୋବର ଛୁଇଁବା ସମ୍ଭାବନା ରହିଛି। ଏଥିପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ ବିଭାଗ କହିଛି ଯେ ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳ ଛୁଇଁଥାଏ। ଏହାପରେ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ପ୍ରାନ୍ତକୁ ଯାଇଥାଏ। ଏଥର ପାଗ ଅନୁକୂଳ ଥିବାରୁ ମୌସୁମୀ ଆଗୁଆ ଆସିବା ସମ୍ଭାବନା ରହିଛି। ମେ' ୨୭ରେ ମୌସୁମୀ କେରଳ ଛୁଇଁବାକୁ ଥିବାବେଳେ ଏଥର ଏହା ସ୍ୱାଭାବିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ମୌସୁମୀ ପ୍ରଭାବରେ ସମଗ୍ର ଦେଶରେ ୯୬%ରୁ ୧୦୪% ବର୍ଷା ହେବ। ଉତ୍ତର ଭାଗର ଅଧିକାଂଶ ଅଞ୍ଚଳ, ଏହାକୁ ଲାଗି ରହିଥିବା କେନ୍ଦ୍ରୀୟ ଭାରତୀୟ ଅଞ୍ଚଳ ଓ ଉତ୍ତର-ପଶ୍ଚିମ ଭାଗର କିଛି ସ୍ଥାନରେ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଉତ୍ତର-ପୂର୍ବ ଭାରତର ଅନେକ ସ୍ଥାନ, ଉତ୍ତର-ପଶ୍ଚିମର କିଛି ଅଂଶ ଓ ☞ପୃଷ୍ଠା-୪



# ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରାଯାଉଛି
## ଚିନ୍ତନ ଶିବିରରେ ବର୍ଷିଲେ ସୋନିଆ

■ ମୋଦି ସରକାରରେ ଲୋକେ ଆତଙ୍କ ଭିତରେ ରହିବାକୁ ବାଧ ହେଉଛନ୍ତି

**ଉଦୟପୁର,୧୩।୫(ପି.ଟି.)**

ରାଜସ୍ଥାନର ଉଦୟପୁରଠାରେ କଂଗ୍ରେସର ୩ ଦିନିଆ ଚିନ୍ତନ ଶିବିରକୁ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର ଉଦ୍‌ଘାଟନ କରିବା ସହ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦି ସରକାର ଦେଶରେ ବିଭେଦ ଓ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ସେ କହିଛନ୍ତି। ଭାଜପାର 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ'ର ସ୍ଲୋଗାନର ଅର୍ଥ ଦେଶକୁ ସ୍ଥାୟୀ ଧ୍ରୁବୀକରଣ ସ୍ଥିତିରେ ରଖିବା, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା ଓ ବିରୋଧୀ ରାଜନେତାଙ୍କୁ ଧମକ ଦେବା ବୋଲି କଂଗ୍ରେସ ଅଧକ୍ଷା କହିଛନ୍ତି। ସଂଖ୍ୟାଲଘୁ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆମ ସାଧାରଣତନ୍ତ୍ରରେ ସମାନ ନାଗରିକ ହୋଇଥିବାବେଳେ ସେମାନଙ୍କୁ ଅସୁରକ୍ଷିତ ଓ ଭୟର ବାତାବରଣ ମଧ୍ୟରେ ରହିବାକୁ ପଡୁଛି। ସେମାନଙ୍କ ପ୍ରତି ନୃଶଂସତା ବଢୁଛି। ସେମାନେ ଯେଉଁ ଘୃଣାର ନିଆଁ ଲଗାଇଛନ୍ତି, ତାହା ବହୁ ଲୋକଙ୍କ ଜୀବନ ନେଲାଣି। ଏହାର ପରିଣାମ ଭୟଙ୍କର ଓ କଳ୍ପନାତୀତ ବୋଲି କଂଗ୍ରେସ ଅଧକ୍ଷା କହିଛନ୍ତି।

ଚିନ୍ତନ ଶିବିର ଉଦ୍‌ଘାଟନୀ ଭାଷଣରେ ସୋନିଆ ଉପସ୍ଥିତ ୪୫୦ ପ୍ରତିନିଧିଙ୍କୁ ଖୋଲାମନରେ ଆଲୋଚନା କରିବା ସହ ସୁଦୃଢ଼ ସଂଗଠନ, ସଂକଳ୍ପ ଓ ଏକତାର ସ୍ପଷ୍ଟ ବାର୍ତ୍ତା ଦେବାକୁ ଆହ୍ୱାନ ଦେଇଥିଲେ। ଦଳ ଏବେ ଅନେକ ☞ପୃଷ୍ଠା-୪



**ଗଗନୟାନ ରକେଟ ବୁଷ୍ଟରର ସଫଳ ପରୀକ୍ଷା**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏହାର ପ୍ରଥମ ମାନବ ପ୍ରେରଣ ମିଶନ ଗଗନୟାନକୁ ଶୁକ୍ରବାର ଆଉ ଏକ ସଫଳତା ମିଳିଛି। ଏହାର ରକେଟ ବୁଷ୍ଟର ଇଞ୍ଜିନ୍‌କୁ ସଫଳତାର ସହ ପରୀକ୍ଷା କରାଯାଇଛି। ବୁଷ୍ଟର ଇଞ୍ଜିନ୍ ଜିଓସିନ୍‌କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ ଏମ୍‌କେ୩ ରକେଟର ଅଂଶବିଶେଷ। ଏହି ରକେଟ ଭାରତୀୟ ମହାକାଶଚାରୀଙ୍କୁ ମହାକାଶକୁ ନେଇଯିବ। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ପରୀକ୍ଷା କରାଯାଇଥିଲା।

## ସଂକ୍ଷେପରେ

### କିଭ୍‌କୁ ଫେରିବ ଭାରତୀୟ ଦୂତାବାସ

**ନୂଆଦିଲ୍ଲୀ, ୧୩।୫:** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ଭାରତୀୟ ଦୂତାବାସ, ଯାହା ପୋଲାଣ୍ଡ ରାଜଧାନୀ ୱାରସରେ କାର୍ଯ୍ୟ କରୁଥିଲା ତାହା ପୁଣିଥରେ କିଭ୍‌କୁ ଫେରିବାକୁ ଯାଉଛି। ମେ ୧୭ରୁ ଭାରତୀୟ ଦୂତାବାସ ୟୁକ୍ରେନ୍ ରାଜଧାନୀ କିଭ୍‌ରୁ ପୂର୍ବ ପ୍ରକାରେ କାର୍ଯ୍ୟ ଆରମ୍ଭ କରିବ ବୋଲି କେନ୍ଦ୍ରୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୟୁକ୍ରେନ୍‌ରେ ଫସି ରହିଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ଭାରତ ପ୍ରତ୍ୟାବର୍ତ୍ତନରେ ଭାରତୀୟ ଦୂତାବାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ମାର୍ଚ୍ଚ ୧୩ରେ ଏହା ୱାରସକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିଲା। ସେ ସମୟରେ ପାର୍ଥ ସାରଥିଙ୍କ ସ୍ଥାନରେ ହର୍ଷ କୁମାର ଜୈନଙ୍କୁ ଭାରତ ପକ୍ଷରୁ ନୂଆ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଥିଲା।

### ବସ୍ ସହ ୪ ଯାତ୍ରୀ ଦଗ୍ଧ, ୨୦ ଆହତ

**କଟ୍ରା, ୧୩।୫:** ଜମ୍ମୁ-କଶ୍ମୀରର କଟ୍ରା ନିକଟରେ ଶୁକ୍ରବାର ଏକ ତୀର୍ଥଯାତ୍ରୀ ବସ୍‌ରେ ନିଆଁ ଲାଗିଯିବାରୁ ୪ ଯାତ୍ରୀ ଜୀବନ୍ତ ଦଗ୍ଧ ହେବା ସହ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ବୈଷ୍ଣୋଦେବୀକୁ ତୀର୍ଥଯାତ୍ରୀ ନେଇଯାଉଥିବା ବସ୍‌ର ଇଞ୍ଜିନରୁ ନିଆଁ ଲାଗି ପରେ ସମ୍ପୂର୍ଣ୍ଣ ବସ୍ ଜଳିଯାଇଥିବା ପ୍ରାଥମିକ ଅନୁଧାନରୁ ଜଣାପଡ଼ିଛି। ବସ୍‌ଟି କଟ୍ରାରୁ ଜମ୍ମୁ ଯାଉଥିବାବେଳେ ଖର୍ମାଲଠାରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ କଟ୍ରା ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କ ଜୀବନ ଯାଇଥିଲା। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଘଟଣାରେ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ନିଧି ଛିବ୍ବର ନୂଆ ସିବିଏସ୍‌ଇ ମୁଖ୍ୟ

**ନୂଆଦିଲ୍ଲୀ, ୧୩।୫:** ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଧି ଛିବ୍ବରଙ୍କୁ ଶୁକ୍ରବାର ସିବିଏସ୍‌ଇ (କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ)ର ମୁଖ୍ୟ ଭାବେ ନିଯୁକ୍ତ



କରାଯାଇଛି। ନିଧି ହେଉଛନ୍ତି ୧୯୯୪ର ଭାରତୀୟ ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛତିଶଗଡ କ୍ୟାଡର। ସିବିଏସ୍‌ଇ ମୁଖ୍ୟଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ଭାରି ଶିଳ୍ପ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ।

### ମୋହାଲି ବିସ୍ଫୋରଣ ଘଟଣାରେ ୫ ଗିରଫ

**ଚଣ୍ଡିଗଡ଼, ୧୩।୫(ପି.ଟି.):** ପଞ୍ଜାବ ପୋଲିସର ମୋହାଲି କାର୍ଯ୍ୟାଳୟରେ ହୋଇଥିବା ଆର୍‌ପିଜି ଆକ୍ରମଣ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ଏହି ଆକ୍ରମଣ ପଛରେ ଆତଙ୍କବାଦୀ ସଂଗଠନ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ଏବଂ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସମ୍ପୃକ୍ତ ଥିବା ପୋଲିସ କହିଛି। ଷଷ୍ଠ ଅଭିଯୁକ୍ତ ଅନ୍ୟ ଏକ ମାମଲାରେ ପୋଲିସ ହାଜତରେ ରହିଛି ଓ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିଜିପି ଭି.କେ. ଭାଓରା କହିଛନ୍ତି।

### ୩ ବାୟୁସେନା ଅଧିକାରୀଙ୍କୁ ଆଜୀବନ ଜେଲ

**ଗାନ୍ଧୀନଗର, ୧୩।୫:** ହାଜତ ମୃତ୍ୟୁ ଅଭିଯୋଗରେ ଆହ୍ଲାହାବାଦର ସ୍ୱତନ୍ତ୍ର ସିବିଆଇ କୋର୍ଟ ଭାରତୀୟ ବାୟୁସେନାର ୩ ଅଧିକାରୀଙ୍କୁ ଶୁକ୍ରବାର ଆଜୀବନ ଜେଲ ଦଣ୍ଡ ଶୁଣାଇଛନ୍ତି। ଉକ୍ତ ଅଧିକାରୀମାନେ ହେଲେ ଜାମନଗର ଏୟାର ଫୋର୍ସ-୧ର ସ୍କ୍ୱାଡ୍ରନ୍ ଲିଡ୍‌ର ଅନୁପ ସୁଦ, ସର୍ଜେଣ୍ଟ ଅନିଲ କେ.ଏନ୍ ଏବଂ ମହେନ୍ଦ୍ର ସିଂ ଶେରାୱତ। ୨୭ ବର୍ଷ ପୂର୍ବେ ଗିରିଜା ରାୱତ ଜାମନଗର ଏୟାର ଫୋର୍ସ ଷ୍ଟେଶନରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିରୋଧରେ ୧୯୯୫ରେ କ୍ୟାଣ୍ଟିନରୁ ମଦ ଚୋରି ଅଭିଯୋଗ ହୋଇଥିଲା। ସେ ସମୟରେ ସ୍କ୍ୱାଡ୍ରନ୍ ଲିଡ୍‌ର ଥିବା ଅନୁପ ଘଟଣା ଯାଞ୍ଚ କରିବା ସହ ରାୱତଙ୍କ ଘରେ ସର୍ଚ୍ଚ ଅଭିଯାନ କରିଥିଲେ। ହାଜତ ଭିତରେ ଉଚ୍ଚାଧିକାରୀମାନେ ତାଙ୍କ ଉପରେ ଏଭଳି ଅତ୍ୟାଚାର କରିଥିଲେ ଯେ, ନଭେମ୍ବର ୧୪ରେ ତାଙ୍କ ମୃତ୍ୟୁ ହୋଇଯାଇଥିବା ରାୱତଙ୍କ ସ୍ତ୍ରୀ କହିଛନ୍ତି। ଅଭିଯୋଗ ଓ ସାକ୍ଷ୍ୟ ଆଧାରରେ ୨୦୧୩ ଜୁଲାଇ ୩୦ରେ ସିବିଆଇ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।

# କିଭ୍ କୋର୍ଟରେ ରୁଷୀୟ ଯୁଦ୍ଧ ଅପରାଧୀ

## ସାଇକେଲ ଆରୋହୀ ୟୁକ୍ରେନୀୟ ବୃଦ୍ଧଙ୍କୁ ଗୁଳିକରି ହତ୍ୟା କରିଥିଲେ



ଭାଡିମ୍ ଶିଶିମାରିନ୍

**କିଭ୍/ମସ୍କୋ, ୧୩।୫**

ୟୁକ୍ରେନ୍ ରାଜଧାନୀ କିଭ୍‌ସ୍ଥିତ ଏକ କୋର୍ଟରେ ଶୁକ୍ରବାର ରୁଷୀୟ ସୈନ୍ୟ ଭାଡିମ୍ ଶିଶିମାରିନ୍‌ଙ୍କ ବିରୋଧରେ ଯୁଦ୍ଧ ଅପରାଧ ଅଭିଯୋଗର ଶୁଣାଣି ଆରମ୍ଭ ହୋଇଛି। ୨୧ ବର୍ଷୀୟ ଶିଶିମାରିନ୍ ଯୁଦ୍ଧର ନିୟମ ଉଲ୍ଲଂଘନ କରି ଜଣେ ନିରସ୍ତ୍ର ୟୁକ୍ରେନୀୟଙ୍କୁ ହତ୍ୟା କରିଥିଲେ। ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଏହା ହେଉଛି କୌଣସି ରୁଷୀୟ ସୈନ୍ୟଙ୍କ ବିରୋଧରେ ପ୍ରଥମ ବିଚାର। ୟୁକ୍ରେନ୍‌ରେ ରୁଷିଆ ସୁରକ୍ଷା ବଳର ବର୍ବରତାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ଶିଶିମାରିନ୍‌ଙ୍କ ଟ୍ରାଏଲ୍ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।

ଫେବୃୟାରୀ ୨୮ରେ ରୁଷିଆ ସେନାର ଟ୍ୟାଙ୍କଗୁଡ଼ିକ କିଭ୍ ଅଭିମୁଖେ ଅଗ୍ରସର ହେଉଥିବାବେଳେ ୟୁକ୍ରେନ୍ ସୁମି ଅଞ୍ଚଳର ଚୁପାଖିଭ୍‌କା ଗ୍ରାମରେ ଜଣେ ୬୨ ବର୍ଷୀୟ ବ୍ୟକ୍ତି ସାଇକେଲରେ ଯାଉଥିଲେ। ସେତେବେଳେ ସେ ଫୋନ୍‌ରେ କାହା ସହ କଥା ହେଉଥିଲେ। ବୃଦ୍ଧ ଜଣକ ରୁଷୀୟ ସୈନ୍ୟଙ୍କୁ ଅଟକାଇଥିଲେ। ଏକ ଚୋରା ଗାଡ଼ିରେ ଯାଉଥିବା ରୁଷିଆର ଟ୍ୟାଙ୍କ ୟୁନିଟ୍ ସଦସ୍ୟ ଭାଡିମ୍ ଶିଶିମାରିନ ସେହି ବୃଦ୍ଧଙ୍କ ମୁଣ୍ଡକୁ ଗୁଳି କରିଥିଲେ। ୟୁକ୍ରେନୀୟ ସୈନ୍ୟ ତାଙ୍କୁ ତତ୍କାଳ କାବୁ କରିଥିଲେ। ସେ ନିଜ ଦୋଷୀ ସ୍ୱୀକାର କରିଥିବା ନେଇ ୟୁକ୍ରେନ୍ ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି। ଗୁଳି ଚଳାଇବା ପାଇଁ ମୋତେ ନିର୍ଦ୍ଦେଶ ମିଳିଥିଲା। ଗୋଟିଏ ରାଉଣ୍ଡ ଗୁଳିରେ ବୃଦ୍ଧ ଟଳିପଡ଼ିଥିଲେ। ଆମେ ମାଡ଼ିଚାଲିଥିଲୁ ବୋଲି ଭିଡିଓରେ ଶିଶିମାରିନ୍‌ଙ୍କ ବୟାନ୍ ରହିଛି। ଏହା ଆକ୍ରମଣକାରୀ ଶତ୍ରୁଙ୍କ ପକ୍ଷରୁ ପ୍ରଥମ ସ୍ୱୀକାରୋକ୍ତି। ଦୋଷୀ ସାବ୍ୟସ୍ତ ହେଲେ ଶିଶିମାରିନ୍‌ଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇପାରେ ବୋଲି ୟୁକ୍ରେନ୍ ସେନା କହିଛି। ଶୁକ୍ରବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ କିଭ୍‌ର ଏକ କୋର୍ଟକୁ ନିଆଯାଇଥିଲା। ଶୁଣାଣି ପାଇଁ କୋର୍ଟ ପରିସର ଲୋକାରଣ୍ୟ ହୋଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହରେ କରାଯିବ।

କେବଳ ଶିଶିମାରିନ୍ ନୁହନ୍ତି, ରୁଷିଆର ବହୁ ସୈନ୍ୟ ୟୁକ୍ରେନୀୟ ପ୍ରତିପକ୍ଷଙ୍କ ସହ ଯୁଦ୍ଧ କରିବା ପରିବର୍ତ୍ତେ ସାଧାରଣ ନାଗରିକଙ୍କୁ ହତ୍ୟା କରୁଥିବା ଅଭିଯୋଗ ହୋଇଛି। ଏପରି କି ସେମାନେ ଯୁବତୀ, ମହିଳା ଓ ପୁଅପିଲାଙ୍କୁ ମଧ୍ୟ ବଳାତ୍କାର କରୁଛନ୍ତି। ୟୁକ୍ରେନ୍‌ର ଅନେକ ଅଞ୍ଚଳରେ ଗଡୁଥିବା ହଜାର ହଜାର ମୃତଦେହ ଗଣହତ୍ୟାକୁ ପ୍ରମାଣିତ କରିଛି। ଆମେରିକା ଓ ବ୍ରିଟେନ୍ ସମେତ ୟୁକ୍ରେନ୍‌ର ଅନେକ ସହଯୋଗୀ ରାଷ୍ଟ୍ର ରୁଷିଆ ବିରୋଧରେ ନରସଂହାର ଅଭିଯୋଗ ଆଣିଛନ୍ତି। ତେଣୁ ଏହା ଯୁଦ୍ଧ ଅପରାଧର ପ୍ରଥମ ମାମଲା। ଖୁବ୍‌ଶୀଘ୍ର ଏଭଳି ଅନେକ ମାମଲାର ଶୁଣାଣି କରାଯିବ ବୋଲି ସରକାରୀ ଓକିଲ ଆଣ୍ଡ୍ରୁ ସିନ୍‌ୟୁକ୍ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କ୍ରେମ୍‌ଲିନ୍ ୟୁକ୍ରେନ୍‌କୁ ଅନୁରୂପ ଭାବେ ଜବାବୀ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛି।




### ହେଗ୍ ଚୁକ୍ତି

ନେଦରଲାଣ୍ଡସର ହେଗ୍‌ରେ ୧୮୯୯ ମସିହାରେ ପ୍ରଥମ ଓ ୧୯୦୭ରେ ଅନୁଷ୍ଠିତ ଦ୍ୱିତୀୟ ଶାନ୍ତି ସମ୍ମିଳନୀରେ ସହମତି ପ୍ରକାଶ ପାଇଥିବା ଅନ୍ତର୍ଜାତୀୟ ରାଜିନାମାକୁ ହେଗ୍ ଚୁକ୍ତି କୁହାଯାଏ। ଏହି ଧର୍ମନିରପେକ୍ଷ ଅନ୍ତର୍ଜାତୀୟ ଆଇନାନୁସାରେ ଯୁଦ୍ଧ ଅପରାଧୀଙ୍କ ଶୁଣାଣି କରାଯାଏ।

### ଜେନେଭା ଚୁକ୍ତି

ସୁଇଜରଲାଣ୍ଡର ଜେନେଭାରେ ୧୮୬୪ରୁ ୧୯୪୯ ମଧ୍ୟରେ ସ୍ୱାକ୍ଷରିତ ୪ ଅନ୍ତର୍ଜାତୀୟ ଚୁକ୍ତିକୁ ଜେନେଭା କନ୍‌ଭେନ୍‌ଶନ୍ କୁହାଯାଏ। ଯୁଦ୍ଧ ବେଳେ ପକ୍ଷମାନେ କେଉଁସବୁ ଅନ୍ତର୍ଜାତୀୟ ଆଇନ ମାନିବାକୁ ବାଧ୍ୟ ତାହା ଏଥିରେ ସ୍ଥିର କରାଯାଇଛି। ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏହାକୁ ମାନିବାକୁ ବାଧ୍ୟ। ୧୯୭୭ରେ ଯୁଦ୍ଧ ପାଇଁ ଅତିରିକ୍ତ ପ୍ରୋଟୋକଲ ଗୃହୀତ ହୋଇଥିଲା। ପ୍ରଥମ ତିନୋଟି ଚୁକ୍ତିରେ ପରବର୍ତ୍ତୀ ସମୟରେ ସଂଶୋଧନ ଅଣାଯାଇଥିଲା। ଏଥିସହ ୧୯୪୯ରେ ଚତୁର୍ଥ କନ୍‌ଭେନ୍‌ଶନ୍‌କୁ ଯୋଡ଼ାଯାଇଥିଲା।

### ଯୁଦ୍ଧ ଅପରାଧ କ'ଣ

ୱାର୍ କ୍ରାଇମ୍ ବା ଯୁଦ୍ଧ ଅପରାଧ ହେଉଛି ଯୁଦ୍ଧର ନିୟମ ଭଙ୍ଗ କରି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ନିରସ୍ତ୍ର ନିରୀହ ନାଗରିକଙ୍କୁ ହତ୍ୟା କରିବା। ଯୁଦ୍ଧ ବନ୍ଦୀଙ୍କୁ ହତ୍ୟା କରିବା, ନିର୍ଯାତନା ଦେବା, ବନ୍ଧକ ରଖିବା ଏବଂ ଅନାବଶ୍ୟକ ଭାବେ ସାଧାରଣ ଜନତାଙ୍କ ସମ୍ପତ୍ତି ନଷ୍ଟ କରିବା ଏହି ଅପରାଧର ପଦବାଚ୍ୟ। ଯୁଦ୍ଧ ସମୟରେ ଶତ୍ରୁପକ୍ଷ ରାଷ୍ଟ୍ରର ମହିଳାଙ୍କୁ ବଳାତ୍କାର କରିବା, ଶିଶୁଙ୍କୁ ମାରିବା, ଆତ୍ମସମର୍ପଣ ପରେ ମଧ୍ୟ ବଞ୍ଚିବା ସୁଯୋଗ ନ ଦେବା ଆଦି ଅଭିଯୋଗରେ ଧରାପଡ଼ିଥିବା ସୈନ୍ୟଙ୍କୁ ଯୁଦ୍ଧ ଅପରାଧୀ କୁହାଯାଏ। ସାର୍ବଭୌମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯୁଦ୍ଧ ଚାଲିଲେ ପ୍ରଚଳିତ ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଂଘନ କରୁଥିବା ସୈନ୍ୟଙ୍କୁ ଏହି ଅପରାଧରେ ଦଣ୍ଡିତ କରାଯାଇଥାଏ। ବିଂଶ ଶତାବ୍ଦୀର ଶେଷ ଓ ଏକବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଅନେକ ଅନ୍ତର୍ଜାତୀୟ ଅଦାଲତ ପ୍ରତିଷ୍ଠା ହୋଇଛି।

### ବଳାତ୍କାରୀ ସୈନ୍ୟଙ୍କ ପାଇଁ ମୃତ୍ୟୁଦଣ୍ଡ ପାଇଥିଲେ କମାଣ୍ଡର

୧୪୭୪ରେ ପ୍ରଥମ ଯୁଦ୍ଧ ଅପରାଧ ମାମଲାର ବିଚାର ହୋଇଥିଲା। ନିଜ ସୈନ୍ୟଙ୍କ ଯୁଦ୍ଧ ଅପରାଧ ପାଇଁ ଜର୍ମାନୀ କମାଣ୍ଡର ପିଟର ଭୋନ୍ ହାଗେନ୍‌ବାଚ୍‌ଙ୍କୁ ଅଭିଯୁକ୍ତ ଭାବେ ହୋଲି ରୋମାନ୍ ଏମ୍ପାୟାରର ଏକ ଅସ୍ଥାୟୀ କୋର୍ଟରେ ହାଜର କରାଯାଇଥିଲା। ସାମରିକ ବଳର ବଳାତ୍କାର ଓ ହତ୍ୟା ଭଳି ଆପରାଧିକ କାର୍ଯ୍ୟକୁ ସେ ଏଡ଼ାଇ ନ ଥିବାରୁ ହାଗେନ୍‌ବାଚ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ମୃତ୍ୟୁଦଣ୍ଡ ପାଇବା ପରେ ତାଙ୍କ ମୁଣ୍ଡକାଟ୍ କରାଯାଇଥିଲା।



# ଦିଲ୍ଲୀରେ ନିଆଁ: ୨୬ ମୃତ

**ଜଳିଗଲା ୩ ମହଲା କୋଠା**

**୩୦ରୁ ଉର୍ଦ୍ଧ୍ୱ ଆହତ, ବଢ଼ିପାରେ ମୃତ୍ୟୁ ସଂଖ୍ୟା**

**ନୂଆଦିଲ୍ଲୀ, ୧୩।୫**

ପଶ୍ଚିମ ଦିଲ୍ଲୀର ମୁଣ୍ଡ୍‌କା ମେଟ୍ରୋ ଷ୍ଟେଶନ ନିକଟରେ ଥିବା ଏକ ୩ ମହଲା ବିଲ୍ଡିଂରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟି ୨୬ ଜଣଙ୍କ ମୃତ୍ୟୁ ଘଟିଛି। ନିଆଁରେ ପୋଡ଼ି ହୋଇ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅନ୍ୟ ୬୦-୭୦ ଜଣଙ୍କୁ ବିଲ୍ଡିଂରୁ ଉଦ୍ଧାର କରାଯାଇଥିବା ପୋଲିସ କହିଛି। ଉକ୍ତ ବିଲ୍ଡିଂରେ କେତେକ କମ୍ପାନୀର ଅଫିସ ରହିଥିଲା ବୋଲି ଡିସିପି ସମୀର ଶର୍ମା କହିଛନ୍ତି। ପ୍ରଥମ ମହଲାରେ ନିଆଁ ଲାଗି ତାହା ଅନ୍ୟ ମହଲାକୁ ବ୍ୟାପିଯାଇଥିଲା। ତୃତୀୟ ମହଲାରେ କେହି ମୃତାହତ ହୋଇଛନ୍ତି କି ନାହିଁ ତାହା ଖବର ଲେଖାହେଲା ବେଳକୁ ଜଣାପଡ଼ି ନ ଥିଲା।

### କେରଳ ଅଭିନେତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ



**କୋଝିକୋଡ୍, ୧୩।୫**

କେରଳ ମଡେଲ ତଥା ଅଭିନେତ୍ରୀ ଶାହାନା (୨୦)ଙ୍କର ମୃତଦେହ ତାଙ୍କ କୋଝିକୋଡ୍‌ସ୍ଥିତ ବାସଭବନରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ଗୁରୁବାର ରାତିରେ ଝରକା ରେଲିଂରୁ ମୃତଦେହ ଝୁଲୁଥିବା ଦେଖାଯାଇଛି। ଅଭିନେତ୍ରୀଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ ତାଙ୍କ ସ୍ୱାମୀ ସାଜଦ (୩୧)ଙ୍କୁ ପୋଲିସ ହାଜତକୁ ନେଇ ପଚରାଉଚରା ଚଳାଇଛି। ଗୁରୁବାର ଶୋହାନାଙ୍କର ୨୦ତମ ଜନ୍ମଦିନ ଥିଲା। ସେ ତାଙ୍କ ଘରକୁ ଯାଇ ଜନ୍ମଦିନ ପାଳିବେ ବୋଲି ମାଆଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଓ ବହୁତ ଖୁସି ଥିଲେ। ତେଣୁ ସେ ଆତ୍ମହତ୍ୟା କରିଥିବେ ବୋଲି ଚିନ୍ତା କରାଯାଇପାରୁନାହିଁ ବୋଲି ତାଙ୍କ ମାଆ ଉଭେମା କହିଛନ୍ତି। ସ୍ୱାମୀ ସାଜଦ ଝିଅଙ୍କୁ ହତ୍ୟା କରିଥିବା ଉଭେମା ଅଭିଯୋଗ କରିଛନ୍ତି।

# ୟୁଏଇ ରାଷ୍ଟ୍ରପତିଙ୍କ ପରଲୋକ

**ଆବୁଧାବି/ନୂଆଦିଲ୍ଲୀ, ୧୩।୫**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ଖଲିଫା ବିନ୍ ଜାୟେଦ୍ ଅଲ୍-ନହ୍ୟାନ୍(୭୩)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଦୀର୍ଘ ବର୍ଷ ଧରି ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ତୈଳ ପ୍ରାଚୁର୍ଯ୍ୟ ଉପସାଗରୀୟ ରାଷ୍ଟ୍ର ୟୁଏଇର ରାଷ୍ଟ୍ରପତି ଶେଖ୍ ଖଲିଫାଙ୍କ ପରଲୋକ ପରେ ତାଙ୍କ ସାବତ ଭାଇ ତଥା ଆବୁଧାବି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ଜାୟେଦଙ୍କୁ ନୂଆ ରାଷ୍ଟ୍ରପତି କରାଯାଇପାରେ। ରାଷ୍ଟ୍ରପତିଙ୍କ ବିୟୋଗରେ ୟୁଏଇରେ ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଅର୍ଥାତ୍ ଶୁକ୍ରବାରଠାରୁ ୪୦ ଦିନ ପର୍ଯ୍ୟନ୍ତ ଦେଶର ଜାତୀୟ ପତାକା ଅର୍ଦ୍ଧନମିତ ହୋଇରହିବ। ଏଥିସହ ପ୍ରଥମ ୩ ଦିନ ସରକାରୀ ଓ ଘରୋଇ କ୍ଷେତ୍ରର ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି।

ଶେଖ୍ ଖଲିଫା ହେଉଛନ୍ତି ୟୁଏଇର ପ୍ରତିଷ୍ଠାତା ରାଷ୍ଟ୍ରପତି ଶେଖ୍ ଜାୟେଦ୍ ବିନ୍ ସୁଲ୍‌ତାନ୍ ଅଲ୍ ନହ୍ୟାନ୍‌ଙ୍କ ବଡ଼ପୁଅ। ୧୯୪୮ରେ ଜନ୍ମିତ ଶେଖ୍ ଖଲିଫା ଥିଲେ ୭ ଏମିରେଟ୍ସ ମଧ୍ୟରୁ ସବୁଠୁ ଧନୀ ଆବୁଧାବିର ଷୋଡ଼ଶ ଶାସକ। ୨୦୦୪ ନଭେମ୍ବର ୩ରେ ବାପାଙ୍କ ମୃତ୍ୟୁ ପରେ ସେ ୟୁଏଇର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଷ୍ଟ୍ରପତି



ଶେଖ୍ ଖଲିଫା ବିନ୍ ଜାୟେଦ୍ ଅଲ୍-ନହ୍ୟାନ୍

ଭାବେ ସେ ଉଭୟ ସଂଘୀୟ ସରକାର ଓ ଆବୁଧାବିର ପୁନର୍ଗଠନ ନିମନ୍ତେ ଅନେକ ବଡ଼ ପଦକ୍ଷେପ ନେଇଥିଲେ। ତାଙ୍କ ଶାସନ କାଳରେ ୟୁଏଇରେ ଅନେକ ବିକାଶମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଦୁବାଇକୁ ଋଣଜାଲରୁ ମୁକୁଳାଇ ଆର୍ଥିକ ବିକାଶ ଅଗ୍ରସର କରାଇବା ଥିଲା ଶେଖ୍ ଖଲିଫାଙ୍କ ଉଲ୍ଲେଖନୀୟ ଅବଦାନ। ବିଶ୍ୱର ସବୁଠୁ ବଡ଼ ବିଲ୍ଡିଂ ବୁର୍ଜ ଖଲିଫା ନିର୍ମାଣର ଶ୍ରେୟ ମଧ୍ୟ ତାଙ୍କୁ ଦିଆଯାଇଥାଏ। ତେବେ ୨୦୧୪ରେ ଶେଖ୍ ଖଲିଫାଙ୍କ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପରଠୁ ସେ ସାର୍ବଜନୀନ କାର୍ଯ୍ୟକ୍ରମଗୁଡ଼ିକରୁ ଦୂରେଇ ରହୁଥିଲେ। ମୃତ୍ୟୁର କାରଣ ସମ୍ପର୍କରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇନାହିଁ।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଜମ୍ମୁ-କଶ୍ମୀର ସୀମା ପୁନଃ ନିର୍ଦ୍ଧାରଣ ବିରୋଧରେ ପିଟିଶନ**

**ନୂଆଦିଲ୍ଲୀ, ୧୩।୫**

ଜମ୍ମୁ-କଶ୍ମୀରର ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧକରି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଛି। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏହାର ଶୁଣାଣି କରି କେନ୍ଦ୍ର ସରକାର, ଜମ୍ମୁ-କଶ୍ମୀର ପ୍ରଶାସନ ଓ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ଏହା ଉପରେ ଜବାବ ମାଗିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ କମିଶନ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ବିଧାନସଭା ଓ ଲୋକ ସଭା ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ନିକଟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହା ଉପରେ ସରକାର ନିଷ୍ପତ୍ତି ନେବାକୁ ଯାଉଥିବାବେଳେ ଶ୍ରୀନଗର ବାସିନ୍ଦା ହାଜି ଅବ୍‌ଦୁଲ ଗନି ଖାନ୍ ଏବଂ ଡ. ମହମ୍ମଦ ଆୟୁବ ମାଟ୍ଟୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆବେଦନକାରୀ ଦ୍ୱୟଙ୍କ ମତରେ ସୀମା ପୁନଃ ନିର୍ଦ୍ଧାରଣ ସମ୍ବିଧାନର ନିୟମ ପରିପନ୍ଥୀ। ନିର୍ବାଚନମଣ୍ଡଳୀଗୁଡ଼ିକର ସୀମାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ।

ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଅଗଷ୍ଟ ୩୦ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

# କଶ୍ମୀରୀ ପଣ୍ଡିତଙ୍କ ହତ୍ୟାକାରୀ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୩।୫**

କଶ୍ମୀରୀ ପଣ୍ଡିତ ରାହୁଲ ଭଟ୍ଟ ହତ୍ୟା ଘଟଣାରେ ସମ୍ପୃକ୍ତ ୩ ଆତଙ୍କବାଦୀ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ନିହତ ହୋଇଛନ୍ତି। ବନ୍ଦିପୋରାର ବ୍ରାର୍ ଅଞ୍ଚଳରେ ସୁରକ୍ଷା ବଳ ଓ ଜମ୍ମୁ-କଶ୍ମୀର ପୋଲିସର ମିଳିତ ଅଭିଯାନରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନେ ପାକିସ୍ତାନୀ ଲଶ୍କର-ଇ-ତୋଇବା ସଦସ୍ୟ ଓ ନିକଟରେ ଜମ୍ମୁ-କଶ୍ମୀରେ ଅନୁପ୍ରବେଶ କରିଥିଲେ। ୧୧ ତାରିଖ ତଲାସି ଅଭିଯାନ ବେଳେ ସେମାନେ ଖସିଯାଇଥିଲେ ବୋଲି ପୋଲିସ କହିଛି। ସେହିପରି ବନ୍ଦିପୋରାର ବ୍ରାର୍ ଅଞ୍ଚଳରେ ଆଉ ଜଣେ ଆତଙ୍କବାଦୀ ସୁରକ୍ଷା ବଳ ଗୁଳିରେ ପ୍ରାଣ ହରାଇଛନ୍ତି।

ଗୁରୁବାର ବଡ଼ଗାମ ତହସିଲ ଅଫିସରରେ କଶ୍ମୀରୀ ପଣ୍ଡିତ ତଥା ସରକାରୀ କର୍ମଚାରୀ ରାହୁଲ ଭଟ୍ଟଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା କରିଥିଲେ। ଏହାକୁ ନେଇ ଉପତ୍ୟକାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ହତ୍ୟା ପ୍ରତିବାଦରେ କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ସଦସ୍ୟମାନେ ଶୁକ୍ରବାର ଶ୍ରୀନଗର



ରାହୁଲ ଭଟ୍ଟ ହତ୍ୟା ପ୍ରତିବାଦରେ କଶ୍ମୀରୀ ପଣ୍ଡିତମାନେ ବଡଗାମ୍‌ର ଶେଖପୋରାଠାରେ ବିକ୍ଷୋଭ କରୁଛନ୍ତି।

ବିମାନବନ୍ଦର ଅଭିମୁଖେ ଶୋଭାଯାତ୍ରାରେ ଯାଉଥିବାବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀମାନେ ପ୍ରଥମେ ବଡଗାମ୍ ଜିଲାର ଶେଖପୋରା ଅଞ୍ଚଳରେ ଏକାଠି ହେବା ପରେ ବିମାନବନ୍ଦର ଅଭିମୁଖେ ଅଗ୍ରସର ହୋଇଥିଲେ। ସେମାନଙ୍କୁ ଫେରିଯିବାକୁ ପୋଲିସ ଅନୁରୋଧ କରିବା ସତ୍ତ୍ୱେ ବିକ୍ଷୋଭକାରୀ ଆଗେଇବାରୁ ସେମାନଙ୍କୁ ଘଉଡ଼ାଇବାକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।

**ରାହୁଲ ଭଟ୍ଟ ହତ୍ୟାର ଏସ୍‌ଆଇଟି ତଦନ୍ତ ହେବ**

କଶ୍ମୀରୀ ପଣ୍ଡିତ ହତ୍ୟା ଘଟଣାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ନିମନ୍ତେ ଜମ୍ମୁ-କଶ୍ମୀର ପ୍ରଶାସନ ଶୁକ୍ରବାର ଘୋଷଣା କରିଛି। ଏଥିସହିତ ମୃତକଙ୍କ ପରିବାରରୁ ଜଣକୁ ସରକାରୀ ଚାକିରି ଯୋଗାଇଦିଆଯିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୯୯,୮୩,୯୫୪ | ୬୨,୮୫,୨୧୩ | ୪୭,୪୭,୦୪,୩୭୬ |
| ଭାରତ | ୪,୩୧,୧୬,୬୦୦ | ୫,୨୪,୧୯୦ | ୪,୨୫,୭୩,୪୬୦ |
| ଓଡ଼ିଶା | ୧୨,୮୮,୭୭୨ | ୯୧୨୬(+୫୩) | ୧୨,୭୮,୯୭୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଭିଜିଲାନ୍ସ ଜାଲରେ ଭିଜିଲାନ୍ସ ଇନ୍ସପେକ୍ଟର

## ମାମଲା ରଫାଦଫା ପାଇଁ ୧୦ ଲକ୍ଷ ଲାଞ୍ଚ

**ସମ୍ବଲପୁର, ୧୩ା୫(ବ୍ୟୁରୋ)**

ରାଜ୍ୟ ଭିଜିଲାନ୍ସ ବିଭାଗର ଆଭ୍ୟନ୍ତରୀଣ ଟିମ୍ ଫାସରେ ପଡ଼ିଛନ୍ତି ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଇନ୍ସପେକ୍ଟର ମାନସୀ ଜେନା। ବରଗଡ଼ର ମୁକେଶ ସାହୁ ନାମକ ଯୁବକଙ୍କୁ ମଧ୍ୟସ୍ଥ କରି ସେ ଶୁକ୍ରବାର ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି। ଟିମ୍ ଏକସଙ୍ଗରେ ସମ୍ବଲପୁର ସରକାରୀ କ୍ୱାର୍ଟର୍ସ, ସୁନ୍ଦରଗଡ଼ ଓ ଭୁବନେଶ୍ୱରର ତାଙ୍କ ଘରେ ଚଢ଼ାଉ ଜାରି ରଖିଛି। ମୁକେଶଙ୍କ ବରଗଡ଼ ଘରେ ମଧ୍ୟ ଟିମ୍ ଚଢ଼ାଉ କରିଛି। ଜଣେ ସରକାରୀ ଅଧିକାରୀଙ୍କ ନାମରେ ଥିବା ମାମଲାକୁ ରଫାଦଫା କରିବାକୁ ସେ ଏହି ଟଙ୍କା ଲାଞ୍ଚ ନେଉଥିଲେ ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଦୋଷୀ ଯେକେହି ହୁଅନ୍ତୁ ନା କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ.କେ. ଜେଠୱା ସୂଚନା ଦେଇଛନ୍ତି।

ରିପୋର୍ଟ ଅନୁସାରେ, ସମ୍ବଲପୁର ଭିଜିଲାନ୍ସ ଡିଭିଜନରେ କାର୍ଯ୍ୟରତ ଜେନା ଜଣେ ଅଧିକାରୀଙ୍କ ନାମରେ ଥିବା ମାମଲାକୁ ନେଇ ଧମକଚମକ ଦେଉଥିଲେ। ପରେ ଟଙ୍କା ଦେଲେ ମାମଲା ଚପାଇ ଦିଆଯିବ ବୋଲି


ମାନସୀ ଜେନା


ମୁକେଶ ସାହୁ

### ଦଲାଲ ମୁକେଶ ସାହୁଙ୍କୁ ଜେରା

କହିଥିଲେ। ମୁକେଶଙ୍କ ମାଧ୍ୟମରେ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଧିକାରୀ ଜଣକ ଭିଜିଲାନ୍ସର ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ଏଥିପାଇଁ ଭିଜିଲାନ୍ସ ବିଭାଗର ଆଭ୍ୟନ୍ତରୀଣ ଟିମ୍ ଗଠନ ହୋଇଥିଲା। ଶୁକ୍ରବାର ମାନସୀଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀ ଜଣକ ମୁକେଶଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କା ମୁକେଶ ମାନସୀଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ୍ କାବୁ କରି ନେଇଥିଲା। ମୁକେଶଙ୍କ ପାଖରୁ ରାସାୟନିକ ପ୍ରଲେପ ଦିଆ ନୋଟ୍ ଜବତ ହୋଇଛି। ଏ ନେଇ ଭିଜିଲାନ୍ସ ସେଲରେ ୫/୨୨ରେ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଓ ମୁକେଶଙ୍କୁ ବିଭାଗ ଅଟକ ରଖି ଜେରା କରୁଛି।

# ଇଞ୍ଜିନିୟରିଂ ଛାତ୍ରଙ୍କୁ ଛୁରାମାଡ଼

**ଭଦ୍ରକ ଅଫିସ, ୧୩ା୫**

ଭଦ୍ରକ ଜିଲା ବରପଦା ଇଞ୍ଜିନିୟରିଂ କଲେଜରେ ସ୍ୱାଗତ ଉତ୍ସବ ପରିଚାଳନା ବିବାଦରୁ ଶୁକ୍ରବାର ଅପରାହ୍ଣରେ ଦୀପକ ମାଝି ନାମକ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି।


ଆହତ ଛାତ୍ର ଦୀପକ ମାଝି

ସୂଚନା ଅନୁଯାୟୀ, କଲେଜର ଏମ୍‌ବିଏ ଡିପାର୍ଟମେଣ୍ଟର ଦ୍ୱିତୀୟ ବର୍ଷ ପକ୍ଷରୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାର ପରିଚାଳନାକୁ ନେଇ ଦୀପକ ଓ ଅନ୍ୟ ଜଣେ ଛାତ୍ରଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଦୀପକ ବାହାରକୁ ଆସିଥିବା ବେଳେ ସେ କେତେଜଣ ଅଣଛାତ୍ରଙ୍କ ସହ ମିଶି ତାଙ୍କ ମୁଣ୍ଡକୁ ଛୁରିରେ ଆକ୍ରମଣ କରିଥିଲେ।

# ବାଂଶପାଳରେ ସୁନାଖଣି ପାଇଁ ସର୍ଭେ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୩ା୫**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଞ୍ଚଳରେ ସୁନା ଖଣି ସନ୍ଧାନ ପାଇଁ ସର୍ଭେ କାର୍ଯ୍ୟ ଜାରି ରହିଛି। ଏହି ବ୍ଲକର ଚା' ବଗିଚା ପାଇଁ ପ୍ରସିଦ୍ଧ ତରମାକାନ୍ତ ନିକଟ ଜଳଡିହି ଗ୍ରାମ ଓ ଆଖପାଖ ଅଞ୍ଚଳରେ କିଛିମାସ ତଳେ ଖନନ କରାଯାଇ ନମୁନା ସଂଗ୍ରହ କରାଯାଇଥିଲା। ଏବେ ପୁଣି ନମୁନା ସଂଗ୍ରହ କରାଯାଉଥିବାରୁ ସୁନା ଖଣିନେଇ ଆଶା ଉଜ୍ଜୀବିତ ହୋଇଛି। ବିଭିନ୍ନ ଜାଗାରେ ପ୍ରାୟ ୧୫ଟି ସ୍ଥାନରେ ମେଶିନ ଦ୍ୱାରା ପାଖାପାଖି ୧୦୦ ମିଟର ଡ୍ରିଲ୍ କରି ନମୁନା ସଂଗ୍ରହ କରାଯାଉଛି। ଏଥିପାଇଁ କ୍ୟାମ୍ପ ବସାଇ ଅଭିଜ୍ଞ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ସାଟେଲାଇଟ ମ୍ୟାପିଂ ଜରିଆରେ ସ୍ଥାନ ସନ୍ଧାନ କରି ଏହି ନମୁନା ସଂଗ୍ରହ କରାଯାଉଥିବା କୁହାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଭାରତୀୟ ଫିଲ୍ମ 'କେଜିଏଫ୍' ସହ କେନ୍ଦୁଝର ସୁନା ଖଣି ଲାଗି ସର୍ଭେର ସାମଞ୍ଜସ୍ୟ ଥିବା ଆଲୋଚନା ହେଉଛି। କେଜିଏଫ୍‌ର ପୁରା ନାମ 'କେନ୍ଦୁଝରେ ଗୋଲ୍ଡ ଫିଲ୍ଡ' ବୋଲି ଚର୍ଚ୍ଚା ହେଉଛି।

ବହୁ ବର୍ଷ ପୂର୍ବେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଞ୍ଚଳରୁ ସୁନା ଖଣି ଖନନ ନେଇ ସର୍ଭେ ହୋଇଥିଲା। ତେବେ ଏଠାରେ ସୁନା ଖନନ ହେଲେ ଲାଭଜନକ ହେବ ନାହିଁ ବୋଲି ଆଶଙ୍କା କରି ସର୍ଭେ ଓ ତଦନ୍ତ କାର୍ଯ୍ୟ ବନ୍ଦ ରହିଥିଲା। ଏହି ନମୁନା ଜିଓଲୋଜି ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ଯାଞ୍ଚ ପରେ କେତେଦୂର ସଫଳ ହେବ ତାହା ଜଣାପଡ଼ିବ ବୋଲି


ସୁନା ଖଣି ପାଇଁ ସର୍ଭେ କରାଯାଉଛି।

ମତପ୍ରକାଶ ପାଇଛି। ଏ ନେଇ କେନ୍ଦୁଝର ଜିଓଲୋଜି ଯୁଗ୍ମ ନିର୍ଦ୍ଦେଶକ ରଜତ କୁମାର କର କହିଛନ୍ତି ଯେ, ଆଗରୁ ତାଙ୍କ ବିଭାଗ ଏଭଳି ସର୍ଭେ କାମ କରୁଥିଲା। ଏବେ ଏହି ସର୍ଭେ ଓ ଯାଞ୍ଚ କାମ ଜିଓଲୋଜି ସର୍ଭେ ଅଫ୍ ଇଣ୍ଡିଆ କରୁଛି। ତାଙ୍କ ପାଖରେ ସେଭଳି କିଛି ସୂଚନା ନାହିଁ। ସୁନା ବା ଅନ୍ୟ କୌଣସି ଖଣି ନିମନ୍ତେ ଲିଜ୍ ପାଇଁ ତାଙ୍କ ବିଭାଗ ପାଖରେ ଆବେଦନ କରାଗଲେ ସତ୍ୟତା ଜଣାପଡ଼ିବ ବୋଲି ଖଣି ଉପନିର୍ଦ୍ଦେଶକ ଅସିତ ବେହେରା କହିଛନ୍ତି।

ପ୍ରକାଶ ଯେ, ଜିଲାରେ ଭରି ରହିଛି ବହୁ ପ୍ରକାରର ମୂଲ୍ୟବାନ ଖଣିଜ ସମ୍ପଦ। ଲୁହା, ମାଙ୍ଗାନିଜ, କ୍ରୋମାଇଟ, ବକ୍ସାଇଟ, ପାଇରୋଫିଲାଇଟ, କ୍ୱାର୍ଜାଇଟ, ସୁନା ଆଦି ଖଣିଜପଥର ଗଚ୍ଛିତ ରହିଛି। ତେଲକୋଇ, ହରିଚନ୍ଦନପୁର ଓ ବାଂଶପାଳ ବ୍ଲକ ଅଞ୍ଚଳରେ ସୁନା ଗଚ୍ଛିତ ଥିବା ନେଇ ବହୁ ଆଗରୁ ଚର୍ଚ୍ଚା ହୋଇ ଆସୁଛି। ଏହି ବ୍ଲକ ଅଞ୍ଚଳ ସୁନାପେଣ୍ଠ, ସଲେଇକେନା ଆଦି ଅଞ୍ଚଳର ନଦୀନାଳରୁ ଲୋକେ ସୁନା ସଂଗ୍ରହ କରିବା ନଜିର ରହିଛି। ଲୋକେ ନଦୀ ନାଳରୁ ମାଟି ସଂଗ୍ରହ କରି ଏକ ସ୍ୱତନ୍ତ୍ର ଚଟକା ପଟାରେ ଛାଣି ସୁନାଗୁଣ୍ଡ ସଂଗ୍ରହ କରି ବେପାରୀମାନଙ୍କୁ ବିକିଥାନ୍ତି। ବେପାରୀମାନେ ଏହାକୁ ନେଇ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରେ ବଣିଆମାନଙ୍କୁ ବିକ୍ରି କରିଥାନ୍ତି। ଏଣୁ ଏସବୁ ଅଞ୍ଚଳରେ ସୁନା ଗଚ୍ଛିତ ଥିବା ନେଇ ଅନୁମାନ କରାଯାଉଛି। ତେବେ ଖନନ ହେଲେ ଖର୍ଚ୍ଚ ଓ କେଉଁ ମାନର ସୁନା ବାହାରିବ ସେ ନେଇ ତର୍ଜମା ପରେ ଜଣାପଡ଼ିବ ଏବଂ ଖଣିର ଭବିଷ୍ୟତ ନିର୍ଭର କରିବ। ଏହା ଲାଭଜନକ ହେଲେ ଖଣି ଖନନ ହେବ ଏବଂ ବାଂଶପାଳ ସମେତ ଜିଲାର ଭାଗ୍ୟ ବଦଳିବ ବୋଲି ସ୍ଥାନୀୟ ବନବାସୀ ଆଶାବ୍ୟକ୍ତ କରିଛନ୍ତି।

# କର୍ମଚାରୀଙ୍କ ଅବସର ବୟସ ୬୦ବର୍ଷ ରହିବ

**ଭୁବନେଶ୍ୱର, ୧୩ା୫(ବ୍ୟୁରୋ)**

ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଶିକ୍ଷକ ଓ ଅଣଶିକ୍ଷକ (ଟିଚିଂ ଓ ନନ୍‌ଟିଚିଂ) କର୍ମଚାରୀଙ୍କ ଅବସର ବୟସ ୬୦ବର୍ଷ ହିଁ ରହିବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତିରେ ଲେଖାଯାଇଛି ଯେ, ବୟସ ବୃଦ୍ଧି କରିବା ପାଇଁ କେତେଜଣ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

### ଅନୁଦାନପ୍ରାପ୍ତ ବେସରକାରୀ କଲେଜ

ହୋଇଥିଲେ। ସେମାନେ ରିଟ୍ ପିଟିଶନ ଦାଖଲ କରିଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଗାଇଡ୍‌ଲାଇନ ଅନୁଯାୟୀ ତଥା କେନ୍ଦ୍ର ସରକାରଙ୍କ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଓଡ଼ିଶା ସରକାର ସେମାନଙ୍କ ଅବସର ବୟସସୀମା ୬୫କୁ ବୃଦ୍ଧି କରିବାକୁ ଦାବି ରଖିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସମସ୍ତ ରିଟ୍ ପିଟିଶନକୁ ଖାରଜ କରି ଦେଇଛନ୍ତି। ତେଣୁ ରାଜ୍ୟରେ ଥିବା ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅବସର ଗ୍ରହଣ ବୟସ ଅପରିବର୍ତ୍ତିତ ରହିଲା। ତେଣୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜର କର୍ମଚାରୀମାନେ ଅଯଥାରେ ଏହି ଘଟଣାରେ ଆଉ ଟଙ୍କା ଖର୍ଚ୍ଚ ନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ୧୪ କଲେଜରେ ଆରମ୍ଭ ହେବ ରେଗୁଲାର ଆଇଟିଇପି

**ଭୁବନେଶ୍ୱର, ୧୩ା୫(ବ୍ୟୁରୋ)**

ରାଜ୍ୟର ୧୧ ସରକାରୀ ଡିଗ୍ରୀ କଲେଜ ଓ ୩ ମଡେଲ ଡିଗ୍ରୀ କଲେଜରେ ୨୦୨୩-୨୪ ଶିକ୍ଷାବର୍ଷରୁ ୪ବର୍ଷିଆ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ ବା ଆଇଟିଇପି) ରେଗୁଲାର ଭାବେ ଆରମ୍ଭ ହେବ। ବର୍ତ୍ତମାନ ଏସବୁ କଲେଜରେ ଦୁଇବର୍ଷିଆ ସ୍ନାତକୋତ୍ତର ଶିକ୍ଷା ପାଠ୍ୟକ୍ରମ (ବିଏଡ୍) ସେଲ୍‌ଫ ଫାଇନାନ୍ସିଂ ମୋଡ୍‌ରେ ଚାଲିଛି। ଏହି ପାଠ୍ୟକ୍ରମ ପରିବର୍ତ୍ତେ ରେଗୁଲାର ବା ନିୟମିତ ଆଇଟିଇପି ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର

### ୫ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଏମ୍‌ଏଡ୍ ପାଠ୍ୟକ୍ରମ

ସମ୍ପୃକ୍ତ କଲେଜଗୁଡ଼ିକୁ ଚିଠି ଲେଖି ଜଣାଇଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ରାଜ୍ୟରେ ଥିବା ସମସ୍ତ ୧୬ଟି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ବିଏଡ୍ ପାଠ୍ୟକ୍ରମ ଜାରି ରଖିବେ ଓ ଏଥିମଧ୍ୟରୁ ପାଞ୍ଚଟି ଶିକ୍ଷାନୁଷ୍ଠାନରେ ଏମ୍‌ଏଡ୍ ପାଠ୍ୟକ୍ରମ ପ୍ରଦାନ କରାଯିବ। ଏଥିପାଇଁ ଏହି ଅନୁଷ୍ଠାନଗୁଡ଼ିକୁ ମେ' ୩୧ ସୁଦ୍ଧା ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ)ରେ ଆବେଦନ କରିବାକୁ ଉକ୍ତ ଚିଠିରେ କୁହାଯାଇଛି।







## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୁଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକାଶର ଫମ୍ପା ସ୍ଲୋଗାନ ଦେଉଛନ୍ତି। ଦେଶବାସୀ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ମୋଦି ନୀରବ ରହିଛନ୍ତି।

**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

# 'ବନ ସୁରକ୍ଷା ସମିତିର ଅଧିକ ସମ୍ପୃକ୍ତି ଆବଶ୍ୟକ'

## ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର, ୧୩ା୫(ବ୍ୟୁରୋ)**

ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ଅଭିବୃଦ୍ଧି ସମେତ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ବନଖଣ୍ଡ ଅଧିକାରୀମାନେ ପ୍ରାଥମିକତା ଦେବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରାମର୍ଶ ଦେଇଛନ୍ତି। ଏଥିସହ ତୃଣମୂଳସ୍ତରରେ ବନସୁରକ୍ଷା ସମିତି ଓ ଗରିବ ଲୋକଙ୍କୁ ଅଧିକ ସଂଖ୍ୟାରେ ସମ୍ପୃକ୍ତ କରାଗଲେ ଆମ ଜଙ୍ଗଲ ସମ୍ପଦର ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ କହିଛନ୍ତି। ଲୋକସେବା ଭବନରେ ଚାଲିଥିବା ଦୁଇଦିନିଆ ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଲେ, ଜଙ୍ଗଲ ନିଆଁ ହ୍ରାସ ଦିଗରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନଖଣ୍ଡ ଅଧିକାରୀମାନେ ପ୍ରସ୍ତୁତ ରହିବା ଆବଶ୍ୟକ। ରାଜ୍ୟର ବୃହତ୍ତର ସ୍ୱାର୍ଥ ନିମନ୍ତେ ସେମାନେ ନିଷ୍ଠା ଓ ଆନ୍ତରିକତାର ସହ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ। ଏଥିସହ ମନ୍ତ୍ରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ସଂକ୍ରାନ୍ତୀୟ ମାମଲାଗୁଡ଼ିକର ଫଏସଲା ଉପରେ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଲେ, ବନଖଣ୍ଡରେ ହେଉଥିବା କାର୍ଯ୍ୟ ପାଇଁ ଅଧିକାରୀମାନେ ଅନ୍ୟ ସହଯୋଗୀ ବିଭାଗ ସହ ନିୟମିତ ଭାବେ ଆଲୋଚନା କରି ସମସ୍ୟାର ସମାଧାନ କରିବା ଆବଶ୍ୟକ। ପିସିସିଏଫ୍ ଶିଶିର କୁମାର ରଥ ସମସ୍ତ ଅଧିକାରୀଙ୍କ କାର୍ଯ୍ୟାବଳୀ ସମୀକ୍ଷା କରିଥିଲେ। ପିସିସିଏଫ୍ (ବନ୍ୟପ୍ରାଣୀ) ଶଶି ପଲ୍, ପିସିସିଏଫ୍ (କେନ୍ଦୁପତ୍ର) ସୁଶୀଲ କୁମାର ପପ୍‌ଲି, ଓଏଫ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ସୁରେଶ ପନ୍ଥ, ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓମ୍ ପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। 'କାମ୍ପା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଜ୍ କରାଟ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସିକାର ପୂର୍ବତନ ବିଧାୟକ ନିଖୋଜ

## ଅପହରଣ ସନ୍ଦେହ

**ଭୁବନେଶ୍ୱର, ୧୩ା୫(ବ୍ୟୁରୋ)**

ଗଞ୍ଜାମ ଜିଲା ଆସିକାର ପୂର୍ବତନ କଂଗ୍ରେସ ବିଧାୟକ ସରୋଜ ପାଢ଼ୀ ଗୁରୁବାରଠାରୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ପୁଅ ସଙ୍ଗୀତ ପାଢ଼ୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା(ନଂ.୧୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ସରୋଜ ପରିବାର ସହ ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଛନ୍ତି। ଗୁରୁବାର ସକାଳ ପ୍ରାୟ ୮ଟାବେଳେ ସେ ଘରୁ ବାହାରକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ ମଧ ତାହା ସୁଇଚ୍ ଅଫ୍ ଜଣାପଡ଼ିଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୁଅ ସଙ୍ଗୀତ ଗଣମାଧ୍ୟମକୁ କହିଛନ୍ତି, ବାପାଙ୍କୁ କିଛିଦିନ ହେବ ଏକ ଫୋନ କଲ୍ ଆସୁଥିଲା ତେଣୁ ସେ ଚିନ୍ତାରେ ଥିଲେ। ଫୋନ୍ କଲ୍ ବିଷୟରେ ପରିବାର ଲୋକଙ୍କୁ ଜଣାଉ ନ ଥିଲେ। ତେବେ ତାଙ୍କୁ ଅପହରଣ କରାଯାଇଥିବା ସନ୍ଦେହ ହେଉଛି ବୋଲି ସଙ୍ଗୀତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସରୋଜ ୨୦୦୪ ସାଧାରଣ ନିର୍ବାଚନରେ ଆସିକା ବିଧାନସଭା କ୍ଷେତ୍ରରୁ କଂଗ୍ରେସରୁ ଟିକେଟ୍ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏ ସମ୍ପର୍କରେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ସରୋଜଙ୍କ ମୋବାଇଲ ସୁଇଚ୍ ଅଫ ଅଛି। ପୋଲିସ ପକ୍ଷରୁ ଅନୁସନ୍ଧାନ କରାଯାଇ ବିଭିନ୍ନ ସ୍ଥାନରେ ଖୋଜା ଚାଲିଥିବା ସେ କହିଛନ୍ତି।


ସରୋଜ ପାଢ଼ୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ ମାନସିକ ଶାନ୍ତି ହରାଇବେ। ବନ୍ଧୁଙ୍କ ପରାମର୍ଶରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ ।

**ବୃଷ**
ଆପଣ ଯେତେ ଭଲ କଥା କହିଲେ ମଧ ଅନ୍ୟମାନେ ଭୁଲ୍ ବୁଝିବେ। ବିଭିନ୍ନ ସମସ୍ୟା ନେଇ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ଦୁଶ୍ଚିନ୍ତାକୁ ବଢ଼ାଇ ଦେଇପାରେ। ତଥାପି ପ୍ରିୟ ବନ୍ଧୁଙ୍କଠାରୁ ସାହାଯ୍ୟ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ**
ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। କର୍ମକ୍ଷେତ୍ରରେ,ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ, କିନ୍ତୁ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ।

**କର୍କଟ**
କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ସ୍ଥାନରେ ସ୍ଥିର ଭାବେ ରହି ପାରିବେ ନାହିଁ। ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ ସାହାଯ୍ୟ କରିବ।

**ସିଂହ**
ସମସ୍ୟା ଲାଗି ରହିଥିଲେ ମଧ ମନରେ ସାହସ ବାନ୍ଧି କୌଣସି କାମ କଲେ ସଫଳତା ପାଇବେ। ବନ୍ଧୁଙ୍କ ପାଇଁ ଆପଣ ଯତେପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ତାଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଏକାସାଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା**
ସହକର୍ମୀଙ୍କ ସହ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି ।

**ତୁଳା**
ଅଧିକାଂଶ ସମୟ ମନ ଅସ୍ଥିର ରହିବ। ଛୋଟ ଛୋଟ କଥାକୁ ନେଇ ଅନ୍ୟମାନଙ୍କ ସହ କଳହ କରିପାରନ୍ତି। ବିବାଦୀୟ ଘଟଣାଟି ଆଲୋଚନା ଦ୍ୱାରା ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା**
ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ । କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି । ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଆମଦାନୀ କାରବାର କ୍ଷେତ୍ର ବେଶ୍ ଭଲ ରହିବ। କର୍ମକ୍ଷେତ୍ରରେ ପ୍ରାୟୋଜିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ଯାହା କରିବା ସକାଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ଏପରିକି କର୍ମକ୍ଷେତ୍ରରେ ମଧ ସମସ୍ୟାରୁ ମୁକୁଳି ଯାଇପାରନ୍ତି । ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମ ଘାତପ୍ରତିଘାତ ମଧ ଦେଇ ସମ୍ପନ୍ନ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ।

**ମୀନ**
ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଈର୍ଷାପରାୟଣ ନିଜ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଯାତ୍ରା, ବାଣିଜ୍ୟ,ବ୍ୟବସାୟ ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପରାମର୍ଶରେ ତୀର୍ଥାଟନ କରିବା ସକାଶେ ମନ ବଳାଇପାରନ୍ତି।

## classifieds Everyday

0674-2580101, 2549302

real estate

### SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁ ରାସ୍ତାକୁ ଲାଗି 1500sqft. 6,00,000/-, 9937373013.** D-73247

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50= (1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

**Duplex sale at Bhubaneswar @45lakhs and apartment @42 lakhs. 9439206202.** D-73248

3BHK duplex 22,00,000/- corehouse Balianta (Bainchua), finance available- 8093465134, 9668194157. D-73318

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

construction

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

**Ground Floor 2 Rooms 1 Bathroom 1 Kitchen for Office/ Godown/ Hostel at Brit Colony Badagada Ph- 9668455943.** D-426

3BHK & 1BHK rent Jagamara, Sidhi Vihar. Mob: 9437963953. D-399

healthcare

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

Newly open SPA positively health benefits expert therapist, Kalpana. 7846814019. D-73602

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

All types body massage with high profile smart Lady room service available. 9142145769. D-71345

Ayurvedic full body massage ladies & jents. Contact: 8093860513, 8658994614. D-71897

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71995

Refreshing your mind and body with the best therapy, 7873794731. D-317

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଶିମ୍ବ ଅଢ଼େଇ ଦିନ**
**ଛାତି ଦମ୍ଭକରି ମଣିଷ ଚିହ୍ନ।**

ଦୁଃଖ ଓ ଅଭାବ ସମୟରେ ପ୍ରକୃତ ହିତାକାଙ୍କ୍ଷୀଙ୍କୁ ଚିହ୍ନିବା ସହଜ ହୋଇଥାଏ। ମଣିଷ ଏବଂ ମଣିଷ ମଧରେ ସୁସମ୍ପର୍କ ରଖିବାକୁ ହେଲେ ପରସ୍ପରର ଚାରିତ୍ରିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ହୋଇଥାଏ। ନଶ୍ୱର ସମ୍ପଦରେ ଉନ୍ମତ୍ତହୋଇ ବନ୍ଧୁ ବାନ୍ଧବଙ୍କୁ ଭୁଲି ନ ଯିବା ଲାଗି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଆଣରେ ପିଲେ ମୂଷା ମାଟି**
**ମେଘ ଯାଉ ଫସର ଫାଟି।**

ମେଘ ବନ୍ଦ କରିବା ଲାଗି ଅନେକ ପ୍ରକାର ପନ୍ଥା ଆପଣେଇ ନିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ମୂଷା ଗାତରୁ ମାଟି ଆଣି ଗାତ ବନ୍ଦ କଲେ ହେଉଥିବା ଲଗାଣ ବର୍ଷା ସଙ୍ଗେ ସଙ୍ଗେ ଉଭେଇଯାଏ ବୋଲି ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ସ୍ଥଗିତ ହେବନି ...

ଏହା ଦ୍ୱାରା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ୨ ଲକ୍ଷ ୬ ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ପ୍ରଭାବିତ ହେବେ। ମହାମାରୀ ଯୋଗୁ ପୂର୍ବରୁ ପାଠପଢ଼ା ଓ ପରୀକ୍ଷା ପ୍ରଭାବିତ ହୋଇଥିବାରୁ ସରକାର ଚଳିତ ବର୍ଷ ଠିକ୍ ସମୟରେ ପରୀକ୍ଷା କରାଇବାକୁ ଚାହୁଁଛନ୍ତି। ତେଣୁ ଅଦାଲତ ଧାର୍ଯ୍ୟ କରିଥିବା କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଚଳିତ ବର୍ଷ ମେ' ୨୧ରେ ଏନ୍‌ଇଇଟି-ପିଜି ପରୀକ୍ଷା ଅନୁଷ୍ଠିତ ହେବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଥିବାବେଳେ ୨୦୨୧ର ଏନ୍‌ଇଇଟି-ପିଜି କାଉନସେଲିଂ ଚାଲିଥିବାରୁ ସମସ୍ୟା ସୃଷ୍ଟି ହେବ ଦର୍ଶାଇ ଏହାକୁ ସ୍ଥଗିତ ରଖିବା ଲାଗି କେତେଜଣ ଡାକ୍ତର ଆବେଦନ କରିଥିଲେ। ଗତ ୧୦ ତାରିଖରେ ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

### ଝିଅ ବାହାଘର ...

ଉଭୟେ କିଶୋରୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ମେଲଛାମୁଣ୍ଡା ଥାନା ପୋଲିସ ଦଫା ୩୦୨, ୩୪ ଆଇପିସିରେ ଲିଙ୍ଗରାଜ ଏବଂ ସୁବୋଧଙ୍କ ବିରୋଧରେ ଏକ ମାମଲା (ନଂ.୮୭/୨୨) ରୁଜୁ କରିଛି। ହତ୍ୟାକାଣ୍ଡ ପରେ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି ।

ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିବା କିଶୋରୀଙ୍କ ଝିଅ ରଶ୍ମିଙ୍କ ବାହାଘର ଗୁରୁବାର ଥିଲା। ରାତିରେ ଘେଁସ ନିକଟ ବଡ଼ମାଳ ଗ୍ରାମରୁ ଆସି ବରଯାତ୍ରୀ ଦଳ ପହଞ୍ଚିଥିଲେ। ବରଯାତ୍ରୀ ଦଳ ଶୋଭାଯାତ୍ରା କରି ଝିଅଘରକୁ ଯାଉଥିଲେ। ଏହି ସମୟରେ ଲିଙ୍ଗରାଜ ଏବଂ ସୁବୋଧ ସେହି ଶୋଭାଯାତ୍ରାକୁ ଆସି ବିଶୃଙ୍ଖଳା ଉପୁଜାଇଥିଲେ। ତାହା ଜାଣିବା ପରେ କିଶୋରୀ ସେଠାକୁ ଯାଇ ଲିଙ୍ଗରାଜ ଏବଂ ସୁବୋଧଙ୍କୁ ଏଥିରୁ ବିରତ ରହିବାକୁ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ୨ ଅଭିଯୁକ୍ତ ଟାଙ୍ଗିଆରେ କିଶୋରୀଙ୍କ ମୁଣ୍ଡ ଉପରକୁ ଆକ୍ରମଣ କରିଥିଲେ। ସେ ଗୁରୁତର ହେବାରୁ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


କିଶୋରୀ ତାଣ୍ଡି ।

**ବିବାହ ସରିଲା, କନ୍ୟାଦାନ କରିପାରିଲେନି ମା'**

ଝିଅ ବାହାଘର ପାଇଁ କିଶୋରୀ ବହୁ ଖୁସିରେ ଥିଲେ। ସମସ୍ତ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ କରି ସାରିଥିଲେ। କିଛି ସମୟ ପରେ ସ୍ୱାମୀ ଯଦୁମଣି ଓ ସେ କନ୍ୟାଦାନ କରିଥାନ୍ତେ। ହେଲେ କିଶୋରୀଙ୍କ ପକ୍ଷେ ଆଉ ତାହା ହେଲାନାହିଁ। କନ୍ୟାଦାନ ପୂର୍ବରୁ ତାଙ୍କୁ ବରଗଡ଼ ଜିଲା ଡାକ୍ତରଖାନା ଅଭିମୁଖେ ଚିକିତ୍ସା ପାଇଁ ନିଆଯାଉଥିଲା ଏବଂ ଡାକ୍ତରଖାନାରେ ପହଞ୍ଚିବାବେଳକୁ ସେ ଆଖି ବୁଜିସାରିଥିଲେ। ଦେଢ଼ଶୁର ବେଟିଖିଆ ସପତ୍ନୀକ କନ୍ୟାଦାନ କରିଥିଲେ।

**ମା' ମୃତଦେହ ଦେଖି ଝିଅ ଶାଶୁଘର ଗଲା**

ବାହାଘର ସମାପନ ହୋଇଥିଲା ଏବଂ ନବଦମ୍ପତି ବଡ଼ମାଳ(ଝିଅର ଶାଶୁଘର)କୁ ଯାଇଥିଲେ। ବାହାଘର ପରେ ଝିଅ ରିଙ୍କି ମଧ୍ୟ ମା' କିଶୋରୀଙ୍କୁ ଆଉ ଜୀବିତ ଦେଖିପାରି ନ ଥିଲେ। ବରଗଡ଼ରୁ ସାଲେପାଲି ଗ୍ରାମକୁ ମା'ଙ୍କ ମୃତଦେହ ଫେରୁଥିବା ବାଟରେ ଝିଅ ରଶ୍ମି ଅନ୍ତିମ ଦର୍ଶନ କରି ଶାଶୁଘରକୁ ଯାଇଥିଲେ। ଏଭଳି ଏକ ହୃଦୟ ବିଦାରକ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିପକାଇଛି।

### ସଂଖ୍ୟାଲଘୁଙ୍କୁ ଟାର୍ଗେଟ ...

ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ସେଗୁଡ଼ିକ ଉପରେ ଆଲୋଚନା ପାଇଁ ଚିନ୍ତନ ଶିବିର ଏକ ସୁଯୋଗ। ଏଥିରେ ଜାତୀୟ ପ୍ରସଙ୍ଗ ସମେତ ନିଜ ଦଳର ସଂଗଠନକୁ ନେଇ ଆତ୍ମଚିନ୍ତନ କରିବାକୁ ହେବ ବୋଲି କଂଗ୍ରେସ ନେତ୍ରୀ କହିଥିଲେ। ସାମୂହିକ ଉଦ୍ୟମ ଦ୍ୱାରା ଦଳ ପୁନର୍ଜୀବିତ ହୋଇପାରିବ। ଉକ୍ତ ଶିବିରରୁ ଏହି ଯାତ୍ରା ଆରମ୍ଭ ହେବ। ସଙ୍ଗଠନରେ ପରିବର୍ତ୍ତନ ଆଣିବାକୁ ହେବ। ଏହାକୁ କେବଳ ବଞ୍ଚାଇ ରଖିବା ନୁହେଁ ଆଗେଇ ନେବାକୁ ହେବ। ସେଥିପାଇଁ ଦଳୀୟ ନୀତିରେ ଉନ୍ନତି ଓ ପରିବର୍ତ୍ତନ ଆବଶ୍ୟକ ବୋଲି ସୋନିଆ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବାକୁ ଲକ୍ଷ୍ୟ ରଖିଥିବା କଂଗ୍ରେସ ୩ ଦିନିଆ ନବ ସଂକଳ୍ପ ଚିନ୍ତନ ଶିବିରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି। ଗୋଟିଏ ପରିବାର ଗୋଟିଏ ଟିକେଟ ପ୍ରସ୍ତାବ ଉପରେ ବୈଠକରେ ନିଷ୍ପତ୍ତି ନିଆଯିବ। ସଂଗଠନରେ ଯୁବ ନେତୃତ୍ୱକୁ ପ୍ରାଧାନ୍ୟ ଦେବା ଉପରେ ଦଳ ଚିନ୍ତା କରୁଛି। ବ୍ଲକ୍ ସ୍ତରରୁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ପର୍ଯ୍ୟନ୍ତ ୫୦ ପତିଶତ କାର୍ଯ୍ୟକର୍ତ୍ତାଙ୍କ ବୟସ ୫୦ ବର୍ଷରୁ କମ୍ ରଖାଯିବ। ଏଥିସହିତ କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ଏବଂ ଏଆଇସିସି କମିଟି ଓ ଏହାର ବିଭିନ୍ନ ଶାଖା ସଂଗଠନରେ ବ୍ୟାପକ ପରିବର୍ତ୍ତନ ହେବ। ବର୍ତ୍ତମାନ ସିଡବ୍ଲୁସି ସଦସ୍ୟଙ୍କ ହାରାହାରି ବୟସ ୬୮ ରହିଥିବାବେଳେ ଜଣେ ହେଲେ ସଦସ୍ୟଙ୍କ ବୟସ ୫୦ ବର୍ଷରୁ କମ୍ ନାହିଁ। ନିଜ ସଂଗଠନକୁ ମଜଭୁତ କରିବା ସହ ମେଣ୍ଟ ପ୍ରସଙ୍ଗରେ ଚିନ୍ତନ ଶିବିରରେ ଆଲୋଚନା ହେବ। ସମଭାବାପନ୍ନ ଦଳ ଏବଂ ଦେଶର ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷାକୁ ନେଇ ଚିନ୍ତିତ ଦଳ ସହ ମେଣ୍ଟ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଜାତୀୟତାବାଦ ଓ ଦେଶପ୍ରେମ କଂଗ୍ରେସର ନୀତି। ଭାରତୀୟ ଜାତୀୟତାବାଦ ଏବଂ ଛଦ୍ମ ଜାତୀୟତାବାଦ ମଧ୍ୟରେ ଲଢ଼େଇ ଚାଲିଛି। ଭାଜପା-ଆର୍‌ଏସ୍‌ଏସ୍ ଦେଶରେ ଛଦ୍ମ ଜାତୀୟତାବାଦର ପ୍ରସାର ଚଳାଇଛନ୍ତି। ଯେଉଁମାନେ କଂଗ୍ରେସର ନୀତି ଆଦର୍ଶ ସହ ଅଛନ୍ତି, ସେମାନେ ଭାରତୀୟ ଜୀବନଶୈଳୀ ଓ ଚିନ୍ତାଧାରାର ପ୍ରତିନିଧିତ୍ୱ କରୁଛନ୍ତି ବୋଲି ଖାର୍ଗେ କହିଥିଲେ।

### ୨୭ରେ କେରଳ...

ଦକ୍ଷିଣ-ପୂର୍ବ ଭାଗରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ପାଣିପାଗ ବିଭାଗ ସ୍ୱାଭାବିକ ବର୍ଷା ହେବ ବୋଲି ଆକଳନ କରୁଥିଲେ ମଧ ଗତ କିଛି ବର୍ଷ ହେବ ମୌସୁମୀଜନିତ ବର୍ଷା ରାଜ୍ୟରୁ କମି କମି ଗଲାଣି। ୨୦୨୧ରେ ମୌସୁମୀ ସ୍ୱାଭାବିକ ହେବ ବୋଲି ଅନୁମାନ କରାଯାଇଥିଲା। ଜୁନ୍ ୧୨ ତାରିଖରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥିଲା। ଦିନେ ଦୁଇଦିନ ବର୍ଷା ହେବା ପରେ ଗାଏବ ହୋଇ ଯାଇଥିଲା। ଜୁଲାଇ ଏବଂ ଅଗଷ୍ଟ ମାସରେ ନିଅଣ୍ଟିଆ ବର୍ଷା ଯୋଗୁ ରାଜ୍ୟର ୨୬ ଜିଲାରେ ଚାଷ କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ଏପରି କି ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଚଳିତ ବର୍ଷ ମୌସୁମୀର କୃପା ଦୃଷ୍ଟି ରହୁଛି କି ନାହିଁ ତାହା ଆଗମନ ପରେ ଜଣାପଡ଼ିବ।

### କେନ୍ଦ୍ର, ରାଜ୍ୟକୁ ...

ଲୋକନାଥ ସୁଆର, କାଶୀନାଥ ଖୁଣ୍ଟିଆ ଓ ବିଶ୍ୱନାଥ ଦାସ ରହିଛନ୍ତି। ଏଥିରେ ମଧ୍ୟବର୍ତ୍ତୀକାଳୀନ ଆବେଦନରେ ରାଜ୍ୟ ସରକାର, ଟାଟା, ଓବିସିସି, ଶ୍ରୀମନ୍ଦିର ପ୍ରଶାସନକୁ ପକ୍ଷଭୁକ୍ତ କରି କାମ ବନ୍ଦ ପାଇଁ ଆଇନଜୀବୀ ସଂଘ ନିବେଦନ କରିଥିଲା। ଅନୁମତି ବିନା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କୋର୍ଟଙ୍କ ହସ୍ତକ୍ଷେପ ଏକାନ୍ତ ଜରୁରୀ ବୋଲି ଓକିଲ ସଂଘ କର୍ମକର୍ତ୍ତା କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ଓକିଲ ସଂଘ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇ ପ୍ରଥମେ ପ୍ରକଳ୍ପ ଖନନ ସ୍ଥଳୀ ପରିଦର୍ଶନ କରାଯାଇଥିଲା। ଏହାପରେ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ଅଭିଯୋଗ ଦାଖଲ ନ ହେବାରୁ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲା। ଏସ୍‌ପିଙ୍କ ସହଯୋଗ ନ ମିଳିବା ପରେ ଏନେଇ ଏସ୍‌ଡିଜେଏମ୍ କୋର୍ଟରେ ମକଦ୍ଦମା ଦାଏର କରାଯାଇଥିଲା। ଏସମ୍ପର୍କରେ ସଂଘର ସଦସ୍ୟ ତଥା ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ନିର୍ମାଣ କାର୍ଯ୍ୟ କରାଯାଉଛି। ଏଏସ୍‌ଆଇ ବାରମ୍ବାର ଓବିସିସି, ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ନିର୍ମାଣ ରୋକିବା ପାଇଁ କହିଥିଲେ ମଧ କେହି ଖାତିର କରିନାହାନ୍ତି। ସେହିଭଳି ଆମ୍‌ସାର୍ ଆକ୍ଟ-୧୯୫୮ ୩୦(ଏ) ଅନୁଯାୟୀ ବେଆଇନ ନିର୍ମାଣ ବିରୋଧରେ ମକଦ୍ଦମା କରିବାର ପ୍ରାବଧାନ ଥିଲେ ମଧ ଏଏସ୍‌ଆଇ ଏଭଳି ପଦକ୍ଷେପ ନେଇନାହିଁ। ଏଣୁ ସମସ୍ତଙ୍କୁ ପ୍ରଶ୍ନ କରାଯିବାର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ସୁରକ୍ଷାକୁ ଦୃଷ୍ଟିରେ ରଖି କୋର୍ଟ ମାମଲାକୁ ଗ୍ରହଣ କରିଥିବାରୁ ଓକିଲ ସଂଘ ତାହାକୁ ସ୍ୱାଗତ କରୁଛି ବୋଲି ରାୟଗୁରୁ ପ୍ରକାଶ କରିଛନ୍ତି।

# ବିଛାଖଣ୍ଡି ବେଆଇନ ଖନନ ମାମଲା ଏନ୍‌ଜିଟିରେ ଖାରଜ

■ଆବେଦନ ଅସ୍ୱଷ୍ଟ ଥିବା ଦର୍ଶାଇଲେ ଖଣ୍ଡପୀଠ
■ଲୋକାୟୁକ୍ତରେ ୩ ମାସ ସମୟ ନେଲା ଭିଜିଲାନ୍ସ

ଯାଜପୁର ଅଫିସ, ୧୩ା୫

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ ଓ ତତ୍‌ସଂଲଗ୍ନ ଜଙ୍ଗଲ ଜମିରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବେଆଇନ ଭାବେ କଳାପଥର ଉତ୍ତୋଳନ ହେଉଛି। ଏହି ବେଆଇନ ଖାଦାନକୁ ବନ୍ଦ କରିବା, ତଦନ୍ତ ନିର୍ଦ୍ଦେଶ, ସମ୍ପୃକ୍ତ ଅଧିକାରୀ ଓ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପରିବେଶଗତ କ୍ଷତିପୂରଣ ଆଦି ଦାବି କରି କୋଟପୁର ଗ୍ରାମର ସ୍ମୃତିରେଖା ପହି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏନ୍‌ଜିଟିରେ ୫୧/୨୦୨୨ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ରାଜ୍ୟ ସରକାର, ଜଙ୍ଗଲ ଓ ପରିବେଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ରାଜସ୍ୱ କମିଶନର, ସିଆର୍ ଅଧକ୍ଷ, ଜିଲାପାଳ, ତହସିଲଦାର ଧର୍ମଶାଳା ଓ ଡିଡିଏମ୍‌ଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ହେଲେ ଏନ୍‌ଜିଟିର ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବଶ୍ୟକ ତଥ୍ୟପ୍ରମାଣ ଅଭାବରୁ ଗୁରୁବାର ଏହି ମାମଲାକୁ ଖାରଜ କରି ଦେଇଛନ୍ତି। ଖଣ୍ଡପୀଠ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ଆବେଦନରେ ଅସ୍ୱଷ୍ଟ ରହିଛି। ବିଛାଖଣ୍ଡି ପାହାଡ଼ରେ ବିପୁଳ ପରିମାଣର ବେଆଇନ ଖନନ ଚାଲିଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। କିନ୍ତୁ ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, ପ୍ଲଟ, ମୌଜା ଓ ଗ୍ରାମ ଆଦି ବିଷୟ ସଂକ୍ରାନ୍ତରେ କିଛି ସ୍ପଷ୍ଟ କରାଯାଇ ନାହିଁ। ଏପରିକି କ'ଣ ଖନନ କରାଯାଉଛି ତାହା ବି ଆବେଦନରେ ଦର୍ଶାଯାଇନାହିଁ। ତେଣୁ ମାମଲାକୁ ଖାରଜ କରାଗଲା ବୋଲି ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି।



ବିଛାଖଣ୍ଡି ପାହାଡ଼ରେ ହୋଇଥିବା ବେଆଇନ ଖନନ ।

ଅନ୍ୟପକ୍ଷେ ଲୋକାୟୁକ୍ତରେ ବିଛାଖଣ୍ଡିରେ ବେଆଇନ କଳାପଥର ଉତ୍ତୋଳନ ମାମଲା ବିଚାରାଧୀନ ଥିବାବେଳେ ଶୁକ୍ରବାର ଭିଜିଲାନ୍ସ ତଦନ୍ତ ପାଇଁ ଆହୁରି ୩ ମାସ ସମୟ ମାଗିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ ଯେ, ୧୨ା୪ା୨୦୨୧ରେ ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ୧୨୦/୨୦୨୧ ନମ୍ବର ମାମଲା ଉପରେ ଶୁଣାଣି କରି ବିଛାଖଣ୍ଡି ପାହାଡ଼ ଏବଂ ଜଙ୍ଗଲ ଜମି ଅଞ୍ଚଳରେ କଳାପଥର ଲୁଟ ସଂକ୍ରାନ୍ତରେ ଭିଜିଲାନ୍ସ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ଅନୁସନ୍ଧାନର ରିପୋର୍ଟ ୨ ମାସ ମଧ୍ୟରେ ଦାଖଲ କରାଯିବ ବୋଲି ନିର୍ଦ୍ଦେଶ ହୋଇଥିଲା। ତେବେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରି ୧୩ା୫ା୨୦୨୧ରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କୁ ବିଛାଖଣ୍ଡି କଳାପଥର ଖାଦାନ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମାଗିଥିଲେ। ଏହିକ୍ରମରେ ଆରୁହା ଏବଂ ବିଛାଖଣ୍ଡି ମାମଲା ଉପରେ ପୂର୍ବରୁ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶକ ରିପୋର୍ଟ ଦାଖଲ କରିଥିଲେ। ଭିଜିଲାନ୍ସ ଏହି ମାମଲା ଉପରେ ତଦନ୍ତ ଜାରି ରଖିଥିବାବେଳେ ଶୁକ୍ରବାର ଏହାର ଶୁଣାଣି ଦିନ ଧାର୍ଯ୍ୟ ହୋଇଥିଲା। ଏ ସଂକ୍ରାନ୍ତରେ ଲୋକାୟୁକ୍ତରେ ମାମଲା ଦାଏର କରିଥିବା ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା କହିଛନ୍ତି, ବେଆଇନ କଳାପଥର ଉତ୍ତୋଳନ ଉପରେ ଏନ୍‌ଜିଟିରେ ହୋଇଥିବା ଆବେଦନ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏନ୍‌ଜିଟିଙ୍କ ରାୟ ଆବେଦନକାରୀଙ୍କୁ ଝଟକା ଦେଇଛି। କଟକ ବନଖଣ୍ଡ ଅନ୍ତର୍ଗତ ଡାଲିଯୋଡ଼ା ରେଞ୍ଜ ଅନ୍ତର୍ଗତ ୪୫ ଏକର ବିଶିଷ୍ଟ ବିଛାଖଣ୍ଡି ଜଙ୍ଗଲ ଜମି ରହିଛି। ତେବେ ପ୍ରାକୃତିକ ଶୋଭାରେ ଭରପୂର ଏହି ଜଙ୍ଗଲ କିସମ ଜମି ଏବେ ପଥର ମାଫିଆଙ୍କ ଚରାଭୂମି ପାଲଟିଛି। କେତେଜଣ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିଙ୍କ ପ୍ରୋତ୍ସାହନରେ ବେଆଇନ ଖନନ ଏଠାରେ ଜୋର ଧରିଛି। ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଜେନାପୁର ଥାନା ପୋଲିସର ଦ୍ୱାରସ୍ଥ ମଧ ହୋଇଥିଲେ ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଏମ୍‌ପି ପ୍ରତିନିଧିଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି, ୨୩ା୫(ଡି.ଏନ.ଏ)-କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଦାରିଙ୍ଗବାଡ଼ ବ୍ଲକ ପ୍ରତିନିଧି କ୍ଷେତ୍ରବଳ ନାୟକଙ୍କ ଗୁରୁବାର



ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। କ୍ଷେତ୍ରବଳ ସନ୍ଧ୍ୟାରେ ଦାରିଙ୍ଗବାଡ଼ି ବଜାରକୁ ଯାଇଥିଲେ। କାମ ସାରି ରାତିରେ ନିଜ ଗ୍ରାମ ପାଙ୍ଗାଲିକୁ ବାଇକ ଯୋଗେ ଫେରୁଥିଲେ। ଗାଁଠାରୁ ଅଳ୍ପ ଦୂର ମୁକଚେରୀ ନିକଟରେ ଏକ ଛେଳିକୁ ତାଙ୍କ ବାଇକ ଧକ୍କା ଦେଇଥିଲା। ଫଳରେ ଛେଳିଟିର ମତ୍ୟୁ ଘଟିଥିବା ବେଳେ ବାଇକ୍‌ରୁ ପଡ଼ି କ୍ଷେତ୍ରବଳ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକେ କ୍ଷେତ୍ରବଳଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। କ୍ଷେତ୍ରବଳ ଏମ୍‌ପିଙ୍କ ପ୍ରତିନିଧି ଓ ବ୍ଲକ ଟ୍ରାକ୍ଟର ମାଲିକ ସଂଘର ସଭାପତି ମଧ ରହିଥିଲେ। ସେ ପୂର୍ବରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତିରେ କାର୍ଯ୍ୟ କରୁଥିବା ବେଳେ ସରକାରଙ୍କ ଜଳଛାୟା ପ୍ରକଳ୍ପରେ ମଧ କାର୍ଯ୍ୟ କରିଛନ୍ତି।

### ବିକଶିତ ହେବ ମଣ୍ଡି ଭିତ୍ତିଭୂମି

ଭୁବନେଶ୍ୱର, ୧୩ା୫(ବ୍ୟୁରୋ): ରାଜ୍ୟରେ ଧାନ ସଂଗ୍ରହ ପରିମାଣ ବୃଦ୍ଧି ପାଇଛି। ମଣ୍ଡିର ଧାନ ସଂଗ୍ରହ କାର୍ଯ୍ୟ ସୁଚାରୁରୂପେ କରିବା ଲାଗି ଭିତ୍ତିଭୂମି ବିକଶିତ କରାଯିବ। ଏଥିଲାଗି ସମବାୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମଣ୍ଡି ଉନ୍ନତୀକରଣ ଲାଗି ଯୋଜନା ପ୍ରସ୍ତୁତି, ଆବଶ୍ୟକ ବ୍ୟୟଭାର ବହନ କରିବା ଦିଗରେ ବିଭାଗ ପକ୍ଷରୁ ସଂକଳ୍ପନାମା ଜାରି କରାଯାଇଛି।

ରାଜ୍ୟରେ ଅଧିକରୁ ଅଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରୁଛନ୍ତି। ଏଥିଲାଗି ସରକାର ଆବଶ୍ୟକ ଭିତ୍ତିଭୂମି ନିର୍ମାଣକୁ ଅଗ୍ରାଧିକାର ଦେଇଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମବାୟ ସମିତି ନିବନ୍ଧକଙ୍କୁ କୁହାଯାଇଛି। ଯେଉଁସବୁ ମଣ୍ଡିରେ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି, ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ତୁରନ୍ତ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରି ବିଭାଗକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଦିନିଆ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କ ଧାନ ସୁରକ୍ଷିତ ରଖିବା ଦିଗରେ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରର ପିଣ୍ଡିଗୁଡ଼ିକ ଉଚ୍ଚା କରିବା, ଉପର ଛାତ ଏବଂ ଗୋଦାମ ଗୃହ ଆଦିର ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯେଉଁ ମଣ୍ଡିରେ ଏହିସବୁ ସୁବିଧା ନାହିଁ, ସେଠାରେ ଉପଯୁକ୍ତ ସରକାରୀ ଜମି ହସ୍ତାନ୍ତର କରିବା ପାଇଁ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଆବେଦନ କରିବାକୁ ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାରମାନଙ୍କୁ ବିଭାଗ ପକ୍ଷରୁ ଅଧିକୃତ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସମ୍ପୃକ୍ତ ଜିଲାର ଜିଲାପାଳମାନେ ମଣ୍ଡି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଯୋଜନା ଓ ବ୍ୟୟ ଅଟକଳକୁ ଅନୁମୋଦନ କରିବେ ବୋଲି ଜଣାପଡ଼ିଛି।

# ଗିରଫଦାରି ପ୍ରତିବାଦରେ ସମୂହ ଆତ୍ମାହୁତି ଉଦ୍ୟମ


ଧାରଣାରତ ଲୋକଙ୍କୁ ପୋଲିସ ଉଠାଇବାକୁ ଚେଷ୍ଟା କରୁଛି।

ଭଦ୍ରକ ଅଫିସ, ୧୩ା୫

ଭଦ୍ରକ ଜିଲା ସଦର ବ୍ଲକର ଗବସାହିରେ ଗୃହଦାହ ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିବା ପରେ ପ୍ରତିବାଦରେ ପରିବାର ପକ୍ଷରୁ ପ୍ରଥମେ ଟାଉନ ଥାନା ଓ ପରେ ଏସ୍‌ପି ଅଫିସ ଆଗରେ ଧାରଣା ଦିଆଯାଇଥିଲା। ସେମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ କରି ସମୂହ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ପୋଲିସ ପହଞ୍ଚି ସମସ୍ତଙ୍କୁ ହେପାଜତକୁ ନେଇଥିଲା।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୪ ତାରିଖ ରାତିରେ ଉକ୍ତ ଗ୍ରାମର ସୁଦର୍ଶନ ଦାସଙ୍କ ଘରେ ପଡ଼ୋଶୀ ନିଆଁ ଲଗାଇ ଦେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସେତେବେଳେ ଦୁଇଜଣଙ୍କୁ ଗିରଫ କରିଥିଲା। ଅପରପକ୍ଷେ ପଡ଼ୋଶୀ ରବୀନ୍ଦ୍ର କୁମାର ଦାସ ପାଲଟା ଅଭିଯୋଗ କରିଥିଲେ, ସୁଦର୍ଶନ ନିଜେ ଘରେ ନିଆଁ ଲଗାଇ ଆମକୁ ଫସାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏଥିସହ ନିଆଁ ଝୁଲ ପକାଇବାରୁ ଆମ ଘର ପୋଡ଼ିଯାଇଥିବା ସେ ସୁଦର୍ଶନଙ୍କ ପରିବାର ବିରୋଧରେ ଅଭିଯୋଗ କରିଥିଲେ। ଶୁକ୍ରବାର ଟାଉନ ପୋଲିସ ସୁଦର୍ଶନଙ୍କ ପୁତୁରା ଅଜିତଙ୍କୁ ଥାନାକୁ ଡାକି ଗିରଫ କରିବାରୁ ପରିବାର ଲୋକେ ବିରୋଧ କରିଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଆତ୍ମାହୁତି ଉଦ୍ୟମ କରିବାରୁ ପୋଲିସ ଥାନାକୁ ଉଠାଇ ନେଇ ପରେ ଛାଡ଼ି ଦେଇଛି।


ନବୀନ ନିବାସଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଡୋମିନିକାନ ରିପବ୍ଲିକର ରାଷ୍ଟ୍ରଦୂତ ଡେଭିଡ ଇମାନୁଏଲ ପିଗ୍ ବୁଚେଲ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଭାରତୀୟ ହକି ଟିମ୍‌ର ଏକ ଜର୍ସି ପ୍ରଦାନ କରିଛନ୍ତି।

# ଆମ୍ବୁଲାନ୍ସରେ ମୃତଦେହ ଗାଁକୁ ପଠାଇଲା ଓଡ଼ିଶା-ମୋ ପରିବାର

ଭୁବନେଶ୍ୱର, ୧୩ା୫(ବ୍ୟୁରୋ)

ପାର୍ଥିବ ଶରୀରକୁ ଜନ୍ମମାଟିକୁ ପଠାଇବା ପାଇଁ ପୁଣି ଥରେ ସହାୟତାର ହାତ ବଢାଇଛି ଓଡ଼ିଶା ମୋ ପରିବାର। ଗଜପତି ଜିଲା ମୋହନା ବାସିନ୍ଦା ୩୭ ବର୍ଷୀୟ ସନ୍ତୋଷ ଶୋଭନାୟକ କେରଳର ଏର୍ଣ୍ଣାକୁଲମ୍‌ରେ ରହି କାମ କରୁଥିଲେ। କିଛିଦିନ ତଳେ ସେଠାରେ ଏକ ଦୁର୍ଘଟଣାରେ ସନ୍ତୋଷ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାବେଳେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହକୁ କେରଳରୁ ଗାଁକୁ ଆଣିବାକୁ ପରିବାର ଲୋକେ ପ୍ରଶାସନକୁ ଅନୁରୋଧ କରିଥିଲେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆର୍ଥିକ ବ୍ୟବସ୍ଥା କରାଯାଇଥିଲା। ଏଥିସହ ବିମାନ ବନ୍ଦରରୁ ମୋହନାକୁ ସ୍ଥାନାନ୍ତର ଲାଗି ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବିଡିଓ ଓଡ଼ିଶା ମୋ ପରିବାରକୁ ଜଣାଇଥିଲେ। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶୁକ୍ରବାର ସନ୍ତୋଷଙ୍କ ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଓଡ଼ିଶା ମୋ ପରିବାର ପକ୍ଷରୁ ଆମ୍ବୁଲାନ୍ସରେ ମୃତଦେହକୁ ଜନ୍ମମାଟି ମୋହନାକୁ ପଠାଇ ଦିଆଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
SWWS ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ପଶୁ ସମ୍ପଦ ବିକାଶ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ନିମନ୍ତେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନିଯୁକ୍ତି କରିବାକୁ ଯାଉଛନ୍ତି। ଆବେଦନକାରୀଙ୍କ ଅନ୍ୟୂନ ସ୍ନାତକ ଡିଗ୍ରୀ, କମ୍ପ୍ୟୁଟର ଜ୍ଞାନ (PGDCA) ଓ ବିକାଶ ମୂଳକ ତଥା ଜୀବିକା ଓ ଆୟ ଉପାର୍ଜନକାରୀ କାର୍ଯ୍ୟକ୍ରମରେ ଅତିକମ୍‌ରେ ଏକ ବର୍ଷର ଅଭିଜ୍ଞତା ଥିବା ଜରୁରୀ ଅଟେ। ଇଚ୍ଛୁକ ପ୍ରାର୍ଥୀମାନେ ୧୬ ମଇ ୨୦୨୨ ସମସ୍ତ ପ୍ରମାଣପତ୍ର (swwsodisha@gmail.com)ରେ ପଠାଇପାରିବେ।
Sd./- President, Society for the Welfare of Weaker Sections (SWWS)

WANTED

| Sr. No. | Post | Qualification | Sex | Salary | Nos. |
|---|---|---|---|---|---|
| 1 | OFFICE STAFF | Graduation with PGDCA, (Tally Additional) | M/F | 11,000 | 1 |
| 2 | ELECTRICIAN | ITI (1 year experience) | M | 11,000 | 2 |
| 3 | CARE TAKER | | M | 9,000 | 2 |
| 4 | SOTRE KEEPER | | M | 9,000 | 2 |

Cont. Details: KM Convention (Wedding Hall), Bhubaneswar, Send your resume by Mail, Mail ID: kmconvention1@gmail.com, Cont. No.: 9337105335 (Cont. Between 1 P.M. to 6 P.M.)

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
- Candidates having minimum 3-5 years experience in Space Selling for Print Media will be preferred.
- MBA candidates fluent in English with a drive for marketing may also apply.
Apply immediately to :
recruitment@dharitri.com
Attractive salary commensurate with experience

# ନାବାଳିକାଙ୍କୁ କାମ ଦେବାକୁ କହି ୬୦ ହଜାରରେ ବିକ୍ରି

ବଳାତ୍କାରର ଶିକାର ହୋଇ ପୁଅକୁ ଧରି ଘରକୁ ଫେରିଲେ

କେନ୍ଦ୍ରାପଡ଼ା ଅଫିସ, ୧୩ା୫

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ କରୁଣ କାହାଣୀ ଶୁକ୍ରବାର ଲୋକଲୋଚନକୁ ଆସିଛି। ଜଣେ ବ୍ୟକ୍ତି ନାବାଳିକାଙ୍କୁ କାମ ଦେବାକୁ ପ୍ରତିଶ୍ରୁତି ଦେଇ ମା'ବାପାଙ୍କ ପାଖରୁ ତାଙ୍କୁ ନେଇ ଯାଇଥିଲେ। କାମ କରି ଦୁଇ ପଇସା ରୋଜଗାର କରି ଘର ଲୋକଙ୍କୁ ଦେବେ ବୋଲି ଆଗ୍ରହର ସହ ନାବାଳିକା ଜଣକ ଘରୁ ଗୋଡ କାଢି ଯାଇଥିଲେ। ହେଲେ କାମ ତ ଦେବା ଦୂରର କଥା ତାଙ୍କୁ ୬୦ ହଜାର ଟଙ୍କାରେ ଉକ୍ତ ବ୍ୟକ୍ତି ବିକ୍ରି କରି ଦେଇଥିଲେ। ନାବାଳିକାଙ୍କୁ କିଣି ନେଇଥିବା ବ୍ୟକ୍ତି ଜଣଙ୍କ ତାଙ୍କୁ ପାଖରେ ରଖି ବଳାତ୍କାର କରିବା ଯୋଗୁ ସେ ଗର୍ଭବତୀ ହୋଇଥିଲେ। ପୁଅ ହେବା ପରେ ତାଙ୍କୁ ମାଡ ମାରି ବିଦା କରି ଦେଇଥିବା ନେଇ ଥାନାରେ ଗତ ୧୦ ତାରିଖରେ ଅଭିଯୋଗ ହୋଇଛି। ପୀଡ଼ିତା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅର ବୟସ ୧୭। ଗତବର୍ଷ ଗାଁର ଜଣେ ବ୍ୟକ୍ତି ଏହି ଝିଅକୁ କାମରେ ଲଗାଇ ଦେବ କହି ଘରୁ ନେଇଥିଲେ। ମାସକୁ ମାସ ଦରମା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ବ୍ୟକ୍ତି ଜଣକ ଝିଅକୁ କଟକ ଜିଲା ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୬୦ ହଜାର ଟଙ୍କାରେ ବିକ୍ରି କରିଦେଲେ। ଜଗତପୁରର ଏହି ବ୍ୟକ୍ତି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଫଳରେ ପୀଡିତା ଗର୍ଭବତୀ ହୋଇଥିଲେ। ଶିଶୁ ଜନ୍ମ ପାଇଁ କଟକର ଏକ ଡାକ୍ତରଖାନାକୁ ନେଇଥିବା ବେଳେ ପୁଅ ଜନ୍ମ ହୋଇଥିଲା। ନାବାଳିକାଙ୍କୁ କିଣିକି ନେଇଥିବା ବ୍ୟକ୍ତି ଜଣକ ପରେ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକା ଜଣକ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ତାଙ୍କୁ ରଖିବାକୁ ନିବେଦନ କରିଥିଲେ। ହେଲେ ଉକ୍ତ ବ୍ୟକ୍ତି ଘରେ ତ ରଖିଲେ ନାହିଁ ବରଂ ମାଡ ମାରି ବିଦା କରି ଦେଇଥିଲେ। ପୀଡ଼ିତା ଶିଶୁପୁତ୍ର ସହ ଘରକୁ ଆସିବା ପରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି କାଦମ୍ବିନୀ ପରିଡ଼ାଙ୍କୁ ପଚାରିବାରେ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟା

ଛତ୍ରପୁର, ୧୩ା୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ପୋଡ଼ାପଦର ଗ୍ରାମର ଅଙ୍ଗନୱାଡ଼ି କର୍ମୀ ସୁବାସିନୀ ପଣ୍ଡା ଆତ୍ମହତ୍ୟା କରିଛନ୍ତି। ସେ ଗତ ୫ ଦିନ ହେଲା ନିଖୋଜ ଥିଲେ। ଶୁକ୍ରବାର ପୋଡ଼ାପଦର ଗ୍ରାମ ନିକଟ କାଜୁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ସୁବାସିନୀଙ୍କ ମୃତଦେହ ଠାବ ହୋଇଥିଲା। ଛତ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସୂଚନା ଅନୁଯାୟୀ, ସୁବାସିନୀ ବହୁ ଟଙ୍କା ଧାର କରଜ କରିଥିଲେ। ଏପରି କି ମହିଳା ସଂଘ ନାଁରେ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଇ ବ୍ୟକ୍ତିଗତ କାମରେ ଲଗାଇଥିଲେ। ଋଣ ଟଙ୍କା ପରିଶୋଧ କରିବାକୁ ଥିବାରୁ ସେ ଚାପରେ ଥିଲେ। ତେଣୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି। ଏ ନେଇ ଏକ ମାମଲା ନଂ.୧୫/୨୨ ରୁଜୁ କରାଯାଇ ତଦନ୍ତ ଚାଲିଛି।

# ୨୦ବର୍ଷ ପରେ ବି ହୋଇପାରିନି ପଞ୍ଚାୟତ ଗୃହ ନିର୍ମାଣ

■ବିଡିଓ ଉଦ୍ୟମ କରି ବିଫଳ ହୋଇଛନ୍ତି
■ବିଭିନ୍ନ କାମରେ ୨୦ କି.ମି. ଦୂର କୁନ୍ଦୁରା ଆସୁଛନ୍ତି ଲୋକେ

କୁନ୍ଦୁରା, ୧୩ା୫ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର କେରିମିଟି ପଞ୍ଚାୟତ ଗଠନ ହେବାର ୨୦ବର୍ଷ ବିତିଯାଇଥିଲେ ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରିନାହିଁ। ଫଳରେ ସରପଞ୍ଚ, ସମିତି ସଭ୍ୟ, ଗ୍ରାମ ପିଇଓ, ଗ୍ରାମ ରୋଜଗାର ସେବକ ଏବଂ ଯୋଗାଣ ସହାୟକଙ୍କ ପାଇଁ କାର୍ଯ୍ୟାଳୟ ଗୃହଟିଏ ନ ଥିବାରୁ ସେମାନେ ଅସ୍ଥାୟୀ ଭାବେ ଏକ ଗୋଷ୍ଠୀକେନ୍ଦ୍ରରେ କାର୍ଯ୍ୟ ପରିଚାଳନା କରୁଛନ୍ତି। ହିତାଧିକାରୀଙ୍କ ନିମନ୍ତେ ଆସୁଥିବା ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଚାଉଳ, ଗହମ ଏବଂ କିରୋସିନ ରଖିବା ଲାଗି ସେହିଭଳି କୌଣସି ସୁବିଧା ନ ଥିବାରୁ ଏକ ଅସ୍ଥାୟୀ ଗୃହରେ ଏହା ରଖାଯାଉଛି। ହିତାଧିକାରୀମାନେ ଭତ୍ତା, ଖାଦ୍ୟ ସୁରକ୍ଷା ଆବେଦନ କିମ୍ବା ଏସ୍‌ଇସିସି ଆବେଦନ ସମ୍ପର୍କିତ ନେଇ ୨୦ କି.ମି. ଦୂର କୁନ୍ଦୁରା ଆସିବାକୁ ବାଧ ହେଉଛନ୍ତି। କେରିମିଟି ପଞ୍ଚାୟତରେ ଥିବା କେନ୍ଦୁଗୁଡ଼ା ଏବଂ କେରିମିଟି ଗ୍ରାମର ଗ୍ରାମବାସୀ ନିଜ ନିଜ ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ କରିବାକୁ ଅଡ଼ି ବସିଥିବାରୁ ଦୀର୍ଘବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁନାହିଁ। ବିଭିନ୍ନ ସମୟରେ କୁନ୍ଦୁରା ବ୍ଲକକୁ ଆସିଥିବା ବିଡିଓ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଚେଷ୍ଟାକରି ସଫଳ ହୋଇନାହାନ୍ତି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ତାରା ଜାନି କହନ୍ତି, ପଞ୍ଚାୟତ କାର୍ଯ୍ୟାଳୟ ଲାଗି ଗୃହ ନିର୍ମାଣ ପାଇଁ ସମସ୍ତ ଚେଷ୍ଟା ସତ୍ତ୍ୱେ ନିର୍ମାଣ ହୋଇପାରିନାହିଁ। ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କୁ ଗ୍ରାମବାସୀ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର



କେରିମିଟିରେ ଅସ୍ଥାୟୀ ରୂପେ ଚାଲିଥିବା ପଞ୍ଚାୟତ କାର୍ଯ୍ୟାଳୟ।

ସମାଧାନ କରିବା ଲାଗି ଅନୁରୋଧ କରିଥିବା ସରପଞ୍ଚ ମାଣିକ ସାନ୍ତା କହିଛନ୍ତି। ଏନେଇ ଉପାଧ୍ୟକ୍ଷ ସାମନ୍ତରାୟ କହନ୍ତି,ଏ ବିଷୟରେ ଗ୍ରାମବାସୀ ମୋ ସହ ଆଲୋଚନା କରିଛନ୍ତି। ଏବେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପ୍ରସଙ୍ଗ କୋର୍ଟରେ ବିଚାରାଧୀନ ଅଛି। ଜିଲା ଏବଂ ବ୍ଲକ ପ୍ରଶାସନ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କେରିମିଟି ପଞ୍ଚାୟତର କେନ୍ଦୁଗୁଡ଼ାଠାରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ହସ୍ତତନ୍ତ ଏବଂ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି।

# ଛତିଶଗଡ଼ରେ ଶେଷକୃତ୍ୟ, ପରିବାର ସାମିଲ

## ହେଲିକପ୍ଟର ଦୁର୍ଘଟଣାରେ ଓଡ଼ିଆ ପାଇଲଟ୍ ମୃତ୍ୟୁ ଘଟଣା

ସମ୍ବଲପୁର, ୧୩ା୫(ବ୍ୟୁରୋ)

ଛତିଶଗଡ଼ର ରାୟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରଠାରେ ଶୁକ୍ରବାର ରାତିରେ ହେଲିକପ୍ଟର ଦୁର୍ଘଟଣାରେ ଦୁଇ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ପାଇଲଟ ଭାବେ ସମ୍ବଲପୁର ସଦର ଥାନା ବାହାମ ଗ୍ରାମର ଗୋପାଳକୃଷ୍ଣ ପଣ୍ଡା (୫୮) ରହିଛନ୍ତି। ଅନ୍ୟ ଜଣେ ମୃତକ ହେଲେ ଏ.ପି. ଶ୍ରୀବାସ୍ତବ। ଏହି ଘଟଣାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଶୋକବ୍ୟକ୍ତ କରିଛନ୍ତି। ଶନିବାର ଛତିଶଗଡ଼ରେ ଗୋପାଳକୃଷ୍ଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ତିମ ସଂସ୍କାର ବେଳେ ଓଡ଼ିଶା ରାଜ୍ୟ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବାୟୁସେନା ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀଙ୍କ ସମେତ ପରିବାର ଲୋକ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, ଛତିଶଗଡ଼ ଏୟାରପୋର୍ଟରେ ଟ୍ରେନିଂ ଚାଲିଥିବା ବେଳେ ହେଲିକପ୍ଟର ଅବତରଣ କରୁଥିବା ସମୟରେ ନିଆଁ ଲାଗି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ହୋଇଥିବା ସୂଚନା ଦିଆଯାଇଛି। ଖବର ପାଇ ସମ୍ବଲପୁରରେ ରହୁଥିବା ତାଙ୍କ ଭାଇ ଡାକ୍ତର ବିମଳ ପଣ୍ଡା ଓ ପରିବାର ସଦସ୍ୟ ରାୟପୁର ଯାଇଥିଲେ।


ଗୋପାଳକୃଷ୍ଣ ପଣ୍ଡା।

ଗୋପାଳକୃଷ୍ଣ ଭୁବନେଶ୍ୱର ସୈନିକ ସ୍କୁଲରେ ପାଠପଢ଼ା ସାରିବା ପରେ ୧୯୮୭ରେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ରେ ଯୋଗଦେଇଥିଲେ। ପରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ୨୦୦୪ରେ ତାଙ୍କୁ ଉଇଙ୍ଗ୍ କମାଣ୍ଡର ଭାବେ ପଦୋନ୍ନତି ମିଳିଥିଲା। ୨୦୧୦ ଅଗଷ୍ଟରେ ସେ ଅବସର ନେଇଥିଲେ। ୨୦୧୨ରେ ଛତିଶଗଡ଼ ସରକାରଙ୍କ ସରକାରୀ ହେଲିକପ୍ଟର ଚଳାଇବାକୁ ସେ ନିଯୁକ୍ତି ପାଇଥିଲେ। ପଛରେ ସେ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅପୁଅଙ୍କୁ ଛାଡ଼ିଯାଇଛନ୍ତି। ଆମେ ଜଣେ ମୁରବିଙ୍କୁ ହରାଇଲୁ ବୋଲି ପରିବାରବର୍ଗ କହିଛନ୍ତି।

Large industry in JAJPUR, ODISHA requires immediately
Security Guards (5'7") 10th pass, 13,500/-
Security Supervisor 12th pass, 15,000/-
Computer Operator Graduate, Skilled, 15,000/-
ASO 20,500/- Ex-Serviceman 21,500/-
Industrial Experience Compulsory, Duty 12 Hours.
Provident Fund, ESIC, Bonus extra.
Accommodation free, Canteen Facility available.
Contact RIS Group
033-40069640, 9830448899, 8013985668

Required Supervisor
for a garment processing unit Ex-Army / Air Force personnel's preferred. Educational, qualification : Graduate / Diploma in Electrical / Mechanical. Salary :Two lakhs per Annum.
Pikup & Delivery Boy : 5 Nos
Mail your resume to :
banaja26@gmail.com
Call : 9861929740

Required Civil Engineer (m/f), Front Office (f), PA (f), Off Manager (m), Site Supervisor (m/f), Marketing Executive (m/f), Office Boy.
Call:9238482524, 8895182524, 0674-2973254,
rggroups2@gmail.com

See Career Appointment on every Wednesday & Saturday

WANTED
RUSH, a Not for Profit agency, Address at: Upper Nuasahi, Puri-752001 invites applications from eligible candidates for filling up of the vacated positions in the (24x7) Open-Shelter (CCI), a Project for Children in Need' in Urban areas. Posts are purely temporary and contractual in nature.
Remuneration/ honorarium will be paid as per the norms of ICPS/ Mission Vatshalya. Further details are available in the website of the organization.
www.rush.org.in/career
Candidates are required to apply online and also advised to submit a printed hard copy of application & its enclosures to the above address through Speed Post/ Registered Post only within 15 days.

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। –ଶ୍ରୀମା

# କଠୋର ବାର୍ତ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଜିକାଲି ବ୍ୟାଡ୍ ଡାଟା ଅର୍ଥାତ୍ ତ୍ରୁଟିପୂର୍ଣ୍ଣ, ଅନୁପଯୁକ୍ତ ଓ ନକଲି ତଥ୍ୟ ସବୁଆଡେ ଦେଖିବାକୁ ମିଳୁଛି। ଏପରି କି ଭାରତରେ କୋଭିଡ୍ ମହାମାରୀ ସମୟରେ କୋଭିଡ୍ ଜନିତ ମୃତ୍ୟୁକୁ ନେଇ ରାଜ୍ୟଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ ଉପରେ କେନ୍ଦ୍ର ଜୋର୍‌ଦାର ପ୍ରଶ୍ନ ଉଠାଇଛି। କେବଳ ଏତିକି ନୁହେଁ, କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକ ମାଧ୍ୟମରେ ପାଣ୍ଠି ଦେବା ଲାଗି ଅର୍ଥ ମନ୍ତ୍ରଣାଳୟକୁ ରାଜ୍ୟଗୁଡ଼ିକ ଦେଇଥିବା ତଥ୍ୟରେ ମଧ୍ୟ ସମସ୍ୟା ରହିଛି। ସ୍ୱଷ୍ଟତଃ, ଏହି ସମସ୍ୟାଗୁଡ଼ିକ ଚିନ୍ତାଜନକ ଭାବେ ବୃଦ୍ଧିପାଇବା ଦ୍ୱାରା ଅର୍ଥ ସଚିବ ଟି.ଭି.ସୋମନାଥନ୍ ଏଥିରେ ହସ୍ତକ୍ଷେପ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ନିକଟରେ ସୋମନାଥନ୍ ସମସ୍ତ ମୁଖ୍ୟ ସଚିବଙ୍କୁ ସତର୍କ କରି କଡ଼ା ଚିଠି ଦେଇଛନ୍ତି। ଯେଉଁମାନେ ପାଣ୍ଠି ନେବା ଲାଗି ଭୁଲ୍ ତଥ୍ୟ ଦେବାରେ ଉତ୍ତରଦାୟୀ ହେବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଦର୍ଶାଇଛନ୍ତି। ମନ୍ତ୍ରଣାଳୟକୁ ଭୁଲ୍ ତଥ୍ୟ ଦିଆଯିବାର ଅନେକ ଦୃଷ୍ଟାନ୍ତ ସ୍ୱଷ୍ଟ ହୋଇଛି। ରାଜ୍ୟଗୁଡ଼ିକ ଜାଣିଶୁଣି କିମ୍ବା ବେପରୁଆ ଭାବେ ଏଭଳି ତଥ୍ୟ ଦେଇଥିଲେ। ଏହାଯୋଗୁ ଏକ ଘଟଣାରେ, ଗୋଟିଏ ସରକାର ଅମଳରେ ଏକ ରାଜ୍ୟ ଅଧିକ ପାଣ୍ଠି ନେଇଥିଲା ଏବଂ ସେଥିପାଇଁ ତା'ପର ସରକାର ସମୟରେ ସେହି ପରିମାଣ କମ୍ କରିବାକୁ ପଡ଼ିଲା, ଯାହା କେନ୍ଦ୍ର ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ଚିଠିରେ ସୋମନାଥନ୍ ସତର୍କ କରିଦେଇଛନ୍ତି ଯେ, ଯଦି କୌଣସି ରାଜ୍ୟ ଭୁଲ୍ ତଥ୍ୟ ଦାଖଲ କରିଥିବା ଜଣାପଡେ, ତେବେ ସମ୍ପୃକ୍ତ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବେ। ଏହା ସେମାନଙ୍କର ନିଯୁକ୍ତି ତାଲିକାରେ ପ୍ରବେଶ, କେନ୍ଦ୍ରୀୟ କିମ୍ବା ଅନ୍ତଃ କ୍ୟାଡର ଡେପୁଟେଶନ, ଏପରି କି ବିଦେଶ ପ୍ରଶିକ୍ଷଣ ଏବଂ ଦାୟିତ୍ୱକୁ ପ୍ରଭାବିତ କରିପାରେ। ଏହା ବାସ୍ତବରେ ଅତ୍ୟନ୍ତ କଠୋର ବାର୍ତ୍ତା। ଉଲ୍ଲେଖଯୋଗ୍ୟ, ମୋଦି ସରକାର ସମୟରେ ବେଆଇନ କାର୍ଯ୍ୟ, ଆୟବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଅକ୍ଷମତା ଲାଗି ବରିଷ୍ଠ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଧିକାରୀମାନଙ୍କୁ ଚାକିରିରୁ ବାହାର କରି ଦିଆଯାଇଛି। ଏଣୁ ବାବୁମାନେ ଏହାକୁ ସ୍ମରଣ କରି ଭଲ କାମ କରିପାରନ୍ତି।

### ମଜଭୁତ ପିଏମ୍‌ଓ

ପୂର୍ବତନ ପେଟ୍ରୋଲିୟମ୍ ସଚିବ ତରୁନ କପୁରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ଅଧିକାଂଶ ବାବୁ ପର୍ଯ୍ୟବେକ୍ଷକମାନଙ୍କ ପାଇଁ ଏହା ଆଶ୍ଚର୍ଯ୍ୟ କଥା ନୁହେଁ। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ଭାସ୍କର ଖୁଲ୍‌ବେଙ୍କୁ ଫେବୃୟାରୀରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପିଏମ୍‌ଓକୁ ଫେରିବେ ବୋଲି ଆଶା କରୁଥିଲେ। ମୋଦିଙ୍କ ଘନିଷ୍ଠ ଭାବେ କପୁର ବେଶ୍ ଜଣାଶୁଣା। ସେ ମହାମାରୀ ମୁକାବିଲାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ଏହା ପୂର୍ବରୁ ମୋଦିଙ୍କ ପ୍ରିୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା, ସହରରେ ଗ୍ୟାସ୍ ବିତରଣ ନେଟ୍‌ୱର୍କରେ ବିକାଶ ଆଣିବାରେ ସେ କଠୋର ପରିଶ୍ରମ କରିଥିଲେ। ଖୁବ୍ କମ୍ ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରୁ ସେ ଜଣେ, ଯିଏ କି ମନମୋହନ ସିଂ ଏବଂ ମୋଦି ସରକାରରେ କାର୍ଯ୍ୟ କରିଛନ୍ତି। ଶୁଣିବାକୁ ମିଳୁଛି ଯେ, ପିଏମ୍‌ଓରେ ହିମାଚଳପ୍ରଦେଶ କ୍ୟାଡର୍‌ର କପୁରଙ୍କ ନିଯୁକ୍ତି ଦ୍ୱାରା ଚଳିତ ବର୍ଷ ଶେଷ ଆଡକୁ ନିର୍ବାଚନ ହେବାକୁ ଥିବା ହିମାଚଳ ପ୍ରଦେଶରେ କିଛି କରାଯିବାର ଯୋଜନା କରାଯାଇପାରେ। କିନ୍ତୁ କପୁରଙ୍କ ବ୍ୟତୀତ, ମୋଦି ଦୁଇ ଅତିରିକ୍ତ ସଚିବ ଅତିଶ ଚନ୍ଦ୍ରା ଏବଂ ହରି ରଞ୍ଜନ ରାଓଙ୍କୁ ପିଏମ୍‌ଓରେ ପ୍ରବେଶ କରାଇ ଅତିରିକ୍ତ ସଚିବ ସଂଖ୍ୟା ୫କୁ ବୃଦ୍ଧି କରି ପିଏମ୍‌ଓକୁ ମଜଭୁତ କରିଛନ୍ତି। କିନ୍ତୁ ପିଏମ୍‌ଓରେ ୪ ଯୁଗ୍ମ ସଚିବ ରହିଛନ୍ତି। ତେବେ କେତେଜଣ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀଙ୍କୁ ପିଏମ୍‌ଓରେ ପ୍ରବେଶ କରାଇ ଏଭଳି ଅସମନ୍ୱୟକୁ ଶୀଘ୍ର ସୁଧାରି ନିଆଯିବ ବୋଲି କେତେକେ କହୁଛନ୍ତି।

### ଡିଓପିଟିରେ ପରିବର୍ତ୍ତନ

କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ର ସଚିବ ସ୍ତରୀୟ ଅଦଳବଦଳରେ ଜଣେ ନୂଆ ସଚିବଙ୍କ ନିଯୁକ୍ତିକୁ ନେଇ କେତେଜଣ ବାବୁ ବିଶେଷକରି କେନ୍ଦ୍ରୀୟ ସେକ୍ରେଟାରିଏଟ୍ ସର୍ଭିସ( ସିଏସ୍‌ଏସ୍) କ୍ୟାଡର୍‌ରୁ ଆସିଥିବା ଅଧିକାରୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ନୂଆ ନିଯୁକ୍ତି ପାଇଥିବା ସଚିବ ଏସ୍ ରାଧା ଚୌହାନଙ୍କୁ ପ୍ରଦୀପ କୁମାର ତ୍ରିପାଠୀଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ତ୍ରିପାଠୀଙ୍କୁ କ୍ୟାବିନେଟ୍ ସେକ୍ରେଟାରିଏଟ୍‌ରେ ସଚିବ(ସହଯୋଗ) ଭାବେ ବଦଳି କରାଯାଇଛି। ସିଏସ୍‌ଏସ୍ କ୍ୟାଡର୍ ବାବୁମାନଙ୍କ ମତରେ ତ୍ରିପାଠୀଙ୍କ ବଦଳି ସିଏସ୍‌ଏସ୍ ଅଧିକାରୀମାନଙ୍କର ଦୀର୍ଘଦିନ ହେବ ସ୍ଥଗିତ ଥିବା ପଦୋନ୍ନତି ବିଷୟ ସହ ସମ୍ପର୍କ ରହିଛି, ଯାହାକୁ ଉପରୁ ସ୍ୱଷ୍ଟ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଡିଓପିଟି ଦ୍ୱାରା ସମାଧାନ କରାଯାଇନାହିଁ। ଅନ୍ତତଃ ୨୦୧୪ରୁ ଡିଓପିଟିରେ ସଚିବମାନେ ସେବା ନିବୃତ୍ତ ହେବା ପର୍ଯ୍ୟନ୍ତ କାମ କରିଛନ୍ତି ଏବଂ କାର୍ଯ୍ୟକାଳ ମଧ୍ୟରେ ସେମାନଙ୍କୁ ପରିବର୍ତ୍ତନ କରାଯାଇନାହିଁ। କିନ୍ତୁ ତ୍ରିପାଠୀ ଜୁନ୍ ୨୦୨୪ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହି କାର୍ଯ୍ୟ କରିବାର ଥିଲେ ବି ତାଙ୍କୁ ବଦଳି କରାଗଲା। ତେବେ ତ୍ରିପାଠୀଙ୍କ ବଦଳି ପଛରେ ଅଧିକ କିଛି ସମ୍ଭାବ୍ୟ କାରଣ ନାହିଁ। ସୂତ୍ରରୁ ଜଣାପଡ଼ିଛି ଯେ, ଠିକ୍ ସମୟରେ କ୍ୟାବିନେଟ ସେକ୍ରେଟାରି ଭାବେ ତ୍ରିପାଠୀଙ୍କ ବଦଳିକୁ ଚଳିତ ଅଗଷ୍ଟରେ କାର୍ଯ୍ୟକାଳ ଶେଷ ହେବାକୁ ଥିବା କ୍ୟାବିନେଟ ସେକ୍ରେଟାରି ରାଜୀବ ଗୌବାଙ୍କ ପରିପ୍ରେକ୍ଷୀରେ ବିଚାର କରାଯିବା ଦରକାର। ସିଏସ୍‌ଏସ୍‌ର ଭିନ୍ନ ଢାଞ୍ଚା, ଡିଓପିଟି ଏବଂ ଏହାର ନୂଆ ସଚିବଙ୍କୁ ସେମାନଙ୍କ ଦାବି ଉପରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରେରିତ କରିବାର ଅଧିକ ସମ୍ଭାବନା ରହିଛି ବୋଲି କୁହାଯାଉଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 6 | | | | | 8 | | |
| 2 | | | 4 | | | 3 | 5 | |
| | | 7 | | | | 6 | | |
| | 1 | | | | | 5 | | 8 |
| 5 | | | 7 | 4 | | 1 | | |
| | | | 2 | 1 | | | | |
| | | 3 | | 8 | 7 | | | 9 |
| | | | | | | | | |
| 8 | 7 | 5 | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 1 | 6 | 2 | 9 | 5 | 8 |
| 9 | 8 | 1 | 4 | 5 | 3 | 2 | 7 | 6 |
| 6 | 2 | 5 | 9 | 7 | 8 | 4 | 3 | 1 |
| 7 | 5 | 6 | 8 | 3 | 9 | 1 | 4 | 2 |
| 3 | 4 | 8 | 2 | 1 | 6 | 7 | 9 | 5 |
| 1 | 9 | 2 | 7 | 4 | 5 | 6 | 8 | 3 |
| 2 | 7 | 4 | 3 | 8 | 1 | 5 | 6 | 9 |
| 5 | 1 | 3 | 6 | 9 | 7 | 8 | 2 | 4 |
| 8 | 6 | 9 | 5 | 2 | 4 | 3 | 1 | 7 |

ଗତକାଲିର ଉତ୍ତର

# ଶିକ୍ଷାରେ ଶ୍ରମର ଅର୍ଥନୈତିକ ବ୍ୟବହାର



ଅକ୍ଷୟ କୁମାର ମିଶ୍ର

ଅଭିଯୋଗ ହୁଏ ଆମ ଦେଶର ଶିକ୍ଷା ଏଯାଏ ଲର୍ଡ ମ୍ୟାକୁଲେଙ୍କ ଦ୍ୱାରା ପ୍ରଣୀତ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ ତଥା ଅନୁସରଣ କରିଚାଲିଛି। ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରାଯାଇ ନ ପାରେ। ଏଭଳି ଶିକ୍ଷା ବ୍ୟବସ୍ଥା ଯୋଗୁ ଶିକ୍ଷାର ଅସଲ ଉଦ୍ଦେଶ୍ୟ ସାଧିତ ହେଉ ନାହିଁ। ଶିକ୍ଷାପ୍ରାପ୍ତ ପରେ ଶିକ୍ଷାର୍ଥୀ କେମିତି ଖଣ୍ଡିଏ ଚାକିରି କରି ସୁଖ ସ୍ୱାଚ୍ଛନ୍ଦରେ ନିଜ ଜୀବନକୁ ଅତିବାହିତ କରିବ ତାହାହିଁ ତା'ର ମୂଳ ଲକ୍ଷ୍ୟ ବୋଲି ବିଚାର କରୁଛି। ଶିକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଛି ନା ମାନବୀୟ ଚେତନାର ଅଭିବୃଦ୍ଧିରେ ସ୍ୱୀୟ ଭୂମିକା ଗ୍ରହଣ କରିପାରୁଛି? ଏହି ଶିକ୍ଷା ସମସ୍ତଙ୍କ ପାଇଁ ରୋଜଗାରର ଗ୍ୟାରେଣ୍ଟି ସୃଷ୍ଟି କରିପାରୁଛି ନା ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଆଣି ଦେଉଛି ?

ଏବେ ଆଲୋଚନା କରିବା, ଆମ ପାଇଁ କେମିତି ଶିକ୍ଷା ବ୍ୟବସ୍ଥାଟିଏ ଜରୁରୀ ଥିଲା, କିନ୍ତୁ ହୋଇଛି କ'ଣ ? ପ୍ରାଥମିକ ଭାବେ ଏହାହିଁ କୁହାଯାଇ ପାରେ ଯେଉଁ ଶିକ୍ଷା ସମୟ ଓ ଶ୍ରମର ଉପଯୁକ୍ତ ବିନିଯୋଗ କରି ଅର୍ଥନୈତିକ ଦିଗ ସହ ପ୍ରତ୍ୟକ୍ଷ ଭାବରେ ଯୋଡି ହୋଇ ମଣିଷକୁ ଆତ୍ମନିର୍ଭରଶୀଳ କରି ଗଢିବା ସଙ୍ଗେସଙ୍ଗେ ମାନବୀୟ ଚେତନାରେ ଉଦ୍‌ବୁଦ୍ଧ କରିବ ଏବଂ ଏକ ଭଲ ମଣିଷରେ ପରିଣତ କରିପାରିବ ସେମିତି ଏକ ଶିକ୍ଷା ବ୍ୟବସ୍ଥା ଆମ ଦେଶ ପାଇଁ ଜରୁରୀ ଥିଲା। କିନ୍ତୁ ତାହା ନ ଘଟି ସ୍ୱାଧୀନୋତ୍ତର ଭାରତରେ ଯେତେ ସବୁ ଶିକ୍ଷା ବ୍ୟବସ୍ଥା ପ୍ରଣୟନ ହୋଇଛି ସେ ସବୁକୁ ବିଶ୍ଳେଷଣ କଲେ ମନେହୁଏ ଶିକ୍ଷାକୁ ମଣିଷର କେବଳ ବୌଦ୍ଧିକ ବିକାଶ ନିମନ୍ତେ ପ୍ରୟୋଗ କରାଯାଇଛି। ଅର୍ଥାତ୍ କେବଳ ମସ୍ତିଷ୍କର ବିକାଶ ପାଇଁ ବ୍ୟବହୃତ ହୋଇଛି। କିନ୍ତୁ ମସ୍ତିଷ୍କର ବିକାଶ ସହିତ ହୃଦୟର ବିକାଶ ଏବଂ ମାନସିକ ସ୍ତରର ସକାରାତ୍ମକ ମନୋଭାବର ଅଭ୍ୟୁଥାନ ନ ଘଟିଲେ ତାହା ଯେ ସାମୂହିକ ସ୍ୱାର୍ଥରେ ଉପଯୋଗ ହୋଇପାରେନା ଏକଥାକୁ ଆମେ ବୋଧହୁଏ ଭୁଲି ଯାଇଛନ୍ତି। ଅବଶ୍ୟ ଏଥିପାଇଁ ବହୁତ ତର୍ଜମା ହୋଇଛି। ଅନେକ କମିଶନ ବସିଛି। ଗଦା ଗଦା ରିପୋର୍ଟ ଆସିଛି। ପ୍ରଥମେ ପ୍ରଥମେ ପରିମାଣାତ୍ମକ ଅଭିବୃଦ୍ଧି ଦିଗରେ ଗୁରୁତ୍ୱ, ତା'ପରେ ଗୁଣାତ୍ମକ ଶିକ୍ଷା ଉପରେ ଦୃଷ୍ଟିନିବଦ୍ଧ କରାଯାଇଛି। ଏହା ଦ୍ୱାରା ଶିକ୍ଷିତ ହାର ବଢିଛି, ବୁଦ୍ଧିମତ୍ତାର ବିକାଶ ହୋଇଛି । ଅପରପକ୍ଷେ ଶିକ୍ଷିତ ବେକାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏହି ବେକାରି ସମସ୍ୟା ତ୍ରିମୁଖୀ ସଂକଟ ଯଥା– ପାରିବାରିକ, ସାମାଜିକ ଏବଂ ଅର୍ଥନୈତିକ ସଂକଟ ସୃଷ୍ଟିର କାରଣ ସାଜିଛି।



ଗାନ୍ଧିଜୀଙ୍କ ମତରେ ଶିକ୍ଷାର ଅର୍ଥ ସାକ୍ଷରତା ବଢାଇବା କିମ୍ବା କେବଳ ବୌଦ୍ଧିକ ବିକାଶ କରିବା ନୁହେଁ। ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୁଏ ଯେତେବେଳେ 3-H ଅର୍ଥାତ୍ ହେଡ, ହ୍ୟାଣ୍ଡ ଓ ହାର୍ଟର ସମନ୍ୱୟରେ ମଣିଷ ସ୍ୱାବଲମ୍ବୀ ହୋଇ ଛିଡା ହୁଏ ଏବଂ ସମାଜ ପ୍ରତି ତା'ର ଉତ୍ତମ ଯୋଗଦାନ ରଖେ। 'ସମାଜରୁ ଶିକ୍ଷା ଓ ସମାଜ ପାଇଁ ଶିକ୍ଷା' ହେଉଛି ଯଥାକ୍ରମେ ଆହରଣ ଓ ବିତରଣ କ୍ଷେତ୍ର ରୂପେ ବିଚାର କରି ବ୍ୟବସ୍ଥାକୁ ସଜାଡିଲେ ଶିକ୍ଷା ଆଉ ଅଣଉତ୍ପାଦିତ କ୍ଷେତ୍ର ନ ହୋଇ ଉତ୍ପାଦନର ଉତ୍ସ ଭାବରେ କାର୍ଯ୍ୟ କରିବ । କିନ୍ତୁ ବିଡ଼ମ୍ବନା ହେଉଛି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀଟି କେବଳ ପୁସ୍ତକଗତ ଜ୍ଞାନ ଆହରଣ କରିବାକୁ ବାଧ୍ୟ ହୁଏ, ଯାହା ପ୍ରତି ତା'ର ଆଗ୍ରହ ଥାଉ ବା ନ ଥାଉ। ପୁନଶ୍ଚ ପନ୍ଦର ସତର ବର୍ଷ ଧରି ଯେଉଁ ଜ୍ଞାନ ଆହରଣ କରେ ତାହା ଭବିଷ୍ୟତ ଜୀବନରେ କାମରେ ଲାଗେ ନାହିଁ ଯଦି ସେ ତଥାକଥିତ ନିଯୁକ୍ତିରୁ ବଞ୍ଚିତ ହୁଏ। ଗୋଟିଏ କଥାରେ କହିବାକୁ ଗଲେ ଶିକ୍ଷା ପ୍ରାପ୍ତି ପାଇଁ ସେ ଯେଉଁ ମୂଲ୍ୟବାନ ସମୟ ତକ ବିନିଯୋଗ କଲା ଏବଂ ମାନସିକ ଶ୍ରମଦାନ କଲା ତାହା ତା'ର ଅର୍ଥନୈତିକ ଅଭିବୃଦ୍ଧିରେ ସାହାଯ୍ୟ କଲା ନାହିଁ। ଆମ ପାଠ୍ୟ ଖସଡା ଆମ ସମାଜକୁ ନେଇ ତିଆରି ହୋଇନାହିଁ କି ସମାଜ ପାଇଁ ଉପଯୋଗୀ ନୁହେଁ ଏକଥା ସହଜରେ ବୁଝିହୁଏ।

ଶିକ୍ଷା ମଣିଷକୁ ଜୀବିକା ଯୋଗାଇବା କ୍ଷେତ୍ରରେ ସର୍ବଶ୍ରେଷ୍ଠ ମାଧ୍ୟମ ହେବା ଆବଶ୍ୟକ। ଆମ ଦୁର୍ଭାଗ୍ୟ ହେଉଛି ଶ୍ରେଣୀ କକ୍ଷରେ ଯାହା ପଢ଼ାହୁଏ ଏବଂ ପାଠ୍ୟ ଖସଡ଼ା ଯେମିତି ପ୍ରସ୍ତୁତ କରାଯାଇଛି ତାହା ବାସ୍ତବ ଜୀବନ ପାଇଁ କେତେ ଉପଯୋଗୀ କାହାକୁ ଅଛପା ନାହିଁ। ଅଥଚ ଯେଉଁସବୁ ବୃତ୍ତି ଉପରେ ନିର୍ଭର କରି ଲକ୍ଷ ଲକ୍ଷ ଲୋକ ଜୀବିକା ନିର୍ବାହ କରୁଥିଲେ ତାହା କ୍ରମେ ହଜିଯାଉଛି। ସମସ୍ତ ବୃତ୍ତିକୁ ବ୍ରତରେ ପରିଣତ କରିବା ପାଇଁ ଯେଉଁ ପ୍ରବୃତ୍ତି ଲୋଡା ତାହା ସୃଷ୍ଟି କରିଥାଏ ଶିକ୍ଷା। କିନ୍ତୁ ଶିକ୍ଷାରେ ଏସବୁର ସ୍ଥାନ ନାହିଁ। ଯଦି ଆଗ୍ରହ ଭିତ୍ତିରେ ମାଟି ନିର୍ମିତ ପାତ୍ର, ପଥର ମୂର୍ତ୍ତି ଗଢା, ସିଲେଇ କାମ, ବଢେଇ କାମ, ଲୁଗା ବୁଣା, କଣ୍ଢେଇ ତିଆରି କରିବା ଆଦି ଶିକ୍ଷା ପ୍ରାଥମିକ ସ୍ତରରୁ ଦିଆହୁଅନ୍ତା ତେବେ ଉପାର୍ଜନର ବିକଳ୍ପ ମାର୍ଗ ଯୁବଶକ୍ତିକୁ ଆତ୍ମନିର୍ଭରଶୀଳ କରି ଗଢିତୋଳନ୍ତା। ଦ୍ୱିତୀୟରେ ପିଲାମାନଙ୍କ ନିକଟରେ ଥିବା ଅନନ୍ୟ ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରିବା ଏବଂ ତା'ର ଉନ୍ମେଷ କରିବା ଶିକ୍ଷା ପଦ୍ଧତିର ଅନ୍ତଃସ୍ୱର ହେବା ଉଚିତ। ବୋଧହୁଏ ଏଇଥିପାଇଁ ଆମ ରାଜ୍ୟରେ କିଛି ବିଦ୍ୟାଳୟରେ ସରକାର କଳା ଶିକ୍ଷକ ନାମରେ ଦକ୍ଷତା ଥିବା ଯୁବକଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇଛନ୍ତି। ସବୁ ସ୍କୁଲରେ ନୁହେଁ, ଏମାନେ କ'ଣ ପଢାଇବେ ସେଥିପାଇଁ ପାଠ୍ୟ ଖସଡା ମଧ୍ୟ ନାହିଁ। ଫଳରେ ସ୍କୁଲର ପ୍ରଧାନ ଶିକ୍ଷକମାନେ ଏମାନଙ୍କୁ ସେହି ପାରମ୍ପରିକ ଶିକ୍ଷା ପ୍ରଦାନରେ ନିୟୋଜିତ କରି ଶିକ୍ଷକ ଅଭାବଜନିତ ସମସ୍ୟାକୁ କିଛି ପରିମାଣରେ ଲାଘବ କରୁଛନ୍ତି। ଯଦି ପିଲାମାନେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଅଭିନୟ ଆଦିରେ ତାଲିମ ପାଇ ପାରଦର୍ଶିତା ପ୍ରତିପାଦିତ କରି ପାରନ୍ତେ ତେବେ ଅର୍ଥନୈତିକ ଦୁଃସ୍ଥିତିରୁ ମୁକ୍ତି ପାଇବାର ପଥ ନିଜେ ଖୋଜି ନିଅନ୍ତେ। ତୃତୀୟରେ ଆମ ଦେଶ ଡିଜିଟାଲ ଦୁନିଆରେ ପ୍ରବେଶ କରିସାରିଛି ବୋଲି ଆମେ କହୁଛନ୍ତି। କିନ୍ତୁ ଶିକ୍ଷା କ୍ଷେତ୍ରରେ ସେମିତି ସୂଚନା ନାହିଁ। ୨୦୧୫ରେ ଆମ ରାଜ୍ୟର ଗଣଶିକ୍ଷା ବିଭାଗ ତରଫରୁ କିଛି ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇଦେବା ସହିତ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦିଆଗଲା । କିନ୍ତୁ କମ୍ପ୍ୟୁଟର ଶିକ୍ଷାର ସୁଯୋଗ ସୃଷ୍ଟି କରାଗଲା ନାହିଁ। ପାଞ୍ଚବର୍ଷ ପରେ ସେହି ଶିକ୍ଷକମାନଙ୍କୁ ଛଟେଇ କରିଦିଆଗଲା। ଏବେ କୋଟି କୋଟି ଟଙ୍କାର କମ୍ପ୍ୟୁଟର କେଉଁ କାମରେ ଲାଗୁଛି ପଚାରିଲେ ଉତ୍ତର ପାଇବା କଷ୍ଟ। ଯଦି ସତସତିକା ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆ ହୁଅନ୍ତା ତେବେ ଚାକିରି ପାଇଁ ଆଜି ଯେଉଁ ଲମ୍ବା ଲାଇନ ଲାଗୁଛି ତାହା କିଛି ପରିମାଣରେ କମ୍ ହୁଅନ୍ତାନି କି? ଯେଉଁ ପିଲାମାନେ ପାଠରେ ଦୁର୍ବଳ ଅଥଚ ଅନ୍ୟ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିପାରୁଛନ୍ତି ସେମାନଙ୍କୁ ସେହି ସେହି କ୍ଷେତ୍ରରେ ପାରଙ୍ଗମ କରିପାରିଲେ ସେମାନେ ଜଣେ ଜଣେ କୁଶଳୀ କାରିଗର, ନିପୁଣ ନୃତ୍ୟଶିଳ୍ପୀ, ପ୍ରଖ୍ୟାତ କଣ୍ଠଶିଳ୍ପୀ, ଲୋକପ୍ରିୟ ଅଭିନେତା,ଚିତ୍ତାକର୍ଷକ ଚିତ୍ରଶିଳ୍ପୀ, ଦକ୍ଷ ଡାଟାଅପରେଟର ରୂପେ ଦଣ୍ଡାୟମାନ ହେବେ। ଶିକ୍ଷା ଯେ ସର୍ବାଙ୍ଗୀନ ବିକାଶର ଶ୍ରେଷ୍ଠ ମାଧ୍ୟମ ଏଥିରେ ଆଉ ଦ୍ୱନ୍ଦ୍ୱ ରହିବ ନାହିଁ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓସ୍ଟା
ମୋ– ୭୦୦୮୦୭୩୫୯୯

# ଠକାମି ପ୍ରତିଯୋଗିତା



ରବିନାରାୟଣ ସାମଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ 'ସ୍ୱଚ୍ଛ ଭାରତ ଅଭିଯାନ' ଆରମ୍ଭ କଲେ। ଗ୍ରାମଗୁଡ଼ିକୁ ବାହ୍ୟ ମଳମୁକ୍ତ କରିବାକୁ ଆହ୍ୱାନ ଦେଲେ। ବେଶ୍ କିଛି ଲୋକ ଏଥିରେ ଅନୁପ୍ରାଣିତ ହେଲେ। ରାସ୍ତାଘାଟ, ମନ୍ଦିର, ମସ୍‌ଜିଦ୍, ସ୍କୁଲ୍, କଲେଜ ସଫେଇ କରାଗଲା। ମାତ୍ର କେତେକ ନେତୃସ୍ଥାନୀୟ ଝାଡୁ ମାରି ଫଟୋ ଉଠାଇଲେ। ଘରେ ଘରେ ପାଇଖାନା ତିଆରି ହେଲା। ଗୋଟିଏ ପାଇଖାନାକୁ ଦେଖାଇ ଦୁଇ-ଚାରି ଜଣ ବିଲ୍ କରାଇ ନେଲେ। ଗାଁ ଶେଷ ମୁଣ୍ଡରେ 'ବାହ୍ୟ ମଳମୁକ୍ତ ଗ୍ରାମ' ବୋର୍ଡ ଲଗାଇ ଦିଆଗଲା। ଅଥଚ ଅଧିକାଂଶ ଗ୍ରାମବାସୀ ସେମାନଙ୍କ ପୁରୁଣା ଅଭ୍ୟାସ ଛାଡ଼ିଲେ ନାହିଁ।

ଖୋଦ୍ ଭୁବନେଶ୍ୱରର ଏକାମ୍ର ବିହାର ଅଞ୍ଚଳରେ ରାସ୍ତା କାମ ହେଲା। ତିନି ଦିନ ବିତି ଯାଇଥିଲେ ମଧ୍ୟ ସିମେଣ୍ଟ-ଗୋଡ଼ି ସେଟ୍ ଧରିଲା ନାହିଁ। ଲୋକେ ତାହାକୁ ଖୋଳି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ସେହିପରି କେନ୍ଦ୍ରାପଡ଼ାର ଗୋଟିଏ ରାସ୍ତାରେ ଫଡ଼ା ଫଡ଼ା ପିଚୁ ଉଠୁଥିବାର ଦୃଶ୍ୟ ମଧ୍ୟ ଭାଇରାଲ ହୋଇଥିଲା। ମହାକାଳପଡ଼ା ଅଞ୍ଚଳରେ ବୃକ୍ଷରୋପଣର ନାଁଗନ୍ଧ ନାହିଁ, ଅଥଚ ୯ ଲକ୍ଷ ଟଙ୍କାର ବିଲ୍ ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ୟାସ୍ ବାତ୍ୟା ପରେ ଗାଁ ଗଣ୍ଡା, ରାସ୍ତାଘାଟ, ସ୍କୁଲ, କଲେଜ ହତାରେ ଯୁଦ୍ଧକାଳୀନ ଭିତ୍ତିରେ ବୃକ୍ଷରୋପଣ କରାଗଲା। ଦିନ କେଇଟା ପରେ ଆବଦ୍ଧ ହୋଇଥିବା ଘୋଡ଼ରା ଥିଲା, ଗଛ ନ ଥିଲା। ଲକ୍ଷ ଲକ୍ଷ ଟଙ୍କା ରାଜକୋଷରୁ ଖର୍ଚ୍ଚ ହେଲା, କିନ୍ତୁ ଗଛ ବଞ୍ଚିଲା ନାହିଁ। ମନରେଗା କାମ ତ ସର୍ବତ୍ର ଚାଲିଛି। ଦୁର୍ନୀତି ଓ ଅର୍ଥ ତୋସରପାତ ସୀମାତୀତ ହୋଇଯାଇଛି। ଏଥିଯୋଗୁ କେତେକ କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବିତ ହେବାକୁ ପଡ଼ିଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ନ କହିବା ଭଲ। କେତେକ ଶିକ୍ଷକ ପାଠ ନ ପଢ଼ାଇ ଦରମା ନେଉଥିବା ବେଳେ ଘରୋଇ ନର୍ସିଂ ହୋମ୍‌ରେ ମଲା ମଣିଷକୁ ଆଇସିୟୁରେ ରଖି ଅର୍ଥ ଆଦାୟ କରାଯାଉଛି। ପ୍ରାୟ ପ୍ରତ୍ୟେକ ଗାଁଗଣ୍ଡାରେ କୁଜିନେତାମାନେ ଦଶ-କୋଡ଼ିଏ ହଜାର ନେଇ ଇନ୍ଦିରା ଆବାସ, ବିଜୁ ପକ୍କାଘର କରାଇ ଦେଉଛନ୍ତି। ଗୋଟିଏ ଗୋଟିଏ ପରିବାର ବି ଦୁଇତିନିଟି ଆବାସ ପାଇଥିବା ଦେଖିବାକୁ ମିଳୁଛି। କର୍ମୀ ସମ୍ମିଳନୀରେ କେତେକ ଲୋକ ଏହି କଥା ଦର୍ଶାଇ ବଡ଼ନେତାଙ୍କ ଦୃଷ୍ଟି ଆକର୍ଷଣ କଲେ। ''ତୁମମାନଙ୍କ ଦ୍ୱାରା ତ ଏହି କାମ ହୋଇପାରିବ ନାହିଁ। ବେକାର ଯୁବକମାନେ ଧାଁ ଦୌଡ଼ କରି ତୁମ କାମ କରାଇ ଦେଲେ। ସେଥିପାଇଁ ସେମାନେ ଦଶ-କୋଡ଼ିଏ ନେଲେ। ଅସୁବିଧା କେଉଁଠି ରହିଲା ? ସେମାନେ ପୁଣି ଚଳିବେ ତ ?''– ଏଥିଲା କର୍ମୀ ସମ୍ମିଳନୀରେ ନେତାଙ୍କ ଉତ୍ତର।

ଟେଲିକମ୍ କମ୍ପାନୀମାନେ କଷ୍ଟମର୍‌ମାନଙ୍କୁ ସେବା ଯୋଗାଇ ଦେବାକୁ ପ୍ରତିଯୋଗିତା କରୁଛନ୍ତି। ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ନେଇ ନିର୍ଦ୍ଦିଷ୍ଟ ସମୟ ସୀମା ପାଇଁ ରିଚାର୍ଜ କରି ଦେଉଛନ୍ତି। ନେଟ୍‌ୱର୍କ ନ ଥିଲେ କଷ୍ଟମର୍ କ୍ଷତିଗ୍ରସ୍ତ ହୁଏ, କିନ୍ତୁ କମ୍ପାନୀ ଲାଭରୁ ପଇସା ଛାଡ଼େ ନାହିଁ। ବିଦ୍ୟୁତ୍ କ୍ଷେତ୍ରରେ ମଧ୍ୟ ଠକେଇ ସର୍ବତ୍ର ଚାଲିଛି। କେତେକ ଗ୍ରାହକ ବାଇପାସ୍ କରି କିମ୍ବା ମିଟରରେ ଟାମ୍ପରିଂ କରି କମ୍ପାନୀକୁ ଠକୁଛନ୍ତି। କମ୍ପାନୀ ବିଲ୍ ଦେବା ବିଳମ୍ବ କରି କଷ୍ଟମର୍‌ଙ୍କଠାରୁ ସ୍ଲାବ୍ ଅନୁଯାୟୀ ଅଧିକ ଅର୍ଥ ଆଦାୟ କରୁଥିବା ମଧ୍ୟ ବାରମ୍ବାର ଅଭିଯୋଗ ହେଉଛି।



ସରକାରୀ କର୍ମଚାରୀମାନେ ଜନସାଧାରଣଙ୍କୁ କିପରି ଠକୁଛନ୍ତି, ସମସ୍ତେ ତା'ର ଭୁକ୍ତଭୋଗୀ। ବିଳମ୍ବରେ ଅଫିସ୍‌କୁ ଆସିବା ଓ ସହଳ ଅଫିସ୍‌ରୁ ପଳାଇବା ସେମାନଙ୍କର ଗୋଟିଏ ପରମ୍ପରା। ତା ସତ୍ତ୍ୱେ ସେମାନଙ୍କ ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ନାହିଁ। ହାତଗୁଞ୍ଜା ନ ଦେଲେ ସେମାନେ ଲୋକଙ୍କ କାମ କରନ୍ତି ନାହିଁ। ସେମାନେ ରାଜକୋଷରୁ ବିଭିନ୍ନ ଉପାୟରେ କୋଟି କୋଟି ଟଙ୍କା ଠକି ନିଅନ୍ତି, ସାଧାରଣ ଲୋକେ ସେମାନଙ୍କ ଉତ୍ପାତରେ ତ୍ରାହି ତ୍ରାହି ଡାକୁଛନ୍ତି।

ଚିଟ୍ ଫଣ୍ଡ ଦୁର୍ନୀତି କଥା ଆମ ସମସ୍ତଙ୍କୁ ଜଣାଅଛି। ଆମ ଭିତରୁ ଅନେକ ଏହି ଠକାମିର ଶିକାର ହୋଇଛନ୍ତି। ନୀରବ ମୋଦି, ମେହୁଲ୍ ଚୋକ୍ସି ଭଳି ଠକମାନେ ସାରା ଦେଶଟା ଆଖିରେ ଧୂଳି ଦେଇ ବିଦେଶକୁ ପଳାଇଛନ୍ତି। ଚୋର ପଳାଇଲା ପରେ ଆମେ ସବୁ ହୋ-ହଲ୍ଲା କରୁଛୁ। ପାରଡାଇଜ୍ ପେପର୍ସ, ପାନାମା ପେପର୍ସ ପରେ ଏବେ ପାଣ୍ଡୋରା ପେପର୍ସର ପେଡ଼ି ଖୋଲିଛି। ରାଜନେତାଙ୍କଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ଟିକସ ଫାଙ୍କିବାକୁ ବିଦେଶୀ ବ୍ୟାଙ୍କ୍‌ରେ ଅର୍ଥ ଲୁଚାଇ ରଖିଛନ୍ତି। ସେମାନଙ୍କୁ ଧରିବାକୁ କମିଶନ ବି ବସିଛି, ଅଥଚ ଆମେ ସେମାନଙ୍କୁ ସ୍ପର୍ଶ କରିପାରୁ ନାହୁଁ।

ଗ୍ରାହକ ଓ ବ୍ୟବସାୟୀଙ୍କ ଭିତରେ ଦ୍ୱନ୍ଦ୍ୱ ଉତ୍କଟ ରୂପ ଧାରଣ କରିଛି। ସୂଚନାପ୍ରଯୁକ୍ତି ବିଦ୍ୟାର ପ୍ରସାର ଫଳରେ ଅନ୍‌ଲାଇନ ଠକାମି ବ୍ୟାପକ ହେଉଛି। ଅନ୍‌ଲାଇନରେ ଆପଣ ଗୋଟିଏ ସାମଗ୍ରୀ କିଣିଲେ ଠକିଯିବାର ବହୁତ ସମ୍ଭାବନା ଅଛି। ସାଇବର୍ ଠକମାନେ ମୋବାଇଲ୍ ନମ୍ବର ନେଇ ଲୋକଙ୍କ ବ୍ୟକ୍ତିଗତ ଆକାଉଣ୍ଟ୍‌କୁ ଫାଙ୍କା କରି ଦେଉଛନ୍ତି। ସାମାଜିକ ଗଣମାଧ୍ୟମ ଯୋଗୁ ବ୍ୟବହାରକାରୀଙ୍କ ସାମାଜିକ ତଥା ପାରିବାରିକ ସ୍ଥିତି ଉଚ୍ଛନ୍ନ ହୋଇଯାଉଛି।

ଖାଦ୍ୟ ସାମଗ୍ରୀରେ ଠକାମି ସର୍ବତ୍ର ପରିଦୃଷ୍ଟ ହେଉଛି। ପ୍ରଶାସନିକ ସ୍ଥାଣୁତାର ସୁଯୋଗ ନେଇ ବ୍ୟବସାୟୀମାନେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି । ଏକ ନମ୍ବର ସାମଗ୍ରୀର ଦାମ୍ ନେଇ ଗ୍ରାହକଙ୍କୁ ଦୁଇ ନମ୍ବର ସାମଗ୍ରୀ ଦେଉଛନ୍ତି। ଏହିସବୁ କଥାକୁ ବିଚାରକୁ ନେଲେ ସାରା ଦେଶଟାରେ ପରସ୍ପରକୁ ଠକିବାକୁ ସତେଯେମିତି ଏକ ପ୍ରବଳ ପ୍ରତିଯୋଗିତା ଚାଲିଛି। ଯିଏ ଯେତେ ଠକି ପାରିଲା ସିଏ ସେତେ ପ୍ରତିଷ୍ଠା ଲାଭ କରୁଛି। ରାଜନେତାମାନେ ଏ କ୍ଷେତ୍ରରେ ସର୍ବାଗ୍ରେ ଅଛନ୍ତି। ଦେଶର କୋଟି କୋଟି ଜନତାଙ୍କୁ ସେମାନେ ଭକୁଆ ବନାଇ ରଖିଛନ୍ତି। ଆମେ ହାଁ'ଟା କରି ଚାହିଁଛୁ, ପାଞ୍ଚ ବର୍ଷ ନ ପୂରୁଣୁ ସବୁ କିଛି ପାସୋରି ଦେଉଛନ୍ତି।

ଆମ ଭିତରେ ଠକିବାର ମନୋବୃତ୍ତି ପ୍ରବଳ। ପରସ୍ପରକୁ ଠକିବା ଭିତରେ ଆମେ ନିଜକୁ ଠକୁଛୁ, ସମାଜକୁ ଠକୁଛୁ, ଦେଶକୁ ବି ଠକୁଛୁ। ଠକାମିଟା ଏକରକମ ସାର୍ବଜନୀନ ହୋଇଯାଇଛି। ଖୁବ୍ କମ୍ ସଂଖ୍ୟକ ସ୍ୱାଭିମାନୀ ବ୍ୟକ୍ତି ଏଥିରୁ ବିରତ ରହିଛନ୍ତି। ଏହି ଠକାମି ପାଇଁ କେହି ହୁଏତ ବ୍ୟକ୍ତିଗତ ଭାବେ ଦାୟୀ ହୋଇପାରନ୍ତି, ତା ସତ୍ତ୍ୱେ ଆମର ପ୍ରବର୍ତ୍ତିତ ସମାଜ ବ୍ୟବସ୍ଥା ଏଥିପାଇଁ ମୁଖ୍ୟତଃ ଦାୟୀ। ସେଥିଯୋଗୁ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଘଟୁଛି। ବ୍ୟକ୍ତିଗତ ଫାଇଦା ପାଇଁ ଆମେ ସମାଜ ତଥା ଦେଶର ସ୍ୱାର୍ଥ କଥା ଭୁଲି ଯାଉଛୁ। ଆମେ ଯଦି ସମାଜକୁ ଭଲ ପାଇବା, ଦେଶକୁ ଭଲ ପାଇବା ଓ ମଣିଷକୁ ଭଲ ପାଇବା, ତେବେ ଠକାମିର ବ୍ୟାପକତାକୁ ବହୁ ମାତ୍ରାରେ ପ୍ରତିରୋଧ କରିପାରିବା।

ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

ସମୟ ସଫଳତା ପାଇଁ ବାଟ କଢ଼ାଇନିଏ, ନୂତନତ୍ୱର କାରଣ ପାଲଟେ; ଯାହା ହୋଇଛି ମହାରାଷ୍ଟ୍ରର ଏକ ଇଞ୍ଜିନିୟର ଦମ୍ପତିଙ୍କ ଜୀବନରେ। ତୁକାରାମ ସୋନ୍ଓ୍ୱାନେ ଏବଂ ସୋନାଲ ଭିଲ୍‌ଜାଲି ଲକ୍‌ଡାଉନ ସମୟରେ ସେମାନଙ୍କ ଗାଁକୁ ଫେରିବା ପରେ ଚାଷୀମାନଙ୍କ ସୁବିଧା ପାଇଁ 'ଇଲେକ୍‌ଟ୍ରିକ ବୁଲ୍' ବା 'ବିଦ୍ୟୁତ୍‌ଚାଳିତ ବଳଦ' ନିର୍ମାଣ କରିଛନ୍ତି। ଏଥିରେ ହଳ କରିବା, ବିହନ ବୁଣିବା, ଚାରା ଲଗାଇବା, କୀଟନାଶକ ସିଞ୍ଚନ କରିବା ଆଦି କାମ ହୋଇପାରୁଛି। ଟ୍ରାକ୍ଟର ଖର୍ଚ୍ଚର ୧ ଦଶମାଂଶ ଖର୍ଚ୍ଚରେ ଏସବୁ କାମ କରିପାରୁଛି। ତୁକାରାମ ଜଣେ ମେକାନିକାଲ ଇଞ୍ଜିନିୟର ଓ ସୋନାଲ ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର। ଉଭୟେ ପୁଣେରେ କାମ କରୁଥିଲେ। ଲକ୍‌ଡାଉନ ସମୟରେ ସେମାନଙ୍କ ଗାଁ ଅନ୍ଦରସୁଲ୍‌କୁ ଫେରି ଆସିଥିଲେ। ଘରେ ରହି କାମ କରିବା ସହ ସେମାନେ ଚାଷୀମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଚାଷୀମାନଙ୍କ ସୁବିଧା ଲାଗି ଦିନରାତି ଏକକରି ଏହି 'ଇଲେକ୍‌ଟ୍ରିକ ବୁଲ୍' ନିର୍ମାଣ କରିଛନ୍ତି। ସାଙ୍ଗଙ୍କ ଦୋକାନ ଓ ସ୍କ୍ରାପ୍‌ରୁ ଉପକରଣ ଯୋଗାଡ଼ କରି ସେମାନେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି। ଟ୍ରାଏଲ କରିବା ପରେ ସେମାନେ ଏହାକୁ ସେଣ୍ଟର୍ ଫର୍ ଏକ୍ସଲେନ୍ସ ମୋଶନରେ ସାମିଲ କରିଥିଲେ। ପରେ ମହାରାଷ୍ଟ୍ର ସରକାରଙ୍କ ସହଯୋଗରେ ଅଧିକ ଉତ୍ପାଦନ କରିବାକୁ କାମ ଆରମ୍ଭ କରିଦେଇଛନ୍ତି। ପ୍ରଥମେ ସେମାନେ ଏହାକୁ ଜୀବାଶ୍ମ ଇନ୍ଧନରେ ଚାଳିବା ବ୍ୟବସ୍ଥା କରିଥିଲେ । କିନ୍ତୁ ପରେ ବିଦ୍ୟୁତ୍‌ରେ ଚାଳିବାର ବ୍ୟବସ୍ଥା କରିଛନ୍ତି, ଯେଉଁଥିଲାଗି ଏହାର ନାମ ରଖାଯାଇଛି ଇଲେକ୍‌ଟ୍ରିକ ବୁଲ୍। ଏହାକୁ ବ୍ୟବସାୟିକ ଲକ୍ଷ୍ୟରେ ଉତ୍ପାଦନ କରିବା ଲାଗି ଏହି ଦମ୍ପତି ମଧ୍ୟ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୯୭

- ପେରୁ ପଣବନ୍ଦୀ ଘଟଣା ପାଇଁ ନିଜକୁ ଦାୟୀ କରି ପେରୁଠାରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମୋରିହିସା ଆଓକିଙ୍କ ଇସ୍ତଫା।
- ହରିୟାଣାର ପଶୁପାଳନ ବିଭାଗ ମନ୍ତ୍ରୀ ହର ମହିନ୍ଦରଙ୍କ ୬୧ ବର୍ଷ ବୟସରେ ପରଲୋକ।
- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍.ଏମ୍.ଟି.ସି. ଲିମିଟେଡ୍ ଦ୍ୱାରା ୧୫୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠା ହେବାକୁ ଯାଉଥିବା ନୀଳାଚଳ ଇସ୍ପାତ ପ୍ରକଳ୍ପକୁ କେନ୍ଦ୍ରୀୟ ମଞ୍ଜୁରି।

## ପାଠକ ଶ୍ରେଷ୍ଠ ବିଚାରକ

### ସନ୍ତରଣ ଶିକ୍ଷା ଦିଆଯାଉ

ମହାଶୟ,

ଗତ ୧୦ବର୍ଷ ମଧ୍ୟରେ ପାଣିରେ ବୁଡ଼ି ବହୁ ଯୁବକ ଓ ଛାତ୍ର ମୃତ୍ୟୁବରଣ କରିଛନ୍ତି। ସମୁଦ୍ର ଓ ନଦୀ ଅଶାନ୍ତ ହେଉଥିବା ବେଳେ ପର୍ଯ୍ୟଟକମାନେ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ଅସାବଧାନତାରୁ ଏମାନଙ୍କର ମୃତ୍ୟୁ ହଉଛି। ୧୯୧୨ରୁ ଆଜି ପର୍ଯ୍ୟନ୍ତ ବହୁ ବ୍ୟକ୍ତି ମୃତ୍ୟୁର ଶିକାର ହେଉଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉଥିବାର ଦେଖାଯାଉନାହିଁ। ବହୁ ମେଧାବୀ ଛାତ୍ରୀଛାତ୍ର, ଇଞ୍ଜିନିୟର, ଡାକ୍ତର ଓ ବୈଜ୍ଞାନିକ ଗତ ୧୦ବର୍ଷ ମଧ୍ୟରେ ସଲୀଳ ସମାଧି ପାଇଛନ୍ତି। ନିକଟରେ ଇସ୍ରୋ ବାଙ୍ଗାଲୋରରେ କାର୍ଯ୍ୟରତ ଯୁବ ବୈଜ୍ଞାନିକ ନୀହାର ରଞ୍ଜନ ପ୍ରଧାନ ନିଜ ଗ୍ରାମ ବରଗଡ଼ ଜିଲା ଝାରପାଲ୍ଲୀ ପୁଷ୍କରିଣୀରେ ସ୍ନାନ କରୁଥିବା ବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଦେଶର ଭବିଷ୍ୟତ ଯୁବ ଛାତ୍ର ସାମାନ୍ୟ ଅସାବଧାନତା ଯୋଗୁ ସେମାନଙ୍କର ମୂଲ୍ୟବାନ ଜୀବନ ହରାଉଛନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସନ୍ତରଣ ଶିକ୍ଷା ଦିଆଗଲେ ଛାତ୍ରୀଛାତ୍ର ଆତ୍ମରକ୍ଷା କରିବା ସଙ୍ଗେ ସଙ୍ଗେ ବନ୍ୟା ବିପର୍ଯ୍ୟୟ ସମୟରେ ଅନ୍ୟକୁ ଉଦ୍ଧାର କରିପାରିବେ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

–ନିର୍ମଳ ଚନ୍ଦ୍ର ସାମଲ, ପୋଖରିପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ପାରୁଶରେ ମୋର ପକ୍ୱଶାଳୀ
ପଡ଼ିଅଛି ନଇଁ
ରହି ରହି
ଅଦୂର ସେ ନଦୀକୋଳୁଁ ଆସଇ ବାରତା
ବିଶ୍ୱର ଅବିନଶ୍ୱର କି ନିଗୂଢ଼ ବ୍ୟଥା !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟ ସଭା ଉପନିର୍ବାଚନ: ସୁବାସ ସିଂଙ୍କ ଖାଲି ଆସନ ଲାଗି ବିଜ୍ଞପ୍ତି

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

- ଜୁନ୍ ୨ରେ ନାମାଙ୍କନ
- ଜୁନ୍ ୧୩ରେ ହେବ ମତଦାନ

ସୁବାସ ସିଂଙ୍କ ଇସ୍ତଫା ଯୋଗୁ ଖାଲି ପଡ଼ିଥିବା ରାଜ୍ୟ ସଭା ଆସନ ସକାଶେ ଶୁକ୍ରବାର ଭାରତର ନିର୍ବାଚନ କମିଶନ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମେ' ୨୬ ତାରିଖରେ ଏଥିପାଇଁ ବିଜ୍ଞପ୍ତି ଜାରି କରାଯିବ। ଜୁନ୍ ୨ ତାରିଖରେ ନାମାଙ୍କନପତ୍ର ଦାଖଲ ଶେଷ ହେବ। ୩ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଓ ଜୁନ୍ ୬ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିବସ ରଖାଯାଇଛି। ଜୁନ୍ ୧୩ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଭୋଟ ଗ୍ରହଣ ଓ ସେହିଦିନ ଅପରାହ୍ଣ ୫ରେ ଭୋଟ ଗଣତି ହେବ। ଜୁନ୍ ୧୭ ତାରିଖ ପୂର୍ବରୁ ସମସ୍ତ ପ୍ରକାର ଉପନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କଟକ ମେୟର ପଦବୀ ପାଇଁ ସୁବାସ ରାଜ୍ୟ ସଭା ସଦସ୍ୟ ପଦରୁ ୨୦୨୨ ଏପ୍ରିଲ ୨୨ ତାରିଖରେ ଇସ୍ତଫା ଦେଇଥିଲେ। ସେ ୨୦୨୦ ମାର୍ଚ୍ଚ ୨୪ ତାରିଖରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୬ରେ ଶେଷ ହୋଇଥାଆନ୍ତା। ମାତ୍ର ୨ ବର୍ଷ ପରେ ତାଙ୍କୁ ଏହି ପଦବୀରୁ ଇସ୍ତଫା ଦେବାକୁ ପଡ଼ିଥିଲା।

ଜୁନ୍ ୧୦ ତାରିଖରେ ୧୫ ରାଜ୍ୟର ୫୭ଟି ରାଜ୍ୟ ସଭା ଆସନ ପାଇଁ ମତଦାନ ହେବ। ସେଥିରୁ ଓଡ଼ିଶାର ୩ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କର କାର୍ଯ୍ୟକାଳ ଜୁଲାଇ ପହିଲାରେ ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

# ୩ ଦଳ ମଧ୍ୟରେ ହେବ ଲଢ଼େଇ

**ଝାରସୁଗୁଡ଼ା ଅଫିସ, ୧୩।୫**

## ବ୍ରଜରାଜନଗର ଉପନିର୍ବାଚନ

ଆସନ୍ତା ୩୧ ତାରିଖରେ ବ୍ରଜରାଜନଗର ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୧୪ ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ ଆଦି ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ହେଲେ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବ ବୋଲି ଚର୍ଚ୍ଚା ହେଉଛି।

ଗତ ନିର୍ବାଚନରେ ଶାସକ ବିଜେଡି ସହ ଭାଜପାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥର ଉପନିର୍ବାଚନରେ ଶାସକ ଦଳ ସହିତ ଭାଜପା ନା କଂଗ୍ରେସର ପ୍ରତିଦ୍ୱନ୍ଦ୍ୱିତା ହେବ ସେନେଇ ଭୋଟରଙ୍କ ମଧ୍ୟରେ ଆଲୋଚନା ହେଉଛି। ବିଗତ ଦିନରେ ଏହି ବିଧାନସଭା ଆସନ ବାମପନ୍ଥୀ ଦଳ ହାତରେ ରହିଥିଲା। ସିପିଆଇ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡା ସର୍ବାଧିକ ୬ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୬୧, ୧୯୬୭, ୧୯୭୪, ୧୯୮୫, ୧୯୯୦ ଓ ୧୯୯୫ ମସିହାରେ ସେ ଏଠାରେ ବିଧାୟକ ଥିଲେ। ସେହିପରି କଂଗ୍ରେସରୁ ସ୍ୱର୍ଗତ ଉପେନ୍ଦ୍ର ଦୀକ୍ଷିତ ଲଗାତର ୧୯୭୧, ୧୯୭୭ ଓ ୧୯୮୦ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ କଂଗ୍ରେସରୁ ପୂର୍ବତନ ବିଧାୟକ ଅନୁପ ସାଏ ମଧ୍ୟ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଲଗାତର ୩ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୯୭ ଡିସେମ୍ବର ୨୬ରେ ପୂର୍ବତନ ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ଦେହାନ୍ତ ପରେ ଏଠାରେ ଉପନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସରୁ କେଶବ ସାହୁ ଓ ବିଜେଡିରୁ ରାଧାରାଣୀ ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ସାହୁ ୨୮,୪୭୬ ଭୋଟ୍ ପାଇଥିବାବେଳେ ବିଜେଡିର ପଣ୍ଡା ୨୭,୯୫୪ ଭୋଟ୍ ପାଇ ପରାଜିତ ହୋଇଥିଲେ। ୨୦୧୪ରେ ବିଜେଡିରୁ ଅନୁପ ସାଏ ଓ ଭାଜପାରୁ ରାଧାରାଣୀ ପଣ୍ଡା ନିର୍ବାଚନ ଲଢ଼ିଥିଲେ। ଏଥିରେ ପଣ୍ଡା ବିଜୟୀ ହୋଇଥିଲେ। ପରେ ୨୦୧୯ରେ ବିଜେଡିରୁ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତି ପ୍ରାର୍ଥୀ ହୋଇଥିବାବେଳେ ଭାଜପାରୁ ପୂର୍ବତନ ବିଧାୟିକା ପଣ୍ଡା ପ୍ରାର୍ଥିନୀ ହୋଇ ପରାଜିତ ହୋଇଥିଲେ। ଏ ସବୁକୁ ଦେଖିଲେ ଏଠାରେ ସିପିଆଇ ୬ଥର, କଂଗ୍ରେସ ୭ଥର, ଭାଜପା ଓ ବିଜେଡି ଥରେ ଲେଖାଏଁ ନିର୍ବାଚନ ଜିତିଛନ୍ତି। ଚଳିତ ଉପନିର୍ବାଚନରେ ଶାସକ ବିଜେଡି ଏହି ଆସନକୁ ବଜାୟ ରଖିବା ପାଇଁ ଚାହୁଁଥିବାବେଳେ କଂଗ୍ରେସ ମଧ୍ୟ ତା' ଗଡ଼ ଫେରିପାଇବା ପାଇଁ ପ୍ରୟାସ ଚଳାଇଛି। ଭାଜପା କିନ୍ତୁ ଦ୍ୱିତୀୟଥର ଲାଗି ଏହି ଆସନ ହାତେଇବାକୁ ଅଣ୍ଟା ଭିଡ଼ିଛି।

# ଉପନିର୍ବାଚନ ପାଇଁ ରଣନୀତି

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**

## ଭାଜପାର କୋର୍ କମିଟି ବୈଠକ

- ଜିଲ୍ଲା ସଭାପତି, ପ୍ରଭାରୀଙ୍କୁ ନେଇ ଆଲୋଚନା
- ଦୁର୍ବଳ ବୁଥ୍‌ର ହେବ ସମୀକ୍ଷା
- ଯୋଗ ଦେଲେନି ୨ କେନ୍ଦ୍ରମନ୍ତ୍ରୀ

ଭାଜପାର ଗୁରୁତ୍ୱପୂର୍ଣ୍ଣ କୋର୍ କମିଟି ବୈଠକ ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ବିଜୟପାଲ ସିଂ ତୋମାର ଓ ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟ ୧୦ ଜଣ ସଦସ୍ୟ ଉପସ୍ଥିତ ଥିଲେ। କୋର୍ କମିଟି ବୈଠକରେ ମୁଖ୍ୟତଃ ବ୍ରଜରାଜନଗର ଉପନିର୍ବାଚନ ନେଇ ବିଶେଷ ଆଲୋଚନା ହୋଇଥିବା କୁହାଯାଉଥିଲେ ମଧ୍ୟ ଭିତର କଥା ନେଇ କେହି ଗଣମାଧ୍ୟମ ଆଗରେ ମୁହଁ ଖୋଲିନାହାନ୍ତି। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ନ ଥିବା ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ତେବେ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ୩ଟି କଥା ଉପରେ ବିଶେଷ ଆଲୋଚନା ହୋଇଛି। ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ ନେଇ ସମୀକ୍ଷା କରାଯାଇଥିବା ବେଳେ ବ୍ରଜରାଜନଗର ଉପନିର୍ବାଚନ କିପରି ଦଳ ଲଢ଼ିବ ତା' ଉପରେ ଆଲୋଚନା ହୋଇଥିବା ବେଳେ ଆଗାମୀ ଦିନ ପାଇଁ କିପରି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ଆଲୋଚନା ହୋଇଥିବା ପୂଜାରୀ କହିଛନ୍ତି। ତେବେ ବୈଠକ ପୂର୍ବରୁ ପୁରନ୍ଦେଶ୍ୱରୀ ଓଡ଼ିଶାରେ ପହଞ୍ଚି କହିଛନ୍ତି, ରାଜ୍ୟ ପ୍ରଭାରୀ ହିସାବରେ ଓଡ଼ିଶାକୁ ତ ଯିବା ଆସିବା ସବୁବେଳେ ରହୁଛି। ଏବେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ପ୍ରସ୍ତୁତି ହେବ ଏବଂ ସେଠାକୁ ଯାଇ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି। ଦଳର ହାତଗଣତି ନେତାଙ୍କୁ ଛାଡ଼ି ଦେଲେ ଆଉ ସମସ୍ତେ କାହିଁକି ଆଗଭଳି ଆନ୍ଦୋଳନ କରୁନାହାନ୍ତି, ବିଜେଡି ସହ ଭାଜପାର ଏକ ପ୍ରକାର ଭିତିରି ବୁଝାମଣା ହେଉଥିବା ଆଲୋଚନା ହେଉଛି। ଏହାର ସତ୍ୟତା କେତେ ବୋଲି ପଚାରିବାରୁ ପୁରନ୍ଦେଶ୍ୱରୀ କହିଛନ୍ତି, ସେମିତି କିଛି ନୁହେଁ। ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଆମ ଆଭିମୁଖ୍ୟ ସମସ୍ତେ ଦେଖିଛନ୍ତି ବୋଲି ପୁରନ୍ଦେଶ୍ୱରୀ କହିଛନ୍ତି।

ଅନ୍ୟପଟେ ଅପରାହ୍ଣରେ ଦଳର ଜିଲ୍ଲା ସଭାପତି ଏବଂ ଜିଲ୍ଲା ପ୍ରଭାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଉପନିର୍ବାଚନ ପାଇଁ ଦଳର ପ୍ରସ୍ତୁତି, ବିଭିନ୍ନ ପ୍ରସଙ୍ଗରେ ଦଳ କିପରି ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ଏବଂ ପ୍ରତି ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୁର୍ବଳ ବୁଥ୍ ଗୁଡ଼ିକର ସମୀକ୍ଷା କରିବା ପାଇଁ ଦଳର ଏମ୍‌ପି ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ଦଳର ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହିତ କେନ୍ଦ୍ରୀୟ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚାଇବାକୁ କୁହାଯାଇଛି। ତେବେ ଦଳର ବିଭିନ୍ନ ମୋର୍ଚ୍ଚାର ବୈଠକ ଶନିବାର ଅନୁଷ୍ଠିତ ହେବ। ଦଳର ଏଭଳି ଘନଘନ ବୈଠକ ବସୁଥିବା ବେଳେ ଖୁବ୍‌ଶୀଘ୍ର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିବା ଜଣାପଡିଛି।

# ପ୍ରଦୀପ ସାହୁ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ



**ଗୁଣପୁର, ୧୩।୫(ଡି.ଏନ୍.ଏ)**

ରାୟଗଡା ଜିଲ୍ଲା ଗୁଣପୁର ଅଞ୍ଚଳର ଯୁବ ନେତା ପ୍ରଦୀପ ସାହୁ ଯୁବ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ଜାତୀୟ ଯୁବ କଂଗ୍ରେସ ସମ୍ପାଦକ ରିଆଜୁଲ ଅଂସାରିଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ରାଜ୍ୟ ଯୁବ କଂଗ୍ରେସର ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରଦୀପ କଂଗ୍ରେସର ଜାତୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଏବଂ ଧନ୍ୟବାଦ ଜଣାଇଛନ୍ତି। ସୂଚନାନୁଯାୟୀ, ପ୍ରଦୀପ ୨୦୦୮ରେ ଗୁଣପୁର କଲେଜ ଛାତ୍ର ସଭାପତି ଥିଲେ। ୨୦୧୦ରେ ଏନ୍ଏସ୍‌ୟୁଆଇର ରାୟଗଡା ଜିଲ୍ଲା ସଭାପତି ସହ ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ଥିଲେ। ୨୦୧୧ରେ ଆଇଏନ୍‌ଟିୟୁସିର ରାଜ୍ୟ ସମ୍ପାଦକ ଥିଲେ। ୨୦୧୨ରେ ଆଇଏନଟିୟୁସି ରାୟଗଡା ଜିଲ୍ଲା ସଭାପତି, ୨୦୧୪ରେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଥିଲେ। ୨୦୨୦ରେ ଜିଲ୍ଲା ଯୁବ କଂଗ୍ରେସର ସଭାପତି ଦାୟିତ୍ୱ ତୁଲାଇଥିଲେ।

---

**IN THE DEBTS RECOVERY TRIBUNAL: CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 204/19**

State Bank of India .....Applicant
Vs.
M/s. Bright Security Agency & Ors. .....Defendants

To,
1. **M/s. Bright Security Agency,** At/PO: Bhadrasahi, PS: Barbil, Dist.: Keonjhar-758035, represented by its proprietor Sri Pradeep Kumar Das.
2. **Sri Pradeep Kumar Das,** aged about 56 yrs., S/o: Gagan Bihari Das, At: Bhusugaon, PO: Bhadrasahi, PS/Via: Barbil, Dist.: Keonjhar-758035.
3. **Sri Bikram Pratap Das,** age not known but major, At: Bhusugaon, PO: Bhadrasahi, PS/Via: Barbil, Dist.: Keonjhar-758035.

...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **O.A. No. 204/19** in the Debts Recovery Tribunal, Cuttack for recovery of **Rs.65,19,058.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **23.06.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **9th day of month May of 2022.**

By orders of this Tribunal
Sd/- Registrar
Debts Recovery Tribunal

---

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଏଆଇ1214
ଗାଡ଼ି ନଂ.- OD02BJ2066
ନିର୍ମାଣ ବର୍ଷ - 2020
ସଂରକ୍ଷିତ ମୂଲ୍ୟ - 1119957.48

2) ମଡେଲ ନଂ. ଆଇଚର୍ ପ୍ରୋ 5016
ଗାଡ଼ି ନଂ.- 18SEY021A57971 (କ୍ରମିକ ନଂ.)
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 3500000

3) ମଡେଲ ନଂ. ଏଆଇ3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1392962.64

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**

---

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, Sector-7, CDA, Cuttack- 753014, Odisha**
**O.A.No.782/2019**

Canara Bank
SME Mancheswar Branch, Bhubaneswar ... ... Applicant
-vrs-
M/s. Nigam Enterprisers and another ... ... Defendants

To
1. M/s. Nigam Enterprisers, Represented through its proprietor Puranjan Padhi, Office at : Plot No.250, Bomikhal, Bhubaneswar, P.O./P.S.- Rasulgarh, District- Khordha, Pin: 751010
2. Puranjan Padhi, S/o Purna Chandra Padhi, At: Plot No. DLA-23, DLA Colony, VSS Nagar, Bhubaneswar-751007, District: Khordha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in O.A. No.782/ 2019 in the Court of the Debts Recovery Tribunal at Cuttack for a recovery of Rs.27,62,453.00 only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 17.06.2022 at 10.30 A.M. as to why reliefs prayed for should not be granted. Take notice that in case of default the application will be heard and determined in their absence.

Given under my hand and seal of this Tribunal on this 10th day of May 2022.

Sd./- Registrar
Debts Recovery Tribunal, CUTTACK

---

**ଶିକ୍ଷା ଅଧିକାର**
ସର୍ବ ଶିକ୍ଷା ଅଭିଯାନ
ସମିଏଁ ପଢ଼ନ୍ତୁ ସମିଏଁ ବଢ଼ନ୍ତୁ

**DISTRICT PROJECT OFFICE**
**SAMAGRA SHIKSHA, ANGUL**
e-mail: dpcangulssa.opepa@nic.in, Phone: 06764-232412/233808
No. 1314/GE Date: 13.05.2022

**NOTICE**

The Advertise No. 4546 date 13.08.2018 published in daily Odia Newspaper, The Prameya, The Anupam Bharat & The Sambad and uploaded in district website for filling the vacant post of Part Time Teachers & Warden in Kasturba Gandhi Balika Vidyalaya of Angul district is hereby cancelled due to some unavoidable reasons.

By order of Collector-cum-Chairman
Sd./- DEO cum District Project
Coordinator, Samagra Shiksha, Angul

---

**GOVERNMENT OF ODISHA** No.O-213:
**OFFICE OF THE ENGINEER-IN-CHIEF**
**RURAL WORKS, ODISHA, BHUBANESWAR**
( E-Mail address – cerw_bbsr@yahoo.com)
Lr.No 15149 // Dt.12.05.2022

**"e" Procurement Notice for bridge works in Odisha (Online-03 (Bridge)/2022-23 dt. 12.05.2022)**

1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs 4892.40 lakh
4. Class of contractor : Super Class.
5. Period of completion : 24 (Twentyfour) calendar months.
6. Other details :

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online- 03 (Bridge) / 2022-23 | 1 (One) No. | 26.05.2022 at 11.00 A.M. | 16.06.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in.**

Sd./- Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25123/11/0010/2223

---

**OFFICE OF THE SUPERINTENDING ENGINEER**
**RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**
**IDENTIFICATION No. 05RWSS/RRPUR-2022-23 / Dated: 07.05.2022**

No. O-195: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate bids** to be received in online mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up PWS schemes to different villages of Bahalda, Bijatala & Thakurmunda Block under RWS&S Division, Rairangpur in the District of Mayurbhanj.
2. No. of Packages : 4 (Four) Nos.
3. Period of Completion : 11 (Eleven) months
4. Cost of Tender : Rs.10,000.00
5. Estimated Cost : Rs.136.88 lakhs to Rs.358.59 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 19.05.2022 to 17.00 hours of 08.06.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.09.06.2022 at 11.00 hours onwards.

Other documents : (As mentioned in DTCN)

10. The bidders have to participate in Online bidding only. Further details can be seen from the website **https://www.tendersodisha.gov.in.**
11. Any Addendum/Corrigendum/Cancellation of tender can also be seen in the said website.

Sd./- Superintending Engineer
RWSS Division, Rairangpur
OIPR-25010/11/0009/2223

---

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
4th corrigendum to Bid Identification No. CE-W.B.P. (O) - 27 / 2021-22
File No - P-IM-Misc.10/2008 (Pt.)

**No.B-186:**The tender invited for the work at (SI No.20) Widening & Strengthening of Simila Rajaloka Road from 5/000 km to 9/011 km in the District of Mayurbhanj under NABARD Assistance, Tender ID No.2022_EICCL_75618_20 is hereby cancelled.

All other terms and conditions remain unchanged.

Sd./- Chief Engineer, World Bank Project, Odisha
OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
OIPR-34003/11/0009/2223

---

**Government of Odisha**
**"e" procurement Notice**
Govt. of Odisha
**Bid Identification No. PWDK- 04/2022-23**
No.G2/3301, Dt.10.05.2022
No.B-188: e-mail: eepwdkeonjhar@yahoo.com

1. No. of the work :- 02 Nos. Building Work.
2. Estimated cost :- From Rs. 12.50 Lakh to Rs. 30.70 Lakh
3. Period of completion :- From 3 (Three) to 6 (Six) Calendar Months
4. Date and Time of availability of Bid document in the portal :- From 10.00 Hr 20.05.2022 to 17.00 Hr of 02.06.2022
5. Last date / Time for receipt of bids in the portal :- 17.00 Hr of 02.06.2022
6. Date of opening of Bid from Portal :- :- 11.30 Hr of 03.06.2022
7. Name and address of the Officer Inviting Bid :- Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal **"http://tendersodisha.gov.in"**

Sd./- Superintending Engineer
Keonjhar (R&B) Division
OIPR-34004/11/0001/2223

---

**DISTRICT PROJECT OFFICE, SS, SAMBALPUR**
(2nd Floor, Collectorate, Sambalpur, Ph. No.: 0663-241834)

**SHORT TENDER CALL NOTICE**
**BID IDENTIFICATION No. SSAA/SBP/CIVIL/35/2022-23**
No. 138/CW Dt.13.05.2022

Sealed tenders are on official pad (having detail address) are invited from authorised licenced Electrical Contractor having valid licence (HT) as per following terms and condition.

| S. N. | Items | Specification | Quoted Rate |
|---|---|---|---|
| 1 | shifting of 11 K.V. line (with 11 K.V. Kisinda Feeder) at KGBV Hostel Building, Sarapali, Block: Naktideul, Dist.: Sambalpur | As per estiamte approved by the Executive Engineer, TPWODL, SEED, Sambalpur with an estimated cost of Rs.4,91,336.00 | |

**TERMS AND CONDITIONS**

1. Rate quotation must be submitted along with
   a. Authorised licence having valid period.
   b. GST Registration Certificate
   c. Photo copy of PAN.
   d. EMD Rs.10,000/- in shape of TDR pledge to District Project Coordinator, SSA, Sambalpur.
2. Sealed rate quotation along with above document must be submitted to the office of undersigned by 12.30 P.M. of 31.05.2022 and will be opened at 9.00 A.M. of 01.06.2022. Successful bidder will have to submit security deposit of Rs.25,000/- in shape of TDR pledge to District Project Coordinator, SSA, Sambalpur.
3. Work order will be issued to the lowest bidder within three days.
4. Full payment will be released after completion of the work and submission of the completion certificate issued by the Executive Engineer, TPWODL, SEED, Sambalpur or his authorised person and all the dismantled materials should be return to the nearest store of TPWODL.
5. Authority reserves the right to cancel the tender without assigning any reason thereof.

Sd./- District Project Coordinator
SS, Sambalpur

---

यूनियन बैंक ऑफ इंडिया Union Bank of India — A Government of India Undertaking — आंध्रा Andhra — कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
**ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩**

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୩୦.୦୫.୨୦୨୨ ରିଖ ପୂର୍ବାହ୍ଣ ୧୧.୦୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକୁ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମରେ) |
|---|---|---|---|
| | **ତ୍ରୀଶୁଳିଆ ଛକ ଇଏବି ଶାଖା (୧୮୭୦୧)**, ତ୍ରୀଶୁଳିଆ ଛକ, ସା:ତ୍ରୀଶୁଳିଆ, ପୋ.: ବ୍ରାହ୍ମଣୀଗାଁ, ଭାୟା: ବାରଙ୍ଗ, ଜିଲ୍ଲା: କଟକ, ଓଡିଶା, ପିନ୍: ୭୫୪୦୦୫, ମୋ.: ୭୭୬୫୮୮୯୮୭୯ | | |
| ୧. | **ଶୁଶାନ୍ତ କୁମାର ସାହୁ,** ପିତା: ବିଷ୍ଣୁ ଚରଣ ସାହୁ, ମଧୁପୁର, ବାରଙ୍ଗ, କଟକ, ପିନ୍-୭୫୪୦୦୫। | ଟ.୧,୮୦,୬୯୫/- + ସେବାବଦ ସୁଧ | ୪୯.୨୦ |
| ୨. | **ଶୁଶାନ୍ତ କୁମାର ସାହୁ,** ପିତା: ବିଷ୍ଣୁ ଚରଣ ସାହୁ, ମଧୁପୁର, ବାରଙ୍ଗ, କଟକ, ପିନ୍-୭୫୪୦୦୫। | ଟ.୧,୯୧,୫୧୫/- + ସେବାବଦ ସୁଧ | ୫୨.୧୦ |
| ୩. | **ସୁମିତ୍ରା ସାହୁ,** ସ୍ୱା: ଚିତ୍ତରଞ୍ଜନ ସାହୁ, ସା.: ଭୋଳ ସାହି, ଥାନା: ନନ୍ଦନକାନନ, ଭୁବନେଶ୍ୱର, ପିନ୍- ୭୫୪୦୦୫। | ଟ.୭୨,୦୩୬.୦୪ + ସେବାବଦ ସୁଧ | ୧୯.୫୮ |
| | **ପାରାଦୀପ ୟୁବିଆଇ ଶାଖା (୪୮୦୬୦)**, ବ୍ୟାଙ୍କ ଷ୍ଟ୍ରୀଟ୍, ସା/ପୋ.: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡିଶା, ୭୫୪୧୪୨, ମୋ.: ୯୯୨୫୧୮୫୧୨୩ | | |
| ୧. | **ଜିତେନ୍ଦ୍ର କୁମାର ସାହୁ,** ପିତା: ହରେକୃଷ୍ଣ ସାହୁ, ନୂଆ ବଜାର, ପାରାଦୀପ, ଜଗତସିଂହପୁର, ପିନ୍-୭୫୪୧୪୨। | ଟ.୩୬,୨୪୭/- + ସେବାବଦ ସୁଧ | ୧୧.୦୦ |
| | **ଅନଗୁଳ ଇସିବି ଶାଖା (୧୪୩୩୨)**, ପ୍ଲଟ ନଂ.୯୬୧/୧୮୯୦ ଏବଂ ୧୮୯୧, ପ୍ରଥମ ମହଲା, ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସ, ଅନଗୁଳ, ଓଡିଶା-୭୫୯୧୨୨, ମୋ.: ୭୯୭୮୯୨୫୪୫୮ | | |
| ୧. | **ବିଭୂତି ଭୂଷଣ ପତି,** ସା/ପୋ.: ଗୁରୁଦ୍ୱାର, ଜିପି ଗୋବରା, ଥାନା: ବିକ୍ରମପୁର ଏଫ୍‌ସିଆଇ, ତାଳଚେର, ପୋ.: ସାଉଥ୍ ବଳନ୍ଦା, ପିନ୍-୭୫୯୧୨୨। | ଟ.୫,୧୪,୭୭୩/- + ସେବାବଦ ସୁଧ | ୧୬୭.୯୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକୁ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତି ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୩ଦିନ ମଧ୍ୟରେ ନିଲାମର ଶତକଡା ୭୫ଭାଗ ଟଙ୍କା ଜମା କରିବାକୁ ବାଧ୍ୟହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୩.୦୫.୨୦୨୨** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

---

**ତହସିଲ କାର୍ଯ୍ୟାଳୟ, ରସୁଲପୁର**
**ବିଜ୍ଞପ୍ତି ସଂଖ୍ୟା 4199, ତାରିଖ 13.05.22**

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ, ରସୁଲପୁର ଅନ୍ତର୍ଗତ ୧ (ଏକ) ଗୋଟି (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସକୁ ଅନ୍ୟୂନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବସାଇଟ www.jajpur.nic.in ମାଧ୍ୟମରେ ମଧ ସମସ୍ତ ସୂଚନା ପାଇପାରିବେ। ଇଚ୍ଛୁକ ବ୍ୟକ୍ତିବିଶେଷ ଆସନ୍ତା ତା.୨୮.୦୫.୨୦୨୨ ରିଖ ପୂର୍ବାହ୍ଣ ଘ.୦୭.୦୦ ଟିକା ଠାରୁ ତା.୧୮.୦୬.୨୦୨୨ ରିଖ ଅପରାହ୍ଣ ଘ.୫.୩୦ ଟିକା ମଧ୍ୟରେ ଆବେଦନ କରିପାରିବେ।

**ସୈରାତ ଉତ୍ସର ବିବରଣୀ**

| କ୍ର. ନଂ. | କେସ ନଂ. | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା ନଂ. | ଖସଡା ନଂ. | ରକବା | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.) | ସର୍ବନିମ୍ନ ବାର୍ଷିକ ରୟାଲଟି ମୂଲ୍ୟ (ଘ.ମି. ପ୍ରତି) | ସର୍ବନିମ୍ନ ବାର୍ଷିକ ଅତିରିକ୍ତ ଦେୟ (ଘ.ମି. ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୦୬/ ୨୦୨୦-୨୧ | ବ୍ରାହ୍ମଣୀ ନଦୀ ଦୁର୍ଗାପୁର କୁଦ-୨ ବାଲିଘାଟ | ଦୁର୍ଗାପୁର | ୨୫୬ (ଆ.ଅ.ଅ) | ୦୧ | ଏ ୧୨.୩୦ | ନଦୀ | ୧୦,୦୦୦ | ଟ.୩୫/- | ଟ.୪୫/- |

ସ୍ୱା./- ତହସିଲଦାର, ରସୁଲପୁର

## ସଂକ୍ଷେପରେ

### ଅଧ୍ୟାପକ ଅମର କୁମାରଙ୍କୁ କୋର୍ଟ ଚାଲାଣ

ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ମାମଲା



ନବରଙ୍ଗପୁର, ୧୩।୫ (ବି.ପ୍ର.)- ନବରଙ୍ଗପୁର ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏକ ଆଶ୍ରମ ବିଦ୍ୟାଳୟର ଦ୍ୱାଦଶ ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରିବା ଅଭିଯୋଗରେ ଅଧ୍ୟାପକ ଅମର କୁମାର ନାଥଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବିଦ୍ୟାଳୟର ୨୫ଜଣ ଛାତ୍ରୀ ଗୁରୁବାର ଅଧ୍ୟାପକଙ୍କ ନାମରେ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ଆଣିଥିଲେ। ନବରଙ୍ଗପୁର ଏସପି ଏସ୍.ସୁଶ୍ରୀ ଗୁରୁବାର ଛାତ୍ରୀମାନଙ୍କ ଲିଖିତ ଅଭିଯୋଗ ପାଇବା ପରେ ନବରଙ୍ଗପୁର ଥାନାରେ ମାମଲା ରୁଜୁ କରିବାକୁ କହିଥିଲେ। ପୋଲିସ ୨୦୬/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଡିଏସ୍‌ପି ଦିବ୍ୟକାନ୍ତି ଲାକ୍ରାଙ୍କୁ ତଦନ୍ତ ଭାର ଦିଆଯାଇଛି। ସୂଚନାନୁଯାୟୀ, ଏକ ଆଶ୍ରମ ବିଦ୍ୟାଳୟର ଅଧ୍ୟାପକ ମର କୁମାର ନାଥ ବିଭିନ୍ନ ପ୍ରକାର ଅଶାଳୀନ ବହି ଦେଇ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରୁଥିଲେ। ଛାତ୍ରୀମାନେ ଘଟଣା ସମ୍ପର୍କରେ ୫ତାରିଖରେ ପ୍ରିନ୍ସିପାଲ ରାଜେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଅଧ୍ୟାପକ ପ୍ରିନ୍ସିପାଲଙ୍କ ସମ୍ପର୍କୀୟ ହୋଇଥିବାରୁ ସେ ମାନସିକ ଚାପ ପକାଉଥିଲେ ବୋଲି ଗୁରୁବାର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ପ୍ରିନ୍ସିପାଲ ଓ ଅଧ୍ୟାପକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା।

### ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ରାୟଗଡା ଅଫିସ, ୧୩।୫- ରାୟଗଡା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଡିଆର୍‌ଡିଏ କାର୍ଯ୍ୟାଳୟରେ ପହଞ୍ଚି ସେ ପୂଜାର୍ଚ୍ଚନା କରି ନିଜ କକ୍ଷକୁ ଯାଇଥିଲେ। ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ଅଧ୍ୟକ୍ଷା ସରସ୍ୱତୀ ମାଝିଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ବିଧାୟକ ବିଭୀଷଣ ମାଝି, କମଳ କାଣ୍ଡାଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ସମିତି ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଶିକ୍ଷା ସ୍ୱାସ୍ଥ୍ୟ ଓ ଗମନାଗମନକୁ ଅଧିକ ଗୁରୁତ୍ୱ ଦେଇ କାମ କରିବା ସହ ସମସ୍ତଙ୍କ ସହଯୋଗରେ ଜିଲାର ବିକାଶ ଧାରାକୁ ଆଗେଇ ନେବେ ବୋଲି କହିଛନ୍ତି। ମାର୍ଚ୍ଚ ୧୩ ତାରିଖ ଅନୁଷ୍ଠିତ ଜିଲା ପରିଷଦ ଅଧ୍ୟକ୍ଷ ପଦରେ ସରସ୍ୱତୀ ମାଝି ବିଜୟୀ ହୋଇ ରାଜ୍ୟର ସର୍ବ କନିଷ୍ଠା ଜିଲା ପରିଷଦ ଅଧ୍ୟକ୍ଷା ଭାବେ ପରିଗଣିତ ହୋଇଛନ୍ତି।

### ବାଳନିକେତନ ଅନୁଷ୍ଠାନର ବାର୍ଷିକ ଉତ୍ସବ

ଗୁଣପୁର,୧୩।୫(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ସହର ନିକଟ ଲିମାମେଡାସ୍ଥିତ ବାଳ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ୪୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିଲାଗି ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ନେଇ ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ଲିଖନ, ନୃତ୍ୟ,ଗୀତ ପ୍ରତିଯୋଗିତା କରାଯାଇଛି। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅନୁଷ୍ଠାନ ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି, କମ୍ପ୍ୟୁଟର ଶିକ୍ଷକ କୈଳସ ଶବର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଶ୍ମଶାନ ଉନ୍ନତୀକରଣ ପାଇଁ ଶିଳାନ୍ୟାସ



ଡାବୁଗାଁ, ୧୩।୫ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ରାଜ୍ୟ ରାଜପଥ ୩୯ ଅଙ୍ଗ ନଦି ନିକଟରେ ଥିବା ଶ୍ମଶାନ ଉନ୍ନତୀକରଣ ନେଇ ଶିଳାନ୍ୟାସ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲ ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବ୍ଲକ ଅଧ୍ୟକ୍ଷ ବୀଣା ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଡାବୁଗାଁ ଅତିରିକ୍ତ ତହସିଲଦାର ସତିଶ ବଇନି, ବିଡିଓ ଶରତ ମାଝି ଅତିଥିଭାବେ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଡଙ୍ଗରିଗୁଡା ସରପଞ୍ଚ ରାମ ଗଣ୍ଡ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବିଜେଡି ନେତା ମଳୟ ବିଷୋୟୀ, ଡାବୁଗାଁ ପଞ୍ଚାୟତ ସଭାପତି ଜି. ପ୍ରକାଶ ରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା ଉପସ୍ଥିତ ଥିଲେ। ଉନ୍ନତିକରଣ ପାଇଁ ବିଧାୟକଙ୍କ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହେବ ବୋଲି ବିଧାୟକ କହିଥିଲେ।

# ‘ମହିଳାମାନେ ନିଜ ଉପରେ ହେଉଥିବା ଅନ୍ୟାୟର ପ୍ରତିବାଦ କରନ୍ତୁ’

## କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ଦିନିକିଆ ପ୍ରଶିକ୍ଷଣ

ନବରଙ୍ଗପୁର,୧୩।୫ (ବି.ପ୍ର.)

ଜିଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ମହିଳାଙ୍କୁ ଯଥେଷ୍ଟ ସମ୍ମାନ ଦେଉଛି। ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମହିଳାମାନେ ଯୌନ ନିର୍ଯାତନାର ଶିକାର ହେଉଥିବା ଅନୁଭବ କଲେ ନିର୍ଭୟରେ ଏହାର ପ୍ରତିବାଦ କରିବା ଦରକାର ବୋଲି ଜିଲାପାଳ କହିଛନ୍ତି। ସମସ୍ତ କର୍ମଚାରୀ ଆଇନକୁ ଭଲଭାବେ ବୁଝି କର୍ମକ୍ଷେତ୍ରରେ ସଜାଗ ରହିବା ଜରୁରୀ। ମହିଳାମାନେ



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ସାହସର ସହ ତାଙ୍କ ଉପରେ ହେଉଥିବା ଅନ୍ୟାୟର ପ୍ରତିବାଦ କରନ୍ତୁ ବୋଲି ଜିଲାପାଳ ଆହ୍ୱାନ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ମହିଳାମାନଙ୍କ ଉପରେ ଯୌନ ନିର୍ଯାତନାର ନିବାରଣ, ନିଷେଧ ଓ ନିରାକରଣ ଆଇନ-୨୦୧୩ ଅନୁଯାୟୀ ସ୍ଥାନୀୟ ଅଭିଯୋଗ କମିଟି ଓ ଜିଲାସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଥିବା ନେଇ ସୂଚନା ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନାର ନିବାରଣ, ନିଷେଧ ଓ ନିରାକରଣ ଆଇନ-୨୦୧୩ର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ଯୌନ ନିର୍ଯାତନା କାହାକୁ କୁହାଯାଏ, ନିଯୁକ୍ତିଦାତାଙ୍କ ଦାୟିତ୍ୱ ସମୂହ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଜିଲାସ୍ତରରେ ସ୍ଥାନୀୟ ଅଭିଯୋଗ କମିଟି ଗଠନ, ଦାୟିତ୍ୱ, କ୍ଷମତା, ଅଭିଯୋଗ କରିବା ପ୍ରକ୍ରିୟା, ତଦନ୍ତ ସମୟର ଅବଧି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସାଧନ ବ୍ୟକ୍ତି ଭାବେ ଜିଲାସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷା ମନୋରମା ମାଝି, ଜିଲା ଆଇନସେବା ପ୍ରାଧିକରଣ ଓକିଲ ମୀନାକ୍ଷୀ ପାଢ଼ୀ ଯୋଗଦେଇଥଲେ। ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଭିମନ୍ୟୁ ମାଝି, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ଆକ୍ସନ୍‌ଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ, ଜିଲାର ସମସ୍ତ ତହସିଲ, ବ୍ଲକ ଏବଂ ସିଡିପିଓ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଦସ୍ୟ ପ୍ରମୁଖ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ସୁରକ୍ଷା ଉପରେ ମତ ରଖିଥିଲେ। ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ ମହାପାତ୍ର ୪ର୍ଥ ଥର ଲାଇନ୍ସ କ୍ଲବ ସଭାପତି





ନବରଙ୍ଗପୁର,୧୩।୫(ବି.ପ୍ର.)

ଲାଇନ୍ସ କ୍ଲବ ନବରଙ୍ଗପୁରର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ତୃପ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ୨୦୨୨ -୨୩ ବର୍ଷ ପାଇଁ ଲାଇନ୍ସ କ୍ଲବର କର୍ମକର୍ତ୍ତା ନିର୍ବାଚନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଲାଇନ୍ସ କେ. ଡି ପଟ୍ଟନାୟକଙ୍କ ପ୍ରସ୍ତାବକ୍ରମେ ଲାଏନ୍ସ ଜଗନ୍ନାଥ ମହାପାତ୍ରଙ୍କୁ ଚତୁର୍ଥ ଥର ପାଇଁ କ୍ଲବ ସଭାପତିଭାବେ ମନୋନୀତ କରାଯାଇଛି। ଭୁବିନି ସୁରଙ୍କୁ ସମ୍ପାଦକ, ବିଜୟ ଜୈନଙ୍କୁ କୋଷାଧ୍ୟକ୍ଷ, ପି.ଏସ୍. ଆର୍. ଶେଖର ମୂର୍ତ୍ତି ଓ ପି. ନନ୍ଦିକେଶର ରେଡ୍ଡୀଙ୍କୁ ପ୍ରଥମ ଓ ଦ୍ୱିତୀୟ ଉପସଭାପତିଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଲାଏନ୍ସ କ୍ଲବର ସାମ୍ବିଧାନିକ ନିୟମ ପ୍ରକାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାରେ ଲାଏନ୍ସ ପି .ଏଲ୍. ମୂର୍ତ୍ତି, ଶ୍ରୀକାନ୍ତ ମହାନ୍ତି, ଦିଲୀପ ଦାସ, ଅଖିଳ ଭଟ୍ଟ, ପପୁ ଜୈନ, ରବି ରେଡ୍ଡି ସହାୟତା କରିଥିଲେ। ମୁରୁଲି ପ୍ରସାଦ ଦାଶ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ବୈଠକ ବହୁ ସଂଖ୍ୟାରେ ଲାଏନ୍ସମାନେ ଉପସ୍ଥିତ ଥିଲେ।

# ଶତ ପ୍ରତିଶତ ଟିକାକରଣ ଉପରେ ଗୁରୁତ୍ୱ

## ଗୁଣପୁର ବ୍ଲକ ପଞ୍ଚାୟତ ସମିତି ବୈଠକ

ଗୁଣପୁର,୧୩।୫(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ନବ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ଝିଲି ଶବରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଉପାଧ୍ୟକ୍ଷ ସୁଦର୍ଶନ ଶବର, ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, କୁନି ନିମାଲା, ବିଡିଓ ଶାନ୍ତିପ୍ରଭା ପ୍ରଧାନ ତହସିଲଦାର ଶରତ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଇଓ ପତିତପାବନ ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ନିଜ ବିଭାଗରେ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପାନୀୟ ଜଳ ସମସ୍ୟା କେତେକ ସ୍ଥାନରେ ରହିଥିବାରୁ ତାହାକୁ ପୂରଣ କରାଯିବାକୁ ଦାବି ହୋଇଥିଲା। କେତେକ ଗାଁରେ ସ୍କୁଲ ଗୃହ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଟିକାକରଣ ଗୁଣପୁର ବ୍ଲକରେ କମ ରହିଛି। ଶତ ପ୍ରତିଶତ ଟିକାକରଣ କିପରି ହେବ ସେ ନେଇ ଆଲୋଚନା ହୋଇଥିଲା। ପୁଟାସିଂ, ଟଲଣା, ଚିନାସାରି, କୁଲୁସିଂ ପଞ୍ଚାୟତରେ ଟିକାକରଣ ବ୍ୟାପକ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ମାଛ ଚାଷ ନେଇ ରହିଥିବା ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ୧୫୦୦ ନୂତନ ଖାଉଟି କାର୍ଡ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ଗୁଣପୁର ବ୍ଲକରେ ହାତୀ ଉପଦ୍ରବ ଦେଖାଦେଉଛି। ହାତୀପଲ ଏବେ ମଧ୍ୟ ଗୁଣପୁର ବ୍ଲକରେ ଅଛନ୍ତି। ତେଣୁ ସମସ୍ତେ ସତର୍କ ରହିବାକୁ ଜଙ୍ଗଲ ବିଭାଗ ପକ୍ଷରୁ କୁହାଯାଇଛି। ନବ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟମାନେ ବୈଠକରେ ଯୋଗଦେଇ ମତ ଉପସ୍ଥାପନା କରିଥିଲେ।





ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

# ଜିଲା କୋର୍ଟରେ ଇ-ଫାଇଲିଂ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ କୋର୍ଟ କର୍ମଚାରୀ।

ନବରଙ୍ଗପୁର,୧୩।୫ (ବି.ପ୍ର.)

ନବରଙ୍ଗପୁର ଜିଲା ଅଦାଲତ ପକ୍ଷରୁ ଶୁକ୍ରବାର କୋର୍ଟ ପରିସରସ୍ଥ ସମ୍ମିଳନୀ ଗୃହରେ ଇଲେକ୍ଟ୍ରୋନିକ ଫାଇଲିଂ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲା ଓ ଦୌରା ଜଜ୍ ସଞ୍ଜୀବ ଦୁବେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର ଓ ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଷ୍ଟର ପ୍ରଶିକ୍ଷକ ଆଇନଜୀବୀ ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ସୁଦାମ କୁମାର ସରାବୁ ଓକିଲ ଏବଂ ଗୁମାସ୍ତାଙ୍କୁ ତାଲିମ ଦେଇଥିଲେ। ସିଷ୍ଟମ୍ ସହାୟକ ଗୋପାଶିଷ ମହାନ୍ତି ଭିଡିଓ ପ୍ରଦର୍ଶନ କରିଥିଲେ। ସମୟକ୍ରମେ କୋର୍ଟରେ ସବୁପ୍ରକାର ନୂତନ ମାମଲା, ସମସ୍ତ ପ୍ରକାର ଦଲିଲ୍ କମ୍ପ୍ୟୁଟର ଜରିଆରେ ଦାଖଲ କରାଯିବ। ବିଭିନ୍ନ ମାମଲା ପାଇଁ କୋର୍ଟ ଫିଗୁଡ଼ିକ ମଧ୍ୟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଦାଖଲ ହେବ। ମାର୍ଚ୍ଚରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଜୟପୁରରୁ ଆଭାସୀ ମାଧ୍ୟମରେ ନବରଙ୍ଗପୁର ଇ-ଫାଇଲିଂ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଜୟପୁରଠାରେ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବରଙ୍ଗପୁରର ଆଠଜଣ ଆଇନଜୀବୀ ପ୍ରଶିକ୍ଷଣ ନେଇଥିଲେ। ୨ ଜଣ ମାଷ୍ଟର ପ୍ରଶିକ୍ଷକଙ୍କୁ ସୁପ୍ରିମକୋର୍ଟ ଦେଇଥିବା ପ୍ରମାଣପତ୍ରକୁ ଜିଲାଜଜ୍ ପ୍ରଦାନ କରିଥିଲେ। ପ୍ରତି ସପ୍ତାହରେ ପର୍ଯ୍ୟାୟକ୍ରମେ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ସଂଘର ଯୁଗ୍ମ ସମ୍ପାଦକ ଅନିଲ ଜ୍ୟୋତି ଚନ୍ଦ୍ର ଦୀନବନ୍ଧୁ, ମୀନକେତନ ପୂଜାରୀ, ସ୍ନେହଲତା ଦେବୀ, ଜେନିଫର ସୁନା, ରାକ୍ଷୀ ଜୈନ, ରାମଚନ୍ଦ୍ର ନାୟକ, ରଘୁନାଥ ପାଢ଼ୀ, ଅମର କୁମାର ବିଷୋୟୀ, ଗୋପାଳ ଶତପଥୀ, ସ୍ୱାଗତିକା ସାମନ୍ତରାୟ, ତପନ ସିଂ, ସତୀଶ୍ ଚନ୍ଦ୍ର ନାୟକ, ଦୀନେଶ୍ୱରାଜ କରକରା, ପ୍ରତାପ ପଣ୍ଡା, ସି.ଏଚ୍. ଚନ୍ଦ୍ରଶେଖର ରାଓ, ଓକିଲ ଗୁମାସ୍ତା ରାଜ କିଶୋର ରାୟ ପ୍ରମୁଖ ଯୋଗଦେଇଥିଲେ।

## ଅଣୁଗଳ୍ପ ପୁସ୍ତକ ‘ଜୀବନର ସ୍ୱାଦ’ ଲୋକାର୍ପିତ

ଜୟପୁର,୧୩।୫(ନି.ପ୍ର.)-

ଜୟପୁର ଏନକେଟି ରୋଡସ୍ଥିତ ଫ୍ଲୋରେନସ ନାଇଟିଙ୍ଗେଲ ଏଏନ୍‌ଏମ୍ ଟ୍ରେନିଂ ସ୍କୁଲରେ ତ୍ରିସଖା ସାହିତ୍ୟ ସଂସଦ ପକ୍ଷରୁ ଗାଳ୍ପିକ କୃଷ୍ଣଚନ୍ଦ୍ର ହୋତାଙ୍କ ଅଣୁଗଳ୍ପ ପୁସ୍ତକ ‘ଜୀବନର ସ୍ୱାଦ’ ଲୋକାର୍ପିତ ହୋଇଛି। ଆୟୋଜିତ ଉତ୍ସବରେ ଡ. ସୁରେଶ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ନଳିନୀ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ରୂପେ ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢ଼ୀ, ସମ୍ମାନିତ ଅତିଥି ରୂପେ ଡ. ପ୍ରଦୀପ ମିଶ୍ର, ଅବସରପ୍ରାପ୍ତ ଶିକ୍ଷାବିତ ମନମୋହନ ଆଚାର୍ଯ୍ୟ, ଅଧ୍ୟାପକ ପ୍ରେମାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କବୟିତ୍ରୀ କବିତା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ, ଅଶୋକ ମହାରଣା ଅତିଥି ପରିଚୟ ଦେଇଥିଲେ। କୃଷ୍ଣଚନ୍ଦ୍ର ହୋତା ଗଳ୍ପ ପୁସ୍ତକର ସମୀକ୍ଷା କରିଥିଲେ। କବି ପ୍ରକାଶ ମହାନନ୍ଦିଆ, ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର, ଖବରଦାତା ସନ୍ତୋଷ ପାତ୍ର, ପ୍ରଶାନ୍ତ ମହାନ୍ତି, ଆଇନଜୀବୀ ମଦନ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଡ଼ ଦେବୀ ପ୍ରସାଦ ହୋତା ଧନ୍ୟବାଦ ଦେଇଥିଲେ।

# କଂସ ଦରବାରରେ ହାଜର ହେଲେ ଡାକ୍ତର

- ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ମହାରାଜାଙ୍କ ନିର୍ଦ୍ଦେଶ
- ଷଷ୍ଠ ରଜନୀରେ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ପୁତନା ସୁନ୍ଦରୀ ପ୍ରେରଣା ମଞ୍ଚସ୍ଥ

ଚନ୍ଦାହାଣ୍ଡି, ୧୩।୫(ଡି.ଏନ୍.ଏ.)

ଚନ୍ଦାହାଣ୍ଡିସଦର ମହକୁମାରେ ଶନିବାରଠାରୁ ଆରମ୍ଭ ହୋଇଥିବା ମଣ୍ଡଳବୀମା ବାଲିଯାତ୍ରାରେ ଚାଲିଥିବା ଧନୁଯାତ୍ରାର ୬ଷ୍ଠ ରଜନୀରେ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ପୁତନା ସୁନ୍ଦରୀ ପ୍ରେରଣ କରିବାକୁ ମହାରାଜା କଂସଙ୍କ ଦରବାରରେ ଆଲୋଚନା ହୋଇଛି। ମହାରାଜା କଂସ ମଥୁରା ନଗରୀ ପରିକ୍ରମା କରିବା ପରେ ରାଜଦରବାରରେ ପହଞ୍ଚିଥିଲେ। ଶୁକ୍ରବାର ୬ଷ୍ଠ ଦିନରେ ମହାରାଜା ମଞ୍ଚରେ ପହଞ୍ଚିବା ପରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରମାନଙ୍କୁ ଡକାଇ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ପଚାରି ବୁଝିଥିଲେ। ଏଥିସହ ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ମହାରାଜା କଂସ ଡାକ୍ତରଙ୍କୁ ତାଗିଦ କରିଥିଲେ। ୬ଷ୍ଠ ରଜନୀରେ ଡାକ୍ତର ସଂଗ୍ରାମ କେଶରୀ ସାହୁ ମୁଖ୍ୟ ଅତିଥି, ଡାକ୍ତର ସନ୍ଦୀପ ଶତପଥୀ, କବିରାଜ ଶତପଥୀ, ସୁଦୀପ୍ତ କୁମାର ରାଉତ, ବିପିଏମ୍ ଶାନ୍ତନୁ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଧନୁଯାତ୍ରା ୧୦ ଦିନ ଧରି ଚାଲିବ। ଧନୁଯାତ୍ରା ଓ ମୀନାବଜାର ଦେଖିବା ନିମନ୍ତେ ଚନ୍ଦାହାଣ୍ଡି ବ୍ଲକ ସମେତ ସୀମାନ୍ତ ଛତିଶଗଡ଼ ଏବଂ ପଡ଼ୋଶୀ କଳାହାଣ୍ଡି, ନୂଆପଡ଼ା ଜିଲାରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମୁଛି। ବରଗଡ଼ ଜିଲାର ବରିଷ୍ଠ ନାଟ୍ୟ ଓ ଫିଲ୍ମ କଳାକାର ସୁଶୀଲ ମେହେର କଂସ ଭୂମିକାରେ ଅଭିନୟ କରୁଛନ୍ତି।



କଂସଙ୍କ ଦରବାରରେ ଉପସ୍ଥିତ ଡାକ୍ତରମାନେ।

# ସନ୍ଧ୍ୟା ପରେ ଅନ୍ଧାରରେ ଟିକିରି ପଞ୍ଚାୟତର ଅନେକ ରାସ୍ତା

## ଲାଗୁନି ଷ୍ଟ୍ରିଟ୍ ଲାଇଟ୍

ଟିକିରି, ୧୩।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତର ଅନେକ ଅଞ୍ଚଳରେ ଲାଗିନି ଷ୍ଟ୍ରିଟ୍‌ଲାଇଟ୍। ଫଳରେ ସନ୍ଧ୍ୟାପରେ ସହରର ଅନେକ ରାସ୍ତା ଅନ୍ଧାର ହୋଇପଡୁଛି। ଏହି ସମୟରେ ଚୋରି ଓ ଦୁର୍ଘଟଣା ଆଶଙ୍କା ଥିବାରୁ ଲୋକେ ରାତିରେ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ଏଠାରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଟିକିରି ପଞ୍ଚାୟତର ଅନେକ ସାହିରେ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ସମୟରେ ଲୋକେ ଘରକୁ ଫେରିବାବେଳେ ଅସୁବିଧା ଭୋଗୁଛନ୍ତି। ଟିକିରି ଅଞ୍ଚଳର କେବଳ ଲାଞ୍ଜିଗଡ଼ ଓ ଧୋବାସାହିରେ ପଞ୍ଚାୟତ ପକ୍ଷରୁ ଲାଇଟ୍ ବ୍ୟବସ୍ଥା କରାଯାଇଛି। ଟିକିରି ମୁଖ୍ୟ ରାସ୍ତା ଦୁଇ ପାର୍ଶ୍ୱରେ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ସୋଲାର ଲାଇଟ୍ ଲାଗିଛି। ଅନ୍ୟ ସାହିଗୁଡ଼ିକର ରାସ୍ତା ଅନ୍ଧାରରେ। ଫଳରେ ପିଲାମାନଙ୍କୁ ଟ୍ୟୁଶନ କିମ୍ବା ଅନ୍ୟ କୌଣସି କାମରେ ବାହାରକୁ ପଠାଇବାକୁ ଡରୁଛନ୍ତି ଲୋକେ। ସେହିପରି ଟିକିରି ରେଳ ଷ୍ଟେଶନକୁ ସଂଯୋଗ ହେଉଥିବା ରାସ୍ତା ମଧ୍ୟ ଅନ୍ଧକାର। ଫଳରେ ଯାତ୍ରୀମାନେ ଯିବା ଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ସମସ୍ୟା ବଢ଼ିବା ଆଶଙ୍କା କରାଯାଉଛି। ତେଣୁ ତୁରନ୍ତ ଟିକିରି ଅଞ୍ଚଳର ସବୁ ସାହି ରାସ୍ତା ଓ ରେଳ ଷ୍ଟେଶନ ଯିବା ରାସ୍ତାରେ ଲାଇଟ ଲଗାଇବା ବ୍ୟବସ୍ଥା କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ନେଇ ସରପଞ୍ଚ ଜଗବନ୍ଧୁ ମାଝିଙ୍କୁ ପଚାରିବାରୁ ନୂତନ ଭାବେ ଏବେ ନିର୍ବାଚିତ ହୋଇଛନ୍ତି। ଜଲ୍‌ଦି ଲାଇଟ୍ ଲଗାଇବା ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

# ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

କୋରାପୁଟ,୧୩।୫(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଭାବେ ବସନ୍ତ ଲେଙ୍କା, ଉପସଭାପତି ଟି.ଆରଉଣା ଓ ସୂର୍ଯ୍ୟକାନ୍ତ ବେହେରା, ସମ୍ପାଦକ ପ୍ରିୟ ରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ତିତେନ୍ଦ୍ର ଦାସ, ଯୋଗେଶ ଖିଲ ଓ ଲକ୍ଷ୍ମୀପ୍ରିୟା ଦାସ, କୋଷାଧ୍ୟକ୍ଷ ବି. ଜଗଦୀଶ କୁମାର ଓ ସଙ୍ଗଠନ ସଂଯୋଜକ ଭାବେ ଜୟକୃଷ୍ଣ ଭଦ୍ର ମନୋନୀତ ହୋଇଥିଲେ। ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର କୁଲଦୀପ, ଜିଲା ସଂଘ ସଭାପତି ତ୍ରିନାଥ ହରିଜନ, ସମ୍ପାଦକ ରାଜେନ୍ଦ୍ର ସାହୁ, ସଙ୍ଗଠନ ସମ୍ପାଦକ ଚିତରଞ୍ଜନ ରଥ, ଯୁଗ୍ମ ସମ୍ପାଦକ ଧନେଶ୍ୱର କାଣ୍ଡି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ଅଶୋକ ପାଢ଼ୀ, ପ୍ରଦୀପ ପାତ୍ର, ସୁକୁମାର ସେନ ଖଟୁଆ, ରମାକାନ୍ତ ମହାନ୍ତି, ଗଜନୀ ଚନ୍ଦ୍ର ଶେଖର ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ ।

# ପାନୀୟ ଜଳ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଡାବୁଗାଁ, ୧୩।୫ (ଡି.ଏନ୍. ଏ.)

ନବରଙ୍ଗପୁର ଜିଲା ଡଙ୍ଗରିଗୁଡା ପଞ୍ଚାୟତ ବୋରିପଦର ଗ୍ରାମ ଉପର ସାହିରେ ପାନୀୟ ଜଳର ଅଭାବ ନେଇ ମା’ ଦଶ ମୁଣ୍ଡିଆ ଜଳ ଓ ପରିମଳ ସ୍ଥାୟୀ କମିଟି କର୍ମକର୍ତ୍ତାଙ୍କ ଆହ୍ୱାନ କ୍ରମେ ବୋରିପଦର ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଛି। କମିଟି ସଭାପତି ବିଜୟ ବେହେରାଙ୍କ ସଭାପତିତ୍ୱରେ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ ମୁଖ୍ୟ ଅତିଥି, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ ସୁନ୍ଦର ବେଶ୍ରା, ରୋହିତ କୁମାର କିସାନ୍, ସରପଞ୍ଚ ରାମ କୁମାର ଗଣ୍ଡ, ନାଏବ ସରପଞ୍ଚ କୁନି ସୁନା, ୱାର୍ଡସଭ୍ୟ ଚନ୍ଦ୍ରଶେଖର ନିହାଲ, ସ୍ଥାୟୀ କମିଟି ଉପସଭାପତି କାବୁଲି ତ୍ରିପାଠୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଜିଲା ପରିସଦ ସଭ୍ୟ ବିଷୋୟୀ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଫୋନ୍‌ରେ ପାଣି ସମସ୍ୟା ବିଷୟରେ ଅବଗତ କରିଥିଲେ। ଉପର ସାହିକୁ ବିଧାୟକ ଗୋଟିଏ ନଳକୂପ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୦ଦିନ ଭିତରେ ପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆ ନ ଗଲେ ସ୍ଥାୟୀ କମିଟି ବ୍ଲକ ଆଗରେ ଆନ୍ଦୋଳନ କରିବ ବୋଲି କମିଟି ସଭାପତି ଓ ଉପସଭାପତି ସୂଚନା ଦେଇଛନ୍ତି।



ବୋରିପଦର ଗ୍ରାମରେ ଆୟୋଜିତ ସଭା ।

# ଭାଙ୍ଗିବାକୁ ବସିଲାଣି ଅନ୍ଧାରୀମୂଳକରେ ଶିକ୍ଷାଲୋକ ଆଣିଥିବା ସ୍କୁଲ

- ବିପଦସଙ୍କୁଳ ଶ୍ରେଣୀଗୃହ
- ବର୍ଷାଦିନେ ସ୍କୁଲ ବାରଣ୍ଡାରେ ହେଉଛି ପାଠପଢ଼ା

ନନ୍ଦାହାଣ୍ଡି,୧୩।୫(ଡି.ଏନ୍.ଏ.)

ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଭିତ୍ତିଭୂମି ସଜାଡି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିମୁଖୀ କରାଇବା ପାଇଁ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଅନେକ ସ୍କୁଲକୁ ନୂତନ ରୂପରେ ଗଢ଼ାଯାଉଛି। କିନ୍ତୁ ଉପାନ୍ତ ଅଞ୍ଚଳର କେତେକ ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ରହିଛି। ତେଣୁ ପିଲାମାନେ ବାରଣ୍ଡାରେ ବସି ପଢୁଛନ୍ତି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଏହାର ଏକ ଉଦାହରଣ।

୧୯୮୮ରେ ପୋଡ଼ାଲଗୁଡ଼ା ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏହି ସ୍କୁଲଟି ଦିନେ ଅନ୍ଧାରୀମୂଳକରେ ଶିକ୍ଷାର ପ୍ରଦୀପ ଜାଳିବାରେ ସହାୟକ ହୋଇଥିଲା। ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରୁଥିଲା। କିନ୍ତୁ ଦୀପ ତଳ ଅନ୍ଧାର ଭଳି ସ୍କୁଲଟି ଜିଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୧ କି.ମି. ଦୂରରେ ଥିଲେ ବି ଏଠାରେ ଥିବା ସମସ୍ୟାର ସମାଧାନ ହେଉନାହିଁ। ବର୍ତ୍ତମାନ ସ୍କୁଲଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି। ଦୀର୍ଘ ୩୪ ବର୍ଷ ଧରି ବହୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷିତ କରିଥିବା ଏହି ସ୍କୁଲର ଶ୍ରେଣୀଗୃହ ଏବେ ବିପଦସଙ୍କୁଳ। ତେଣୁ ଭଙ୍ଗା ଦଦରା ଘରେ ଚାଲିଛି ଶିକ୍ଷାଦାନ। ବିଦ୍ୟାଳୟର ଦୁରବସ୍ଥା ନେଇ ଗ୍ରାମବାସୀ ଅନେକଥର ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସ୍କୁଲ ବିକାଶ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି ବିଭାଗୀୟ ଅଧିକାରୀ। ୪୮ ସେଣ୍ଟରେ ନିର୍ମିତ ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ୨୦୦୮ରେ ଏହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ପାଇଥିଲା। ୨୦୧୧ରୁ ଏଠାରେ ହାଇସ୍କୁଲ ପାଠପଢ଼ା ଆରମ୍ଭ ହୋଇଥିଲା। ବର୍ତ୍ତମାନ ମୋଟ ୪୨୦ ଛାତ୍ରୀଛାତ୍ର ଏଠାରେ ପଢୁଥିବାବେଳେ ଏହି ସ୍କୁଲରେ ରହିଛି ଦଶଟି ଶ୍ରେଣୀଗୃହ। ସେଥିମଧ୍ୟରୁ ନଅଟି ଗୃହରେ ଚାଲିଛି ଶିକ୍ଷାଦାନ। କିନ୍ତୁ ଦୀର୍ଘଦିନ ହେବ ରକ୍ଷଣାବେକ୍ଷଣା ଅଭାବରୁ ସ୍କୁଲର ଟିଣଘର ଭୁଶୁଡ଼ିବାକୁ ବସିଛି। ଭଙ୍ଗା ଦଦରା ଶ୍ରେଣୀଗୃହରେ ବର୍ଷାଦିନେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଗ୍ରହଣ ଅସମ୍ଭବ ହୋଇପଡିଥିବାରୁ ବାଧହୋଇ ବାରଣ୍ଡାରେ ଶିକ୍ଷାଦାନ ଚାଲିଛି। ଶିକ୍ଷା ପାଇଁ ସରକାର ବହୁ ଟଙ୍କା ବ୍ୟୟ କରୁଥିବା ବେଳେ ଏହି ଅବହେଳିତ ବିଦ୍ୟାଳୟର ଉନ୍ନତି ପାଇଁ ଦୃଷ୍ଟି ଦିଆଯାଉ ବୋଲି ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ବର୍ଷାଦିନ ଆଗରୁ ସ୍କୁଲ ଶ୍ରେଣୀଗୃହ ମରାମତି କରିବାକୁ ଦାବି ହୋଇଛି। ସ୍କୁଲ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଛୁ। ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।



ପୋଡାଲଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ।

**ଜଳକଷ୍ଟରେ ଅତିଷ୍ଠ ଧାଇଗୁଡ଼ାବାସୀ**

ଦଶମନ୍ତପୁର,( ଡ଼ି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତର ଧାଇଗୁଡ଼ା ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ୫୦ରୁ ଊର୍ଦ୍ଧ୍ୱ ପରିବାର ଥିବା ଏହି ଗ୍ରାମରେ ମାତ୍ର ଗୋଟିଏ ନଳକୂଅ ରହିଛି। ଏହା ଉପରେ ଗ୍ରାମବାସୀ ବର୍ଷ ତମାମ ନିର୍ଭର କରିଥାନ୍ତି। ନଳକୂଅରୁ ଭଲ ପାଣି ମିଳୁ ନ ଥିବାରୁ ଗ୍ରାମବାସୀ ନିକଟସ୍ଥ ଏକ ବିଲରୁ ଦୂଷିତ ପାଣି ସଂଗ୍ରହ କରି ଚଳୁଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ମିଶନର କନିଷ୍ଠଯନ୍ତ୍ରୀ ସଞ୍ଜିତ କୁମାର ଅଲିଙ୍କୁ ପଚାରିବାରୁ ସେ କହିଲେ, ଧାଇଗୁଡ଼ା ଗ୍ରାମର ପାନୀୟ ଜଳ ସମସ୍ୟା ଖୁବ ଶୀଘ୍ର ଦୂର କରାଯିବ।

## ସଂକ୍ଷେପରେ

### ଥାନାର ଦ୍ୱାରସ୍ଥ ହେଲେ ନିର୍ଯାତିତା ମହିଳା

ଜୟପୁର, ୧୩ା୫ (ନି.ପ୍ର.)-ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ବି.ସିଂପୁର ଥାନା ଅନ୍ତର୍ଗତ ଚମ୍ପାପଦର ଗ୍ରାମର ରିତୁ ମହୁରିଆ (୨୨) ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୪ବର୍ଷ ତଳେ ଚମ୍ପାପଦର ଗ୍ରାମର ଦୀପକ ଖିରାଙ୍କୁ ସେ ବିବାହ କରିଥିଲେ। ବିବାହର ୬ମାସ ପରେ ଦୀପକ ମଦ୍ୟପାନ କରି ମାରପିଟ କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏନେଇ ଗ୍ରାମରେ ବୈଠକ ମଧ ବସିଥିଲା। ତେବେ ଦୀପକଙ୍କ କୌଣସି ପରିବର୍ତ୍ତନ ନ ହେବାରୁ ସେ ବାପଘରକୁ ଚାଲି ଆସିଥିଲେ। ଗୁରୁବାର ଦୀପକ ତାଙ୍କ ବାପଘରେ ପହଞ୍ଚି ମରଣାସ୍ତ୍ର ଦେଖାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ଫଳରେ ରିତୁ ଶୁକ୍ରବାର ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଏକ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ



ଜୟପୁର, ୧୩ା୫ (ନି.ପ୍ର.)-ଏକ ଆପରାଧିକ ମାମଲାରେ ଦୀର୍ଘଦିନ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଟାଉନ ଥାନା ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ଅଜୟ ହରିଜନ (୨୧)। ବୋରିଗୁମ୍ମା ଥାନା ଅନ୍ତର୍ଗତ ଅଞ୍ଚଳା ଗ୍ରାମର ଅଜୟଙ୍କ ନାମରେ ୨୦୧୯ରୁ ଏକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ଅଜୟ ଗ୍ରାମକୁ ଆସିଥିବା ପୋଲିସ ସୂଚନା ପାଇ ତାଙ୍କୁ ନିଜ ଘରୁ ଗିରଫ କରିଛି।

### ସତ୍ୟନାରାୟଣ ଜିଏନ୍‌ଏମ୍‌ରେ ସେବିକା ଦିବସ

ମାଲକାନଗିରି, ୧୩ା୫(ଡି.ଏନ୍.ଏ.)- ମାଲକାନଗିରି ସଦର ମହକୁମାସ୍ଥିତ ସତ୍ୟ ନାରାୟଣ ଜିଏନ୍‌ଏମ୍ ତାଲିମ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସେବିକା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଜିଲା ଉପ ସ୍ୱାସ୍ଥ୍ୟ ଅଧିକାରୀ ଶିବପ୍ରସାଦ ମହାରଣା, ଡା.ଶଶିଭୂଷଣ ମହାପାତ୍ର, ଜିଲା ପ୍ରକଳ୍ପ ସଂଯୋଜକ ବନବିହାରୀ ମିଶ୍ର, ଡିଭିଏଲଏମ୍ ଜ୍ୟୋତି ନାରାୟଣ ମହାଲିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ନର୍ସମାନଙ୍କ ତ୍ୟାଗ ଓ ନିଃସ୍ୱାର୍ଥପର ସେବା ଅତୁଳନୀୟ ବୋଲି ମୁଖ୍ୟ ଅତିଥି ନନ୍ଦ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀ, ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ପୌରାଧକ୍ଷ, କାଉନସିଲରଙ୍କ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୧୩ା୫ (ଡି.ଏନ୍.ଏ.)- ମାଲକାନଗିରି ପୌର ପରିଷଦର ଅଧକ୍ଷ ମନୋଜ ବାରିକଙ୍କ ନେତୃତ୍ୱରେ ଶୁକ୍ରବାର ଉପାଧକ୍ଷାଙ୍କ ସହ ୧୯ ୱାର୍ଡର କାଉନସିଲରମାନେ ବିଭିନ୍ନ ସମସ୍ୟା ନେଇ ଜିଲାପାଳ ବିଶାଲ ସିଂଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି, ସହରର ସୌନ୍ଦର୍ଯ୍ୟକରଣ, ରାସ୍ତାଘାଟ, ବିଦ୍ୟୁତ୍, ପାନୀୟ ଜଳ, ଡ୍ରେନ୍ ସମସ୍ୟା ନେଇ ଜିଲାପାଳଙ୍କ ସହ ସେମାନେ ଆଲୋଚନା କରିଥିଲେ। ଏ ଦିଗରେ ସେମାନେ ଜିଲାପାଳଙ୍କ ସହଯୋଗ ଲୋଡ଼ିଥିଲେ। ଜନସାଧାରଣଙ୍କୁ ସମସ୍ତ ସେବା ଯୋଗାଇ ସେମାନଙ୍କ ସମସ୍ୟା ସମାଧାନ କରିବାରେ ନିଜକୁ ନିୟୋଜିତ କରି ପୌର ପରିଷଦକୁ ସୁନ୍ଦର ରୂପେ ଗଢ଼ି ତୋଳିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

### ଅଭିନବ ଉପାୟରେ ବ୍ୟବସାୟୀଙ୍କୁ ଲୁଟ୍
#### ରାସ୍ତାରେ ଟଙ୍କା ପକାଇ ଲକ୍ଷେ ନେଇଗଲେ




ଜୟପୁର, ୧୩ା୫(ନି.ପ୍ର.)-ଜୟପୁର ସହରରେ ସ୍ପଷ୍ଟ ଦିବାଲୋକରେ ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ ହୋଇଛି। ଜୟନଗରର ବ୍ୟବସାୟୀ ପି. ସୁଦର୍ଶନ ରାଓଙ୍କଠାରୁ ଲୁଟେରାମାନେ ଅଭିନବ ଉପାୟରେ ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏକ ବାଇକରେ ଆସି ଦୁର୍ବୃତ୍ତମାନେ ୨୫୦ ଟଙ୍କା ନେହେରୁନଗର ରାସ୍ତାରେ ପକାଇ ଦେଇ ସୁଦର୍ଶନଙ୍କୁ ଆପଣଙ୍କ ଟଙ୍କା ପଡ଼ିଛି କହିଥିଲେ। ସୁଦର୍ଶନ ପଛକୁ ବୁଲି ଚାହିଁବା ବେଳକୁ ତାଙ୍କ ନିକଟରେ ଥିବା ଟଙ୍କା ବ୍ୟାଗ୍ ଲୁଟେରାମାନେ ଝାମ୍ପି ନେଇଥିଲେ। ସେ ଆକ୍ସିସ୍ ବ୍ୟାଙ୍କରୁ ଏହି ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଏନେଇ ଟାଉନ ଥାନାରେ ସୁଦର୍ଶନ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପି.ଆମ୍ବାଗୁଡ଼ାକୁ ବର୍ଷ ତମାମ ପାଣି ଯୋଗାଉଛି ଆନ୍ଧ୍ର

- ଓଡ଼ିଶା ବସାଇଥିବା ନଳକୂପ ଆଂଶିକ କାର୍ଯ୍ୟକ୍ଷମ ଅଛି
- ଗ୍ରାମବାସୀଙ୍କୁ ମନାଇବାକୁ ଆନ୍ଧ୍ରର ପାଣି ଯୋଗାଣ
- ଛିଡ଼ାହୋଇପାରେ ପୁଣି ଏକ କୋଟିଆ ବିବାଦ

ସୁନାବେଡ଼ା/ସେମିଳିଗୁଡ଼ା, ୧୩ା୫(ସ୍ୱ.ପ୍ର.)


ପାଇପ ଯୋଗେ ଆନ୍ଧ୍ର ଯୋଗାଇ ଦେଉଥିବା ପାନୀୟ ଜଳ।


ପି.ଆମ୍ବାଗୁଡ଼ା ଗ୍ରାମ।

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ସାଡାମ ପଞ୍ଚାୟତ ଅଧୀନରେ ରହିଛି ପି.ଆମ୍ବାଗୁଡ଼ା ଗ୍ରାମ। ଏହି ଗ୍ରାମରେ ବର୍ଷ ତମାମ ଲାଗି ରହିଛି ପାଣି ସମସ୍ୟା। ପାଣି ପାଇଁ ଗ୍ରାମବାସୀ ପଡ଼ୋଶୀ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ ନିର୍ଭରଶୀଳତାର ସୁଯୋଗ ନେଇ ଆନ୍ଧ୍ର ମଧ୍ୟ ପାଣି ଯୋଗାଉଛି। ଏହି ଗ୍ରାମରେ ୮୨ ପରିବାରର ୪୦୦ରୁ ଊର୍ଦ୍ଧ୍ୱ ଲୋକ ରୁହନ୍ତି। ପିଇବାପାଣି ପାଇଁ ଓଡ଼ିଶା ପ୍ରଶାସନ ପକ୍ଷରୁ ପ୍ରାୟ ୨୦ବର୍ଷ ତଳେ ଗୋଟିଏ ନଳକୂଅ ଖୋଳାଯାଇଥିଲା। ତାହା ଆଂଶିକ ଭାବେ କାମ କରୁଥିବା ବେଳେ ଆବଶ୍ୟକ ମୁତାବକ ପାଣି ବାହାରୁନାହିଁ। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ଏହାର ସୁଯୋଗ ନେଇ ଆନ୍ଧ୍ର ଗ୍ରାମବାସୀଙ୍କୁ ମନାଇବା ଲାଗି ୨୦୧୮ରୁ ପାଣି ଯୋଗାଉଛି। ଏପରି ପାଣି ଯୋଗାଣରୁ ପୁଣି ଏକ କୋଟିଆ ବିବାଦର ସୂତ୍ରପାତ ଯେ ହୋଇ ନ ପାରେ ସେନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏହି ଗ୍ରାମରେ ସରକାରୀ ଅଧିକାରୀମାନଙ୍କ ପାଦ ପଡ଼େନି। ଏହାର ଫାଇଦା ନେବାକୁ ଉଦ୍ୟମ ଜାରି ରଖିଛି ଏହି ପଡ଼ୋଶୀ ରାଜ୍ୟ। ଗ୍ରାମର ଅନ୍ୟ ଏକ ସମସ୍ୟା ହେଉଛି ସ୍ୱାସ୍ଥ୍ୟସେବା। ଏଠାକାର ଲୋକେ ସ୍ୱାସ୍ଥ୍ୟସେବା ଲାଗି ୩୦କି.ମି. ଦୂର କୁନ୍ଦୁଲି କିମ୍ବା ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ତେବେ ରାତିରେ କାହାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲେ ଡାକ୍ତରଖାନା ନେବାକୁ କଷ୍ଟକର ହୋଇଥାଏ। ଏ ସମ୍ପର୍କରେ ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରାଙ୍କୁ ପଚାରିବାରୁ ସେ କହିଲେ, ତଦନ୍ତକରି ଏ ଦିଗରେ ପଦକ୍ଷେପ ନେବେ। ଡ୍ରିଙ୍କବେସ୍, ୱାଟର ବେସ୍ ପ୍ରକଳ୍ପରେ ଏହି ଗ୍ରାମକୁ ସାମିଲ କରାଯାଇ ଜଳକଷ୍ଟ ଦୂର କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ସାଡାମ ସରପଞ୍ଚ ରବି ହନ୍ତାଳଙ୍କୁ ପଚାରିବାରୁ ସେ ଆନ୍ଧ୍ର ପାଣି ଯୋଗାଉଥିବା ସ୍ୱୀକାର କରିଥିଲେ। ସୂଚନାଯୋଗ୍ୟ, ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତକୁ ନେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଦୀର୍ଘବର୍ଷ ଧରି ବିବାଦ ଲାଗି ରହିଛି। କୋଟିଆକୁ ଆନ୍ଧ୍ର ନିଜର ବୋଲି ଦାବିକରି ଆସୁଥିବା ବେଳେ ଏହାକୁ ନେଇ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

## ଡାକ୍ତରଖାନାକୁ ଆମ୍ବୁଲାନ୍ସ ଦେଲା ଆଇସିଆଇସିଆଇ ବ୍ୟାଙ୍କ



ମାଲକାନଗିରି, ୧୩ା୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶୁକ୍ରବାର ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ରୋଗୀଙ୍କୁ ସେବା ଯୋଗାଇ ଦେବା ଲାଗି ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହାକୁ ଜିଲାପାଳ ବିଶାଳ ସିଂ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଆମ୍ବୁଲାନ୍ସ ସ୍ୱାଭିମାନ ଅଞ୍ଚଳର ପାପୁଲୁର ଡାକ୍ତରଖାନାରେ ନିୟୋଜିତ ହେବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫୋର୍ଡ ପକ୍ଷରୁ ଦୁଇଦିନିଆ କର୍ମଶାଳା

ନାରାୟଣ ପାଟଣା, ୧୩ା୫(ଡି ଏନ ଏ )

ନାରାୟଣପାଟଣାରେ ଫୋର୍ଡ୍ ଫାଉଣ୍ଡେଶନ ପକ୍ଷରୁ ପ୍ରାକୃତିକ ସମ୍ବଳର ସୁପରିଚାଳନା, ଯୋଜନା ପ୍ରସ୍ତୁତି ଓ ଏଥିରେ ଗ୍ରାମ ପଞ୍ଚାୟତର ଭୂମିକା ଶୀର୍ଷକ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିପେଟା, ତେନ୍ତୁଳିପଦର ଓ ନାରାୟଣପାଟଣା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ବ୍ୟବସ୍ଥାରେ ନିରନ୍ତନ ବିକାଶ, ଜଳବାୟୁ ପରିବର୍ତ୍ତନର କାରଣ, ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ଓ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ବକ୍ତା ସିଓ୍ୱାଇଏସଡିର ପଞ୍ଚାନନ ବେହେରା, ଡିଏଲଏମ ସନ୍ତୋଷ ପଟ୍ଟନାୟକ ମତ ରଖିଥିଲେ। କର୍ମଶାଳାକୁ ପ୍ରଶିକ୍ଷକ ଅଶୋକ ନନ୍ଦ, ଜିଲା କୋର୍ଡିନେଟର୍ ରମେଶ ସ୍ୱାଇଁ, ବ୍ଲକ ସଂଯୋଜକ ଗୋଲକ ପରିଛା, ସହ ସଂଯୋଜକ ତ୍ରିପତି ପଣ୍ଡା ପରିଚାଳନା କରିଥିଲେ।

# ରଣନୀତି ସମୀକ୍ଷା କଲେ ବିଏସ୍‌ଏଫ୍ ଆଇଜି

**୩ ରାଜ୍ୟ ସୀମାନ୍ତରେ ମାଓବାଦୀ ମୁକାବିଲା**

ମାଲକାନଗିରି/କୋରାପୁଟ, ୧୩ା୫ (ଡି.ଏନ୍.ଏ./ସ୍ୱ.ପ୍ର)

ମାଲକାନଗିରିରେ ଓଡ଼ିଶା-ଛତିଶଗଡ଼-ଆନ୍ଧ୍ର ଆଦି ୩ ରାଜ୍ୟ ସୀମାନ୍ତରେ ମାଓବାଦୀଙ୍କ ଗତିବିଧି ମୁକାବିଲା ନେଇ ଶୁକ୍ରବାର ରଣନୀତି ସମୀକ୍ଷା କରିଛନ୍ତି ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଡ଼ାକଟି। ମାଲକାନଗିରି ଜିଲାର କମ୍ପାନୀ ଅପରେଟିଂ ବେସ୍ ପରିଦର୍ଶନ ସମୟରେ ସେ ବିଏସ୍‌ଏଫ୍ ସ୍ପେଶାଲ ଅପରେଶନ ଆଇଜି ଧୀରେନ୍ଦ୍ର କୁମାର, ନରେନ୍ଦ୍ର ସିଂଙ୍କ ସମେତ ଆଇଜି କମାଣ୍ଡାଣ୍ଟ, ପଡିଆ ୭୬ ବାଟାଲିୟନ ସିଓବି, ଏମ୍‌ଭି-୭୨, ବଡିଗେଟା, ଏମ୍‌ଭି-୮୮ର ଯବାନମାନେ ଉପସ୍ଥିତ ଥିଲେ। ବୁଡାକଟି ଏହି ସବୁ କ୍ୟାମ୍ପ ପରିଦର୍ଶନ କରିବା ସହ ଭେଜାଙ୍ଗିବାଡା, ସିଲାକୋଟା, ଉଦୟଗିରି ରିଜର୍ଭ ଜଙ୍ଗଲ ପରିଦର୍ଶନ କରିଥିଲେ। ଆଲୋଚନା ବେଳେ ସେ ନାଗରିକଙ୍କ ମାନବିକ ଆଭିମୁଖ୍ୟ ପ୍ରତି ସମ୍ମାନ ଦେବାକୁ ଗୁରୁତ୍ୱାରୋପ କରିଥିଲେ। କାମାଣ୍ଡାଣ୍ଟ ନରେନ୍ଦ୍ର ସିଂଙ୍କୁ ସୁରକ୍ଷା ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇ ସିଭିକ ଆକ୍ସନ ପ୍ରୋଗ୍ରାମ ପାଣ୍ଠିରୁ ସାମଗ୍ରୀ ବଣ୍ଟନ କରିବା, କ୍ରୀଡ଼ା ଟୁର୍ନାମେଣ୍ଟ ଆୟୋଜନ କରିବା, କ୍ରୀଡ଼ା କ୍ଲବ ସୃଷ୍ଟି କରି କ୍ରୀଡ଼ା ସାମଗ୍ରୀ ଯୋଗାଇ ଯୁବକମାନଙ୍କୁ ସହାୟତା କରିବାକୁ ଆଇଜି ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନକୁ ନେଇ ସେ ପ୍ରଶଂସା କରିଥିଲେ।

ଏହି ଅବସରରେ ବିଏସ୍‌ଏଫ ଆଇଜି ବୁଡାକଟି କୋରାପୁଟ ଜିଲାର ମାଓବାଦୀ ଉପଦ୍ରୁତ ଅଞ୍ଚଳ ଭାବେ ଜଣାଶୁଣା ବୈପାରିଗୁଡ଼ା ବ୍ଲକର ରାମଗିରି ଓ ଦଣ୍ଡାବାଡି ଗସ୍ତ କରିଥିଲେ। ସେଠାରେ ଅବସ୍ଥାପିତ ବିଏସ୍‌ଏଫ୍‌ର ୧୫୧ ବାଟାଲୟନ ପରିଦର୍ଶନ କରି ମାଓବାଦୀଙ୍କ ଗତିବିଧି ନେଇ ଡିଆଇଜି (ଅପରେଶନ) ଧୀରେନ୍ଦ୍ର କୁମାର, ବାଟାଲୟନ ଦୁର୍ଗପତି ଅଜୟ କୁମାରଙ୍କ ସହ ପଦସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୈପାରିଗୁଡା-ଛତିଶଗଡ ସୀମାନ୍ତରେ ଥିବା ତୁଳସୀ ପାହାଡ ପରିସୀମା ଅଞ୍ଚଳରେ ଅଧିକ ଆଉଟ ପୋଷ୍ଟ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତୁଳସୀ ପାହାଡର ସଂରକ୍ଷିତ ଜଙ୍ଗଲ ପରିସୀମାକୁ ଲାଗିଥିବା କ୍ୟାମ୍ପର ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ଏହିସବୁ ଦୁର୍ଗମ ଅଞ୍ଚଳରେ ବିଏସ୍‌ଏଫ ପକ୍ଷରୁ ଜନ ସମ୍ପର୍କ ଶିବିରମାନ କରିବା ଲାଗି ପରାମର୍ଶ ଦେଇଥିଲେ।


ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଡାକଟି ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ୮ ଦଫା ଦାବିରେ ୪ ପଞ୍ଚାୟତ ଲୋକ ଏକାଠି


ଏକାଠି ହୋଇଥିବା ୪ ପଞ୍ଚାୟତର ଲୋକେ ଆଲୋଚନା କରୁଛନ୍ତି।

କାଲିମେଲା, ୧୩ା୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମୋଟୁ ପଞ୍ଚାୟତ ମୁରଲିଗୁଡା ଗ୍ରାମଠାରେ ଜିଲାରେ ବସବାସ କରୁଥିବା ଆଦିବାସୀଙ୍କୁ ନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ୪ଟି ପଞ୍ଚାୟତର ଜନପ୍ରତିନିଧି ଓ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ପୁଶୁଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମା ରାବା ଅଧକ୍ଷତା କରିଥିଲେ। ମାଲକାନଗିରି ଜିଲା ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ସଭାପତି ଲଳିତ ନାରାୟଣ ମାଡକାମୀ, ମୋଟୁ ସରପଞ୍ଚ ରୁଚି କାଟମ, ମାଲାଭରମ ସରପଞ୍ଚ ଦୁର୍ଗାଚରଣ ମାଢ଼ି, ମହାରାଜପାଲି ସରପଞ୍ଚ ମୁଡା ସୋଡ଼ି, ମୋଟୁର ପୂର୍ବତନ ସରପଞ୍ଚ ଦାରି ଲିଙ୍ଗା, ମାଲାଭରମ ପୂର୍ବତନ ସରପଞ୍ଚ ଜଗା ଓଇକା, ମୋଟୁ ପୂର୍ବତନ ୱାର୍ଡମେମ୍ବର ମେନ୍ତୁଲା ରାଜୁ, ପୁଶୁଗୁଡା ନାଏବ ସରପଞ୍ଚ ମୁଡା ମିଡିଆମି, ମୁରଲିଗୁଡା ଗ୍ରାମ ମୁଖିଆ ଜଗା କାଟାମ, ମୁଡା ସୋଡ଼ି, ମୋଟୁମ ଧର୍ମା ଏବଂ ଅନ୍ୟ ଗ୍ରାମର ମୁଖିଆମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ୮ଟି ଦାବି ଉପରେ ଆଲୋଚନା କରାଯାଇଥିଲା। ବନବାସୀଙ୍କ ଜମି, ଜଙ୍ଗଲ ଓ ଜଳ ଉପରେ ଅଧିକାରକୁ ଗୁରୁତ୍ୱ ଦେବା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ଜମି ଜଙ୍ଗଲ ନଷ୍ଟ କରୁଥିବା ଅଣ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଜନପ୍ରତିନିଧିଙ୍କ ଦସ୍ତଖତକୁ ନକଲି କରି ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସଂରକ୍ଷିତ ଜଙ୍ଗଲ ନଷ୍ଟ କରି ଗୋଦାମ୍ ଗୃହ ଓ ପୋଖରୀ ଖୋଳିଥିବା ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଆଲୋଚନା ହୋଇଥିବା ଦାବିଗୁଡ଼ିକ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇବା ଲାଗି ଏକ ଦାବିପତ୍ର ପଠାଯାଇଛି। ସରକାର ଓ ଜିଲା ପ୍ରଶାସନ ଏହାକୁ ବିଚାରକୁ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଜନପ୍ରତିନିଧିମାନେ ଦାବି କରିଛନ୍ତି ।

## ଘଡ଼ା ଘାଟିରେ ଓଲଟିଲା ଚାଉଳ ବୋଝେଇ ଟ୍ରକ୍



ଦଶମନ୍ତପୁର, ୧୩ା୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତର ଘଡ଼ା ଘାଟିରେ ଶୁକ୍ରବାର ଏକ ଚାଉଳ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। କୋରାପୁଟ ଗୋଦାମରୁ ଚାଉଳ ଧରି ଲୁଲ୍ଲା ପଞ୍ଚାୟତକୁ ଆସୁଥିବା ବେଳେ ଘାଟି ରାସ୍ତାର ବୁଲାଣି ଗାର୍ଡ୍‌ୱାଲରେ ପିଟିହୋଇ ଟ୍ରକ୍ (ଓଆର୍୧୮- ୩୧୫୬)ଟି ତଳକୁ ଖସି ପଡ଼ିଥିଲା। ଏହି ଖବର ପାଇ ମରିଚମାଲ ଗ୍ରାମର ଆଶାକର୍ମୀଙ୍କ ସ୍ୱାମୀ ଡିସ କୁଲିସିକା, ଭୀମ ଜାନି, ମାଟୁ ସାଉଣ୍ଟା, ଈଶ୍ୱର କମାରଙ୍କ ସହ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ପୀତାମ୍ବର ଅମନାତିଆଙ୍କୁ ଉଦ୍ଧାର କରି ଏକ ବାଇକ ଯୋଗେ ଦଶମନ୍ତପୁର ମେଡିକାଲକୁ ନେଇ ଚିକିତ୍ସା କରିଥିଲେ।

## ନାଲକୋ ଦେଲା ୨ ପିସିଆର ଭ୍ୟାନ

ଦାମନଯୋଡି, ୧୩ା୫(ଡି.ଏନ.ଏ.)-


ରାଷ୍ଟ୍ରାୟତ ନବରତ୍ନ କମ୍ପାନୀ ନାଲକୋ ପକ୍ଷରୁ ଶୁକ୍ରବାର କୋରାପୁଟ ଜିଲା ପୋଲିସକୁ ୨ଟି ପିସିଆର ମୋବାଇଲ ଭ୍ୟାନ ପ୍ରଦାନ କରାଯାଇଛି। କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଓ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ, ନାଲକୋ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣି ପ୍ରସାଦ ସାମଲ, ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ଡିଜିଏମ ସରୋଜ ନାଥ, ବିଛନ୍ଦ ଚରଣ ଦାଶ ଏବଂ ଉପପ୍ରବନ୍ଧକ ଅରୁଣ ମହାନ୍ତି ଉପସ୍ଥିତ ଥିଲେ।

# ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି, ୧୩ା୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଘନବେଡ଼ାସ୍ଥିତ ୯ମ ବାଟାଲିୟନର ବିଏସ୍‌ଏଫ୍ ଯବାନ ଶୁକ୍ରବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଏନେଇ ସୂଚନା ପାଇ ବିଏସ୍‌ଏଫ୍‌ର ଅତିରିକ୍ତ କମାଣ୍ଡାଣ୍ଟ ରମେଶ ପାଉଲ, ଇନ୍ସପେକ୍ଟର ଅଜୟ ସିଂଙ୍କ ସହ ଯବାନମାନେ ଜୋଡାମ୍ବ ଥାନା ଅନ୍ତର୍ଗତ ପେଟିଲିପଦର ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। କିଛି ସମୟରେ ମାଓବାଦୀମାନେ ଲୁଚାଇ ରଖିଥିବା ସାମଗ୍ରୀ ଠାବକରି ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ୨ଟି ବାଇନାକୁଲାର, ୧୭ଟି ଇଲେକ୍ଟ୍ରି ବଜର, ୪ଟି ୧୨ ଭୋଲ୍ଟର ଅଟୋ କପ୍ କଣ୍ଡକ୍ଟର, ୪ଟି ବଡ ସୋଲ୍ଡରିଂ ଆଇରନ, ୩ଟି ମଧ୍ୟମ ଧରଣର ସୋଲ୍ଡରିଂ ଆଇରନ୍, ତାର କଟର, ଆମ୍ପ୍ଲିଫାୟାର ମିଟର, ବିଦ୍ୟୁତ୍ ଟେଷ୍ଟର, ସର୍କିଟ ପ୍ଲେଟ୍, ମୋବାଇଲ ବାଟେରି ଚାର୍ଜର, ବଟନ କଣ୍ଡକ୍ଟର, ଇଣ୍ଡିକେଟର, ଷ୍ଟିଲ୍ ଡବା ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଏଗୁଡ଼ିକ ବୋମା ତିଆରି ପାଇଁ ମାଓବାଦୀମାନେ ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ସେହିପରି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଯନ୍ତ୍ରୀ ବିଏସ୍‌ଏଫ୍ ଯବାନମାନେ ଧାକଡପଦର ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଅତିରିକ୍ତ କମାଣ୍ଡାଣ୍ଟ ଦେବେନ୍ଦ୍ର ସିଂ ରାଓତଙ୍କ ନେତୃତ୍ୱରେ ଯବାନମାନେ ଧାକଡପଦର ଗ୍ରାମ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରିବା ବେଳେ ମାଓବାଦୀ ସାମଗ୍ରୀ ଜବତ କରଥିଲେ। ଜବତ ସାମଗ୍ରୀ ମଧ୍ୟରେ ୩୬ ମିଟର ନୋଟେଡ୍ କଡେକ୍ସ, ୩ଟି ମାଓବାଦୀ ବ୍ୟାନର, ୨ଟି ରେଗଜିନ୍ ରୋଲ୍, ଦୁଇ ହଳ ଜୋତା, ୩ଟି ବେଲକ୍ରୋ ରୋଲ୍, ଔଷଧ ଆଦି ରହିଛି। ଏହିସବୁ ସାମଗ୍ରୀ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ।


ଘନବେଡ଼ା ବିଏସ୍‌ଏଫ୍ ପକ୍ଷରୁ ପେଟିଲିପଦର ଜଙ୍ଗଲରୁ ଜବତ ମାଓବାଦୀ ସାମଗ୍ରୀ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋରାପୁଟ, ୧୩ା୫(ସ୍ୱ.ପ୍ର.)



ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରୁଛନ୍ତି ।

କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରାପୁଟ ବ୍ଲକ ଓ କୋରାପୁଟ ମ୍ୟୁନିସିପାଲଟିର ୧୫୬ ଜଣ ଦିବ୍ୟାଙ୍ଗ ଭାଗ ନେଇଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ଥିତିପ୍ରଜ୍ଞା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ୧୫୬ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୨୦ ଜଣ ଦୃଷ୍ଟି ବାଧିତ, ମୁକ ଓ ବଧିର ୨୪ ଜଣ, ଅସ୍ଥିଶଲ୍ୟ ୬୪ ଜଣ, ମାନସିକ ରୋଗୀ ୧୬ ଜଣ , ସିକିଲସେଲ ରୋଗୀ ୩୨ ଜଣ ଥିଲେ । କୋରାପୁଟ ମେଡିକାଲ କଲେଜର ଡାକ୍ତରମାନେ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଅନୁମୋଦନ କରିଥିଲେ । ଶିବିରକୁ ସୁଶ୍ରୀ ଲିପିକାରାଣୀ ଭତ୍ରା ଓ ନିତିନ ଭୁକ୍ତା ପରିଚାଳନା କରିଥିଲେ ।

# ସାପ୍ତାହିକ ହାଟ ନିଲାମ ନେଇ ବୈଠକ

ପଟ୍ଟାଙ୍ଗୀ, ୧୩ା୫(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାରେ ବସୁଥିବା ସାପ୍ତାହିକ ହାଟ ନିଲାମ ଲାଗି ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଇଓ ଚିନ୍ମୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ବସିଥିବା ଏହି ବୈଠକରେ ସରପଞ୍ଚ ଆଲମେ ଫୁଲ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମଙ୍ଗଳବାର ଏହି ସାପ୍ତାହିକ ହାଟ ବସୁଛି। ପଞ୍ଚାୟତ ପକ୍ଷରୁ ସ୍ଥିର ହୋଇଥିବା ପ୍ରଥମ ମୂଲ୍ୟ ୨୦ହଜାର ୧୦୦ଟଙ୍କାରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜଣେ ବ୍ୟକ୍ତି ୨୨ହଜାର ଟଙ୍କା ଡାକରା ଦେଇଥିଲେ। ପରେ ପର୍ଶୁ ହନ୍ତାଳ ୨୨ହଜାର ୫୦୦ ଟଙ୍କା ଡାକିବାରୁ ୱାର୍ଡ ମେମ୍ବର ଲକ୍ଷ୍ମଣ ହନ୍ତାଳ ୨୨ହଜାର ୮୦୦ଟଙ୍କା ଡାକିଥିଲେ। ପରେ ରାମ ବାଙ୍କା ୨୩ହଜାର ଟଙ୍କା ଡାକିଥିଲେ। ପରେ ଆଉ କେହି ଅଂଶଗ୍ରହଣ କରି ନ ଥିଲେ। ଶେଷରେ ରାମ ବାଙ୍କା ଏହି ସାପ୍ତାହିକ ହାଟକୁ ବର୍ଷେ ପାଇଁ ନିଲାମ ନେଲେ ବୋଲି ବୈଠକରେ ଜିପିଓ ଦିବାକର ପୁରୋହିତ ଘୋଷଣା କରିଥିଲେ। ନିଲାମ ପ୍ରକ୍ରିୟା ବେଳେ ସମିତି ସଭ୍ୟା ଶିବାନୀ ନାୟକ, ରାଲେଗଡା ପିଇଓ ମମିତା ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ନିଲାମ ପ୍ରକ୍ରିୟା ପରିଚାଳନା କରୁଥିବା ଅଧିକାରୀମାନେ।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ଶିକ୍ଷକଙ୍କ ଅଭାବ**

ମାଲକାନଗିରି, ୧୩ା୫ (ଡି.ଏନ୍.ଏ.)


ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଅଭିଭାବକ ଓ ଗ୍ରାମବାସୀ।

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ବିକାଶ ନେଇ ରାଜ୍ୟ ସରକାର ସର୍ବଦା ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଅନେକ ବଡ ବଡ ଯୋଜନାର ଶୁଭାରମ୍ଭ ମାଲକାନଗିରି ଜିଲାରୁ ଆରମ୍ଭ କରିଛନ୍ତି। ୫-ଟି ମଡେଲ ବିଦ୍ୟାଳୟ ଶୁଭାରମ୍ଭ ହୋଇ ଏହି ଯୋଜନାରେ ବିଦ୍ୟାଳୟ ଗୃହ ନିର୍ମାଣ ହେଉଛି ସତ ହେଲେ ଶିକ୍ଷାଦାନ ଲାଗି ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତି ସରକାର ଗୁରୁତ୍ୱ ଦେ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଜିଲାର ଗୋରାଖଣ୍ଟା ପଞ୍ଚାୟତ ଅନ୍ତର୍ଗତ କୁର୍ସୁବାଡା ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶୁକ୍ରବାର ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଏ ନେଇ ପୂର୍ବରୁ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ଯେ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ହୋଇନାହିଁ ସେ ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। କୁର୍ସୁବାଡା ବିଦ୍ୟାଳୟରେ ୩୦୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୫ଜଣ ଶିକ୍ଷକ ଅଛନ୍ତି। ସେଥିରୁ ଜଣେ ଶିକ୍ଷୟିତ୍ରୀ ଅସୁସ୍ଥତା ହେତୁ ଦୀର୍ଘ ମାସ ହେଲା ଛୁଟିରେ ରହି ଚଳିତ ମାସରେ ଅବସର ନେବାକୁ ଥିବାରୁ ସେ ଅଳ୍ପଦିନ ତଳେ କାର୍ଯ୍ୟରେ ଯୋଗ ଦେଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏରା ପଡିଆମି କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଶିକ୍ଷା ସହାୟକମାନଙ୍କ ସ୍ଥାୟୀ ପ୍ରକ୍ରିୟା ଜାରି ରହିଛି। ଦୁଇ ତିନି ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବାପରେ କୁର୍ସୁବାଡା ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ଦୂର କରାଯିବ । ବିଦ୍ୟାଳୟ ପରିଚାଳନା କମିଟି ସହ କୁର୍ସୁବାଡା ଗ୍ରାମବାସୀ ଏବଂ ଅନ୍ୟ ଗ୍ରାମର ଅଭିଭାବକମାନେ ଧାରଣାରେ ସାମିଲ ହୋଇଥିଲେ।

## ୧୦୦ ଟ୍ରିଲିୟନ ଡଲାର ତଳେ ଏମ୍‌-କ୍ୟାପ୍‌

**ନୂଆଦିଲ୍ଲୀ:** ଡିସେମ୍ବର ୨୦୨୦ ପରେ ପ୍ରଥମ ଥର ପାଇଁ ବୈଶ୍ୱିକ ବଜାରର ପୁଞ୍ଜୀକରଣ ସର୍ବଭାରତୀୟ ସ୍ତରରେ ସୂଚୀବଦ୍ଧ ସମସ୍ତ କମ୍ପାନୀର ମୂଲ୍ୟ ୧୦୦ ଟ୍ରିଲିୟନ ଡଲାରରୁ ତଳ ସ୍ତରକୁ ଖସିଯାଇଛି। ମୁଦ୍ରାସ୍ଫୀତି ମୁକାବିଲା ପାଇଁ ମୁଦ୍ରାନୀତିକୁ କଡ଼ାକଡ଼ି କରିବା ଲାଗି ଆମେରିକାର ଫେଡେରାଲ ରିଜର୍ଭର ନିଷ୍ପତ୍ତି ଦ୍ୱାରା ଆରମ୍ଭ ହେବାକୁ ଥିବା ବୈଶ୍ୱିକ ଶେୟାରରେ ହ୍ରାସ କାରଣରୁ ଏଭଳି ଘଟିଛି। ଚାଇନାର ଦୃଢ଼ କୋଭିଡ୍‌ ନିୟନ୍ତ୍ରଣ ନୀତି ଏବଂ ରୁଷିଆ-ୟୁକ୍ରେନ୍‌ ଯୁଦ୍ଧ କାରଣରୁ ବଜାରରେ ସୃଷ୍ଟି ହୋଇଥିବା ଖରାପ ସ୍ଥିତି କାରଣରୁ ଶେୟାର ବିକ୍ରୟ ବଢ଼ାଇ ଦିଆଯାଇଥିଲା। ବ୍ଲୁମ୍‌ବର୍ଗ ତଥ୍ୟ ଅନୁସାରେ ଚଳିତ ବର୍ଷ ବୈଶ୍ୱିକ ବଜାର ପୁଞ୍ଜୀକରଣରେ ୨୨ ଟ୍ରିଲିୟମ୍‌ ଡଲାରରୁ ଊର୍ଦ୍ଧ୍ୱ ମାର୍କେଟ୍‌ କ୍ୟାପ୍‌କୁ ହଟାଇ ଦିଆଯାଇଛି।



## ସଂକ୍ଷେପରେ

### ଭାରତୀୟ କମ୍ପାନୀ ମଧ୍ୟରେ ଶୀର୍ଷରେ ଆର୍‌ଆଇଏଲ୍‌

**ନୂଆଦିଲ୍ଲୀ,୧୩।୫:** ଫୋର୍ବସ ପକ୍ଷରୁ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ନେଇ ପ୍ରକାଶିତ ନୂତନ 'ଗ୍ଲୋବାଲ୍‌ ୨୦୦୦' ସୂଚୀରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ ଲିମିଟେଡ୍‌ (ଆର୍‌ଆଇଏଲ୍‌) ଦୁଇଟି ସ୍ଥାନ ଉପରକୁ ଉଠି ୫୩ତମ ସ୍ଥାନରେ ପହଞ୍ଚିଛି। କମ୍ପାନୀଗୁଡ଼ିକର ଲାଭ, ବିକ୍ରି, ସମ୍ପତ୍ତି ଏବଂ ବଜାର ମୂଲ୍ୟାଙ୍କ ଆଧାରରେ ଫୋର୍ବସ୍‌ ପକ୍ଷରୁ ୨୦୨୨ ବର୍ଷ ପାଇଁ ବିଶ୍ୱସ୍ତରୀୟ ଟପ୍‌ ୨୦୦୦ କମ୍ପାନୀଗୁଡ଼ିକର ତାଲିକା ଜାରି କରାଯାଇଛି। ଏହି ତାଲିକାରେ ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ଆର୍‌ଆଇଏଲ୍‌ ଶୀର୍ଷରେ ରହିଛି। ଏହାପରେ ୧୦୫ତମ ସ୍ଥାନରେ ଭାରତୀୟ ଷ୍ଟେଟ୍‌ ବ୍ୟାଙ୍କ, ୧୫୩ତମ ସ୍ଥାନରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌, ୨୦୪ତମ ସ୍ଥାନରେ ଆଇସିଆଇସିଆଇ ବ୍ୟାଙ୍କ ରହିଛନ୍ତି। ସୂଚନାଯୋଗ୍ୟ ୨୦୨୧-୨୨ ଆର୍ଥିକ ବର୍ଷରେ ଆର୍‌ଆଇଏଲ୍‌ର ବ୍ୟବସାୟ ୧୦୪.୬ ବିଲିୟନ୍‌ ଡଲାର ରହିଛି। ଏହା ବାର୍ଷିକ ୧୦୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ରାଜସ୍ୱ ଥିବା ପ୍ରଥମ ଭାରତୀୟ କମ୍ପାନୀ।

### ଖସିଲା ଶେୟାର ବଜାର

**ମୁମ୍ବାଇ,୧୩।୫:** ଚଳିତ ସପ୍ତାହ ସାରା ଶେୟାର ବଜାରରେ ହ୍ରାସ ସ୍ଥିତି ଦେଖିବାକୁ ମିଳିଛି। ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍‌ ଶୁକ୍ରବାର ମଧ୍ୟ ହ୍ରାସ ସହିତ ବଜାର ବନ୍ଦ ହୋଇଛି। ଦିନର କାରବାର ଆରମ୍ଭ ସମୟରେ ଶେୟାର ବଜାର ଭଲ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଲାଲ୍‌ ସଙ୍କେତରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସ ୧୩୬.୬୯ ପଏଣ୍ଟ (୦.୨୬%) ଏବଂ ନିଫ୍‌ଟିରେ ୨୫.୮୫ ଅଙ୍କ (୦.୧୬%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ଯଥାକ୍ରମେ ୫୨,୭୯୩.୬୨ ଇଣ୍ଡେକ୍ସ ଏବଂ ୧୫,୭୮୨.୧୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍‌ ଲୁଜର୍ସ ତାଲିକାରେ ହଟ୍‌ସନ୍‌ ଆଗ୍ରୋ ପ୍ରଡକ୍ଟସ୍‌, ଗୁଜରାଟ ନର୍ମଦା ଭ୍ୟାଲି ଫର୍ଟିଲାଇଜର, ବେଦାନ୍ତ ରହିଥିବା ବେଳେ ଟପ୍‌ ଗେନର୍ସ ତାଲିକାରେ ପିବି ଫିନ୍‌ଟେକ୍‌, ଟାଟା ଏଲ୍‌କ୍ସି, ଆଇଏଫ୍‌ବି ଇଣ୍ଡଷ୍ଟ୍ରିଜ୍‌, ନଜାରୋ ଟେକ୍ନୋଲୋଜିଜ୍‌ ରହିଛନ୍ତି।

# ୪୦.୧୯ ବିଲିୟନ ଡଲାରରେ ପହଞ୍ଚିଲା ରପ୍ତାନି

**ନୂଆଦିଲ୍ଲୀ,୧୩।୫**



- ଏପ୍ରିଲରେ ୩୦.୭% ରପ୍ତାନି ବୃଦ୍ଧି
- ପେଟ୍ରୋଲିୟମ, ଇଲେକ୍‌ଟ୍ରୋନିକ୍ସ ଏବଂ ରସାୟନ ଉତ୍ପାଦ ରପ୍ତାନିରେ ଉତ୍ତମ ପ୍ରଦର୍ଶନ

ପେଟ୍ରୋଲିୟମ, ଇଲେକ୍‌ଟ୍ରୋନିକ୍ସ ଏବଂ ରସାୟନ ଉତ୍ପାଦ ଭଳି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଦ୍ୱାରା ଗତ ଏପ୍ରିଲରେ ଦେଶର ବାଣିଜ୍ୟିକ ରପ୍ତାନିରେ ୩୦.୭% ବୃଦ୍ଧି ଘଟି ୪୦.୧୯ ବିଲିୟନ ଡଲାରରେ ପହଞ୍ଚିଛି। ତେବେ ଏହି ସମୟ ମଧ୍ୟରେ ବ୍ୟବସାୟିକ ନିଅଣ୍ଟରେ ବୃଦ୍ଧି ଘଟି ୨୦.୧୧ ବିଲିୟନ ଡଲାରରେ ପହଞ୍ଚିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏହି ସମୀକ୍ଷାଧୀନ ମାସ ମଧ୍ୟରେ ଆମଦାନୀରେ ୩୦.୯୭% ବୃଦ୍ଧି ଘଟି ୬୦.୩ ବିଲିୟନ ଡଲାରରେ ପହଞ୍ଚିଛି। ପୂର୍ବବର୍ଷ ଅର୍ଥାତ୍‌ ୨୦୨୧ ଏପ୍ରିଲରେ ବ୍ୟବସାୟିକ ନିଅଣ୍ଟ ୧୫.୨୯ ବିଲିୟନ ଡଲାର ରହିଥିଲା। ମନ୍ତ୍ରଣାଳୟ ତଥ୍ୟରେ କୁହାଯାଇଛି, ଗତ ଆର୍ଥିକ ବର୍ଷରେ ଉତ୍ତମ ପ୍ରଦର୍ଶନ ପରେ ଚଳିତ ଆର୍ଥିକ ବର୍ଷ ଆରମ୍ଭ ମାସରେ ମଧ୍ୟ ରପ୍ତାନି କ୍ଷେତ୍ରରେ ବୃଦ୍ଧି ଜାରି ରହିଛି। ଚଳିତ ଆର୍ଥିକ ବର୍ଷ ଆରମ୍ଭ ମାସ ଅର୍ଥାତ୍‌ ଏପ୍ରିଲରେ ବ୍ୟବସାୟିକ ରପ୍ତାନି ୪୦ ବିଲିୟନ ଡଲାର ଅତିକ୍ରମ କରି ଏକ ନୂତନ ରେକର୍ଡ ସ୍ଥାପନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପ୍ରିଲ ମାସରେ ପେଟ୍ରୋଲ ଏବଂ ଅଶୋଧିତ ତୈଳ ଆମଦାନୀରେ ୮୭.୫୪% ବୃଦ୍ଧି ଘଟି ୨୦.୨ ବିଲିୟନ ଡଲାରରେ ପହଞ୍ଚିଛି। କୋଇଲା, କୋକ୍‌ ଏବଂ ବ୍ରିକେଟ୍ସ ଆମଦାନୀରେ ୨୦୨୧ ଏପ୍ରିଲର ୨ ବିଲିୟନ ଡଲାର ତୁଳନାରେ ୪.୯୩ ଡଲାରକୁ ବୃଦ୍ଧି ପାଇଛି। ଏହାଛଡ଼ା ୨୦୨୧ ଏପ୍ରିଲରେ ହୋଇଥିବା ସୁନା ଆମଦାନୀ ପରିମାଣ ୬.୨୩ ବିଲିୟନ ଡଲାର ତୁଳନାରେ ୭୨% ହ୍ରାସ ପାଇ ୧.୭୨ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନିରେ ୧୫.୩୮% ବୃଦ୍ଧି ଘଟି ୯.୨ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ପେଟ୍ରୋଲିୟମ୍‌ ଉତ୍ପାଦ ରପ୍ତାନିରେ ୧୧୩.୨୧% ବୃଦ୍ଧି ହୋଇ ୭.୭୩ ବିଲିୟନ ଡଲାରରେ ପହଞ୍ଚିଛି। ଏହା ପୂର୍ବରୁ ଚଳିତ ମେ' ୩ ତାରିଖରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ସଂକ୍ଷିପ୍ତ ସୂଚନା ଅନୁସାରେ ଏପ୍ରିଲରେ ଭାରତରୁ ବିଭିନ୍ନ ଜିନିଷର ରପ୍ତାନିରେ ୨୪.୨୨% ବୃଦ୍ଧି ଘଟି ୩୮.୧୯ ବିଲିୟନ ଡଲାର ରହିଥିଲା। ଏହାଛଡ଼ା ବାଣିଜ୍ୟିକ ମାନ୍ଦାବସ୍ଥାରେ ବୃଦ୍ଧି ଘଟି ୨୦.୦୭ ବିଲିୟନ ଡଲାର ରହିଥିବା ସୂଚନା ଦିଆଯାଇଥିଲା।

# 'ପ୍ରାଇମା ଜି ୩'ଟ୍ରାକ୍ଟରର ବଜାର ପ୍ରବେଶ

**ନୂଆଦିଲ୍ଲୀ,୧୩।୫**

ଦେଶର ପ୍ରମୁଖ ଟ୍ରାକ୍ଟର ନିର୍ମାତା, ଟାଫେ ଟ୍ରାକ୍ଟର୍ସ ଓ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍‌ 'ଏଇଚର' ଟ୍ରାକ୍ଟର୍ସ ପକ୍ଷରୁ ଏହାର ପ୍ରିମିୟମ ଟ୍ରାକ୍ଟରର ନୂଆ ରେଞ୍ଜ୍‌-ଏଇଚର ପ୍ରାଇମା ଜି୩ ସିରିଜ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଟାଫେର ସିଏମ୍‌ଡି ମଲ୍ଲିକା ଶ୍ରୀନିବାସନ କହିଛନ୍ତି, ଦଶନ୍ଧି ଧରି ଏଇଚର ବ୍ରାଣ୍ଡ ଉଭୟ କୃଷି ଓ ବାଣିଜ୍ୟିକ କ୍ଷେତ୍ରରେ ଏହାର ବିଶ୍ୱାସ, ନିର୍ଭରଯୋଗ୍ୟତା, ଦୃଢତା ଓ ବହୁମୁଖିତା ପାଇଁ ପରିଚିତ। ସେହିଭଳି ଟାଫେ ମୋଟର୍ସ ଓ ଟ୍ରାକ୍ଟର୍ସ ଲିମିଟେଡ୍‌ (ଟିଏମ୍‌ଟିଏଲ୍‌)ର ଡିଏମ୍‌ଡି ଡ. ଲକ୍ଷ୍ମୀ ବେଣୁ କହିଛନ୍ତି, ଭାରତର ଯୁବ ଓ ପ୍ରଗତିଶୀଳ କୃଷକମାନେ ଟେକ୍ନୋଲୋଜି ଓ ଆଗ୍ରି-ଟେକ୍‌ ସଲ୍ୟୁଶନ ଉପରେ ଧ୍ୟାନଦେବା ସହିତ କୃଷି ପରିଚାଳନାରୁ ସର୍ବାଧିକ ରିଟର୍ନ ଚାହୁଁଛନ୍ତି ଏବଂ ପ୍ରାଇମା ଜି ୩ ଏକ ଇକୋସିଷ୍ଟମ ସୃଷ୍ଟି କରିବା କ୍ଷେତ୍ରରେ ଆଦର୍ଶ ସାଥୀ ହେବ ଯାହା କୃଷି କ୍ଷେତ୍ରରେ ବିପ୍ଳବ ଆଣିବ। ସେହିପରି ଟାଫେର ସିଇଓ ସନ୍ଦୀପ ସିହ୍ନା କହିଛନ୍ତି, ଆମେ ନୂଆ ପ୍ରାଇମା ଜି୩ ସିରିଜ୍‌କୁ ଏକ ବିଶ୍ୱସ୍ତରୀୟ ଷ୍ଟାଇଲିଂ ଓ ଇଣ୍ଟରନ୍ୟାଶନାଲ ଟେକ୍ନୋଲୋଜି ସହିତ ବଜାର ପ୍ରବେଶ କରାଇ ଖୁସି ଅନୁଭବ କରୁଛୁ।




ଷ୍ଟେଟ୍‌-ଅଫ୍‌-ଦ-ଆର୍ଟ ଗ୍ରାହକ-କୈନ୍ଦ୍ରିକ ଟେକ୍ନୋଲୋଜି ସହ ନିର୍ମିତ ଏଇଚର ପ୍ରାଇମା ଜି୩ ରେଞ୍ଜ୍‌ ହାଇ ଟର୍କ-ଫୁଏଲ୍‌ ସେଭର (ଏଚ୍‌ଟି-ଏଫ୍‌ଏସ୍‌) ଲିକ୍ୱିଡ୍‌ କୁଲ୍‌ଡ ଇଞ୍ଜିନ୍‌ ସହ ଆସୁଛି ଯାହା ଅଧିକ ଉତ୍ପାଦକତା ଓ ଅଧିକ ଇନ୍ଧନ ସଞ୍ଚୟ ପାଇଁ ଉନ୍ନତ ଦକ୍ଷତା ପ୍ରଦାନ କରୁଛି। କମ୍ପିଟର୍କ ଟ୍ରାନ୍ସମିଶନ ସର୍ବାଧିକ ପାୱାର, ଟର୍କ ଓ ଉତ୍ପାଦକତା ପ୍ରଦାନ କରିବା ପାଇଁ ଇଞ୍ଜିନ୍‌ ଓ ଟ୍ରାନ୍ସଆକ୍ସେଲ୍‌ର ଠିକ୍‌ ପେୟାରିଂ ଦେଉଛି।

# ଚାନ୍ଦି ଭଣ୍ଡାରର ରଜ,ସାବିତ୍ରୀ କଲେକ୍ସନ

**ଭୁବନେଶ୍ୱର,୧୩।୫**

ଚଳିତ ବର୍ଷର ରଜ ଓ ସାବିତ୍ରୀ ଭଳି ପ୍ରମୁଖ ଓଡ଼ିଆ ପର୍ବକୁ ଆଖି ଆଗରେ ରଖି ରାଜ୍ୟର ପ୍ରମୁଖ ରୁପା ସ୍ୱତନ୍ତ୍ର ଷ୍ଟୋର 'ଚାନ୍ଦି ଭଣ୍ଡାର' ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ଅନେକ କଲେକ୍ସନର ସମ୍ଭାର ନେଇ ଆସିଛି। ଏପରିକି ଉପରୋକ୍ତ ୨ଟି ପର୍ବ ମହିଳାମାନଙ୍କର ହୋଇଥିବାରୁ ଷ୍ଟୋର ପକ୍ଷରୁ ଏକ ପ୍ରଦର୍ଶନୀର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଚାନ୍ଦି ଭଣ୍ଡାର ପକ୍ଷରୁ ଏକ ବ୍ରାଣ୍ଡ-ନ୍ୟୁ କଲେକ୍ସନ 'ପଣିହାରୀ'ର ଉନ୍ମୋଚନ ମଧ୍ୟ କରାଯାଇଥିଲା। ଏହି ଅବସରରେ ଚାନ୍ଦି ଭଣ୍ଡାର ନିର୍ଦ୍ଦେଶକ ଲିପ୍ସା ହଂସ ଏବଂ ମାଣିକ ହଂସ ପ୍ରମୁଖ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ।
ବିଶେଷ କରି 'ପଣିହାରୀ' ନାଁ ଟି ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରୁ ଉଦ୍ଧୃତ ହୋଇଛି। ପ୍ରଥମ ଥର ପାଇଁ ଷ୍ଟୋର ପକ୍ଷରୁ ଜଟିଳ ତାରକସି କାମ ଉପରେ ଅକ୍ସିଡାଇଜ୍‌ଡ



ଫିନିସ୍‌ର ଫ୍ୟୁଜନ୍‌ ରହିଥିବା ଗହଣା ପ୍ରସ୍ତୁତ କରାଯାଇଛି। ବିଶେଷକରି ଚୋକର, ବ୍ରେସ୍‌ଲେଟ୍‌, ଆଙ୍କ୍‌ଲେଟ,ପାୟଲ ଏବଂ ଅନ୍ୟାନ୍ୟ ଗହଣା ବର୍ଗରେ ଏହି ଅକ୍ସିଡାଇଜ ଗହଣାର ସମ୍ଭାର ଆସୁଛି। ୨୦୨୨ ମେ'୨୨ରୁ ୨୭ ମଧ୍ୟରେ ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମଧ୍ୟ କରାଯାଉଛି। ଫଳରେ ଏହାରି ମଧ୍ୟରେ ଗ୍ରାହକମାନେ 'ପଣିହାରୀ' ସହ ଅନ୍ୟ ଉତ୍ପାଦ ଓ ଡିଜାଇନିଂଗୁଡିକର ପ୍ରଥମ ଅନୁଭୂତି ମଧ୍ୟ ନେଇପାରିବେ। ଚଳିତ ବର୍ଷ ମେ'୧୩ରୁ ଜୁନ୍‌ ୧୬ ମଧ୍ୟରେ ଷ୍ଟୋର ପକ୍ଷରୁ ଉଭୟ ରଜ ଏବଂ ସାବିତ୍ରୀ ଉପଲକ୍ଷେ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରାଯାଉଛି। ଏହି ଅଫର ଜରିଆରେ ଗ୍ରାହକ ଗଢ଼ା ମୂଲ୍ୟରେ ୩୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଏହି ଅଫର ଚାନ୍ଦି ଭଣ୍ଡାରର ଶହୀଦନଗର, ପଟିଆ ସମେତ ରାଉରକେଲାସ୍ଥିତ ଉଦିତନଗର ଶୋ'ରୁମ୍‌ରେ ମଧ୍ୟ ଉପଲବ୍ଧ ରହିଛି।

# ଏଲ୍‌ଆଇସି ଆଇପିଓ ଇସ୍ୟୁ ପ୍ରାଇସ୍‌ ଧାର୍ଯ୍ୟ

**ନୂଆଦିଲ୍ଲୀ,୧୩।୫**

ଭାରତୀୟ ଶେୟାର ବଜାରରେ ସର୍ବବୃହତ୍‌ ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ) ଆଣିବା ପାଇଁ ସରକାରୀ କ୍ଷେତ୍ରର ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ଇସ୍ୟୁ ପ୍ରାଇସ୍‌ ସ୍ଥିର କରାଯାଇଛି। କମ୍ପାନୀ ପକ୍ଷରୁ ଆଇପିଓର ଇସ୍ୟୁ ପ୍ରାଇସ୍‌ ୯୪୯ ଟଙ୍କା ସ୍ଥିର କରାଯାଇଛି ଅର୍ଥାତ୍‌ ଶେୟାର ପିଛା ୯୪୯ ଟଙ୍କାରେ ଆବଣ୍ଟନ ହୋଇଛି। ଏହା ଆଇପିଓର ଇସ୍ୟୁ ପ୍ରାଇସ୍‌ର ଅପର ବ୍ୟାଣ୍ଡ୍‌। ପୂର୍ବରୁ କମ୍ପାନୀ ପକ୍ଷରୁ ଆଇପିଓର ପ୍ରାଇସ୍‌ ବ୍ୟାଣ୍ଡ ୯୦୨ରୁ ୯୪୯ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏଲ୍‌ଆଇସି ଆଇପିଓରେ ନିବେଶ କରିଥିବା ନିବେଶକ ବର୍ତ୍ତମାନ ଷ୍ଟକ୍‌ ଏକ୍ସଚେଞ୍ଜରେ କମ୍ପାନୀର ଲିଷ୍ଟିଙ୍ଗକୁ ଅପେକ୍ଷା କରିଛନ୍ତି। ମେ' ୧୭ରେ ଏଲ୍‌ଆଇସି ଆଇପିଓ ଷ୍ଟକ୍‌ ଏକ୍ସଚେଞ୍ଜ ତାଲିକାଭୁକ୍ତ ହେବ।

# ବିଏସ୍‌ଏଚ୍‌ ପକ୍ଷରୁ 'ଅନସରହୌସ୍‌'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୩।୫**

ଅଗ୍ରଣୀ ହୋମ୍‌ ଆପ୍ଲାଏନ୍ସ କମ୍ପାନୀ ବିଏସ୍‌ଏଚ୍‌ ହୋମ୍‌ ଆପ୍ଲାଏନ୍ସ ଗ୍ରୁପ ପକ୍ଷରୁ କୋଲକାତାରେ ଏହାର ପ୍ରଥମ ଅନସରହୌସ୍‌ ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଭାରତରେ ବିଏସ୍‌ଏଚ୍‌ର ଏକମାତ୍ର ଏକ୍ସପେରିଏନ୍ସ ସେଣ୍ଟର, ଯେଉଁଠାରେ ଏହାର ୩ଟି ଯାକ ବ୍ରାଣ୍ଡ ଯଥା ବୋସ୍କ, ସିମେନ୍ସ ଏବଂ ଗାଗେନାଉ ଗୋଟିଏ ଛାତ ତଳେ ଉପଲବ୍ଧ ହେଉଛି। ୨୦୦୦ରୁ ଅଧିକ ବର୍ଗଫୁଟର ଏହି ବିଳାସପୂର୍ଣ୍ଣ ସ୍ଥାନରେ ଅତ୍ୟାଧୁନିକ ଟେପାନିଆକି, ହୁଡ୍‌, ବିଲ୍ଟ-ଇନ୍‌ କଫି ମେଶିନ, ୱାଇନ କୁଲର ଇତ୍ୟାଦି ସହିତ ୧୦୦ରୁ ଅଧିକ ହୋମ୍‌ ଆପ୍ଲିଏନ୍ସ ଉପଲବ୍ଧ ହେଉଛି। ବିଏସ୍‌ଏଚ୍‌ର ଅନସରହୌସ୍‌ ସମସ୍ତ ଗ୍ରାହକ ଏବଂ ବ୍ୟବସାୟ ସହଭାଗୀମାନଙ୍କ ସହିତ ଦୀର୍ଘସ୍ଥାୟୀ ବିଶ୍ୱାସ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ଏ ସମ୍ପର୍କରେ ବିଏସ୍‌ଏଚ୍‌ ହୋମ୍‌ ଆପ୍ଲିଏନ୍ସ (ଇଣ୍ଡିଆ ଆଣ୍ଡ ସାର୍କ),ଏମ୍‌ଡି ତଥା ସିଇଓ ନୀରଜ ବହଲ କହିଛନ୍ତି, କୋଲକାତା ଆମର ଉଚ୍ଚ ପ୍ରଦର୍ଶନକାରୀ ବଜାର ମଧ୍ୟରୁ ଗୋଟିଏ । ଏଠାରେ ଆମର ଉପସ୍ଥିତିକୁ ଆହୁରି ବିସ୍ତାର କରିଥିବାରୁ ବେଶ୍‌ ଆନନ୍ଦିତ। ଏହା ଆମର ୧୦୧ତମ ଖୁଚୁରା ସ୍ଥାନ। ଏଠାରେ ଆମର ତିନୋଟି ବ୍ରାଣ୍ଡ-ବୋସ୍କ, ସିମେନ୍ସ ଏବଂ ଗାଗେନାଉକୁ ଗୋଟିଏ ଛାତ ତଳେ ଉପଲବ୍ଧ କରାଉଛି।

## ଫୁର୍‌ସତ୍‌

# ଚନ୍ଦ୍ରରେ ଚାଷ ସମ୍ଭବ

### ଲୁନାର ସଏଲ୍‌ରେ ଉଠିଲା ଗଛ

**ୱାଶିଂଟନ:** ଚନ୍ଦ୍ରରେ ମନୁଷ୍ୟ ବସବାସ କିପରି ସମ୍ଭବପର ହେବ ସେ ନେଇ ବୈଜ୍ଞାନିକମାନଙ୍କ ଗବେଷଣା ଜାରି ରହିଛି। ଚନ୍ଦ୍ରରୁ ସଂଗୃହୀତ ମାଟିରୁ ଗଛ ଉଠିବା ଏକ ପ୍ରକାର ଶୁଭ ସଙ୍କେତ ବୋଲି କୁହାଯାଇପାରିବ। ତେବେ ଏହାଦ୍ୱାରା ଚନ୍ଦ୍ରରେ ଫସଲ ବା ଚାଷ କରାଯାଇପାରିବ ବୋଲି ବୈଜ୍ଞାନିକ ଦାବି କରିଛନ୍ତି। ଆମେରିକାର ଆର୍ଟେମିଶ୍‌ ମିଶନ୍‌ ଚନ୍ଦ୍ର ପୃଷ୍ଠରେ ରହିବାର ଯୋଜନା କରୁଥିବାବେଳେ ଚାଇନା ଓ ରୁଷିଆ ମିଳିତ ଭାବେ ଚନ୍ଦ୍ରରେ ଏକ ଲୁନାର ଷ୍ଟେଶନ ତିଆରି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଗବେଷଣା ପାଇଁ ସ୍ପେସ୍‌ ଷ୍ଟେଶନରେ ରହିବାକୁ ଥିବା ମହାକାଶଚାରୀଙ୍କ ପାଇଁ ଖାଦ୍ୟର ଆବଶ୍ୟକତା ରହିଛି। ଚନ୍ଦ୍ର ପୃଷ୍ଠରୁ ଆସିଥିବା ଏହି ମାଟିକୁ ରିଗୋଲିଥ୍‌ ବୋଲି କୁହାଯାଏ। ଆପୋଲୋ- ଇରା- ଆଷ୍ଟ୍ରୋନଟ୍‌ ମିଶନ ୧୧, ୧୨ ଏବଂ ୧୭ ମିଶନ



ଜରିଆରେ ବୈଜ୍ଞାନିକମାନେ ଚନ୍ଦ୍ର ପୃଷ୍ଠରୁ ରେଗୋଲିଥ୍‌ (ଚନ୍ଦ୍ରରୁ ସଂଗୃହୀତ ମାଟି) ପୃଥିବୀ ଆଣିଥିଲେ। ରେଗୋଲିଥ୍‌କୁ ଏକ ଟ୍ରେ'ରେ ରଖି ସେଥିରେ ପାଣି ଦିଆଯାଇଥିଲା। ଏହାପରେ ଗଛର ମଞ୍ଜି ଏହି ମାଟିରେ ବୁଣାଯାଇ ଏକ ସଫା କୋଠରି ଭିତରେ ଟ୍ରେ'କୁ ଟେରାରିୟମ୍‌ ବକ୍ସରେ (କାଚଦ୍ୱାରା ଆବଦ୍ଧ ଡବା) ରଖାଯାଇଥିଲା। ପ୍ରତ୍ୟେକ ଦିନ କିଛି ପୋଷକ ତତ୍ତ୍ୱ ମାଟିରେ ଦିଆଯାଉଥିଲା। ମାତ୍ର ଦୁଇଦିନ ପରେ ମଞ୍ଜି ଅଙ୍କୁରିତ ହୋଇଥିଲା। ପ୍ରଥମଥର ପାଇଁ ଫ୍ଲୋରିଡା ୟୁନିଭରସିଟିର ବୈଜ୍ଞାନିକମାନେ ରେଗୋଲିଥ୍‌ରେ ଏରାବିଡୋପସିସ୍‌ ଥାଲିଆନା (ଏକ ଛୋଟ ଫୁଲଗଛ) ଉଠିଥିବା ନାସା ପକ୍ଷରୁ କୁହାଯାଇଛି। ଏହାଫଳରେ ରେଗୋଲିଥ୍‌ରେ କୋବି, ବ୍ରୋକ୍‌ଲି ଏବଂ ଛୋଟ ବନ୍ଧାକୋବି ଭଳି ଗଛ ଲଗାଯାଇପାରିବ ବୋଲି ବୈଜ୍ଞାନିକ ଦାବି କରିଛନ୍ତି। ଚନ୍ଦ୍ରରେ ମନୁଷ୍ୟଙ୍କ ପାଇଁ ଉପଲବ୍ଧ ସୁବିଧାର ଲାଭ ଉଠାଇବା ଆବଶ୍ୟକ ବୋଲି ନାସାର ଆର୍ଟେମିଶ୍‌ ପ୍ରୋଗ୍ରାମର ମୁଖ୍ୟ ଜାକୋବ୍‌ ବ୍ଲିଚର କହିଛନ୍ତି।

# ଶୋହେଲ-ସୀମାଙ୍କ ବିବାହରେ ଫାଟ

**ମୁମ୍ବାଇ:** ସୁପରଷ୍ଟାର ସଲମାନ ଖାନ୍‌ଙ୍କ ପରିବାରରେ ଆଉ ଏକ ବିବାହ ବିଚ୍ଛେଦ ହେବାକୁ ଯାଉଛି। ସାନ ଭାଇ ଶୋହେଲ ଖାନ୍‌ଙ୍କ ୨୪ ବର୍ଷର ବୈବାହିକ ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି, ଯାହାପାଇଁ ସେ ସ୍ତ୍ରୀ ସୀମାଙ୍କଠାରୁ ଅଲଗା ହେବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଶୋହେଲ ଓ ସୀମାକୁ ମୁମ୍ବାଇ ଫ୍ୟାମିଲି କୋର୍ଟ ବାହାରେ ଦେଖାଯାଇଥିବାବେଳେ ଦୁହେଁ ଡିଭୋର୍ସ ପାଇଁ କୋର୍ଟରେ ଆବେଦନ କରିଥିବା ଖବର ପ୍ରକାଶ ପାଇଛି। ୧୯୯୮ରେ ସେମାନେ ବିବାହ କରିଥିଲେ। କିଛି ବର୍ଷ ହେବ ଦୁହେଁ ଅଲଗା ରହୁଥିବା କୁହାଯାଉଛି। ଶୋହେଲ, ସୀମାଙ୍କ ଏ ପ୍ରକାର ନିଷ୍ପତ୍ତିରେ ପରିବାର ଲୋକ କି ସେମାନଙ୍କ ପିଲାଙ୍କ କୌଣସି ଆପତ୍ତି ନ ଥିବା ସୀମା କହିଛନ୍ତି। ୨୦୧୭ରେ ଶୋହେଲଙ୍କ ଭାଇ ଅର୍ବାଜ ଖାନ୍‌ ସ୍ତ୍ରୀ ମଲାଇକା ଅରୋରାଙ୍କଠାରୁ ଅଲଗା ହୋଇଥିଲେ। ଦୁହେଁ ବର୍ତ୍ତମାନ ଏକ ଭଲ ବନ୍ଧୁ ହୋଇ ରହୁଥିବାବେଳେ ଅର୍ବାଜ୍‌ ଜର୍ଜଆ ଆଣ୍ଡ୍ରିୟାନିଙ୍କୁ ଡେଟ୍‌ କରୁଥିବାବେଳେ ମଲାଇକା ନିଜଠାରୁ ସାନ ବଲିଉଡ୍‌ ଅଭିନେତା ତଥା ଫିଲ୍ମ ପ୍ରଡ୍ୟୁସର ବୋନି କପୁରଙ୍କ ପୁଅ ଅର୍ଜୁନ କପୁରଙ୍କୁ ଡେଟ୍‌ କରୁଛନ୍ତି।



# କିମ୍‌ ଜଙ୍ଗ୍‌ ପିନ୍ଧିଲେ ମାସ୍କ

**ପୋଙ୍ଗାଙ୍ଗ**

ପ୍ରଥମଥର ପାଇଁ ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍‌ ଜଙ୍ଗ୍‌ ଉନ୍‌ ମାସ୍କ ପିନ୍ଧିଥିବାର ଦେଖିବାକୁ ମିଳିଛି। ଏକ ବୈଠକରେ ଯୋଗଦେବା ଅବସରରେ କିମ୍‌ ମାସ୍କ ପିନ୍ଧିଥିବା ନଜରକୁ ଆସିଛନ୍ତି। ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ଧରି ସାରା ବିଶ୍ୱ ଯେତେବେଳେ ମହାମାରୀକୁ ନେଇ ଭୟଭୀତ ଥିଲା, ସେ ସମୟରେ ଉତ୍ତର କୋରିଆରେ ସଂକ୍ରମଣର ଚିହ୍ନ ନ ଥିଲା। କିନ୍ତୁ ବର୍ତ୍ତମାନ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ କିମ୍‌ ଜଙ୍ଗ୍‌ଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବସିଥିଲା, ଯେଉଁଥିରେ ସେ ମାସ୍କ ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ସଂକ୍ରମଣ ରୋକିବା ପାଇଁ ବିଭିନ୍ନ



ସହରରେ ଲକ୍‌ଡାଉନ୍‌ ସାଙ୍ଗକୁ କୋଭିଡ୍‌ ନିୟମ ଲାଗୁ କରାଯାଇଛି। ଉତ୍ତର କୋରିଆରେ ଉନ୍ନତମାନର ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବାବେଳେ ୨୬ ମିଲିୟନ୍‌ ଲୋକଙ୍କୁ ଟିକା ଦିଆଯୋଇ ନଥିବା ରିପୋର୍ଟ ପ୍ରକାଶ ପାଇଛି।

# ଚିଲ୍ଡ ବିୟର ପାଇଁ ୧୦୦କୁ କଲ୍‌

**ହାଇଦ୍ରାବାଦ**

ବିୟର ପାଇଁ ତେଲଙ୍ଗାନାର ଜଣେ ଯୁବକ ୧୦୦କୁ କଲ୍‌ କରି ହୋଇଛନ୍ତି ହଟହଟା। ଏଭଳି ଅଜବ ଘଟଣା ଘଟିବା ପ୍ରଥମ ନୁହେଁ। ପୋଲିସ ପକ୍ଷରୁ ଜରୁରୀ ସେବା ଯୋଗାଇ ଦେବା ପାଇଁ ଉପଲବ୍ଧ ୧୦୦ ନମ୍ବରକୁ ଅନେକ ସମୟରେ ଲୋକ ଫୋନ୍‌ କରି ବିଚିତ୍ର ଦାବି କରୁଥିବା ଘଟଣା ସାମ୍ନାକୁ ଆସିଛି। ସେହିପରି ଏକ ଘଟଣା ତେଲଙ୍ଗାନାର ବିକାରବାଦ ସହରରେ ଘଟିଛି। ମଦ ନିଶାରେ ଚୁର୍‌ ଥିବା ୨୨ ବର୍ଷୀୟ ମଧୁ ୧୦୦ ନମ୍ବରକୁ କଲ୍‌ କରିଥିଲେ। କଣ୍ଟ୍ରୋଲ ରୁମ୍‌ରେ ଥିବା ପୋଲିସ ଘଟଣା ସମ୍ପର୍କରେ ପଚାରିବାରୁ ମଧୁ କହିଥିଲେ ଯେ, ଫୋନ୍‌ରେ ଏ କଥା କହିହେବ ନାହିଁ। ତେବେ କୌଣସି ସମ୍ବେଦନଶୀଳ ଘଟଣା ଆଶଙ୍କା କରି ମଧୁ ଦେଇଥିବା ଠିକଣାରେ ପୋଲିସର ପାଟ୍ରୋଲିଂ ଟିମ୍‌ ପହଞ୍ଚିଥିଲେ। ଏହାପରେ ମଧୁ ସେଠାରେ ପହଞ୍ଚିଥିବା କନଷ୍ଟେବଳଙ୍କୁ ଥଣ୍ଡା ବିୟର ଆଣିବାକୁ କହିଥିଲେ। ଏ ଘଟଣା ପରେ ପୋଲିସ ମଧୁଙ୍କ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିବା ସହ ପରଦିନ ସକାଳୁ ବାପାଙ୍କ ସହ କାଉନ୍‌ସେଲିଂ ପାଇଁ ପୋଲିସ ଷ୍ଟେଶନ୍‌ରେ ହାଜର ହେବା ପାଇଁ କହିଥିଲେ।

# ଭଡ଼ାଘରୁ ଯୁବକଙ୍କ ମୃତଦେହ ଜବତ

ନିରାକାରପୁର, ୧୩।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ରାମେଶ୍ୱର ଛକ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଘରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଗ୍ରାମର ପ୍ରଭଞ୍ଜନ ମଲ୍ଲିକ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ପ୍ରଭଞ୍ଜନ ଖୋର୍ଦ୍ଧାରେ ରହୁଥିବା ବେଳେ ସାଙ୍ଗ ପାଖକୁ ବୁଲିବାକୁ ଆସିଥିଲେ। ଗୁରୁବାର ରାତିରେ ଏଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପ୍ରଚାରିତ ହେବା ପରେ ଶୁକ୍ରବାର ପୋଲିସ ପହଞ୍ଚି ମୃତଦେହ ଜବତ କରିବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ପୋଲିସ ଠାରୁ ଖବରପାଇ ପରିବାରଲୋକେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

# ଲାଗିବ ସିସିଟିଭି, ମରାମତି ହେବ ନାଟମଣ୍ଡପ

- ପରିକ୍ରମା ପ୍ରକଳ୍ପ ସ୍ଥିତି ସମୀକ୍ଷା କଲେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ
- ରଥଯାତ୍ରା ପ୍ରସ୍ତୁତି ନେଇ ଆଲୋଚନା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ ଅଫିସ,୧୩।୫

ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ରାଜ୍ୟ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଓ ନାଟମନ୍ଦିର ସ୍ଥିତି ସମୀକ୍ଷା କରିଛନ୍ତି। ପରିକ୍ରମା ପ୍ରକଳ୍ପ ମାମଲା ନେଇ ହାଇକୋର୍ଟରେ ଏଏସ୍ଆଇ ସତ୍ୟପାଠ ଦାଖଲ କରିବା ପରେ ସୁପରିଣ୍ଟେଣ୍ଡେଣ୍ଟଙ୍କର ଏହା ଥିଲା ପ୍ରଥମ ପୁରୀ ଗସ୍ତ। ସେ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ସେ ମନ୍ଦିର ପରିସର ବୁଲି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି ଶ୍ରୀମନ୍ଦିରକୁ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଓ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଯାଇ ରଥଯାତ୍ରା ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ପରିସରରେ ୨୩୬ଟି ସିସିଟିଭି ଲଗାଯିବ। ଏଥିପାଇଁ ଟେଣ୍ଡର ସରିଛି। ଏଏସ୍ଆଇ ତତ୍ତ୍ୱାବଧାନରେ କାର୍ଯ୍ୟ ହେବ। ନବଦିନାତ୍ମକ ଘୋଷଯାତ୍ରା ବେଳେ ଶ୍ରୀମନ୍ଦିର ଖାଲିପଡ଼ିବ। ତେଣୁ ଏହି ସମୟରେ ସିସିଟିଭି ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। କେଉଁ ସବୁ ସ୍ଥାନରେ ସିସିଟିଭି ଲଗାଯିବ ସେନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଭି.ଏସ୍. ଚନ୍ଦ୍ରଶେଖର, ସୁପରିଣ୍ଟେଣ୍ଡେଣ୍ଟ ଯନ୍ତ୍ରୀ ଆଶିଷ ସୁବୁଦ୍ଧି ଏବଂ ଏଏସ୍ଆଇର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଯନ୍ତ୍ରୀ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସିସିଟିଭି ସଂଯୋଗ ସମ୍ପର୍କିତ ସବିଶେଷ ସୂଚନା ଏଏସ୍ଆଇକୁ ଦିଆଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ କେଉଁ ସବୁ ସ୍ଥାନରେ ସିସିଟିଭି ଲଗାଯିବ ସେନେଇ ଏଏସ୍ଆଇକୁ ଅବଗତ କରାଯାଇଛି। ସେହିପରି ଗର୍ଭଗୃହ ଓ ନାଟମଣ୍ଡପ ମରାମତି ପାଇଁ ଏଏସ୍ଆଇ ପଦକ୍ଷେପ ନେଉଛି। ସୁରକ୍ଷା ପ୍ରଶାସକ ଓ ଯନ୍ତ୍ରୀମାନେ ସମ୍ପୃକ୍ତ ସ୍ଥାନଗୁଡ଼ିକ ଦେଖାଇଛନ୍ତି।



ନାଟମଣ୍ଡପରେ ହୋଇଥିବା ଫାଟ ମଧ୍ୟ ମରାମତି କରାଯିବ ବୋଲି ସୂଚନା ମିଳିଛି। ଏହାପରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଛି। ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ରକୁ ନିଷିଦ୍ଧାଞ୍ଚଳରୁ ବାହାରକରି ନିୟନ୍ତ୍ରିତ ଅଞ୍ଚଳରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭର୍ଚୁଆଲ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାଦବ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଉପସ୍ଥିତ ଥିଲେ। ହାଇକୋର୍ଟରେ ଏଏସ୍ଆଇ ସାନି ରିପୋର୍ଟ ଦାଖଲ କରିବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ଉଦ୍ଦେଶ୍ୟରେ ଏହି ବୈଠକ କରାଯାଇଥିବା ସୂଚନା ମିଳିଛି। ତେବେ ପରିକ୍ରମା ପ୍ରକଳ୍ପ ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଥିବାରୁ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ମଲ୍ଲିକ ଏ ସଂକ୍ରାନ୍ତରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# OFFICE OF THE COLLECTOR & DISTRICT MAGISTRATE, KHORDHA

(Land Acquisition Section)
Land Acquisition Officer (NH)-cum-Competent Authority, (NH-57), Khordha
At: New Collectorate, P.O.: Pallahat, Dist.: Khordha, Odisha - 752056, Tel. No.: 06755-291025

## PUBLIC NOTICE

No. XXXIII-02: In exercise of powers vested under Section 3D (1) and (2) of the National Highways Act, 1956 (48 of 1956) the Central Government vide that Gazette Notification No. S.O.1307 (E), Dated 24th March, 2022 have acquired the lands indicated in the Schedule here under for building (widening/two lane with paved shoulder/four laning etc.), Maintenance, Management and Operation of NH-57 in the stretch of land from Km 294.2 to Km 300.3 **(Construction of By-pass of N.H-57 from Saradhapur to Kanjiama (Khordha By-pass)** in the district of KHORDHA in the state of ODISHA.

Under the provisions of Section 3G(1), (2), (3) & (4) of the National Highways Act, 1956 (48 of 1956), it is hereby informed to the land owners and other interested persons whose lands are acquired for building (widening/two lane with paved shoulder/four laning etc.), Maintenance, Management and Operation of NH-57 in the stretch of land from Km 294.2 to Km 300.3 **(Construction of By-pass of N.H-57 from Saradhapur to Kanjiama (Khordha By-pass)** in the district of KHORDHA in the state of ODISHA to appear and to submit their claims along with copies of the relevant documents VIZ, (1) Sale/Partition/Other Deeds of Title, (2) Mutation orders and rent receipt, (3) Conversion Certificate etc.in person or through Agents or through Advocates in all office working day at the Office of the **Land Acquisition Officer (NH) & Competent Authority, (NH-57), Khordha.**

**Land Acquisition Officer (NH) & Competent Authority, (NH-57), Khordha**

## MINISTRY OF ROAD TRANSPORT AND HIGHWAYS
### NOTIFICATION
New Delhi, the 24th March, 2022

S.O.1307(E). - Whereas by the notification of the Government of India in the Ministry of Road Transport and Highways number S.O.4668(E) dated 11th November 2021, published in the Gazette of India, Extraordinary, part II, Section 3, Sub-section(ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/two lane with paved shoulder/four laning etc.), Maintenance, management and operation of NH57 in the stretch of land from Km. 294.2 to Km. 300.3 (Khordha Bypass) in the district of KHORDHA in the state of ODISHA. And whereas the substance of the said notification has been published in Suryaprabha and Pragatibadi both dated 23.12.2021; under sub-section (3) of section 3A of the said Act; And whereas any objections has not been received by the competent Authority; And whereas, pursuance of sub-section (1) of section 3D of the said Act, the Competent Authority has submitted its report to the Central Government; Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule annexed here to should be acquired for the aforesaid purpose; And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances. SCHEDULE Brief description of the land to be acquired, with or without structure, falling within the NH57 in the stretch of land from Km. 294.2 to Km. 300.3 (Khordha Bypass) in the district of KHORDHA in the state of ODISHA.

### SCHEDULE

Brief description of the land to be acquired, with or without structure, falling within the NH57 in the stretch of land from Km. 294.2 to Km. 300.3 (Khordha Bypass) in the district of KHORDHA in the state of ODISHA.

| State: ODISHA | | | District: KHORDHA | | |
|---|---|---|---|---|---|
| Sr. No. | Survey Number | Type of Land | Nature of Land | Acquired area In Hectare | Land Owner / Interested Person |
| 1 | 2 | 3 | 4 | 5 | 6 |
| | Taluk: Khordha | | | | |
| | Village: Kumbharbasta | | | | |
| 1 | 1160 | PRIVATE | SAARAD-2 | 0.028329 | Ramachandra Routaray, S/o.Gurucharana Routaray, Garba Builders Pvt. Ltd., Mf Director Harihara Pattanayak, S/o.-Harish Chandra Pattanayak 1160/2219, Garba Builders Pvt. Ltd., S-561, Bhagabati Business Centre, 122, School Block, Sankarpur, Delhi, Mf Director Harihara Pattanayak, S/o. Harish Chandra Pattanayak |
| 2 | 1177 | PRIVATE | SAARAD-2 | 0.0259008 | Premasila Dei, W/o. Kasinath Routaray |
| 3 | 1178 | PRIVATE | SAARAD-2 | 0.0437076 | Dibakara Pradhan, Madhabi Swain, Swagatika Routaray, Annapurna Ranasingh, S/D/o. Benudhar Pradhan, Chandrabati Pradhan W/o. Benudhar Pradhan |
| 4 | 1179 | PRIVATE | SAARAD-2 | 0.0343995 | Shree Grama Barunei Thakurani Bije, Mf Gokulananda Chhotara, S/o. Sadananda Chhotara |
| 5 | 1180 | PRIVATE | SAARAD-2 | 0.0299478 | Sanjaya Kumar Routaray, S/o. Laxmidhar Routaray |
| 6 | 1215 | PRIVATE | SAARAD-2 | 0.0343995 | (1st RT) Kulamani Pradhan, Dhukhishyama Pradhan, S/o. Banambar Pradhan (1215). (2nd RT) Dibakara Pradhan, S/o. Benudhara Pradhan (Plot No.- 1215 /2396) (Plot No.- 1215/ 2396) Dibakara Pradhan, S/o. Benudhara Pradhan |
| 7 | 1225 | PRIVATE | SAARAD-2 | 0.0012141 | Banchhanidhi Mangaraj, S/o.Lokananth Mangaraj, Nakula Badajena, S/o. Giridhari Badajena, Dharanidhar Mangaraj, S/o. Lokanath Mangaraj (1225/2008) 1225/2008 |
| 8 | 1226 | PRIVATE | SAARAD-3 | 0.0254961 | Sri Dadhibaban Deba bije, Mf Radhakrushna Das, S/o. Giridhari Das |
| 9 | 1227 | PRIVATE | SAARAD-2 | 0.0230679 | Lingaraj Parida, S/o. Dhani Parida, Narahari Patra, S/o. Bhobani Patra |
| 10 | 1228/ 2066 | PRIVATE | SAARAD-2 | 0.0060705 | Narahari Patra, S/o. Bhubaneswar Patra |
| 11 | 1229 | PRIVATE | SAARAD-2 | 0.0141645 | Ramachandra Routaray, S/o. Gurucharana Routaray (1229) and Garba Builders Pvt. Ltd., Mf Director Harihara Pattanayak, S/o. Harish Chandra Pattanayak (Plot No. 1229/2218) (Plot No.1229/2218) Garba Builders Pvt. Ltd., S-561, Bhagabati Business Centre, 122, School Block, Sankarpur, Delhi, Mf Director Harihara Pattanayak, S/o. Harish chandra Pattanayak) of Village- Plot No. 423/1312, Lokeswarpur, Khordha |
| 12 | 1232 | PRIVATE | SAARAD-2 | 0.0267102 | Dharanidhar Mangaraj, S/o. Lokanath Mangaraj, Damayanti Mangaraj, Jayanti Mangaraj, Sabitanjali Mangaraj, D/o. Ramachandra Mangaraj, Sovakanti Mangaraj, W/o. Gobindachandra Mangaraj, Jitendra Mangaraj, Prasanta Mangaraj, S/o. Gobinda Chandra Mangaraj |
| 13 | 1233 | PRIVATE | SAARAD-2 | 0.0259008 | Garba Builders Pvt. Ltd. Managing Director Jatindra Das, S/o.Basudev Das |
| 14 | 1235 | PRIVATE | SAARAD-2 | 0.0250914 | Garba Builders Pvt. Ltd., Mf Director Jatindra Das, S/o. Basudev Das |
| 15 | 1237 | PRIVATE | SAARAD-2 | 0.0315666 | Minati Raypritam, W/o. Sarat Chandra Raypritam, Bhagirathi Pradhan, S/o. Shankar Pradhan(1237/2268), Pravasini Mangaraj, W/oAnand Mangaraj(1237/2426) 1237/2268 & 1237/2426 |
| 16 | 1241 | PRIVATE | SAARAD-2 | 0.0942951 | Sri Laxminarayan Dev, Mf Jagannath Prasad Ram, S/o. Shyam sundar Ram, Sankar Pradhan, S/o. Ananda Pradhan(1241/2099) 1241/2099 |
| 17 | 1243 | PRIVATE | SAARAD-2 | 0.0250914 | Sri Dadhibaban Deba bije, Mf Radhakrushna Dash, S/o. Giridhari Dash |
| 18 | 1244 | PRIVATE | SAARAD-2 | 0.0307572 | Kuntala Patra, W/o. Baikunth Patra, Nilakanth Patra, Trilochan Patra, Gobardhan Patra, Ullas Patra, Prafulla Patra, S/o. Kirtan Patra |
| 19 | 1246 | PRIVATE | SAARAD-2 | 0.048564 | (1st RT) Ramachandra Routaray, S/o.Gurucharana Routaray (1246) (2nd RT) Garba Builders Pvt. Ltd., S561 Bhagabati Business Centre, 122, School Block, Sankarpur, Delhi, Mf Director Harihara Pattanayak, S/o. Harish Chandra Pattanayak (Plot No. 1246/2194) Plot No. 1246/2194- Garba Builders Pvt. Ltd., S-561 Bhagabati Business Centre 122 School Block, Sankarpur, Delhi, Mf Director Harihara Pattanayak, S/o. Harish chandra Pattanayak |
| 20 | 1624 | PRIVATE | SAARAD-2 | 0.0384465 | Banchhanidhi Sahoo, S/o. Uchhab Sahoo, Surendra Pradhan S/o. Sankar Pradhan |
| 21 | 1735 | PRIVATE | SAARAD-2 | 0.0101175 | Harekrushna Godi, Paramanda Godi, Dhulibandhu Godi, S/o. Dinabandhu Godi |
| 22 | 1747 | PRIVATE | SAARAD-2 | 0.020235 | Ramachandra Routaray, S/o.Gurucharana Routaray (1747) and Garba Builders Pvt. Ltd., S-561 Bhagabati Business Centre, 122, School Block, Sankarpur, Delhi, Mf Director Harihara Pattanayak, S/o. Harish Chandra Pattanayak (1747/2193) 1747/2193 |
| 23 | 1748 | PRIVATE | SAARAD-2 | 0.0453264 | Kuntala kumari Pradhan, W/o.Bhagirathi Pradhan |
| 24 | 1756 | PRIVATE | SAARAD-2 | 0.0453264 | Dhusasan Pradhan, Arjun Pradhan, S/o. Dhruba Pradhan (1756), Gagan Bihari Pradhan, S/o. Bisambar Pradhan (1756/2080 & 1756/2399), Fakar Begum, W/o.Ummar Ali Khan (1756/2084), Sk. Jaakkar, S/o. Sk.Saiful (1756/2085), Sarojini Dash, W/o. Purnachandra Dash (1756/2146), Make Developers Ltd. Tarafa-Prasanta Chaturvedi, S/o. Nirmal Kumar Chaturvedi (1756/2296), Madhusudan Dash, S/o. Prafulla Chandra Dash (1756/2412/2449), Pravakar Dash, S/o. Sudarshan Dash (1756/2412/2462), Lingaraj Panigrahi, S/o. Krupasindhu Panigrahi (1756/2412/2463) 1756, 1756/2080, 1756/2085, 1756/2146, 1756/2296, 1756/2399, 1756/2412/2449, 1756/2412/2462, 1756/2412/2463 & 1756/2518 |
| 25 | 1814 | PRIVATE | SAARAD-2 | 0.0352089 | Ramachandra Routaray, S/o.Gurucharana Routaray (1814), Garba Builders Pvt. Ltd., Mf Director Harihara Pattanayak, S/o.Harish chandra Pattanayak (1814/2202) 1814/2202 |
| 26 | 1815 | PRIVATE | SAARAD-2 | 0.0331854 | Sri Bhagabat Dev Bije, Mf Satyabadi Nanda S/o. Gopi Nanda |
| 27 | 1816 | PRIVATE | SAARAD-2 | 0.036423 | Sri Gopal Jew Bije, Mf Manohar Das, S/o. Banamali Das, Balabhadra Das, Guru-Paramanda Das |
| 28 | 1823 | PRIVATE | SAARAD-2 | 0.04047 | Somananth Bijaysingh, S/o. Banchhanidhi Bijaysingh (1823), Benudhar Baliarsingh, S/o. Narayan Baliarsingh (1823/2141) 1823/2141 |
| 29 | 1824 | PRIVATE | SAARAD-2 | 0.04047 | Ramachandra Routaray, S/o.Gurucharana Routaray(1824), Garba Builders Pvt. Ltd., Mf Director Harihara Pattanayak, S/o. Harish Chandra Pattanayak(1824/2204) |
| 30 | 1825 | PRIVATE | SAARAD-2 | 0.0307572 | Haji Sayed Abdula Haidar, S/o. Sayed Haidar |
| 31 | 1827 | PRIVATE | SAARAD-2 | 0.032376 | Chintamani Mishra, Bidubhusan Mishra, Prankrushna Mishra, Sasibhusan Mishra, Damodar Mishra, S/o. Baikuntha Mishra, Nanda Kishore Mishra, S/o. Raghunanth Mishra (1827), Usharani Patra, W/o. Ullash Chandra Patra (1827/2670) 1827/2670 |
| 32 | 1828 | PRIVATE | SAARAD-2 | 0.0303525 | Usharani Patra, W/o.Ullash Chandra Patra |
| 33 | 1829 | PRIVATE | SAARAD-2 | 0.0396606 | Laxmi Dei, W/o.Uchhab Sahoo (1829), Kulamani Mangaraj, S/o. Banambar Mangaraj, Sachala Mangaraj W/o. Nilamani Mangaraj (1829/2565) 1829/2565 |
| 34 | 1836 | PRIVATE | SAARAD-2 | 0.0368277 | Mahammad Isahaq, S/o.Fate Mahammad |
| 35 | 1837 | PRIVATE | SAARAD-2 | 0.0343995 | Babu Khan, S/o.Hayat Khan, Gulgar Khan, S/o.Aar Khan, Hajif Khan, S/o.Sujat Khan, Ibrahim Khan, S/o. Kasim Khan, Soran Bibi, W/o. Musaf Khan, Maharam Khan, Akbar Khan, S/o.Mahiman Khan |
| 36 | 1842 | PRIVATE | SAARAD-2 | 0.032376 | Bipin Bihari Gajendra, Binod Gajendra, S/o. Nrusingha Charan Gajendra, Bibhu Bikash Badjena, S/o.Kumar Badjena, (1842/2210), Dibyasingh Gajendra, S/o. Bula Gajendra (1842/2453) 1842/2210 & 1842/2453 |
| 37 | 1843 | PRIVATE | SAARAD-2 | 0.0348042 | Sri Ichhaswar Dev Bije, Mf Bhagabati Bewa W/o. Rampujan Ram |
| 38 | 1871 | PRIVATE | SAARAD-2 | 0.0303525 | Isahaq Mahamad, S/o. Fate Mahammad |
| 39 | 1872 | PRIVATE | SAARAD-2 | 0.0259008 | Jatindra Das, S/o. Basudev Das, 1872 & 1872/2166 |
| 40 | 1874 | PRIVATE | SAARAD-2 | 0.0149739 | Prafulla Chandra Dora, S/o.Radhamohan Dora(1874), Usha rani Patra, W/o. Ullash Chandra Patra(1874/2602), Bhagirathi Pradhan, S/o. Shankar Pradhan(1874/2266) 1874, 1874/2602 & 1874/2266 |
| 41 | 1875 | PRIVATE | SAARAD-2 | 0.0226632 | Ullash Chandra Patra, S/o.Kirtan patra |
| 42 | 1883 | PRIVATE | SAARAD-2 | 0.0708225 | Masjid Bije, Mf Chhaku Khan, S/o.Panchu Khan, Soltan Mahammad, S/o. Damasu Mahammad, Ibrahim Khan, S/o.Kasin Khan, Niyamat Khan, S/o.Sardar Khan, Mahammad Abu Khan, Umarali Khan, S/o.Megha Khan, SK. Golam, S/o.SK. Bakshi, Habu Khan, S/o.Sardar Khan |
| 43 | 1888 | PRIVATE | SAARAD-2 | 0.0307572 | Gobinda Behera, Gopal Behera, S/o.Chaitan Behera(1888), Aparti Behera, S/o. Govind Behera, Laxman Mishra, S/o. Hadu Mishra(1888/2087), Jatindra Das, S/o. Basudev Das(1888/2141 & 1888/2223) 1888, 1888/2087, 1888/2141& 1888/2223 |
| 44 | 1890 | PRIVATE | SAARAD-2 | 0.0477546 | Sri Gopinath Dev Bije, Mf Manohar Das, Guru Gobinda Charan Das, Dhaneswar Pattanayak, S/o. Radhakrushna Pattanayak, Gobinda Charan Mohanty, S/o.Bhagabat Mohanty, Bhikari Charan Pattanayak, S/o.Jayakrushna Pattanayak, Binod Bihari Pattanayak, S/o.Rahas Bihari Pattanayak |
| 45 | 1894 | PRIVATE | SAARAD-2 | 0.0311619 | Raghunath Maharana, S/o.Kunja Maharana |
| 46 | 1899 | PRIVATE | SAARAD-1 | 0.072846 | Benuprasad Bhagat, S/o.Ramprasad Bhagat |
| 47 | 1910 | PRIVATE | SAARAD-2 | 0.0335901 | Fakira Mohan Pattanayak, S/o.Banchhanidhi Pattanayak (1910), , Santosh Behera, S/o.Shayam Behera (1910/2545), Kedar Behera, S/o.Shayam Behera (1910/2540) 1910, 1910/2545 &1910/2540 |
| 48 | 1911 | PRIVATE | SAARAD-2 | 0.0275196 | Laxmipriya Dei, W/o. Nimain charan Badjena (1911), Lehur Patra S/o. Bansidhar Patra (1911/2271) 1911&1911/2271 |
| 49 | 1913 | PRIVATE | SAARAD-2 | 0.0594909 | Parsu Ram, S/o.Ram Biriji Ram |
| 50 | 1914 | PRIVATE | SAARAD-2 | 0.056658 | Khetrabasi Mahapatra, S/o. Haribandhu Mahapatra, Laxmidhar Parida, S/o. Lokananth Parida (1914/2181), Babuli Parida, S/o. Laxmidhar Parida (1914/2422), Niranjan Hati, S/o. Ullash Chandra Hati (1914/2517), Rasmita Patra, W/o. Pradeep Kumar Patra (1914/2560) 1914/2181, 1914/2422, 1914/2517 &1914/2560. |
| | | | Total | 1.715928 | |

**Sd./- Land Acquisition Officer (NH) & Competent Authority, (NH-57), Khordha**

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

(ଭୂ-ଅର୍ଜନ ଉପବିଭାଗ)
ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ଏବଂ କ୍ଷମତାପନ୍ନ ପ୍ରାଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୫୭
ସ୍ଥା: ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୋଷ୍ଟ: ପଲ୍ଲାହାଟ, ଖୋର୍ଦ୍ଧା, ଓଡ଼ିଶା - ୭୫୨୦୫୬

## ସାଧାରଣ ବିଜ୍ଞପ୍ତି

ଜାତୀୟ ରାଜପଥ ଆଇନ ୧୯୫୬ (ଧାରା ୪୮, ୧୯୫୬)ର ଧାରା ୩ (D) (୧) ଓ (୨) ମୁତାବକ ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା: S.O. ୧୩୦୭ (E), ତା୨୪।୦୩।୨୦୨୨ରିଖ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୫୭ (୨୯୪.୨ କି.ମି.ରୁ କି.ମି. ୩୦୦.୩) ନିର୍ମାଣ ପାଇଁ ଆବଶ୍ୟକ (ପ୍ରଶସ୍ତ/ଦୁଇଟି ଲେନ୍ ପକ୍କା କାନ୍ଧ/ଚାରି ଲେନ୍ ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ଜାତୀୟ ରାଜପଥ ନଂ. ୫୭ର କାର୍ଯ୍ୟ ପରିଚାଳନା ନିମନ୍ତେ "ଶରଧାପୁରଠାରୁ କାଞ୍ଜିଆମା ପର୍ଯ୍ୟନ୍ତ ଜାତୀୟ ରାଜପଥ ନଂ. ୫୭ରେ ବାଇ-ପାସ୍ (ଖୋର୍ଦ୍ଧା ବାଇ-ପାସ୍) ନିର୍ମାଣ ନିମନ୍ତେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ନିମ୍ନ ତଫସିଲଭୁକ୍ତ ଜମି ଅଧିସୂଚୀମାନ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି।

ଯେହେତୁ ପ୍ରୋକ୍ତ ଆଇନର ଧାରା ୩(G)ର ଉପଧାରା (୧), (୨), (୩) ଓ (୪) ଅନୁଯାୟୀ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲ ଭୁକ୍ତ ଜମି ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ପ୍ରମାଣପତ୍ର ଇତ୍ୟାଦି ନିଜେ କିମ୍ବା ନିଜର ବିଧି ପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପନ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

"ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ), ଖୋର୍ଦ୍ଧା ଏବଂ କ୍ଷମତାପନ୍ନ ପ୍ରାଧିକାରୀ, ଜାତୀୟ ରାଜପଥ ନଂ. ୫୭", ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଉପସ୍ଥିତ ରହି ଦାବି ଉପସ୍ଥାପନ କରିପାରିବେ।

ଭୂ-ଅର୍ଜନ ଅଧିକାରୀ, (ଜାତୀୟ ରାଜପଥ) ଏବଂ
କ୍ଷମତାପନ୍ନ ପ୍ରାଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୫୭, ଖୋର୍ଦ୍ଧା

## MINISTRY OF ROAD TRANSPORT AND HIGHWAYS
### NOTIFICATION
New Delhi, the 24th March, 2022

S.O.1307(E). - Whereas by the notification of the Government of India in the Ministry of Road Transport and Highways number S.O.4668(E) dated 11th November 2021,published in the Gazette of India, Extraordinary, Part II, Section 3, Sub-section (ii) issued under subsection (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/two lane with paved shoulder/four laning etc.) Maintenance, management and operation of NH-57 in the stretch of land from Km. 294.2 to Km. 300.3 (Khordha Bypass) in the district of KHORDHA in the state of ODISHA. And whereas the substance of the said notification has been published in "Suryaprabha" and "Pragatibadi" both dated 23.12.2021; under sub-section (3) of section 3A of the said Act; And whereas any objections has not been received by the competent Authority; And whereas, pursuance of sub-section (1) of section 3D of the said Act, the Competent Authority has submitted its report to the Central Government; Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule annexed here to should be acquired for the aforesaid purpose; And further, in pursuance of subsection (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances. SCHEDULE Brief description of the land to be acquired, with or without structure, falling within the NH-57 in the stretch of land from Km. 294.2 to Km. 300.3 (Khordha Bypass) in the district of KHORDHA in the state of ODISHA.

## ଜମି ଅନୁସୂଚୀ

ଓଡ଼ିଶା ରାଜ୍ୟର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୫୭ (୨୯୪.୨ କି.ମି.ରୁ କି.ମି. ୩୦୦.୩) ନିର୍ମାଣ ପାଇଁ ଆବଶ୍ୟକ (ପ୍ରଶସ୍ତ/ଦୁଇଟିଲେନ୍ ପକ୍କା କାନ୍ଧ/ଚାରି ଲେନ୍ ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ଜାତୀୟ ରାଜପଥ ନଂ. ୫୭ର କାର୍ଯ୍ୟ ପରିଚାଳନା ନିମନ୍ତେ "ଶରଧାପୁରଠାରୁ କାଞ୍ଜିଆମା ପର୍ଯ୍ୟନ୍ତ ଜାତୀୟ ରାଜପଥ ନଂ. ୫୭ରେ ବାଇ-ପାସ୍ (ଖୋର୍ଦ୍ଧା ବାଇ-ପାସ୍)ରେ ପଡୁଥିବା ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମ ଥାଇ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।

| ରାଜ୍ୟ: ଓଡ଼ିଶା | | | କିଲ୍ଲା: ଖୋର୍ଦ୍ଧା | | |
|---|---|---|---|---|---|
| କ୍ରମିକ ନଂ. | ପ୍ଲଟ ନଂ. | ପ୍ରକାର | କିସମ | ଅଧିଗ୍ରହଣ ରକବା (ହେକ୍ଟରରେ) | ଜମି ମାଲିକ/ ଆଗ୍ରହୀ ବ୍ୟକ୍ତି |
| ୧ | ୨ | ୩ | ୪ | ୫ | ୬ |
| | ତହସିଲ: ଖୋର୍ଦ୍ଧା | | | | |
| | ଗ୍ରାମ: କୁମ୍ଭାରବସ୍ତ | | | | |
| ୧ | ୧୧୬୦ | ବେସରକାରୀ | ଶାରଦ - ୨ | ୦.୦୨୮୩୨୯ | ରାମଚନ୍ଦ୍ର ରାଉତରାୟ, ପିତା: ଗୁରୁଚରଣ ରାଉତରାୟ, ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ୍, ମାର୍ଫତ ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ, ୧୧୬୦/୨୨୧୯, ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ଏସ୍-୫୬୧, ଭଗବତୀ ବ୍ୟବସାୟ କେନ୍ଦ୍ର, ୧୨୨ ବିଦ୍ୟାଳୟ ବ୍ଲକ, ଶଙ୍କରପୁର, ଦିଲ୍ଲୀ, ମାର୍ଫତ ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ |
| ୨ | ୧୧୭୭ | ବେସରକାରୀ | ଶାରଦ - ୨ | ୦.୦୨୫୯୦୦୮ | ପ୍ରେମଶିଳା ଦେଈ, ସ୍ୱାମୀ: କାଶୀନାଥ ରାଉତରାୟ |
| ୩ | ୧୧୭୮ | ବେସରକାରୀ | ଶାରଦ - ୨ | ୦.୦୪୩୭୦୭୬ | ଦିବାକର ପ୍ରଧାନ, ମାଧବୀ ସ୍ୱାଇଁ, ସ୍ୱାଗତିକା ରାଉତରାୟ, ଅନ୍ନପୂର୍ଣ୍ଣ ରଣସିଂହ, ପିତା: ବେଣୁଧର ପ୍ରଧାନ, ଚନ୍ଦ୍ରବତୀ ପ୍ରଧାନ, ସ୍ୱାମୀ: ବେଣୁଧ ପ୍ରଧାନ |
| ୪ | ୧୧୭୯ | ବେସରକାରୀ | ଶାରଦ - ୨ | ୦.୦୩୪୩୯୯୫ | ଶ୍ରୀ ଗ୍ରାମ ବରୁଣେଇ ଠାକୁରାଣୀ ବିଜେ, ମାର୍ଫତ: ଗୋକୁଳାନନ୍ଦ ଛୋଟରାୟ, ପିତା: ସଦାନନ୍ଦ ଛୋଟରାୟ |
| ୫ | ୧୧୮୦ | ବେସରକାରୀ | ଶାରଦ - ୨ | ୦.୦୨୯୯୪୭୮ | ସଞ୍ଜୟ କୁମାର ରାଉତରାୟ, ପିତା: ଲକ୍ଷ୍ମୀଧର ରାଉତରାୟ |
| ୬ | ୧୨୧୫ | ବେସରକାରୀ | ଶାରଦ - ୨ | ୦.୦୩୪୩୯୯୫ | (1st RT) କୁଳମଣି ପ୍ରଧାନ, ଦୁଃଖୀଶ୍ୟାମ ପ୍ରଧାନ, ପିତା: ବାନାମ୍ବର ପ୍ରଧାନ (୧୨୧୫), (2nd RT) ଦିବାକର ପ୍ରଧାନ, ପିତା: ବେଣୁଧର ପ୍ରଧାନ (ପ୍ଲଟ ନମ୍ବର: ୧୨୧୫/୨୩୯୬) |
| ୭ | ୧୨୨୫ | ବେସରକାରୀ | ଶାରଦ - ୨ | ୦.୦୦୧୨୧୪୧ | ବାଞ୍ଛାନିଧି ମଙ୍ଗରାଜ, ପିତା: ଲୋକନାଥ ମଙ୍ଗରାଜ, ନକୁଳ ବଡ଼ଜେନା, ପିତା: ଗିରିଧାରୀ ବଡ଼ଜେନା, ଧରଣୀଧର ମଙ୍ଗରାଜ, ପିତା: ଲୋକନାଥ ମଙ୍ଗରାଜ (୧୨୨୫/୨୦୦୮) |
| ୮ | ୧୨୨୬ | ବେସରକାରୀ | ଶାରଦ - ୩ | ୦.୦୨୫୪୯୬୧ | ଶ୍ରୀ ଦଧିବାବନ ଦେବ ବିଜେ, ମାର୍ଫତ: ରାଧାକୃଷ୍ଣ ଦାସ, ପିତା: ଗିରିଧାରୀ ଦାସ |
| ୯ | ୧୨୨୭ | ବେସରକାରୀ | ଶାରଦ - ୨ | ୦.୦୨୩୦୬୭୯ | ଲିଙ୍ଗରାଜ ପରିଡ଼ା, ପିତା: ଧନୀ ପରିଡ଼ା, ନରହରି ପାତ୍ର, ପିତା: ଭୋବନି ପାତ୍ର |
| ୧୦ | ୧୨୨୮/ ୨୦୬୬ | ବେସରକାରୀ | ଶାରଦ - ୨ | ୦.୦୦୬୦୭୦୫ | ନରହରି ପାତ୍ର, ପିତା: ଭୁବନେଶ୍ୱର ପାତ୍ର |
| ୧୧ | ୧୨୨୯ | ବେସରକାରୀ | ଶାରଦ - ୨ | ୦.୦୧୪୧୬୪୫ | ରାମଚନ୍ଦ୍ର ରାଉତରାୟ, ପିତା: ଗୁରୁଚରଣ ରାଉତରାୟ (୧୨୨୯), ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ (ପ୍ଲଟ ନମ୍ବର ୧୨୨୯/୨୨୧୮), ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ଏସ୍-୫୬୧, ଭଗବତୀ ବ୍ୟବସାୟ କେନ୍ଦ୍ର, ୧୨୨ ବିଦ୍ୟାଳୟ ବ୍ଲକ, ଶଙ୍କରପୁର, ଦିଲ୍ଲୀ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ: ପ୍ଲଟ ନମ୍ବର ୪୨୩/୧୩୧୨, ଲୋକେଶ୍ୱରପୁର, ଖୋର୍ଦ୍ଧା |
| ୧୨ | ୧୨୩୨ | ବେସରକାରୀ | ଶାରଦ - ୨ | ୦.୦୨୬୭୧୦୨ | ଧରଣୀଧର ମଙ୍ଗରାଜ, ପିତା: ଲୋକନାଥ ମଙ୍ଗରାଜ, ଦମୟନ୍ତୀ ମଙ୍ଗରାଜ, ଜୟନ୍ତୀ ମଙ୍ଗରାଜ, ସବିତାଞ୍ଜଳି ମଙ୍ଗରାଜ, ପିତା: ରାମଚନ୍ଦ୍ର ମଙ୍ଗରାଜ, ଶୋଭାକାନ୍ତି ମଙ୍ଗରାଜ, ସ୍ୱାମୀ: ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ, ଜିତେନ୍ଦ୍ର ମଙ୍ଗରାଜ, ପ୍ରଶାନ୍ତ ମଙ୍ଗରାଜ, ପିତା: ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ |
| ୧୩ | ୧୨୩୩ | ବେସରକାରୀ | ଶାରଦ - ୨ | ୦.୦୨୫୯୦୦୮ | ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ପରିଚାଳନା ନିର୍ଦ୍ଦେଶକ, ଯତୀନ୍ଦ୍ର ଦାସ, ପିତା: ବସୁଦେବ ଦାସ |
| ୧୪ | ୧୨୩୫ | ବେସରକାରୀ | ଶାରଦ - ୨ | ୦.୦୨୫୦୯୧୪ | ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ପରିଚାଳନା ନିର୍ଦ୍ଦେଶକ, ଯତୀନ୍ଦ୍ର ଦାସ, ପିତା: ବସୁଦେବ ଦାସ |
| ୧୫ | ୧୨୩୭ | ବେସରକାରୀ | ଶାରଦ - ୨ | ୦.୦୩୧୫୬୬୬ | ମିନତୀ ରାୟପ୍ରୀତମ, ସ୍ୱାମୀ: ଶରତ ଚନ୍ଦ୍ର ରାୟପ୍ରୀତମ, ଭାଗୀରଥି ପ୍ରଧାନ, ପିତା: ଶଙ୍କର ପ୍ରଧାନ (୧୨୩୭/୨୨୬୮), ପ୍ରଭାସିନୀ ମଙ୍ଗରାଜ, ସ୍ୱାମୀ: ଆନନ୍ଦ ମଙ୍ଗରାଜ (୧୨୩୭/୨୨୬୮ ଏବଂ ୧୨୩୭/୨୪୨୬) |
| ୧୬ | ୧୨୪୧ | ବେସରକାରୀ | ଶାରଦ - ୨ | ୦.୦୯୪୨୯୫୧ | ଶ୍ରୀ ଲକ୍ଷ୍ମୀନାରାୟଣ ଦେବ, ମାର୍ଫତ: ଜଗନ୍ନାଥ ପ୍ରସାଦ ରାମ, ପିତା: ଶ୍ୟାମସୁନ୍ଦର ରାମ, ଶଙ୍କର ପ୍ରଧାନ, ପିତା: ଆନନ୍ଦ ପ୍ରଧାନ (୧୨୪୧/୨୦୯୯) |
| ୧୭ | ୧୨୪୩ | ବେସରକାରୀ | ଶାରଦ - ୨ | ୦.୦୨୫୦୯୧୪ | ଶ୍ରୀ ଦଧିବାବନ ଦେବ ବିଜେ, ମାର୍ଫତ: ରାଧାକୃଷ୍ଣ ଦାସ, ପିତା: ଗିରିଧାରୀ ଦାସ |
| ୧୮ | ୧୨୪୪ | ବେସରକାରୀ | ଶାରଦ - ୨ | ୦.୦୩୦୭୫୭୨ | କୁନ୍ତଳା ପାତ୍ର, ସ୍ୱାମୀ: ବୈକୁଣ୍ଠ ପାତ୍ର, ନୀଳକଣ୍ଠ ପାତ୍ର, ତ୍ରିଲୋଚନ ପାତ୍ର, ଗୋବର୍ଦ୍ଧନ ପାତ୍ର, ଉଲ୍ଲାସ ପାତ୍ର, ପ୍ରଫୁଲ୍ଲ ପାତ୍ର, ପିତା: କୀର୍ତ୍ତନ ପାତ୍ର |
| ୧୯ | ୧୨୪୬ | ବେସରକାରୀ | ଶାରଦ - ୨ | ୦.୦୪୮୫୬୪ | (1st RT) ରାମଚନ୍ଦ୍ର ରାଉତରାୟ, ପିତା: ଗୁରୁଚରଣ ରାଉତରାୟ (୧୨୪୬), (2nd RT) ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ, (ପ୍ଲଟ ନମ୍ବର ୧୨୪୬/୨୧୯୪), ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ଏସ୍-୫୬୧, ଭଗବତୀ ବ୍ୟବସାୟ କେନ୍ଦ୍ର, ୧୨୨ ବିଦ୍ୟାଳୟ ବ୍ଲକ, ଶଙ୍କରପୁର, ଦିଲ୍ଲୀ, ମାର୍ଫତ; ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ: ପ୍ଲଟ ନମ୍ବର ୪୨୩/୧୩୧୨, ଲୋକେଶ୍ୱରପୁର, ଖୋର୍ଦ୍ଧା |
| ୨୦ | ୧୬୨୪ | ବେସରକାରୀ | ଶାରଦ - ୨ | ୦.୦୩୮୪୪୬୫ | ବାଞ୍ଛାନିଧି ସାହୁ, ପିତା: ଉଚ୍ଛବ ସାହୁ, ସୁରେନ୍ଦ୍ର ପ୍ରଧାନ, ପିତା: ଶଙ୍କର ପ୍ରଧାନ |
| ୨୧ | ୧୭୩୫ | ବେସରକାରୀ | ଶାରଦ - ୨ | ୦.୦୧୦୧୧୭୫ | ହରେକୃଷ୍ଣ ଗୋଡ଼ି, ପରମାନନ୍ଦ ଗୋଡ଼ି, ଧୂଳିବନ୍ଧୁ ଗୋଡ଼ି, ପିତା: ଦୀନବନ୍ଧୁ ଗୋଡ଼ି |
| ୨୨ | ୧୭୪୭ | ବେସରକାରୀ | ଶାରଦ - ୨ | ୦.୦୨୦୨୩୫ | ରାମଚନ୍ଦ୍ର ରାଉତରାୟ, ପିତା: ଗୁରୁଚରଣ ରାଉତରାୟ (୧୭୪୭), ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ, ୧୧୬୦/୨୨୧୯, ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ଏସ-୫୬୧, ଭଗବତୀ ବ୍ୟବସାୟ କେନ୍ଦ୍ର, ୧୨୨ ବିଦ୍ୟାଳୟ ବ୍ଲକ, ଶଙ୍କରପୁର, ଦିଲ୍ଲୀ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ (୧୭୪୭/୨୧୯୩) |
| ୨୩ | ୧୭୪୮ | ବେସରକାରୀ | ଶାରଦ - ୨ | ୦.୦୪୫୩୨୬୪ | କୁନ୍ତଳା କୁମାରୀ ପ୍ରଧାନ, ସ୍ୱାମୀ: ଭାଗୀରଥି ପ୍ରଧାନ |
| ୨୪ | ୧୭୫୬ | ବେସରକାରୀ | ଶାରଦ - ୨ | ୦.୦୪୫୩୨୬୪ | ଦୁଃଶାସନ ପ୍ରଧାନ, ଅର୍ଜୁନ ପ୍ରଧାନ, ପିତା: ଧ୍ରୁବ ପ୍ରଧାନ (୧୭୫୬), ଗଗନ ବିହାରୀ ପ୍ରଧାନ, ପିତା: ବିଶ୍ୱମ୍ଭର ପ୍ରଧାନ (୧୭୫୬/୨୦୮୦ ଏବଂ ୧୭୫୬/୨୩୯୯), ଫାକର ବେଗମ, ସ୍ୱାମୀ: ଉମର ଅଲ୍ଲୀ ଖାଁ (୧୭୫୬/୨୦୮୪), ସେକ୍ ଜାକର, ପିତା: ସେକ୍ ସଇଫୁଲ (୧୭୫୬/୨୦୮୫), ସରୋଜିନୀ ଦାସ, ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ଦାସ (୧୭୫୬/୨୧୪୬), ମେକ୍ ଡେଭଲପର୍ସ ଲିମିଟେଡ, ତରଫ: ପ୍ରଶାନ୍ତ ଚତୁର୍ବେଦୀ, ପିତା: ନିର୍ମଳ କୁମାର ଚତୁର୍ବେଦୀ (୧୭୫୬/୨୨୯୬), ମଧୁସୂଦନ ଦାସ, ପିତା: ପ୍ରଫୁଲ୍ଲ ଚନ୍ଦ୍ର ଦାସ (୧୭୫୬/୨୪୧୨/୨୪୪୯), ପ୍ରଭାକର ଦାସ, ପିତା: ସୁଦର୍ଶନ ଦାସ (୧୭୫୬/୨୪୧୨/୨୪୬୨), ଲିଙ୍ଗରାଜ ପାଣିଗ୍ରାହୀ, ପିତା: କୃପାସିନ୍ଧୁ ପାଣିଗ୍ରାହୀ (୧୭୫୬/୨୪୧୨/୨୪୬୩) ୧୭୫୬, ୧୭୫୬/୨୦୮୦, ୧୭୫୬/୨୦୮୫, ୧୭୫୬/୨୧୪୬, ୧୭୫୬/୨୨୯୬, ୧୭୫୬/୨୩୯୯, ୧୭୫୬/୨୪୧୨, ୨୪୪୯, ୧୭୫୬/୨୪୧୨/୨୪୬୨, ୧୭୫୬/୨୪୧୨/୨୪୬୩, ୧୭୫୬/୨୫୧୮ |
| ୨୫ | ୧୮୧୪ | ବେସରକାରୀ | ଶାରଦ - ୨ | ୦.୦୩୫୨୦୮୯ | ରାମଚନ୍ଦ୍ର ରାଉତରାୟ, ପିତା: ଗୁରୁଚରଣ ରାଉତରାୟ (୧୮୧୪), ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ (୧୮୧୪/୨୨୦୨) |
| ୨୬ | ୧୮୧୫ | ବେସରକାରୀ | ଶାରଦ - ୨ | ୦.୦୩୩୧୮୫୪ | ଶ୍ରୀ ଭଗବତ ଦେବ ବିଜେ, ମାର୍ଫତ: ସତ୍ୟବାଦୀ ନନ୍ଦ, ପିତା: ଗୋପୀ ନନ୍ଦ |
| ୨୭ | ୧୮୧୬ | ବେସରକାରୀ | ଶାରଦ - ୨ | ୦.୦୩୬୪୨୩ | ଶ୍ରୀ ଗୋପାଳ ଜୀଉ ବିଜେ, ମାର୍ଫତ: ମନୋହର ଦାସ, ବନମାଳୀ ଦାସ, ବଳଭଦ୍ର ଦାସ, ଗୁରୁ ପରମାନନ୍ଦ ଦାସ |
| ୨୮ | ୧୮୨୩ | ବେସରକାରୀ | ଶାରଦ - ୨ | ୦.୦୪୦୪୭ | ସୋମନାଥ ବିଜୟ ସିଂ, ପିତା: ବାଞ୍ଛାନିଧି ବିଜୟ ସିଂ (୧୮୨୩), ବେଣୁଧର ବଳିଆରସିଂ, ପିତା: ନାରାୟଣ ବଳିଆରସିଂ (୧୮୨୩/୨୧୪୧) |
| ୨୯ | ୧୮୨୪ | ବେସରକାରୀ | ଶାରଦ - ୨ | ୦.୦୪୦୪୭ | ରାମଚନ୍ଦ୍ର ରାଉତରାୟ, ପିତା: ଗୁରୁଚରଣ ରାଉତରାୟ (୧୮୨୪), ଗର୍ବ ବିଲଡର୍ସ ପ୍ରାଇଭେଟ ଲିମିଟେଡ, ମାର୍ଫତ: ନିର୍ଦ୍ଦେଶକ ହରିହର ପଟ୍ଟନାୟକ, ପିତା: ହରିଶ ଚନ୍ଦ୍ର ପଟ୍ଟନାୟକ (୧୮୨୪/୨୨୦୪) |
| ୩୦ | ୧୮୨୫ | ବେସରକାରୀ | ଶାରଦ - ୨ | ୦.୦୩୦୭୫୭୨ | ହାଜି ସୟଦ ଅବଦୁଲା ହାଇଦର, ପିତା: ସୟଦ ହାଇଦର |
| ୩୧ | ୧୮୨୭ | ବେସରକାରୀ | ଶାରଦ - ୨ | ୦.୦୩୨୩୭୬ | ଚିନ୍ତାମଣି ମିଶ୍ର, ବିଦୁଭୂଷଣ ମିଶ୍ର, ପ୍ରାଣକୃଷ୍ଣ ମିଶ୍ର, ଶଶିଭୂଷଣ ମିଶ୍ର, ଦାମୋଦର ମିଶ୍ର, ପିତା: ବୈକୁଣ୍ଠ ମିଶ୍ର, ନନ୍ଦ କିଶୋର ମିଶ୍ର, ପିତା: ରଘୁନାଥ ମିଶ୍ର (୧୮୨୭), ଉଷାରାଣୀ ପାତ୍ର, ସ୍ୱାମୀ: ଉଲ୍ଲାସ ଚନ୍ଦ୍ର ପାତ୍ର (୧୮୨୭/୨୬୭୦) |
| ୩୨ | ୧୮୨୮ | ବେସରକାରୀ | ଶାରଦ - ୨ | ୦.୦୩୦୩୫୨୫ | ଉଷାରାଣୀ ପାତ୍ର, ସ୍ୱାମୀ: ଉଲ୍ଲାସ ଚନ୍ଦ୍ର ପାତ୍ର |
| ୩୩ | ୧୮୨୯ | ବେସରକାରୀ | ଶାରଦ - ୨ | ୦.୦୩୯୬୬୦୬ | ଲକ୍ଷ୍ମୀ ଦେଇ, ସ୍ୱାମୀ: ଉଚ୍ଛବ ସାହୁ (୧୮୨୯), କୁଳମଣି ମଙ୍ଗରାଜ, ପିତା: ବାନାମ୍ବର ମଙ୍ଗରାଜ, ସଚଳା ମଙ୍ଗରାଜ, ସ୍ୱାମୀ: ନୀଳମଣି ମଙ୍ଗରାଜ (୨୮୨୯/୨୫୬୫) |
| ୩୪ | ୧୮୩୬ | ବେସରକାରୀ | ଶାରଦ - ୨ | ୦.୦୩୬୮୨୭୭ | ମହମ୍ମଦ ଇସାହକ, ପିତା: ଫତେ ମହମ୍ମଦ |
| ୩୫ | ୧୮୩୭ | ବେସରକାରୀ | ଶାରଦ - ୨ | ୦.୦୩୪୩୯୯୫ | ବାବୁ ଖାନ, ପିତା: ହାୟାତ ଖାନ, ଗୁଲଜାର ଖାନ, ପିତା: ଆର ଖାନ, ହାଜିଫ ଖାନ, ପିତା: ସୁଜାତ ଖାନ, ଇବ୍ରାହିମ ଖାନ, ପିତା: କାଶିମ ଖାନ, ସୋରନ ବିବି, ସ୍ୱାମୀ: ମୁସାଫ ଖାନ, ମହରମ ଖାନ, ଆକବର ଖାନ, ପିତା: ମହିମାନ ଖାନ |
| ୩୬ | ୧୮୪୨ | ବେସରକାରୀ | ଶାରଦ - ୨ | ୦.୦୩୨୩୭୬ | ବିପିନ ବିହାରୀ ଗଜେନ୍ଦ୍ର, ବିନୋଦ ଗଜେନ୍ଦ୍ର, ପିତା: ନୃସିଂହ ଚରଣ ଗଜେନ୍ଦ୍ର, ବିଭୁ ବିକାଶ ବଡ଼ଜେନା, ପିତା: କୁମର ବଡ଼ଜେନା (୧୮୪୨/୨୨୧୦), ଦିବ୍ୟସିଂ ଗଜେନ୍ଦ୍ର, ପିତା: ବୁଲା ଗଜେନ୍ଦ୍ର (୧୮୪୨/୨୪୫୩) |
| ୩୭ | ୧୮୪୩ | ବେସରକାରୀ | ଶାରଦ - ୨ | ୦.୦୩୪୮୦୪୨ | ଶ୍ରୀ ଇଚ୍ଛାଶ୍ୱର ଦେବ ବିଜେ, ମାର୍ଫତ: ଭଗବତୀ ବେୱା, ସ୍ୱାମୀ: ରାମପୁଜନ ଗ୍ରାମ |
| ୩୮ | ୧୮୭୧ | ବେସରକାରୀ | ଶାରଦ - ୨ | ୦.୦୩୦୩୫୨୫ | ମହମ୍ମଦ ଇସାହକ, ପିତା: ଫତେ ମହମ୍ମଦ |
| ୩୯ | ୧୮୭୨ | ବେସରକାରୀ | ଶାରଦ - ୨ | ୦.୦୨୫୯୦୦୮ | ଯତୀନ୍ଦ୍ର ଦାସ, ପିତା: ବାସୁଦେବ ଦାସ, ୧୮୭୨, ୧୮୭୨/୨୧୬୬ |
| ୪୦ | ୧୮୭୪ | ବେସରକାରୀ | ଶାରଦ - ୨ | ୦.୦୧୪୯୭୩୯ | ପ୍ରଫୁଲ୍ଲ ଚନ୍ଦ୍ର ଦୋରା, ପିତା: ରାଧାମୋହନ ଦୋରା, ୧୮୭୪, ଉଷାରାଣୀ ପାତ୍ର, ସ୍ୱାମୀ: ଉଲ୍ଲାସ ଚନ୍ଦ୍ର ପାତ୍ର, ୧୮୭୪/୨୬୦୨, ଭାଗୀରଥି ପ୍ରଧାନ, ପିତା: ଶଙ୍କର ପ୍ରଧାନ, ୧୮୭୪/୨୨୬୬, ୧୮୭୪, ୧୮୭୪/୨୬୦୨ |
| ୪୧ | ୧୮୭୫ | ବେସରକାରୀ | ଶାରଦ - ୨ | ୦.୦୨୨୬୬୩୨ | ଉଲ୍ଲାସ ଚନ୍ଦ୍ର ପାତ୍ର, ପିତା: କୀର୍ତ୍ତନ ପାତ୍ର |
| ୪୨ | ୧୮୮୩ | ବେସରକାରୀ | ଶାରଦ - ୨ | ୦.୦୭୦୮୨୨୫ | ମସଜିଦ ବିଜେ, ମାର୍ଫତ: ଚକ୍କୁ ଖାନ, ପିତା: ପଞ୍ଚ ଖାନ, ସୋଲତାନ ମହମ୍ମଦ, ପିତା: ଦାମଶୁ ମହମ୍ମଦ, ଇବ୍ରାହିମ ଖାନ, ପିତା: କାଶିନ ଖାନ, ନିୟତ ଖାନ, ପିତା: ସରଦାର ଖାନ, ମହମ୍ମଦ ଆବୁ ଖାନ, ଉମରଅଲ୍ଲୀ ଖାନ, ପିତା: ମେଘା ଖାନ, ସେକ ଗୋଲାମ, ପିତା: ସେକ୍ ବକ୍ସି ଆବୁ ଖାନ, ପିତା: ସର୍ଦ୍ଦାର ଖାନ |
| ୪୩ | ୧୮୮୮ | ବେସରକାରୀ | ଶାରଦ - ୨ | ୦.୦୩୦୭୫୭୨ | ଗୋବିନ୍ଦ ବେହେରା, ଗୋପାଳ ବେହେରା, ପିତା: ଚୈତନ ବେହେରା, (୧୮୮୮) ଅପର୍ତ୍ତି ବେହେରା, ପିତା: ଗୋବିନ୍ଦ ବେହେରା, ଲକ୍ଷ୍ମଣ ମିଶ୍ର, ପିତା: ହାଡୁ ମିଶ୍ର (୧୮୮୮/୨୦୮୭), ଯତୀନ୍ଦ୍ର ଦାସ, ପିତା: ବସୁଦେବ ଦାସ (୧୮୮୮/୨୧୪୧) ୧୮୮୮/୨୨୨୩ |
| ୪୪ | ୧୮୯୦ | ବେସରକାରୀ | ଶାରଦ - ୨ | ୦.୦୪୭୭୫୪୬ | ଶ୍ରୀ ଗୋପୀନାଥ ଦେବ ବିଜେ, ମାର୍ଫତ: ମନୋହର ଦାସ, ଗୁରୁ ଗୋବିନ୍ଦଚରଣ ଦାସ, ଧନେଶ୍ୱର ପଟ୍ଟନାୟକ, ପିତା: ରାଧାକୃଷ୍ଣ ପଟ୍ଟନାୟକ, ଗୋବିନ୍ଦ ଚରଣ ମହାନ୍ତି, ପିତା: ଭାଗବତ ମହାନ୍ତି, ଭିକାରୀଚରଣ ପଟ୍ଟନାୟକ, ପିତା: ଜୟକୃଷ୍ଣ ପଟ୍ଟନାୟକ, ବିନୋଦ ବିହାରୀ ପଟ୍ଟନାୟକ, ପିତା: ରାହାସବିହାରୀ ପଟ୍ଟନାୟକ |
| ୪୫ | ୧୮୯୪ | ବେସରକାରୀ | ଶାରଦ - ୨ | ୦.୦୩୧୧୬୧୯ | ରଘୁନାଥ ମହାରଣା, ପିତା: କୁଞ୍ଜ ମହାରଣା |
| ୪୬ | ୧୮୯୯ | ବେସରକାରୀ | ଶାରଦ - ୧ | ୦.୦୭୨୮୪୬ | ବେନୁ ପ୍ରସାଦ ଭଗତ, ପିତା: ରାମପ୍ରସାଦ ଭଗତ |
| ୪୭ | ୧୯୧୦ | ବେସରକାରୀ | ଶାରଦ - ୨ | ୦.୦୩୩୫୯୦୧ | ଫକୀରମୋହନ ପଟ୍ଟନାୟକ, ପିତା: ବାଞ୍ଛାନିଧି ପଟ୍ଟନାୟକ (୧୯୧୦), ସନ୍ତୋଷ ବେହେରା, ପିତା: ଶ୍ୟାମ ବେହେରା (୧୯୧୦/୨୫୪୫), କେଦାର ବେହେରା, ପିତା: ଶ୍ୟାମ ବେହେରା ୧୯୧୦/୨୫୪୦ |
| ୪୮ | ୧୯୧୧ | ବେସରକାରୀ | ଶାରଦ - ୨ | ୦.୦୨୭୫୧୯୬ | ଲକ୍ଷ୍ମୀପ୍ରିୟା ଦେଇ, ସ୍ୱାମୀ: ନିମାଇ ଚରଣ ବଡ଼ଜେନା (୧୯୧୧), ଲେହୁର ପାତ୍ର, ପିତା: ବଂଶୀଧର ପାତ୍ର (୧୯୧୧/୨୨୭୧) |
| ୪୯ | ୧୯୧୩ | ବେସରକାରୀ | ଶାରଦ - ୨ | ୦.୦୫୯୪୯୦୯ | ପର୍ଶୁରାମ, ପିତା: ରାମ ବିରଜି ରାମ |
| ୫୦ | ୧୯୧୪ | ବେସରକାରୀ | ଶାରଦ - ୨ | ୦.୦୫୬୬୫୮ | କ୍ଷେତ୍ରବାସୀ ମହାପାତ୍ର, ପିତା: ହରିବନ୍ଧୁ ମହାପାତ୍ର, ଲକ୍ଷ୍ମୀଧର ପରିଡ଼ା, ପିତା: ଲୋକନାଥ ପରିଡ଼ା (୧୯୧୪/୨୧୮୧), ବାବୁଲି ପରିଡ଼ା, ପିତା: ଲକ୍ଷ୍ମୀଧର ପରିଡ଼ା (୧୯୧୪/୨୪୨୨), ନିରଞ୍ଜନ ହାତୀ, ପିତା: ଉଲ୍ଲାସ ଚନ୍ଦ୍ର ହାତୀ (୧୯୧୪/୨୫୧୭), ରଶ୍ମୀତା ପାତ୍ର, ସ୍ୱାମୀ: ପ୍ରଦୀପ କୁମାର ପାତ୍ର (୧୯୧୪/୨୫୬୦) |
| | | ମୋଟ ଅଧିଗ୍ରହଣ ରକବା (ହେକ୍ଟରରେ) | | ୧.୭୧୫୯୨୮ | |

ଭୂ-ଅର୍ଜନ ଅଧିକାରୀ, (ଜାତୀୟ ରାଜପଥ) ଏବଂ
କ୍ଷମତାପନ୍ନ ପ୍ରାଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୫୭, ଖୋର୍ଦ୍ଧା

OIPR-24013/14/0004/2223

# ରୂପିନ୍ଦର ଆହତ, ବୀରେନ୍ଦ୍ର ଅଧିନାୟକ

**ଏସିଆ କପ୍ ହକି**

■ ସୁନୀଲ ଉପ ଅଧିନାୟକ, ନିଲମ ସଞ୍ଜୀପ୍ ଖେସ୍ ସାମିଲ

**ବେଙ୍ଗାଲୁରୁ, ୧୩।୫**

ଜାକର୍ତ୍ତାରେ ମେ’ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ହେବାକୁଥିବା ଏସିଆ କପ୍ ହକି ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳକୁ ଝଟକା ଲାଗିଛି। ଅଧିନାୟକ ମନୋନୀତ ହୋଇଥିବା ତାରକା ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ ସିଂ ଆହତ ହୋଇ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରାଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ପୂର୍ବରୁ ବୀରେନ୍ଦ୍ର ଉପଅଧିନାୟକ ଥିଲେ। ଏବେ ଅଭିଜ୍ଞ ଫରୱାର୍ଡ ଏସ.ଭି. ସୁନୀଲ ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ରୂପିନ୍ଦରଙ୍କ ସ୍ଥାନରେ ଓଡ଼ିଶାର ପ୍ରତିଭାସମ୍ପନ୍ନ ଡିଫେଣ୍ଡର ନିଲମ ସଞ୍ଜୀପ୍ ଖେସ୍‌ଙ୍କୁ ମୁଖ୍ୟ ଦଳରେ ସାମିଲ କରାଯାଇଛି। ପୂର୍ବରୁ ନିଲମ ବଦଳ ଖେଳାଳି ତାଲିକାରେ ଥିଲେ।

‘‘ଦୁର୍ଭାଗ୍ୟଜନକ ଭାବେ ରୂପିନ୍ଦର ଟ୍ରେନିଂ ସେସନରେ ଆହତ ହୋଇ ଏସିଆ କପ୍‌ରୁ ଓହରି ଯାଇଛନ୍ତି। ଏବେ ବୀରେନ୍ଦ୍ର ଓ ସୁନୀଲଙ୍କ ଉପରେ ଦାୟିତ୍ୱ ବଢ଼ିଛି। ଉଭୟ ଅଭିଜ୍ଞ ଖେଳାଳି ଏବଂ ଦୀର୍ଘଦିନଧରି ଭାରତୀୟ ଦଳର କୋର୍‌ଗ୍ରୁପ ସଦସ୍ୟ ରହି ଆସିଛନ୍ତି। ଆମେ ରୂପିନ୍ଦରଙ୍କୁ ନିଶ୍ଚିତ ମିସ୍ କରିବୁ, ତେବେ ଆମ ଦଳରେ ପର୍ଯ୍ୟାପ୍ତ ବିକଳ୍ପ ରହିଛି। ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସନ୍ତୁଳିତ। ସୁଯୋଗର ସଦ୍‌ବ୍ୟବହାର କରିବାକୁ ସେମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି’’ ବୋଲି କୋଚ୍ ବି.ଜେ. କାରିଆପ୍ପା ପ୍ରକାଶ କରିଛନ୍ତି।


ବୀରେନ୍ଦ୍ର ଲାକ୍ରା

**ଭାରତୀୟ ଦଳ**

ଗୋଲକିପର: ପଙ୍କଜ କୁମାର ରଜାକ, ସୂରଜ କରକେରା। ଡିଫେଣ୍ଡର: ଯଶଦୀପ ସିୱାଚ, ଅଭିଷେକ ଲାକ୍ରା, ବୀରେନ୍ଦ୍ର ଲାକ୍ରା (ଅଧିନାୟକ), ମନଜିତ, ଦୀପସାନ୍ ତିର୍କୀ। ମିଡ୍‌ଫିଲ୍ଡର: ବିଷ୍ଣୁକାନ୍ତ ସିଂ, ରାଜ୍ କୁମାର ପାଲ୍, ମାରିସ୍ୱରେନ ଶକ୍ତିଭେଲ, ଶେଶେ ଗୌଡ଼ା ବି.ଏମ୍., ସିମରଞ୍ଜିତ ସିଂ। ଫରୱାର୍ଡ: ପବନ ରାଜଭାର, ଆଭାରନ ସୁଦେଭ, ଏସ.ଭି. ସୁନୀଲ (ଉପ-ଅଧିନାୟକ), ଉତ୍ତମ ସିଂ, ଏସ. କାର୍ତ୍ତି, ନିଲମ ସଞ୍ଜୀପ୍ ଖେସ।

## ଫିଡେ ନିର୍ବାଚନ ଲଢ଼ିବେ ଆନନ୍ଦ

**ଚେନ୍ନାଇ, ୧୩।୫ (ପି.ଟି.):** ଭାରତୀୟ ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ମହାସଂଘ (ଫିଡେ) ନିର୍ବାଚନ ଲଢ଼ିବେ। ମହାସଂଘର ବର୍ତ୍ତମାନ ରହିଥିବା ସଭାପତି ଆର୍କାଡି ଡିଭୋରକୋଭିଚ୍ ଯଦି ପୁନଃ ନିର୍ବାଚିତ ହୁଅନ୍ତି ତେବେ ଆନନ୍ଦ ଉପସଭାପତି ହେବେ। ଚଳିତବର୍ଷ ଜୁଲାଇ-ଅଗଷ୍ଟରେ ଏଠାରେ ଚେସ ଅଲିମ୍ପିଆଡ୍ ସମୟରେ ମହାସଂଘର କର୍ମକର୍ତ୍ତା ନିର୍ବାଚନ ହେବ। ଏଥିପାଇଁ ଆର୍କାଡି ତାଙ୍କ ଗୋଷ୍ଠୀର ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି। ଯେଉଁମାନେ ଏଥିରେ ସ୍ଥାନ ପାଇଛନ୍ତି ସେମାନେ ହେଲେ: ଆର୍କାଡି ଡିଭୋରକୋଭିଚ୍ (ସଭାପତି), ବିଶ୍ୱନାଥନ ଆନନ୍ଦ (ଉପସଭାପତି), ଝୁ ଚେନ୍ (କୋଷାଧ୍ୟକ୍ଷ), ଜୋରାନ୍ ଆଉଲିନ୍ ଜାନ୍‌ସନ (ଉପସଭାପତି), ମାହିର ମାମେଦୋଭ୍ (ଉପସଭାପତି)। ସୂଚନାଯୋଗ୍ୟ, ଗତ ମାସରେ ନୂଆଦିଲ୍ଲୀରେ ଏକ ମିଡିଆ ବାର୍ତ୍ତାଳାପ ସମୟରେ ଆନନ୍ଦ କହିଥିଲେ ଆର୍କାଡି ଯଦି ପୁନର୍ବାର ସଭାପତି ପାଇଁ ନିର୍ବାଚନ ଲଢନ୍ତି ତେବେ ସେ ତାଙ୍କୁ ସହାୟତା କରିବେ।



ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଶୁକ୍ରବାର ଓଡ଼ିଶା ପୋଲିସ ଓ ସେଥୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସେଥୁଠାରୁ ଓଡ଼ିଶା ପୋଲିସ ପରାସ୍ତ

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୧୩।୫ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଶୁକ୍ରବାର ୭ମ ବାଟାଲିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୦-୩ ଗୋଲରେ ଟେବୁଲ ଟପ୍ପର ମଦୁରାଇର ସେଥୁ ଏଫ୍‌ସି ନିକଟରୁ ହାରି ଯାଇଛି। ଆରମ୍ଭରେ ଓଡ଼ିଶା ପୋଲିସ ଖେଳାଳିମାନେ ସାହସିକ ପ୍ରଦର୍ଶନ କରିଥିଲେ ହେଁ ୨୭ତମ ମିନିଟରେ ସନ୍ଧ୍ୟା ରଙ୍ଗନାଥନ, ୩୩ତମ ମିନିଟରେ ଦେବନିତା ରୟ ଏବଂ ୬୭ତମ ମିନିଟରେ ରେନୁ ରାଣୀ ଗୋଟିଏ ଲେଖାଏ ଗୋଲ ଦେଇ ସେଥୁକୁ ବିଜୟୀ କରାଇଥିଲେ। ଏହି ମ୍ୟାଚପରେ ସେଥୁ ୮ ମ୍ୟାଚରୁ ୨୪ ପଏଣ୍ଟ ସହିତ ନିଜର ଶୀର୍ଷ ସ୍ଥାନକୁ ସୁଦୃଢ଼ କରିଛି। ଗୋକୁଲମ କେରଳ ୨୧ ଓ କର୍ନାଟକର କିକ୍‌ଷ୍ଟାର୍ଟ ୧୮ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ପୋଲିସ ୮ ମ୍ୟାଚରୁ ୨ ବିଜୟ ଓ ୬ ପରାଜୟ ସହ ୬ ପଏଣ୍ଟରେ ସନ୍ତୁଷ୍ଟ ରହିଛି। କ୍ୟାପିଟାଲ ପଡ଼ିଆରେ ଅନୁଷ୍ଠିତ ଏଆର୍‌ଏ ଏଫ୍‌ସି-ପିଫା ସ୍ପୋର୍ଟ୍ସ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି।

# ଓଡ଼ିଶା ମହିଳା, ପୁରୁଷ ଦଳ ବିଜୟୀ

**ଜାତୀୟ ୟୁଥ୍ ଭଲିବଲ**

**ଭୁବନେଶ୍ୱର, ୧୩।୫ (କ୍ରୀଡ଼ା ପ୍ରତିନିଧି)**

ମହାରାଷ୍ଟ୍ରର ସାଙ୍ଗଲିସ୍ଥିତ ଇସଲାମପୁରଠାରେ ଚାଲିଥିବା ୨୪ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟ ହାସଲ କରିଛନ୍ତି। ଓଡ଼ିଶା ପୁରୁଷ ଦଳ ଯଥାକ୍ରମେ ଗୁଜରାଟ ଓ ପୁଡୁଚେରୀକୁ ୩-୨ ଓ ୩-୧ ସେଟ୍‌ରେ ହରାଇଥିବାବେଳେ ମହିଳା ଦଳ ୩-୨ରେ ତେଲେଙ୍ଗାନାକୁ ପରାସ୍ତ କରିଛି।

**ସଙ୍ଗୀତା, ସୁଧାଂଶୁ ଉତ୍ତୀର୍ଣ୍ଣ**

ଚଳିତମାସ ୪ରୁ ୧୩ ପର୍ଯ୍ୟନ୍ତ ଚେନ୍ନାଇସ୍ଥିତ ଡ. ସିଭାନ୍ତି ଆଦିତ୍ୟନ ଏଫ୍‌ଆଇଭିବି ରିଜିଓନାଲ ଡେଭ୍‌ଲପ୍‌ମେଣ୍ଟ ସେଣ୍ଟରରେ ଲେଭଲ-୧ ଭଲିବଲ କୋଚେସ୍ କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଦୁଇ ଭଲିବଲ କୋଚ୍ ସଙ୍ଗୀତା ଟପ୍ପୋ ଓ ସୁଧାଂଶୁ ଭୂଷଣ ମିଶ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆର ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦୁଇ କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ମହାରାଷ୍ଟ୍ରର ସାଙ୍ଗଲିଠାରେ ଚାଲିଥିବା ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ବିଜୟୀ ହୋଇଥିବା ଓଡ଼ିଶା ମହିଳା ଓ ପୁରୁଷ ଭଲିବଲ ଦଳ।

## ରାଜ୍ୟ ଖବର

# ୨୧ରୁ ମାଟ୍ରିକ ଖାତା ମୂଲ୍ୟାୟନ

**କଟକ ଅଫିସ,୧୩।୫:** ଆସନ୍ତା ୨୧ ତାରିଖରୁ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖାହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ୪୮୧ ଜଣ ମୁଖ୍ୟ ପରୀକ୍ଷକ, ୯୦୦ ଜଣ ଡେପୁଟି ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କୃଟିନାଇଜରଙ୍କୁ ନିୟୋଜିତ କରାଯାଇଛି। ତ୍ରୁଟିଶୂନ୍ୟ ମୂଲ୍ୟାୟନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ଖାତାଦେଖାରେ ବରିଷ୍ଠ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଚଳିତବର୍ଷ ମୂଲ୍ୟାୟନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଜଣେ ପରୀକ୍ଷକ ଗୋଟିଏ ପ୍ରଶ୍ନର ଉତ୍ତରଖାତା ଦେଖିବେ ଏବଂ ମାର୍କ ଏଣ୍ଟ୍ରି ପ୍ରକ୍ରିୟା ଦୁଇଟି ରୁମ୍‌ରେ ଦୁଇଥର କରାଯିବ। ଜଣଙ୍କର ମାର୍କ ଦୁଇଜଣ ଏଣ୍ଟ୍ରି କରିବେ, ଯାହା ତ୍ରୁଟି ହେବାର ସମ୍ଭାବନାକୁ ହ୍ରାସ କରିବ ବୋଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି। ପରୀକ୍ଷକମାନେ ୨୦ ତାରିଖ ପୂର୍ବାହ୍ନ ୧୦ଟା ସୁଦ୍ଧା ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେବେ। ସବୁ କେନ୍ଦ୍ରରେ ଅପରାହ୍ନ ୨ଟାରେ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କିମ୍ବା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ଅଧ୍ୟକ୍ଷତା କରିବେ। ୨୧ ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖାତାଦେଖା ଜାରି ରହିବ। ଏ ନେଇ ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି, ସବୁ ପ୍ରସ୍ତୁତି ଶେଷ କରି ଆମେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରିବୁ। ମୂଲ୍ୟାୟନ ନିର୍ଭୁଲ ଭାବେ ହେବାର ଆଶା ରହିଛି। ଖାତାଦେଖା ଶେଷ ହେବା ପରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଏପ୍ରିଲ ୨୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰ପ୍ରମୋଦ ନାଥ ଦାସ
OFS (Retd.)
Ex Member, Odisha State Consumer Commission
ଯୋବ୍ରା, କଟକ
ଆବିର୍ଭାବ : ୧୯.୦୯.୧୯୩୭
ତିରୋଧାନ : ୧୪.୦୫.୨୦୨୧
ଆପଣଙ୍କ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଦୀପା, ମୁନା, ବେବୀ, ମିତା, ଭକ୍ତ, ବବି, ଟବି, ଆନନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୪୩୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ପୁଣ୍ୟଶ୍ଳୋକ ପଟ୍ଟନାୟକ
ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆବିର୍ଭାବ - ୩୧.୦୩.୧୯୬୨
ତିରୋଧାନ - ୧୪.୦୫.୨୦୨୧
ଆଜିର ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।
ଧ-୭୩୬୦୫

# ଶିକାରୀଙ୍କ ହାତରେ ଟ୍ରାଙ୍କୁଲାଇଜର

**ବନ୍ୟପ୍ରାଣୀଙ୍କ ପାଇଁ ନୂଆ ବିପଦ**

■ ଆଶଙ୍କା ପ୍ରକାଶ କଲେ ଓଡ଼ିଶାର ବିଶେଷଜ୍ଞ
■ ଟ୍ରାଙ୍କୁଲାଇଜରର ବ୍ୟବହାର, ହିସାବ ରଖାଯାଉ
■ ଘରୋଇ ଲୋକଙ୍କୁ ଟ୍ରାଙ୍କୁଲାଇଜେଶନରେ ନିୟୋଜିତ କରା ନ ଯାଉ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ଆସାମର ଓରାଙ୍ଗ ଜାତୀୟ ଉଦ୍ୟାନରେ ବନ୍ୟପ୍ରାଣୀ ମାଫିଆମାନେ ଅଭିନବ ଉପାୟରେ ଗଣ୍ଡାର ଶିଙ୍ଗକୁ କାଟି ନେଇଛନ୍ତି। ନିକଟରେ ଉଦ୍ୟାନ କର୍ମଚାରୀମାନେ ମୁୱାମାରି ଅଞ୍ଚଳରେ ଦୈନନ୍ଦିନ ପାଟ୍ରୋଲିଂ ସମୟରେ ପ୍ରାୟ ୮-୧୦ ବର୍ଷ ବୟସର ଏକ ଅପ୍ରାପ୍ତବୟସ୍କ ଅଣ୍ଡିରା ଗଣ୍ଡାକୁ ଶିଙ୍ଗ କଟା ଅବସ୍ଥାରେ ବୁଲୁଥିବା ଦେଖିଥିଲେ। ଭେଟେରିନାରି ଟିମ୍ ଅନୁଧ୍ୟାନ କରିବା ପରେ ଗଣ୍ଡାଟିକୁ ଟ୍ରାଙ୍କୁଲାଇଜ୍ କଲାପରେ ଶିଙ୍ଗଟିକୁ ଧାରୁଆ ଅସ୍ତ୍ରରେ କଟାଯାଇଥିବା ସ୍ପଷ୍ଟ କରିଛି। ଏହି ଘଟଣାକୁ ଆସାମ ସରକାର ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇଛନ୍ତି। କାରଣ ଏହାପୂର୍ବରୁ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନରେ ଶିକାରୀମାନେ ଅନୁରୂପ ଭାବେ ଦୁଇଟି ଗଣ୍ଡାର ଶିଙ୍ଗ କାଟି ନେଇଥିବା ନଜରକୁ ଆସିଥିଲା। ଶିଙ୍ଗକୁ ଏଭଳି ଭାବେ କଟାଯାଉଛି ଯେ, ଏଥିରେ ଗଣ୍ଡାଟି ମରିବ ନାହିଁ ଏବଂ ସୁସ୍ଥ ଭାବରେ ଜୀବନ ଯାପନ କରିପାରିବ। ଏହି ଘଟଣା ଓଡ଼ିଶା ପାଇଁ ମଧ୍ୟ ସତର୍କ ଘଣ୍ଟି ବଜାଇଛି। ବର୍ତ୍ତମାନ ରାଜ୍ୟରେ ବନ୍ୟପ୍ରାଣୀ ଶିକାର ଓ ଚୋରା ଚାଲାଣ ବଢ଼ି ଚାଲିଥିବାବେଳେ ଏଠାକାର ଶିକାରୀ ଓ ମାଫିଆମାନେ ବନ୍ୟପ୍ରାଣୀଙ୍କ ପ୍ରତି ଏପରି ନୂଆ ବିପଦକୁ ଆପଣାଇପାରନ୍ତି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

ଓଡ଼ିଶାରେ ହାତୀ ଶିକାର ଦିନକୁଦିନ ବଢ଼ିବାରେ ଲାଗିଛି। ଗତ ୧୫ ଦିନ ମଧ୍ୟରେ ବଲାଙ୍ଗୀର ଓ ବୌଦ୍ଧ ଜିଲାରୁ କ୍ରାଇମବ୍ରାଞ୍ଚ ୯ ହାତୀ ଦାନ୍ତ ଜବତ କରିଥିଲା। ପୋଲିସ ବା ବନ ବିଭାଗ ଏସବୁ ରୋକିବାକୁ ଯେପରି ଦକ୍ଷତା ବୃଦ୍ଧି ସହ ନୂଆ କୌଶଳ ଆପଣାଇଥାଆନ୍ତି, ଅପରାଧୀମାନେ ମଧ୍ୟ ସବୁବେଳେ ଅଭିନବ ଉପାୟରେ ଶିକାର ଓ ଚୋରା ଚାଲାଣ ଜାରି ରଖିଛନ୍ତି। ଯଦି ଅପରାଧୀଙ୍କ ପାଖରେ ଏକେ-୪୭ ଓ ଏକେ-୫୬ ଭଳି ଅସ୍ତ୍ର ପହଞ୍ଚିପାରୁଛି, ତେବେ ଏହି ଟ୍ରାଙ୍କୁଲାଇଜର ବନ୍ଧୁକ କିଣିବା ଛୋଟ କଥା ହେବ। ଓଡ଼ିଶାରେ ଏବେ ପ୍ରାୟ ୫୦ରୁ ଅଧିକ ଟ୍ରାଙ୍କୁଲାଇଜର ବନ୍ଧୁକ ବିଭିନ୍ନ ଡିଭିଜନରେ ରହିଛି। ନନ୍ଦନକାନନ ମାଧ୍ୟମରେ ଏହି ବନ୍ଧୁକ କିଣାଯାଇ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଆନୁଷଙ୍ଗିକ ମେଡିସିନ ମଧ୍ୟ କିଣାଯାଇଛି। କିନ୍ତୁ ଓଡ଼ିଶାରେ ବନ କର୍ମଚାରୀ କେତେ ସଚ୍ଚୋଟ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କେତେ ଚିନ୍ତିତ ତାହା କାହାକୁ ଅଛପା ନୁହେଁ। ହାତୀ ମୃତଦେହକୁ ଜେସିବି ଲଗାଇ ଜଙ୍ଗଲରେ ମାଟି ଖୋଳି ପୋତି ଦେଇ ଯେତେବେଳେ ରେଞ୍ଜର, ଫରେଷ୍ଟର, ଓ ଫରେଷ୍ଟ ଗାର୍ଡ ନିଲମ୍ବନ ହେଉଛନ୍ତି, କୋଟି କୋଟି ଟଙ୍କା ଦୁର୍ନୀତି କରି ଡିଏଫ୍‌ଓ ଏବଂ ପିସିସିଏଫ୍ ପାହ୍ୟାର ଅଧିକାରୀମାନେ ଜେଲ ଯାଉଛନ୍ତି, ସାମାନ୍ୟ କେଇଟା ଟଙ୍କା ବଦଳରେ ସେମାନେ ଟ୍ରାଙ୍କୁଲାଇଜର ବନ୍ଧୁକ ଯେ ଶିକାରୀଙ୍କ ହାତରେ ଧରାଇ ନ ଦେବେ ସେପରି ଆଶଙ୍କାକୁ ଏଡାଇ ଦେଉହେଉ ନ ଥିବା ବିଶେଷଜ୍ଞମାନେ କହୁଛନ୍ତି।

ଏ ସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ଓଡ଼ିଶାରେ ଟ୍ରାଙ୍କୁଲାଇଜେଶନ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଥିବା ଅବସରପ୍ରାପ୍ତ ଡିସିଏଫ୍ କମଳ ଲୋଚନ ପୁରୋହିତ କହିଛନ୍ତି, ଓଡ଼ିଶା ଜଙ୍ଗଲରେ ଗଣ୍ଡା ନାହାନ୍ତି, କିନ୍ତୁ ହାତୀ ତ ଅଛନ୍ତି। ଆସାମ ଘଟଣା ନଜରକୁ ଆସିବା ପରେ ଯେଉଁସବୁ ବନ କର୍ମଚାରୀଙ୍କୁ ଟ୍ରାଙ୍କୁଲାଇଜ୍ ଟ୍ରେନିଂ ଦିଆଯାଇଥିଲା ଓ ଯେଉଁଠି ବି ଟ୍ରାଙ୍କୁଲାଇଜର ବନ୍ଧୁକ ଅଛି, ସେସବୁର ତାଲିକା କରି ରଖାଯାଉ। ଯିଏ ବି ପ୍ରାକ୍ଟିସ୍ କରୁଛନ୍ତି, ସେହି ସବୁର ହିସାବ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରଙ୍କ ଅଫିସକୁ ନିହାତି ପଠାଯାଉ। ଯଦି କେବେ ଦୁର୍ଭାଗ୍ୟବଶତଃ ଟ୍ରାଙ୍କୁଲାଇଜର ବନ୍ଧୁକ ଅପରାଧୀଙ୍କ ହାତକୁ ଚାଲିଗଲା, ତେବେ ଓଡ଼ିଶାରେ ହାତୀ ତ ବୁଲୁଥିବେ, ହେଲେ ତାଙ୍କର ଦାନ୍ତ ନ ଥିବ। ହାତୀକୁ ଜୀବନରେ ନ ମାରି ଦାନ୍ତ ଅମଳ କରିବେ ଅପରାଧୀ। ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଆଗରୁ କେବଳ ବନ ବିଭାଗର ସ୍ଥାୟୀ କର୍ମଚାରୀ ଓ ଭେଟେରିନାରି ଡାକ୍ତରମାନେ ହିଁ ରାଜ୍ୟରେ ଟ୍ରାଙ୍କୁଲାଇଜେଶନ କରୁଥିଲେ। କୌଣସି ଘରୋଇ ଲୋକଙ୍କୁ ଏହି କାମରୁ ଦୂରେଇ ରଖାଯାଉଥିଲା। ହେଲେ ପ୍ରଥମଥର ପାଇଁ ଗଞ୍ଜାମ ଜିଲାରେ ଜଣେ ଘରୋଇ ଲୋକଙ୍କୁ ଭାଲୁ ଟ୍ରାଙ୍କୁଲାଇଜେଶନ ପାଇଁ ଦିଆଯାଇଥିଲା। ଏହି ସମୟରେ ବନ କର୍ମଚାରୀଙ୍କୁ ଭିଡିଓ କରିବାକୁ ବାରଣ କରାଗଲା। କିନ୍ତୁ ସେହି ଲୋକ ନିଜେ ଫେସ୍‌ବୁକରେ ଉକ୍ତ ଭିଡିଓ ପୋଷ୍ଟ କରିଥିଲେ। ଆସାମ ଘଟଣା ପରେ ସରକାର କୌଣସି ଘରୋଇ ଲୋକଙ୍କୁ ଟ୍ରାଙ୍କୁଲାଇଜେଶନ କାମରେ ସମ୍ପୂର୍ଣ୍ଣ ଭାବରେ ନିଷେଧ କରିବା ଉଚିତ ବୋଲି ସେ କହିଛନ୍ତି।



ଶିଙ୍ଗ କଟାଯାଇଥିବା ଗଣ୍ଡା। ଟ୍ରାଙ୍କୁଲାଇଜ୍ ପାଇଁ ବ୍ୟବହୃତ ବନ୍ଧୁକ।

**ଜନ୍ମଦିନ ଶୁଭେଚ୍ଛା**



ଓମ୍ ଏବଂ ଦର୍ଶନ
ବୀରନରସିଂହପୁର, ପୁରୀ
ଆଜି ତୁମର ୯ମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୁମ ଦୁହିଁଙ୍କର ଜୀବନ ଦୀର୍ଘାୟୁ ଏବଂ ମଙ୍ଗଳମୟ ହେଉ।
ଶୁଭେଚ୍ଛା ସହ: ଜେଜେ, ମାଆ, ବାପା, ବୋଉ, ଦାଦା, ଖୁଡ଼ୀ ଓ ରୁଦ୍ର।
ଧ-୪୩୪

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

# ସ୍ତ୍ରୀ ହତ୍ୟା ଅଭିଯୁକ୍ତଙ୍କୁ ଧରି ଥାନାରେ ଦେଲେ ଗ୍ରାମବାସୀ

**କୁକୁରୁଗାଈ ଘାଟି ତଳକୁ ଘୋଷାରି ନେଇଥିଲେ ମୃତଦେହ**

**ଦଶମନ୍ତପୁର, ୧୩।୫(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଲୋରେଶ ଗ୍ରାମର ଜଣେ ବୃଦ୍ଧ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ତାଙ୍କ ପୁଅ ଅଭିଯୋଗ କରିଛନ୍ତି। ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯାଉଥିବା ବେଳେ ତାଙ୍କୁ ଗ୍ରାମବାସୀ କାବୁକରି ଥାନା ଜିମା ଦେଇଛନ୍ତି। ଥାନାରେ ଅଭିଯୋଗ ଅନୁଯାୟୀ, ଲୋରେଶ ଗ୍ରାମର ପୋଲୁ ସାଓଁତା (୬୦) ବୁଧବାର ରାତିରେ ଖାଇସାରିବା ପରେ ସ୍ତ୍ରୀଙ୍କ ସହ ଘରଠାରୁ ୨୦୦ ମିଟର ଦୂର ଝଙ୍କରିପାଇରେ ଥିବା ନିଜ କୁଡ଼ିଆକୁ ଯାଉଥିଲେ। ହଠାତ୍ ସେ ସ୍ତ୍ରୀଙ୍କୁ ହତ୍ୟାକରି ଗାଁ ପାଖ କୁକୁରୁଗାଈ ଘାଟି ତଳକୁ ଘୋଷାରି ଘୋଷାରି ନେଇ ମାକୋଡ କେନ୍ଦୁ ଲଟାବୁଦାରେ ମୃତଦେହ ଲୁଚାଇ ରଖିଥିଲେ। ମାଆଙ୍କୁ ଘରେ ନ ପାଇ ପୁଅ ପରମା ସାଓଁତା ଖୋଜାଖୋଜି କରି ଗୁରୁବାର ପୋଲୁ ଲୁଚାଇ ରଖିଥିବା ସ୍ଥାନରୁ ମୃତଦେହ ଠାବ କରିଥିଲେ। ପରେ ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ପୋଲୁ ରାତାରାତି ଦାଦନ ଖଟିଯିବା ପାଇଁ ଚେନ୍ନାଇ ବାହାରିଥିଲେ। ହତ୍ୟା ମାମଲାରୁ ଖସିଯିବାକୁ ସେ ବାହାର ରାଜ୍ୟକୁ ଚାଲିଯାଉଥିବା ସନ୍ଦେହକରି ମରିଚଗୁଡ଼ା ଗ୍ରାମବାସୀ ଦଶମନ୍ତପୁର ପଞ୍ଚାୟତ ଲଦିବେଡ଼ା ଗ୍ରାମଛକଠାରେ ତାଙ୍କୁ ଧରି ଥାନା ଜିମା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

FREE ADMISSION
UNDER RTE 25% SEAT
Reservation
SARASWATI SISHU VIDYA MANDIR
Sri Gita Khetra, Pandara,
Plot No. - 4046
For STD - 1 Only
Phone No.: 9337764632
SC, ST, OBC, Ration Card
(Holder & other Group
under RTE can apply)
Apply in:
www.Rteparadarshi.odisha.gov.in

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭଞ୍ଜ-ସାହିତ୍ୟର ମରମୀ ଟୀକାକାର

**ଡ. ହୃଷୀକେଶ ମଲ୍ଲିକ**

ପ୍ରବହମାନ ସମୟର ଏକ ଏକ କାଳଖଣ୍ଡରେ ଯେବେ କୌଣସି 'ବିଶାଳବୁଦ୍ଧି' କବିଙ୍କର ଆବିର୍ଭାବ ହୁଏ, ସେତେବେଳେ ତାଙ୍କ ଲେଖନୀନିଃସୃତ ନବୀନ-ରଚନାରେ ସମୟର ପାଣି କିଛି ଚହଲିଯାଏ। ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ଏହିପରି ଜଣେ କବିଥିଲେ ଉପେନ୍ଦ୍ର ଭଞ୍ଜ, ଯାହାଙ୍କ ଶୁଶ୍ରୂଷାରେ ନୂଆ କରି ତିଆରି ହୋଇଥିଲା ଓଡ଼ିଆ ଭାଷା, ଓଡ଼ିଆ କାବ୍ୟ-କବିତା। ଉପଯୁକ୍ତ ବ୍ୟାଖ୍ୟାର ଅଭାବରୁ ଏହି କବିଙ୍କ ସୃଜନ-ସମ୍ଭାର ନାନା ବିଡ଼ମ୍ବନାର ଶିକାର ହୋଇଥିଲା। ଏହିପରି ଏକ ସମୟ ମଧ୍ୟ ଆସିଥିଲା, ଯେତେବେଳେ ଭଞ୍ଜ-ସାହିତ୍ୟକୁ ବିରୋଧ କରି ଆନ୍ଦୋଳନମାନ ଗଢ଼ି ଉଠିଥିଲା। ଭଞ୍ଜ-ସାହିତ୍ୟ କ୍ଲିଷ୍ଟ, ଭଞ୍ଜ-ସାହିତ୍ୟ ଅଶ୍ଳୀଳ, ଦେହବାଦୀ- ଏପରି ଦୁର୍ନାମ ରଟିଥିଲା। ବିଂଶ ଶତାବ୍ଦୀରେ ଭଞ୍ଜ-ସାହିତ୍ୟକୁ ତଳପଟ କରି ରାଧାନାଥ ସାହିତ୍ୟକୁ ବଡ଼କରି ଦେଖାଇଥିଲେ କିଛି ପତ୍ରପତ୍ରିକା ଓ ସମାଲୋଚକ। କିନ୍ତୁ ଭଞ୍ଜ-କାବ୍ୟର ପ୍ରକୃତ ବ୍ୟାଖ୍ୟା ପାଇଁ ବିଂଶ ଶତାବ୍ଦୀର ମଧ୍ୟଭାଗରୁ ଯେଉଁ କେତେଜଣ ଗୁଣୀ-ସମୀକ୍ଷକ ନିଜ ପ୍ରଜ୍ଞାର ସକଳ ମମତ୍ୱବୋଧ ଦେଇ ଭଞ୍ଜଙ୍କୁ ଲୋକପ୍ରିୟ କବିର ମର୍ଯ୍ୟାଦା ଦେବାକୁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଥିଲେ 'କଳିଙ୍ଗ-ଭାରତୀ'ର ସ୍ରଷ୍ଟା ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ହୃଦାନନ୍ଦ ରାୟ ଓ ଅବଧାରିତ ଭାବେ ପଦ୍ମଶ୍ରୀ ରଜତ କୁମାର କର।

ରଜତ କର ତାଙ୍କ ଜୀବନରେ ଭଞ୍ଜ-ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ବହୁ ବହି ଲେଖିଛନ୍ତି- ଉଭୟ ଓଡ଼ିଆ ଓ ଇଂଲିଶ୍ ଭାଷାରେ। ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ଐତିହ୍ୟକୁ ନେଇ ଲେଖିଛନ୍ତି ଏକାଧିକ ନାଟକ, ଗଳ୍ପ, ପ୍ରବନ୍ଧ ଓ ଭକ୍ତିଭାବାତ୍ମକ ଭଜନ। ଈଶ୍ୱର ତାଙ୍କୁ ଏକ ଦେବଦତ୍ତ କଣ୍ଠ ଦେଇଥିବାରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନରେ ଶ୍ରୀଜଗନ୍ନାଥତତ୍ତ୍ୱର ସେ ଅଭିନବ ବ୍ୟାଖ୍ୟା ପ୍ରଦାନ କରିଛନ୍ତି। କରଙ୍କ ରଚିତ ବହି ମଧ୍ୟରେ ଦୁଇଟି ବହିର କଥା ଏଠାରେ ମୁଁ ଉଲ୍ଲେଖ କରୁଛି। ଗୋଟିଏ 'ଜନଜୀବନରେ ଜଗନ୍ନାଥ' ଓ ଅନ୍ୟଟି 'ଜନମାନସରେ ଭଞ୍ଜ'। ଏହି ଦୁଇଟି ବହିକୁ ଅଧିକ ପୁଷ୍ଟ କରନ୍ତି ତାଙ୍କର ଅନ୍ୟ ଦୁଇଟି ବହି। ଗୋଟିଏ 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ' ଓ 'ବୈଦେହୀଶ ବିଳାସ ସୌରଭ'।

ତେବେ ରଜତଙ୍କ ଅନୁପସ୍ଥିତିରେ ଯାହା ଓଡ଼ିଆ ପାଠକ ଓ ସମୀକ୍ଷକଙ୍କୁ ସବୁଠୁଁ ବେଶୀ ଉଦ୍‌ବେଳିତ କରିବ, ତାହା ହେଉଛି 'ଭଞ୍ଜ-ସାହିତ୍ୟ'କୁ ନେଇ ତାଙ୍କର ଅନନ୍ୟ ତର୍ଜମା। 'ବୈଦେହୀଶ ବିଳାସ'ର ବ୍ୟାଖ୍ୟାରୁ ଗୋଟିଏ ଦୃଷ୍ଟାନ୍ତ ଏଠାରେ ନିଆଯାଉ। ସୂର୍ପଣଖାର ନାସା କର୍ଣ୍ଣ ଛେଦନ ହୋଇଛି। ରୋରୁଦ୍ୟମାନା ଭଉଣୀକୁ ସାନ୍ତ୍ୱନା ଦେଉଛି ରାବଣ- ''ବ୍ରହ୍ମର କର କର୍ଣ୍ଣ ନାସା ଚରଣ ନାହିଁ କି ଅବଜ୍ଞା/ ବିଗତ ଶୋଚନା ହୁଅ ସୁଲୋଚନା ଦେଖ ମୋ' ପ୍ରତିଜ୍ଞା।'' ରଜତବାବୁ ତାଙ୍କର ଏକ ପ୍ରବନ୍ଧରେ ପ୍ରଥମେ ଏହାକୁ ର। ବ ଣ ର ବ୍ର ହ୍ମ ଚି ନ୍ତ ନ ବୋଲି ବ୍ୟାଖ୍ୟା କରିଥିଲେ। କାରଣ ବ୍ରହ୍ମର ହାତ, କାନ, ନାକ ଓ ପାଦ ନାହିଁ; କିନ୍ତୁ ବ୍ରହ୍ମଙ୍କୁ କେହି ଅବଜ୍ଞା କରନ୍ତି ନାହିଁ। ଅନୁରୂପ ଭାବେ ସୂର୍ପଣଖାର ନାକ କାନ କଟି ଯାଇଥିଲେ ବି ସେ ଅନ୍ୟର ଅବଜ୍ଞାର ପାତ୍ରୀ ହେବ କାହିଁକି? ତା'ଛଡ଼ା ସେ ତ 'ସୁଲୋଚନା', ଅତି ସୁନ୍ଦର ତା'ର ଆଖି ଦିଓଟି। କିଛିଦିନ ପରେ ଲେଖକ ଏହି ପଙ୍‌କ୍ତିଟି ପଢ଼ିବାବେଳେ ତାଙ୍କ ମନରେ ନୂଆ ଭାବନା ଉଙ୍କିମାରିଛି। ସେ ଲେଖିଛନ୍ତି: ''ଏବେ ମନକୁ ଆସୁଛି ଯେ, ରାବଣ ଏଠି ନୀଳାଦ୍ରିନାଥ ଜଗନ୍ନାଥଙ୍କୁ ମନେପକାଉଛି। ସୁଯୋଗ ପାଇବା ମାତ୍ରେ ଭଞ୍ଜ ଜଗନ୍ନାଥଙ୍କ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।'' ଅର୍ଥାତ୍ ରଜତବାବୁ ତାଙ୍କର ଅନୁଭବ ଓ ମନନର ସ୍ତର ବୃଦ୍ଧିରେ ନିଜର ପୂର୍ବ ବ୍ୟାଖ୍ୟାକୁ ମଧ୍ୟ ସଂଶୋଧନ କରି ନୂଆ ବ୍ୟାଖ୍ୟା ଦେବାରେ ସଂକୋଚବୋଧ କରୁ ନ ଥିଲେ। ତାଙ୍କର ପ୍ରଜ୍ଞା ଆବଦ୍ଧ ନ ଥିଲା, ଥିଲା ଚଳନ୍ତି-ପ୍ରଜ୍ଞା। 'ଯେତେ ଦୂରେ ପତ୍ର ପଡ଼ିଥିଲେରେ ନବୀନା' ଶୀର୍ଷକ ଅନ୍ୟ ଏକ ନିବନ୍ଧରେ ଭଞ୍ଜଙ୍କ 'ପ୍ରେମ ସୁଧାନିଧି'ର ଅପୂର୍ବ ବ୍ୟାଖ୍ୟା କରି ସେ କହିଛନ୍ତି- ''ଭଞ୍ଜ ସାହିତ୍ୟରେ ପ୍ରୀତିର ଭିତ୍ତି, ଦେହର ବନ୍ଧନରୁ ମୁକ୍ତ।'' ପ୍ରୀତିକୁ ଏକ ଦେହାତିରିକ୍ତ ଅନୁଭୂତିରେ ପରିଣତ କରିବା ପାଇଁ ଭଞ୍ଜ-ସାହିତ୍ୟରେ ଅନେକ ଉପାଦାନ ରହିଛି। ଯଥା: ''ଯିବ ସହସ୍ର ଜନ୍ମେ କି ପାସୋର/ ଅମୃତରୁ ପ୍ରିୟ ବାଣୀ ରୁଚିର।'' ଏଠି ଦେହ ନୁହେଁ, ବଚନ ଓ ବାଣୀର ପ୍ରାଧାନ୍ୟ ସ୍ୱୀକୃତ। ଅନ୍ୟ ଏକ ଉଦାହରଣ ହେଉଛି- ''ବାନ୍ଧବୀ ପାଖରେ ଥାଉ ଥାଉ/ ତା' ମୁ ଖ ପ ଦ୍ମ କୁ ଚା ହୁଁ ଚା ହୁଁ / ଯେଉଁ ନାଗର ପ୍ରାଣ ତ୍ୟାଗ କରିଛି/ ତା' ସମ ସୁକୃତୀ କାହିଁ ଆଉ।'' ଏହା ପତ୍ନୀର ଦେହଭୋଗୀ ଏକ କାମୁକ ପତିର ଉକ୍ତି ନୁହେଁ। ଦେହରୁ ବିଦେହ ସତ୍ତାରେ ଆରୂଢ଼ ଏକ ବିଦଗ୍ଧ ପ୍ରଣୟୀର ପ୍ରାଣ ଭିତରର ଉଚ୍ଛ୍ୱାସ।


ପଦ୍ମଶ୍ରୀ ରଜତ କୁମାର କର (୧୯୩୩-୨୦୨୨)

ରଜତ କରଙ୍କ ନବ-ଅନ୍ୱେଷାରେ ଭଞ୍ଜ-ସାହିତ୍ୟର ଅପହୃତ ଗୌରବ ପୁନଃ ସିଦ୍ଧ ହୋଇଛି। ଝଡ଼ିଲା ପତ୍ର ବୃକ୍ଷଠାରୁ ଯେପରି ଅଭିନ୍ନ, ଭଞ୍ଜଙ୍କର ଦାମ୍ପତ୍ୟ ପ୍ରେମ ସେହିପରି ଚିରାୟତ ପ୍ରେମରେ ସ୍ନିଗ୍ଧ ଓ କାଳୋଜ୍ଜ୍ୱଳ। ଭଞ୍ଜ-ସାହିତ୍ୟର ବ୍ୟାଖ୍ୟାରେ ରଜତ ଯେପରି ସମୟର ବହୁ ଆଗରେ ଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାଖ୍ୟାରେ ମଧ୍ୟ ସେହିପରି ବିଜ୍ଞାନସମ୍ମତ ଥିଲେ। ତାଙ୍କ ମତରେ ସୁଭଦ୍ରା ଅର୍ଜୁନଙ୍କ ପତ୍ନୀ ନୁହନ୍ତି, ସେ ଦୁର୍ଗା। ଉପେନ୍ଦ୍ରଙ୍କ 'ନୀଳାଦ୍ରିଶ ଚଉତିଶା'ର ଉଦାହରଣ ଦେଇ ଜଗନ୍ନାଥଙ୍କୁ ଭଞ୍ଜ ପ୍ରଣବ ବା ଓଁକାର ରୂପୀ ବୋଲି କଳନା କରିଥିବା ସେ ଉଲ୍ଲେଖ କରିଛନ୍ତି। ଓଁକାରରେ ଥିବା ଅ, ଉ, ମ, ଅର୍ଦ୍ଧମାତ୍ରା ଓ ବିନ୍ଦୁ ସହ ସେ ଅକ୍ଷରବ୍ରହ୍ମ ସ୍ୱରୂପ। ପ୍ରସଙ୍ଗ ବର୍ହିଭୂତ ହେଲେ ବି ଏଠାରେ ଏହି ଆଲୋଚକ ସୂଚାଇ ଦେବାକୁ ଚାହେଁ ଯେ ବିଂଶ ଶତାବ୍ଦୀର ସତୁରି ଦଶକରେ ପୁରୀରେ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗଢ଼ିଉଠିଥିବା 'ଅନାମ କବିତା' ସମ୍ଭବତଃ ଏହି ବିନ୍ଦୁ ବା ଅକ୍ଷର ବ୍ରହ୍ମଙ୍କୁ ଗ୍ରହଣ କରି କବିତାର ଶୀର୍ଷକ ଭାବେ 'ବିନ୍ଦୁ'କୁ ହିଁ ରଖିଛନ୍ତି।

ରଜତବାବୁ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରୁ ''ଭକ୍ତିଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ/ ବୈଷ୍ଣବ ବିହୁନେ କେବା ଜାଣିବ ସଂସାରେ'' ପଦଟିକୁ ଉଦ୍ଧାର କରି 'ଭକ୍ତିଦେବା' ଶବ୍ଦଟି ଭିତରେ ରାଧାନାମ ଗୁପ୍ତ ଥିବାର ଇଙ୍ଗିତ ଉପେନ୍ଦ୍ର କରିଛନ୍ତି ବୋଲି କହିଛନ୍ତି। ଶ୍ରୀଜଗନ୍ନାଥଙ୍କ ଭିତରେ ରାଧାକୃଷ୍ଣଙ୍କ ସମ୍ମିଳିତ ବିଗ୍ରହକୁ ଯେ ଉପେନ୍ଦ୍ର ଆବିଷ୍କାର କରି ତାଙ୍କ କାବ୍ୟରେ ପ୍ରକଟିତ କରିଥିଲେ, ଯାହାର ପଶ୍ଚାତ୍‌ରେ ହୁଏତ ନିହିତ ଥିଲା ଉପେନ୍ଦ୍ରଙ୍କ 'ଦାମ୍ପତ୍ୟ ପ୍ରେମତତ୍ତ୍ୱ'- ଏହାର ସୂତ୍ରକୁ ରଜତବାବୁଙ୍କ ପରି ମନୀଷୀ ହିଁ କେବଳ ଦେଖିପାରନ୍ତି। ତାଙ୍କ ମତରେ ଜଗନ୍ନାଥ ପୁରୁଷୋତ୍ତମ ହୋଇଥିବାରୁ କ୍ଷେତ୍ରର ନାମ ପୂର୍ବରୁ 'ପୁରୁଷୋତ୍ତମ ପୁରୀ' ଥିବା ନିଃସନ୍ଦେହ, ଯାହା ପରେ କେବଳ 'ପୁରୀ'ରେ ପରିଣତ ହୋଇଛି। ଆଜି କେତେକ ବ୍ୟକ୍ତି ପୁରୀର ନାମ ବଦଳାଇ 'ପୁରୁଷୋତ୍ତମ ପୁରୀ' ବା 'ଜଗନ୍ନାଥ ପୁରୀ' କରିବାକୁ ଯେଉଁ ଦାବି ଉଠାଉଛନ୍ତି, ରଜତବାବୁଙ୍କର ଏହି ମନ୍ତବ୍ୟ ସେ ଦାବିର ପୃଷ୍ଠପୋଷକତା କରୁ ନାହିଁ କି? ତେବେ ସେ ଯାହାହେଉ, ରଜତ କର ଯେ ଥିଲେ ଆମ ସମୟରେ ଭଞ୍ଜ-ସାହିତ୍ୟର ଜଣେ ମରମୀ ଟୀକାକାର, ଏହା ତାଙ୍କର ଆଲୋଚନାଗୁଡ଼ିକରେ ଅସ୍ପଷ୍ଟ ରହୁ ନାହିଁ। ସେହି ପ୍ରଥିତଯଶା ଶ୍ରୀଜଗନ୍ନାଥ ଓ ଭଞ୍ଜପ୍ରାଣ ଲେଖକ ତଥା ଓଡ଼ିଆ ସଂସ୍କୃତିର ପୁରୋଦ୍ରଷ୍ଟାଙ୍କୁ ତାଙ୍କ ଅବର୍ତ୍ତମାନରେ 'ଧରିତ୍ରୀ'ର ପ୍ରଣାମ।

ମୋ: ୯୮୫୩୨୮୭୭୫୫

## କବିତା

### ମୁକ୍ତି

**ସନ୍ନ୍ୟାସୀ ନାୟକ**

ଧ୍ୱସ୍ତ ବିଧ୍ୱସ୍ତ ୟୁକ୍ରେନ ମାଟିରେ
ମୋତେ ବୀଜଟିଏ କରି ପୋତିଦିଅ
ପୋଡ଼ା ପାଉଁଶର
କୁହୁଳା ନିଆଁ ଭିତରେ
ଗଛର ଭ୍ରୂଣଟିଏ କର,
କ୍ଷତ ବିକ୍ଷତ ମଣିଷ ମନରେ
ଦ୍ୱାସୁପର୍ଣ୍ଣା କରି ପ୍ରଭୁ
ହସ ଟିକେ ଭରିଦିଅ।

ନିଆଁରେ ଜିଅନ୍ତା ଜୀବନ ପୋଡୁଥିବା
ଛିନ୍ନଛତ୍ର ଅଟ୍ଟାଳିକାରେ
ମୋତେ ଶାନ୍ତିର କପୋତଟିଏ କର,
ମୋ ରକ୍ତରେ ଯଦି ଯୁଦ୍ଧ ସରିଯିବ
ମୋତେ ନିଅ ମାର,
ନୃଶଂସତାରେ ମାନବବାଦ ଛାରଖାର,
ଯୁଗେ ଯୁଗେ ପ୍ରଭୁ
ତୁମର ଏ କି ଅବିଚାର
ସବଳର ଦୁର୍ବଳ ଉପରେ ଅତ୍ୟାଚାର।

ପଡ଼ିଶା ଘରେ
ଭାଇକୁ ଶତ୍ରୁ କରି
ବଞ୍ଚିବା ବଡ଼ କଷ୍ଟକର,
ଭାଇ ଭାଇର ଲଢ଼େଇରେ
ସୁନ୍ଦର ପୃଥିବୀ ଛାରଖାର,
ମହାଭାରତ ଯୁଦ୍ଧରେ
ବିଜୟୀ ପାଣ୍ଡବ ହରାଇଲା
ଅଭିମନ୍ୟୁ ପରି ବୀର।

ଯୁଦ୍ଧର ଘନଘୋର
ଘନଘଟା ଭିତରେ
ମଣିଷତ୍ୱ ଦରକାର,
ପାରୁଛ ତ ପ୍ରଭୁ
ମୋତେ ଆଉ ଗୋଟେ
ଗାନ୍ଧୀ କର,
ଅହିଂସା ମନ୍ତ୍ର ନେଇ
ୟୁକ୍ରେନ ମାଟିରେ ବସି ବି
ଦେଖିବି ରୁଷ୍
କେମିତି କରିବ ମିଶାଇଲ ମାଡ଼ ?
ସହନଶୀଳତା, ସତ୍ୟାଗ୍ରହରେ
ଜନ୍ମ ନେବ ଶାନ୍ତିର ଫୁଲକଢ଼,
ପ୍ରଭୁ, ନିଶ୍ଚିତ ବିଜୟ ହେବ
ପୃଥ୍ୱୀରେ ମାନବବାଦର।

ମୋ: ୯୪୩୭୩୫୨୫୬୦

**ଗୀତି-କବିତା**

### ଖରା ଆସେ

**ଧନଞ୍ଜୟ ସ୍ୱାଇଁ**

ଲମ୍ୱା ଦି'ପହରେ ବୈଶାଖର ଖରା
ଶାଣଦିଆ ଖଣ୍ଡେ ଛୁରି
କେବେ ସେ ଖରାର ତାରରେ ଶୁଖାଏ
ପବନ ପାଲଟା ଶାଢ଼ି ।।୦।।

ଖରା ଆସେ ତୁମ ଶାମୁକା ଓଠରେ
ପଳାଶର ରଙ୍ଗ ମାଖି
ଦକ୍ଷିଣୀ ଖଞ୍ଜାରେ ଭାତନିଦ ଡାକି
ଖରା ମୁଦିଦିଏ ଆଖି
ତୁମକୁ ଦେଖିବା ବାହାନାରେ
ଖରା ବେତ ଭୋଗେଇର କୋଳି
ଶାଣଦିଆ ଖଣ୍ଡେ ଛୁରି ।।୧।।

ରାତି ଶେଷ ଝରାଗଙ୍ଗଶିଉଳିର
ଲୁହ-ଫୁଲ ଏଇ ଖରା
ଦିନଶେଷେ ଚାଳମଥାନରେ ଖରା
ଅଳସଭାଙ୍ଗିଲା ତରା
ବାଡ଼ିପଟ ବୁଢ଼ା ଆମ୍ୱ ଡାଳିଆରେ
ଖରା ବି ଖୁସିର ଦୋଳି
ଶାଣଦିଆ ଖଣ୍ଡେ ଛୁରି ।।୨।।

ମୋ: ୯୪୩୭୦୦୦୬୩୬

### ଭାଗ

**ଦୀପ୍ତି ମୁଣ୍ଡ**


ଡେଣା ଖୋଲିଦେଲେ
ଆକାଶଟା ସାରା ନିଜର
ପାଦ ଥାପିଦେଲେ
ମାଟି କିନ୍ତୁ ଭାଗ ଭାଗ
ତୋର ମୋର ଭାବ
ନକ୍ସାରେ।

ପବନ ବି ବନ୍ଧାପଡ଼େ
ନିର୍ବାକ୍ କାନ୍ଥ ଛାତିରେ
ପାଣିର ସଂଘର୍ଷ ଏଠି ଜିଇ କି
ବହି ଯିବାରେ।
ଆଶା ବିଶ୍ୱାସ ଆଉ ଭଲ ପାଇବାର
ଶବ ଏବେ ମଣିଷର
କାନ୍ଧରେ।

ମୋ: ୭୦୦୮୯୯୨୮୧୫

## ପୁସ୍ତକ ପରିଚୟ

### ଗିରିଧାରୀ ନନ୍ଦଶର୍ମା ଗ୍ରନ୍ଥାବଳୀ





**ସମ୍ପାଦନା:** ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ
**ପ୍ରକାଶକ:** କାବ୍ୟଲୋକ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୦,
**ମୂଲ୍ୟ:** ଟ. ୩୫୦/-

ଗିରିଧାରୀ ନନ୍ଦଶର୍ମା(୧୯୨୨-୧୯୮୦)ଙ୍କ ରଚିତ କବିତା, ନାଟକ ଓ ପ୍ରବନ୍ଧ ଆଦିକୁ ନେଇ ଏହି ଗ୍ରନ୍ଥାବଳୀଟି ପ୍ରକାଶ ପାଇଛି। 'ପୁଷ୍ପମାଳା' ୧ମ ଖଣ୍ଡ ଓ ୨ୟ ଖଣ୍ଡରେ ସ୍ଥାନିତ ହୋଇଛି ତାଙ୍କ କବିତା। ଗ୍ରନ୍ଥରେ ରହିଛି ଦୁଇଟି ନାଟକ- 'ସତୀତ୍ୱର ପୁରସ୍କାର' ଓ 'ସ୍ନେହର ମୂଲ୍ୟ'। ପ୍ରବନ୍ଧ ବିଭାଗରେ ସ୍ଥାନ ପାଇଛି 'ଗନ୍ଧମାର୍ଦ୍ଦନ' ଓ 'ଭାରତର ଭୂମିକମ୍ପ' ଶୀର୍ଷକ ଦୁଇଟି ପ୍ରବନ୍ଧ ଓ ତତ୍‌ସହିତ ରହିଛି ଗଣେଶ, ନାରାୟଣ, ପଞ୍ଚାନନ, ପାର୍ବତୀ ଓ ସୂର୍ଯ୍ୟଙ୍କ ଜଣାଣ 'ପଞ୍ଚଦେବ ଜଣାଣ' ଶୀର୍ଷକରେ। 'ମୁଖଶାଳା'ରେ ଗିରିଧାରୀଙ୍କ ସାରସ୍ୱତ ବୈଶିଷ୍ଟ୍ୟ ଦର୍ଶାଇବାକୁ ଯାଇ ସମ୍ପାଦକ ଡ. ନନ୍ଦ ଲେଖିଛନ୍ତି: ''ଗିରିଧାରୀଙ୍କ ସାରସ୍ୱତ ପାଟବତା ଲୋକାଭିମୁଖୀ ଥିଲା। ଲୋକଙ୍କ କଥା ଲୋକଙ୍କ ପାଇଁ ହିଁ ସାହିତ୍ୟର ରୂପ ପରିଗ୍ରହ କରିଥିଲା। ଲୋକ ସାହିତ୍ୟର ଭିତ୍ତିରେ ଆଧୁନିକ ଦୃଷ୍ଟିଭଙ୍ଗୀର ହୋଇଥିଲା ଶୁଚିଶୁଭ୍ର ପ୍ରକାଶ। ଦୁର୍ବୋଧତାଠାରୁ ନିରାପଦ ଦୂରତ୍ୱରେ ରହି ସେ ଅତି ସାଧାରଣ କଥିତ ଭାଷାରେ ସାହିତ୍ୟର ଆବାହନ କରିଛନ୍ତି।'' ଗ୍ରନ୍ଥାବଳୀରେ ପତ୍ରସ୍ଥ ଲେଖାଗୁଡ଼ିକ ପାଠକଲେ ମନେହୁଏ ଯେ, ସେ ନିଜ ଜୀବନର ଅନୁଭୂତିକୁ ଜନବୋଧ ଭଙ୍ଗୀରେ କେବଳ ଗୁନ୍ଥି ଯାଇଛନ୍ତି। ଏଥିରେ ନାହିଁ ଜ୍ଞାନର ବଡ଼ିମା ପ୍ରଖ୍ୟାପନର ଲେଶମାତ୍ର ଦାମ୍ଭିକତା। ଏହି କାରଣରୁ ବହିଟି ସବୁ ଶ୍ରେଣୀର ପାଠକଙ୍କ ଦ୍ୱାରା ଯେ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।

ମାନବିକତାର

### ବିଶ୍ୱମୁକ୍ତି (ବିଜୁବାବୁ ସ୍ୱତନ୍ତ୍ର)




**ସମ୍ପାଦକ:** ଶଶାଙ୍କ ଚୂଡ଼ାମଣି
**ପ୍ରକାଶକାଳ:** ମଇ-ଜୁନ୍-୨୦୨୨,
**ମୂଲ୍ୟ:** ଟ.୭୫/-

ଜନପ୍ରିୟ ରାଷ୍ଟ୍ରନେତା ବିଜୁ ପଟ୍ଟନାୟକଙ୍କ ଜୀବନ କଥା ଓ କୀର୍ତ୍ତିକୁ ନେଇ ପ୍ରକାଶ ପାଇଛି 'ବିଶ୍ୱମୁକ୍ତି'ର ଏହି ବିଶେଷ ସଂଖ୍ୟା। ସମ୍ପାଦକୀୟରେ ଶଶାଙ୍କ ଲେଖିଛନ୍ତି: ''ଆଜି ତାଙ୍କ ମହାପ୍ରୟାଣକୁ ୨୫ବର୍ଷ ପୂରିଲା। x x ସେହି ମହାନ୍ ଆତ୍ମାଙ୍କ ଉଦ୍ଦେଶ୍ୟରେ ପଚିଶବର୍ଷ ତଳେ 'ବିଶ୍ୱମୁକ୍ତି' ବାଢ଼ିଥିଲା ଅର୍ଘ୍ୟ। ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇଥିଲା ସେଇ ଅମଳିନ ବ୍ୟକ୍ତିତ୍ୱ ବିଜୁବାବୁଙ୍କ ଉପରେ। ଆଜି ସେ ସ୍ୱତନ୍ତ୍ର ସଂଖ୍ୟାର ପଚିଶ ବର୍ଷ।'' ଆଲୋଚ୍ୟ ବିଶେଷ ସଂଖ୍ୟାରେ ସ୍ଥାନିତ ହୋଇଛି ଗାଳ୍ପିକା ଜ୍ୟୋତ୍ସ୍ନା ରାଉତରାୟଙ୍କ ଦ୍ୱାରା ଗୃହୀତ ବିଜୁବାବୁଙ୍କର ଏକ ବିରଳ ସାକ୍ଷାତ୍‌କାର, ଯେଉଁଥିରେ ତାଙ୍କୁ ପଚରାଯାଇଛି- ''କୌଣସି ନାରୀ ଆପଣଙ୍କ ଜୀବନରେ ପ୍ରେରଣାର ଉତ୍ସ ହୋଇଛନ୍ତି କି?'' ତା'ର ଉତ୍ତରରେ ବିଜୁବାବୁ କହିଛନ୍ତି: ''ମୋ' ପାଇଁ ମୋ' ମା', ମୋ' ମା'ଙ୍କର ଅବଦାନ ଓ ପ୍ରେରଣା ସବୁଠୁ ଅଧିକ। ତେଣୁ ମା' ଚେହେରାର ନାରୀଟିଏ ଦେଖିଲେ ମୁଁ ଅଭିଭୂତ ହୋଇଯାଏ।'' ''ମୋ' ସ୍ୱପ୍ନର ଓଡ଼ିଶା'' ଶୀର୍ଷକ ପ୍ରସଙ୍ଗ ଉପରେ କହିବାକୁ ଯାଇ ସେ କହିଛନ୍ତି: ''ମୁଁ ଏପରି ଏକ ଓଡ଼ିଶାର ସ୍ୱପ୍ନ ଦେଖେ, ଏକବିଂଶ ଶତାବ୍ଦୀରେ ଯେଉଁ ଓଡ଼ିଶାରେ ଥିବେ ଶ୍ରେଷ୍ଠ ଶିଳ୍ପୀ, ଭବ୍ୟ କାରିଗର ଓ ସ୍ଥପତି ତଥା ଶ୍ରେଷ୍ଠ ସଙ୍ଗୀତଜ୍ଞ ଓ କବି।'' ଏହି ସଂଖ୍ୟାରେ ବିଜୁପତ୍ନୀ ଜ୍ଞାନ ପଟ୍ଟନାୟକ, ବଡ଼ ଭାଇ ଡା. ଜର୍ଜ ପଟ୍ଟନାୟକ, ଝିଅ ଗୀତା ମେହେଟ୍ଟା, ଅଶୋକ ଦାସ, ଦାମୋଦର ରାଉତ, ପ୍ରଫେସର ସମର ଗୁହା, ଅରୁଣା ଆସଫ୍ ଅଲ୍ଲୀ, ବୈଷ୍ଣବ ପ୍ରସାଦ ମହାନ୍ତି, ଡ. ପ୍ରସନ୍ନ ପାଟଶାଣୀ, ସୁରେନ୍ଦ୍ର ମୋହନ, ନରସିଂହ ମିଶ୍ର, ପ୍ରତିଭା ରାୟ, ଅରବିନ୍ଦ ବେହେରା, ସଂଗ୍ରାମ ମହାପାତ୍ର, ଡ. ବିମଳେନ୍ଦୁ ମହାନ୍ତି, ଦିଲୀପ ରାୟ, ଶ୍ରୀମତୀ ସ୍ୱରାଜ ଲାମ୍ବା ଓ ଡ. ଦୀନାନାଥ ପାଠୀ ପ୍ରମୁଖଙ୍କ ତଥ୍ୟପୂର୍ଣ୍ଣ ଲେଖା ସଂଯୋଜିତ ହୋଇଛି।

## ଗପ ପରି

**ମଧୁସୂଦନ ଦାଶ**

### ଜାତି

ନଳକୂଅରୁ ପାଣି ନେବାପାଇଁ ସୋମୁ ମା' କେତେବେଳୁ ଛିଡ଼ାହୋଇଛି ଯେ ହୋଇଛି। ରାମୁ ମା' ବାଟ ଓଗାଳୁଛି ତାକୁ। ଛୁଆଁଅଛୁଆଁର ପାଣିରେ ସତେଯେମିତି ସେ ଭାସି ଯାଉଛି। ଏ ଘଟଣା ଦେଖିପାରିଲା ରାମୁ।

ଧଇଁସଇଁ ହୋଇ ଧାଇଁ ଆସିଲା ନଳକୂଅ ପାଖକୁ। ମା'କୁ ତା'ର କହିପକାଇଲା ମା', ସେଦିନ ତୁ ମୋତେ ସ୍କୁଲ୍ ଯିବାବେଳେ ପାଣି ବୋତଲ ଦେବା ଭୁଲି ଯାଇଥିଲୁ। ମୁଁ ବସ୍‌ରୁ ଓହ୍ଲେଇ ସ୍କୁଲ୍‌କୁ ଯିବା ବାଟରେ ମୋ' ମୁଣ୍ଡ ଘୂରିଗଲା। ମୁଁ ତଳେ ପଡ଼ିଗଲି। ସୋମୁ ତା' ପାଣି ବୋତଲରୁ ପାଣି ମୋତେ ପିଆଇଦେଲା ଓ ମୋ' ମୁହଁରେ ଛିଞ୍ଚିଦେଲା। ମୁଁ ଭଲରେ ସ୍କୁଲ୍ ଗଲି। ଏତିକିରେ ରାମୁ ମା' ଆଖିରୁ ଛୁଆଁଅଛୁଆଁର ଭାବ ଲୁହ ହୋଇ ଝରୁଥିଲା। ସୋମୁ ମା'ର ଗରା କୃତଜ୍ଞତାର ପାଣିରେ ଭରି ଯାଉଥିଲା। ରାମୁ ତା' ମା' ଭିତରେ ଦେବୀର ରୂପ ଦେଖୁଥିଲା।

### ଜାତକ

ରବିବାବୁଙ୍କ ଭାରି ଯିଦ୍ ସେ ତାଙ୍କ ପୁଅ ଅନିମେଷକୁ ତା' ପିଲାଦିନର ସାଙ୍ଗ ଅନ୍ୱେଷା ସହ ବାହା ଦେବ ନାହିଁ। କାରଣ ଜାତକ ପଡୁନାହିଁ। ଏ କଥା ଜାଣିପାରିଲା ଅନିମେଷ। ବାପାଙ୍କୁ ତା'ର ଭରସି କହିଲା- ବାପା, ମୁଁ ଅନ୍ୱେଷାକୁ ପିଲାଦିନୁ ଜାଣେ। ତା' ବ୍ଲଡ୍‌ଗ୍ରୁପ୍ ଓ ମୋ' ବ୍ଲଡ୍‌ଗ୍ରୁପ୍ ଏକା। ସେ ଉଚ୍ଚ ଶିକ୍ଷିତା ବି। ମୋଟ ଉପରେ ତା' ମୋ' ଭିତରେ ଜାତକ ନ ପଡ଼ିଲେ ବି ଯତିପାତ ଭଲ। ରବିବାବୁ କ'ଣ ଭାବିଲେ କେଜାଣି ଯୋଉ ଲୋକ ପୂନେଇଁରେ ଅନ୍ଧାର ଝୁଣ୍ଟୁ ଥିଲେ ସେ ଅମାବାସ୍ୟାରେ ଜହ୍ନ ଉଇଁବା ଦେଖିଲେ। ସେପଟେ ବେଦି ବନ୍ଧା ଚାଲିଥିଲା।

### ଯୌତୁକ

କନ୍ଦର୍ପବାବୁଙ୍କ ଖୋଲପଣ ଇଚ୍ଛା ପୁଅ ବାହାଘରରେ ମୋଟା ଅଙ୍କରେ ଯୌତୁକ ଆଣିବା ପାଇଁ। ବିଭିନ୍ନ ପ୍ରସ୍ତାବ ପଡ଼ି ଭାଙ୍ଗି ଯାଉଥାଏ ଯୌତୁକ ନେଣଦେଣ ସକାଶେ। ତାଙ୍କର ବଡ଼ ବହପ ପୁଅକୁ ସେ ଦିଲ୍ଲୀରେ ପଢ଼େଇ ହାକିମ କରିଛନ୍ତି। କିନ୍ତୁ ଭିତରେ ସେ ପୁଅର ମତ ଲୋଡ଼ିବାକୁ କୁଣ୍ଠାବୋଧ କରୁଥା'ନ୍ତି। ଦିନେ ପଚାରୁ ପଚାରୁ ପଚାରି ଦେଲେ ପୁଅକୁ- 'ଆରେ ପୁଅ, ତୁ କୋଉଠି ଠିକ୍ କରିଛୁକି ବାହା ହେବା ପାଇଁ?' ସୋମେଶ ବିନମ୍ରତା ସହ ବାପାଙ୍କୁ ତା'ର କହିଲା- ବାପା, ମୋ' ସହପାଠୀ ଅବର୍ଣ୍ଣାକୁ ବାହାହେବାକୁ ସ୍ଥିର କରିଛି। ମା' କହୁଥିଲା ଆପଣ ବିନା ଯୌତୁକରେ ମୋତେ ବାହାଘର କରିବେ ନାହିଁ ବୋଲି। ଅବର୍ଣ୍ଣା ଘରଲୋକେ ପାଞ୍ଚ ପଇସା ବି ଯୌତୁକ ଦେବେ ନାହିଁ। ଏତିକିରେ ତ ସେ ରାଗିକି ପଞ୍ଚମ ହୋଇଗଲେ।

ସୋମେଶ ବାପାଙ୍କୁ ତା'ର ସମ୍ଭ୍ରମତାର ସହ ବୁଝେଇ କହିଲା- ବାପା, ମୁଁ କୁସଙ୍ଗରେ ପଡ଼ି ଏତେମାତ୍ରାରେ ମଦ ପିଉଥିଲି ଯେ ଅବର୍ଣ୍ଣା ନ ଥିଲେ ମୁଁ ଏବେ ଏ ଅବସ୍ଥାରେ ନ ଥା'ନ୍ତି। ମୋତେ ଆପଣ ହରାଇବାର ବହୁତ ସମ୍ଭାବନା ଥା'ନ୍ତା। ମୋ' ବିରକ୍ତ ସତ୍ତ୍ୱେ ଅବର୍ଣ୍ଣା ମୋତେ ବାଟକୁ ଆଣିଥିଲା। ତେଣୁ ତା'ର ଆପଣଙ୍କ ପରି ମୋ' ଉପରେ ବି ଅଧିକାର ଅଛି। ସେ ଅଧିକାରରୁ ମୁଁ ତାଙ୍କୁ ବଞ୍ଚିତ କରିପାରିବିନି ବାପା। କନ୍ଦର୍ପବାବୁ ସହଜେ ବୁଝୁ ନ ଥିଲେ ବି ତାଙ୍କ ବିବେକ ତାଙ୍କୁ ଦଂଶନ କରୁଥିଲା। ସେ ପଥରରୁ ପାଣି ହେଉଥିଲେ।

ମୋ: ୯୪୩୭୩୩୨୪୯୮

## କାଳକାଳକୁ



**''କାହାରି ନା କାହାରି ମେଘରେ ତମେ ଇନ୍ଦ୍ରଧନୁଟିଏ ହେବାକୁ ଚେଷ୍ଟା କର।''**
**-ମାୟା ଏଞ୍ଜେଲୁ**

**ମାୟା ଏଞ୍ଜେଲୁଙ୍କ** ଜନ୍ମ ୪ ଏପ୍ରିଲ ୧୯୨୮ରେ ଓ ପରଲୋକ ୨୮ ମେ ୨୦୧୪ରେ। ବିଶ୍ୱବିଦିତା ଏହି ଲେଖିକା ଥିଲେ ଏକାଧାରରେ କବି, ଜୀବନୀ ଲେଖିକା ଓ ମାନବାଧିକାର କର୍ମୀ। ତାଙ୍କର କୃତିଗୁଡ଼ିକ ମଧ୍ୟରେ ରହିଛି ୭ଟି ଆତ୍ମଜୀବନୀ, ୩ଟି ପ୍ରବନ୍ଧ ଓ ଏକାଧିକ କବିତାଗ୍ରନ୍ଥ। ନାଟକ, ଚଳଚ୍ଚିତ୍ର ଓ ଦୂରଦର୍ଶନକୁ ନିଜ ଲେଖା ଦ୍ୱାରା ସେ ନାନା ଭାବେ ସମୃଦ୍ଧ କରିଛନ୍ତି। ବହୁ ପୁରସ୍କାର ବିଜୟିନୀ ମାୟା ନିଜ କୃତିତ୍ୱ ପାଇଁ ୫୦ରୁ ଅଧିକ ସମ୍ମାନଜନକ ଉପାଧି ବିଭିନ୍ନ ଅନୁଷ୍ଠାନରୁ ଲାଭ କରିଛନ୍ତି। ୧୯୬୯ରେ ପ୍ରକାଶିତ ତାଙ୍କ ଆତ୍ମଜୀବନୀର ପ୍ରଥମଭାଗ "I know why the Caged Bird Sings" ପ୍ରକାଶ ପାଇବା ପରେ ସହସା ତାଙ୍କର ଖ୍ୟାତି ଦିଗ୍‌ବିଦିଗ ବ୍ୟାପିଯାଇଥିଲା। ଏଥିରେ ୧୭ବର୍ଷ ଯାଏ ତାଙ୍କ ଜୀବନାନୁଭୂତି ଲିପିବଦ୍ଧ ହୋଇଛି। "On the Pulse of Morning" ତାଙ୍କର ଏକ ବହୁଚର୍ଚ୍ଚିତ କବିତା। ଏଞ୍ଜେଲୁ କହନ୍ତି: ''ଆମେ ଜୀବନରେ ବହୁ ପରାଜୟର ସାମ୍ନା କରିପାରନ୍ତି, କିନ୍ତୁ କେବେ ବି ପରାଜିତ ହେବା ନାହିଁ।''

## ଜୀବନ ଜିନ୍ଦାବାଦ୍

**ପ୍ରତାପ ବିଶ୍ୱାଳ**

ଜନସମାଗମ କିଛି କମ୍ ନ ଥିଲେ ବି ନୀରବତାରେ ବ୍ୟାପ୍ତ ଥିଲା ମନ୍ଦିର ଭିତର, ଯେପରି ଛୁଞ୍ଚି ପଡ଼ିଲେ ନବଖଣ୍ଡ। ସମସ୍ତେ ପ୍ରାୟ ଧ୍ୟାନମୁଦ୍ରାରେ ଉପବିଷ୍ଟ ଥିଲେ। ସମସ୍ତେ ବି ବୟସ୍କବୟସ୍କା ନରନାରୀ। ସେ ଦୁଇଜଣଙ୍କ ପ୍ରବେଶର କିଞ୍ଚିତ ଶବ୍ଦରେ ସାମାନ୍ୟ ଚହଲିଗଲା ପରିବେଶ। ଅନେକ ମୁଦ୍ରିତ ଆଖି ଖୋଲି ଚାହିଁଲେ ସେମାନଙ୍କୁ। ପୁଣି ନୀରବିଗଲା ସମୟ। ସେମାନେ ଦୁହେଁ ପାଖାପାଖି ହୋଇ ବସିଲେ। ଏ ମନ୍ଦିରକୁ ସେମାନେ ପ୍ରଥମଥର ଆସିଥିବାରୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଚାରିଆଡ଼କୁ। ସମସ୍ତଙ୍କ ନୀରବତାକୁ ଚାହିଁ ପୁଅଟି ବୋଧେ କିଛି କହିବା ପାଇଁ ପାଟି ଖୋଲିବାକୁ ଗଲାବେଳେ ତା' ପାଖରେ ବସିଥିବା ବ୍ୟକ୍ତିଜଣଙ୍କ ପାଟିରେ ଅଙ୍ଗୁଳି ଦେଇ ସୂଚାଇଦେଲେ ଯେ, ବର୍ତ୍ତମାନ ଏଠି ବାର୍ତ୍ତାଳାପ ନିଷେଧ। ଝିଅଟା ବି ଚାରିଆଡ଼କୁ ଚାହୁଁଥାଏ। ଭାବୁଥାଏ ବୋଧେ ସହରର ଏତେ କୋଳାହଳ ଭିତରେ ଏଠି ଏତେ ନୀରବତା କାହିଁକି! ତା' ବାମପଟ କାନ୍ଥରେ ଲେଖା ହୋଇ ମରାଯାଇଥାଏ 'ପ୍ରାର୍ଥନା ଗୃହ'; ଯାହାକୁ ପଢ଼ି ସେ ଭାବିଲା ପ୍ରାର୍ଥନା ତ ଉଚ୍ଚାରଣରେ ହୁଏ, ମନ୍ତ୍ରରେ ତ ଈଶ୍ୱରଙ୍କୁ ଆରାଧନା କରାଯାଏ। ଏଠି ଏମିତି ବିନା ମନ୍ତ୍ର, ବିନା ଶବ୍ଦରେ ପ୍ରାର୍ଥନା କିପରି ସମ୍ଭବ!

ସେମାନେ ପରସ୍ପର ପରସ୍ପରକୁ ଚାହିଁ ବସିବାକୁ ବାଧ୍ୟ ହେଲେ। ସନ୍ଧ୍ୟା ଆସନ୍ନ ଥିଲା। ମନ୍ଦିର ବେଢ଼ାରେ ଥିବା ଏକ ଆମ୍ୱଗଛରୁ କୋଇଲିଟିଏ ଗାଇଲା କୁ...କୁ..., ନୀଡ଼ଫେରନ୍ତା ପକ୍ଷୀମାନେ ବି ଆସି ସେ ଗଛରେ ବସି କିଚିରିମିଚିରି ଶବ୍ଦ କଲେ। ଗୋଟାଏ ସଙ୍ଗୀତମୟ ପରିବେଶ ପରି ଲାଗୁଥିଲା ମନ୍ଦିରର ବାହାର। ଏଥର ସେମାନେ ଦୁହେଁ ଆଖିରେ ଆଖିରେ କ'ଣ କଥା ହେଲେ କେଜାଣି ଦୁହେଁ ସାଙ୍ଗ ହୋଇ ଉଠିବାକୁ ଉଦ୍ୟତ ହେଲାବେଳେ ଜଣେ ସେ ପୁଅର ହାତକୁ ଧରି ବସିବାକୁ ଇଙ୍ଗିତ କଲା। ଝାପ୍‌ସା ଅନ୍ଧାର ପରି ଝିଅଟାର ମୁହଁ ଦେଖାଯାଉଥିଲା। କିନ୍ତୁ ସେ ପୁଅଟାର ହାତ ପାପୁଲି ବସିଥିବା ଲୋକଟାର ହାତ ପାପୁଲି ଭିତରେ ଶକ୍ତଥିଲା ପରି ଲାଗୁଥିଲା। ପୁଅଟା ଅନିଚ୍ଛାକୃତ ଭାବେ ପୁଣି ବସିପଡ଼ିଲା। ପୁଅଟାକୁ ବସି ପଡ଼ିବାର ଦେଖି ଝିଅଟା ବି ପୁଣିଥରେ ବସିପଡ଼ିଲା ତା' ଜାଗାରେ।

ଭିତରେ ନୀରବତାର ଅବସାନ ଘଟୁ ନ ଥିଲା। ମନ୍ଦିର ବାହାରେ କିନ୍ତୁ ଜୀବନର ଆବାହନୀ ମନ୍ତ୍ର ପରି ଗୁଞ୍ଜରି ଉଠୁଥିଲା ପକ୍ଷୀଙ୍କର କଳରବ। ଏହି ସମୟରେ ଏକ ଝିଟିପିଟିର 'ସତ୍ ସତ୍' ଶବ୍ଦରେ କମ୍ପିତ ହୋଇଗଲା ପରି ଶୁଭିଲା ଭିତରଟା। ମୌନତା ଭାଙ୍ଗି ଉପସ୍ଥିତ ସମସ୍ତ ବୟସ୍କାବୟସ୍କ ଏକା ସ୍ୱରରେ ଉପରକୁ ହାତଟେକି ଉଚ୍ଚାରଣ କଲେ ''ମାମେକଂ ଶରଣଂବ୍ରଜ''।

ଏଥର ସମସ୍ତେ ଉଠିପଡ଼ିଲେ, ପୁଅଝିଅ ଦୁହେଁଯାକ ବି ଉଠିଯାଇ କିଛି ନ ବୁଝି ପାରି ଦୁହେଁ-ଦୁହିଁଙ୍କୁ କେବଳ ପ୍ରଶ୍ନିଳ ଆଖିରେ ଚାହିଁ ରହିଲେ। ପୁଅ ହାତକୁ ଧରି ବସାଇ ଦେଇଥିବା ଲୋକଟା ବି ଛିଡ଼ା ହୋଇଯାଇଥିଲା। ସେ ପୁଅଟିକୁ ପ୍ରଶ୍ନ କଲା କ'ଣ ମାଗିଲ ? ପୁଅଟା ପ୍ରାୟ ଟିକିଏ ଭୟଭୀତ ହୋଇଯାଇଥିଲା। ସମ୍ଭ୍ରମରେ ଉତ୍ତର ଦେଲା: କାହାକୁ?

ଲୋକଟା କହିଲା ତୁମେ କ'ଣ ବାହାରେ ପଢ଼ି ଭିତରକୁ ଆସି ନ ଥିଲ ? ଆଜି ବୋଧେ ପ୍ରଥମେ ଆସିଛ ତାହେଲେ, ଏଇଟା ମୁକ୍ତି ମନ୍ଦିର। ଜୀବନର ସବୁ ଦୁଃଖ, ରୋଗ, ଶୋକରୁ ମୁକ୍ତି ପାଇଁ ଏଠି ସମସ୍ତେ ଉପସ୍ଥିତ ହୁଅନ୍ତି। ଝିଟିପିଟିର ଏଇ ଶବ୍ଦକୁ ସମସ୍ତେ ଏକ ଧ୍ୟାନରେ ଅପେକ୍ଷା କରିଥା'ନ୍ତି। ଏହା ଝିଟିପିଟିର ଶବ୍ଦର ନୁହେଁ, ଏହା ଈଶ୍ୱରଙ୍କଠାରୁ ପ୍ରେରିତ ଶବ୍ଦ। ଝିଟିପିଟି ନିମିତ୍ତମାତ୍ର। ମୁକ୍ତି ମାର୍ଗର ଶବ୍ଦ। ତୁମେ ଦୁହେଁ ତ ଯୁବତୀଯୁବକ। କେଉଁଥିରୁ ମୁକ୍ତି ପାଇଁ ପ୍ରାର୍ଥନା କରିବାକୁ ଏଠାକୁ ଆସିଥିଲ ?

ପୁଅଟା ଏଥର ଏକପ୍ରକାର ଝପଟି ଝିଅଟାର ହାତକୁ ଧରିନେଇ ଦ୍ରୁତଗତିରେ ଯିବାକୁ ଉଦ୍ୟତ ହେଲାବେଳେ କହିଲା- ''ଆମେ ମୁକ୍ତ ନୁହେଁ ଯୁକ୍ତ ହେବାକୁ ଚାହୁଁ। ସହରଠୁ ଦୂର ଏହା ଏକ ନିକାଞ୍ଚନ ଜାଗା, ପୁଣି ମନ୍ଦିର ନିରୋଳା ଥିବା ଭାବି ଆମେ ଦୁହେଁ କିଛି ସମୟ ଏକାନ୍ତରେ ସମୟ କାଟିବାକୁ ଏଠାକୁ ଆସିଥିଲୁ। ସମ୍ପର୍କରୁ ମୁକ୍ତି ଆମେ ଚାହୁଁନା। ସମ୍ପର୍କକୁ ଯୁକ୍ତ କରି ସୁନ୍ଦର ସୁଶୋଭିତ କରିବାକୁ ଆମେ ଚାହୁଁ।''

ସେମାନେ ଏକପ୍ରକାର ଦୌଡ଼ିଲା ପରି ଚାଲୁଥିଲେ। ବାହାରେ ସନ୍ଧ୍ୟା ଭଲ କରି ହୋଇ ନ ଥିଲା। ଶୁଭୁଥିଲା କୋଇଲିର କୁହୁକୁହୁ ଶବ୍ଦ। ଲାଗୁଥିଲା ଜୀବନ ଉଦାସୀନ, ନିଷ୍କ୍ରିୟତାରେ ମୁକ୍ତି କି ପଳାୟନରେ ନ ଥାଏ। ଥାଏ ପ୍ରକୃତିର ସୌନ୍ଦର୍ଯ୍ୟ ସହ, ପ୍ରକୃତିର ସଙ୍ଗୀତ ସହ ନିଜକୁ ତାଳଦେଇ 'ଜୀବନ ଜିନ୍ଦାବାଦ୍' କହି ଚାଲିବାରେ। ଜୀବନର ପ୍ରକୃତ ସ୍ୱାଦ ମୁକ୍ତିର ଅନୁସନ୍ଧାନରେ ନ ଥାଏ। ଜୀବନର ପ୍ରକୃତ ଅର୍ଥ କାମନା ବାସନା ମୁକ୍ତ ନୁହେଁ। କାମନା, ବାସନାହୀନ ଜୀବନ ତ ପଥର କି ଶୁଷ୍କ କାଠ ଖଣ୍ଡେ। ପଥରକୁ କଳାକାରିଗରି ହାତର ସ୍ପର୍ଶ ଦେଇ କଥା କହିବାର କଳା ଶିଖାଇବା, କାଠ ଖଣ୍ଡକରେ ସ୍ନେହ, ପ୍ରେମର ମଳୟ ପବନର ଲେପ ଦେଇ ପ୍ରକୃତି ସହିତ ଅନ୍ତରଙ୍ଗ ହେବାର କଳା ହିଁ ତ କାଠ ଖଣ୍ଡିଏକୁ ଚନ୍ଦନ କାଠରେ ପରିଣତ କରିଦିଏ, ଯେଉଁଥିରେ ନିହିତ ଥାଏ ଜୀବନ ଜିଇବାର ମୂଳ ଉଦ୍ଦେଶ୍ୟ।

ମୋ: ୯୪୩୭୭୪୫୯୮୩



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ମେ ୧୪/୨୦୨୨ Rayagada, Saturday, May 14/ 2022

# ପଞ୍ଜାବ କିଙ୍ଗ୍ସର ବୃହତ୍ ସ୍କୋର

**ମୁମ୍ବାଇ, ୧୩ା୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଆଗରେ ବୃହତ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ପଞ୍ଜାବ କିଙ୍ଗ୍ସ। ଜନି ବେୟାରଷ୍ଟୋ ଓ ଲିଆମ ଲିଭିଂଷ୍ଟୋନଙ୍କ ଅର୍ଦ୍ଧଶତକ ସହାୟତାରେ ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରିଛି। ୧୧ ମ୍ୟାଚରୁ ୧୦ ପଏଣ୍ଟ ପାଇଥିବାରୁ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ପଞ୍ଜାବକୁ ଏହି ମ୍ୟାଚ ଜିତିବା ନିହାତି ଆବଶ୍ୟକ ହୋଇଛି। ରିପୋର୍ଟ ଲେଖା ହେବା ବେଳକୁ ଆର୍‌ସିବି ୫ ଓଭରରେ ୪୧ ରନରେ ୩ଟି ଉଇକେଟ ହରାଇ ବିପଦରେ ପଡ଼ିଛି। ବିରାଟ କୋହଲି ୨୦, ଫାଫ୍ ଡୁ'ପ୍ଲେସି ୧୦ ଓ ମହୀପାଲ ଲୋମରୋର୬ ରନକରି ଆଉଟ ହୋଇଛନ୍ତି। ଚଳିତ ଆଇପିଏଲ୍‌ରେ ଦୁଇ ଦଳ ମଧ୍ୟରେ ପୂର୍ବ ମୁକାବିଲାରେ ପଞ୍ଜାବ ବିଜୟୀ ହୋଇଥିଲା।

ଟସ୍‌ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆର୍‌ସିବି ଅଧିନାୟକ ଫାଫ୍ ଡୁ'ପ୍ଲେସି। ମାତ୍ର ଜନି ବେୟାରଷ୍ଟୋ ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୩୦ ବଲ୍‌ରୁ ୬୦ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଧାୱନ ୧୫ ବଲ୍‌ରୁ ୨୧ (୨ ଚୌକା, ୧ ଛକା) ରନ କରିଥିବାବେଳେ ଗ୍ଲେନ ମ୍ୟାକ୍ସୱେଲଙ୍କ ବଲ୍‌ରେ ବୋଲ୍ଡ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଭାନୁକା ରାଜପାକ୍ସା ମାତ୍ର ୧ ରନରେ ଆଉଟ ହୋଇଥିଲେ ହେଁ ବେୟରଷ୍ଟୋଙ୍କ ଧୂଆଁଧାର ବ୍ୟାଟିଂ ଜାରି ରହିଥିଲା। ବେୟାରଷ୍ଟୋ ୨୯ ବଲ୍‌ରୁ ୪ ଚୌକା ଓ ୭ ଛକା ସହାୟତାରେ ୬୬ ରନକରି ଶାହାବାଜ ଅହମଦଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମାତ୍ର ଦଳୀୟ ସ୍କୋର ଉପରେ ତାହାର କିଛି ପ୍ରଭାବ ପଡ଼ି ନ ଥିଲା। କାରଣ ବେୟାରଷ୍ଟୋ ଆଉଟ ହେବାପରେ ମଧ୍ୟ ମୋମେଣ୍ଟମ ବଜାୟ ରଖିଥିଲେ ଲିଆମ ଲିଭିଂଷ୍ଟୋନ। ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳର ରନ ସଂଖ୍ୟାକୁ ୨୦୦ ଅତିକ୍ରମ କରାଇଥିଲେ। ତେବେ ଅନ୍ୟପଟରେ ଅଧିନାୟକ ମୟଙ୍କ ଅଗ୍ରୱାଲ ୧୯, ଜୀତେଶ ଶର୍ମା ୯, ହରପ୍ରୀତ ବ୍ରାର ୭, ରିଷି ଧାୱନ ୭ ଓ ରାହୁଲ ଚହର ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିଲେ। ୨୦ତମ ଓଭରରେ ପଞ୍ଜାବ ମାତ୍ର ୪ ରନ ସଂଗ୍ରହ କରି ୩ଟି ଉଇକେଟ ହରାଇଥିଲା। ଅନ୍ତିମ ଓଭରରେ ଆଉଟ ହୋଇଥିବା ଲିଭିଂଷ୍ଟୋନ ୪୨ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ। ଆର୍‌ସିବି ବୋଲରଙ୍କ ମଧ୍ୟରେ ହର୍ଶଲ ପଟେଲ ୩୪ ରନ ବିନିମୟରେ ସର୍ବାଧିକ ୪ଟି ଓ ୱାନିନ୍ଦୁ ହସରଙ୍ଗା ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୫ ରନରେ ୨ଟି ଉଇକେଟ ନେଇଥିଲେ। ଗ୍ଲେନ ମ୍ୟାକ୍ସୱେଲ ଓ ଶାହାବାଜ ଅହମଦଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଫର୍ମରେ ଥିଲେ ହେଁ ଏହି ମ୍ୟାଚରେ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ଜୋଶ୍ ହାଜେଲଉଡ୍। ସେ ୪ ଓଭରରେ ୬୪ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୦୯/୯ (ଲିଆମ ଲିଭିଂଷ୍ଟୋନ-୭୦, ଜନି ବେୟାରଷ୍ଟୋ-୬୬, ଶିଖର ଧାୱନ-୨୧, ମୟଙ୍କ ଅଗ୍ରୱାଲ-୧୯, ହର୍ଶଲ ପଟେଲ-୪/୩୪, ୱାନିନ୍ଦୁ ହସରଙ୍ଗା-୨/୧୫, ଶାହାବାଜ ଅହମଦ-୧/୪୦, ଗ୍ଲେନ ମ୍ୟାକ୍ସୱେଲ-୧/୧୭)।



ଅର୍ଦ୍ଧଶତକ ହାସଲପରେ ଲିଆମ ଲିଭିଂଷ୍ଟୋନ।

## ଆଇପିଏଲ୍-୧୫

**ଆଜିର ମ୍ୟାଚ**

କୋଲକାତା ନାଇଟ ରାଇଡର୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୨ | ୭ | ୫ | ୧୪ | +୦.୨୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | +୦.୨୧୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୦୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୪ | ୮ | ୮ | +୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୩ | ୯ | ୬ | -୦.୬୧୩ |

# ବକ୍ସିଂରୁ ଅମିର ଖାଁଙ୍କ ଅବସର



**ଲଣ୍ଡନ, ୧୩ା୫ (ଏପି):** ପୂର୍ବତନ ୟୁନିଫାଏଡ୍ ଲାଇଟ୍‌ୱେଟ୍ ବିଶ୍ୱ ଚାମ୍ପିୟନ ଅମୀର ଖାଁ ୩୫ ବର୍ଷ ବୟସରେ ବକ୍ସିଂରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ତାଙ୍କ ଦୀର୍ଘ ୨୭ବର୍ଷ କ୍ୟାରିୟରର ଅବସାନ ଘଟିଛି। ଅମିର ବ୍ରିଟେନର ଅନ୍ୟତମ ଶ୍ରେଷ୍ଠ ବକ୍ସର ରୂପେ ପରିଗଣିତ ହେଉଥିଲେ। ତାଙ୍କ ବିଜୟ ପରାଜୟ ରେକର୍ଡ ୩୪-୬ ରହିଛି। ମାତ୍ର ୧୭ ବର୍ଷ ବୟସରେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଅମିର ୨୦୦୯-୧୨ ୟୁନିଫାଏଡ୍ ୱେଲ୍ଟରୱେଟ୍ ଚାମ୍ପିୟନ ଥିଲେ। ଏହାପରେ ମଧ୍ୟରେ ଲଢେଇ ଜାରି ରଖିଥିଲେ। ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ରେ କାନେଲୋ ଅଲଭାରେଜ, ଡାନି ଗାର୍ସିଆ ଓ ଟେରେନ୍ସ କ୍ରାଫୋର୍ଡଙ୍କ ଭଳି ନାମି ବକ୍ସରଙ୍କଠାରୁ ପରାଜିତ ହୋଇଥିଲେ। ଫେବୃଆରୀରେ ସେ ତାଙ୍କ ଶେଷ ମୁକାବିଲାରେ ତାଙ୍କ ଦୀର୍ଘସମୟର ପ୍ରତିଦ୍ୱନ୍ଦ୍ୱୀ କେଲ୍ ବ୍ରୁକ୍ଙ୍କଠାରୁ ଏକତରଫା ପରାଜୟ ବରଣ କରିଥିଲେ। ବ୍ରୁକ୍ ଗତ ସପ୍ତାହରେ ତାଙ୍କ ଅବସର ଘୋଷଣା କରିଛନ୍ତି।

# ଅପରାଜେୟ ଓଡ଼ିଶା କ୍ୱାର୍ଟର ଫାଇନାଲରେ

**ଜାତୀୟ ସିନିୟର ମହିଳା ହକି**

**ଭୁବନେଶ୍ୱର, ୧୩ା୫ (କ୍ରୀଡ଼ା ପ୍ରତିନିଧି)**

ଭୋପାଳରେ ଚାଲିଥିବା ୧୨ତମ ଜାତୀୟ ସିନିୟର ମହିଳା ହକି ଟୁର୍ନାମେଣ୍ଟରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପୁଲ୍ 'ଏଚ୍'ର ଶେଷ ଲିଗ୍ ମ୍ୟାଚରେ ଓଡ଼ିଶା ଦଳ ୮-୦ ଗୋଲରେ ହିମାଚଳକୁ ହରାଇ ଦେଇଛି। ୩ଟି ଯାକ ଲିଗ୍ ମ୍ୟାଚ ଜିତି ଓଡ଼ିଶା ଅପରାଜେୟ ରହିବା ସହ ନକ୍‌ଆଉଟକୁ ଯାଇଛି। ପୂର୍ବ ୨ଟି ମ୍ୟାଚରେ ଦଳ ତେଲଙ୍ଗାନାକୁ ୧୪-୦ ଓ କେରଳକୁ ୧୧-୦ ଗୋଲରେ ହରାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଓଡ଼ିଶା ୩ ମ୍ୟାଚରେ ୩୩ ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଦଳର ରକ୍ଷଣଭାଗ ଦୃଢ଼ଥିବା ଏଥିରୁ ପ୍ରମାଣିତ ହୋଇଛି। ଓଡ଼ିଶା ଶନିବାର ହେବାକୁଥିବା କ୍ୱାର୍ଟର ଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିବ। ହିମାଚଳ ବିପକ୍ଷ ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ଦୀପ୍ତି ଲାକ୍ରା ୩୩, ୪୧ ଓ ୫୧ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ରୋଜିତା କୁଜୁର ୪୬ ଓ ୫୪ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ବିମଳା ବାରୱା ୨୨, ଜାହ୍ନବୀ ପ୍ରଧାନ ୨୬ ଓ ପୁନମ ବାର୍ଲା ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ପୁଲ୍ 'ଏଚ୍'ର ଅନ୍ୟ ଏକ ମ୍ୟାଚରେ କେରଳ ୮-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ସେହିପରି ପୁଲ୍ 'ଜି' ମ୍ୟାଚରେ ଦିଲ୍ଲୀ ୫-୧ରେ ଗୋଆକୁ ହରାଇ ଦେଇଛି। ଲିଗ୍ ମ୍ୟାଚ ଶେଷ ହେବା ସହ କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ମେ' ୧୪ରେ ପ୍ରଥମ କ୍ୱାର୍ଟର ଫାଇନାଲରେ ମହାରାଷ୍ଟ୍ରକୁ ଭେଟିବ ଝାଡ଼ଖଣ୍ଡ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ହରିୟାଣା ଓ ଉତ୍ତର ପ୍ରଦେଶ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ତୃତୀୟ କ୍ୱାର୍ଟରରେ କର୍ଣ୍ଣାଟକକୁ ଭେଟିବ ପଞ୍ଜାବ। ଶେଷ କ୍ୱାର୍ଟର ଫାଇନାଲ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହେବ।

**କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍**

ପ୍ରଥମ କ୍ୱାର୍ଟର ଫାଇନାଲ: ମହାରାଷ୍ଟ୍ର ବନାମ ଝାଡ଼ଖଣ୍ଡ (ସକାଳ ୬ଟା ୩୦)
ଦ୍ୱିତୀୟ କ୍ୱାର୍ଟର ଫାଇନାଲ: ହରିୟାଣା ବନାମ ଉତ୍ତର ପ୍ରଦେଶ (ସକାଳ ୮ଟା ୩୦)
ତୃତୀୟ କ୍ୱାର୍ଟର ଫାଇନାଲ: କର୍ଣ୍ଣାଟକ ବନାମ ପଞ୍ଜାବ (ସକାଳ ୧୦ଟା ୩୦)
ଚତୁର୍ଥ କ୍ୱାର୍ଟର ଫାଇନାଲ: ଓଡ଼ିଶା ବନାମ ମଧ୍ୟପ୍ରଦେଶ (ଅପରାହ୍ନ ୪ଟା)



ଭୋପାଳରେ ଚାଲିଥିବା ଜାତୀୟ ସିନିୟର ମହିଳା ହକି ଟୁର୍ନାମେଣ୍ଟରେ ଶୁକ୍ରବାର ଓଡ଼ିଶା ଓ ହିମାଚଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଭାରତ-ଜାମ୍ବିଆ ମ୍ୟାଚ ବାତିଲ

**ନୂଆଦିଲ୍ଲୀ, ୧୩ା୫ (ପି.ଟି.)-** ଖେଳାଳି ଉପଲବ୍ଧ ନ ଥିବାରୁ ଜାମ୍ବିଆ ଭାରତ ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ ନାହିଁ। ଏହି ମ୍ୟାଚ ଦୋହାରେ ଚଳିତ ମାସ ୨୫ ତାରିଖରେ ଖେଳାଯାଇଥାନ୍ତା। ଜୁନ୍ ୮ରୁ କୋଲକାତାଠାରେ ହେବାକୁଥିବା ଏଏଫ୍‌ସି କପ୍ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡ ଲାଗି ପ୍ରସ୍ତୁତିର ଅଂଶ ବିଶେଷ ସ୍ୱରୂପ ଏହି ମ୍ୟାଚ ଆୟୋଜନ କରାଯାଇଥିଲା। ମାତ୍ର ଦେଶ ପ୍ରଫେସନାଲ ଖେଳାଳିମାନେ ବର୍ତ୍ତମାନ ଉପଲବ୍ଧ ନ ଥିବାରୁ ମ୍ୟାଚ ଖେଳିବା ପାଇଁ ନିଜର ଅକ୍ଷମତା ପ୍ରକାଶ କରିଛି ଜିମ୍ବାୱେ ଫୁଟ୍‌ବଲ ଆସୋସିଏଶନ।





# ବିଦେଶୀ କୋଚ୍ ନିଯୁକ୍ତିରେ ଜାତୀୟ ମହାସଂଘର ବିଶେଷ ଭୂମିକା

**ନୂଆଦିଲ୍ଲୀ, ୧୩ା୫ (ପି.ଟି.):** ବିଦେଶୀ କୋଚ୍ ନିଯୁକ୍ତି କ୍ଷେତ୍ରରେ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ କରିଛି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)। ପୂର୍ବରୁ ଏକ ବ୍ୟାପକ କମିଟି ଦ୍ୱାରା ପ୍ରାର୍ଥୀଙ୍କ ଚୟନପ୍ରକ୍ରିୟା କରାଯାଉଥିଲା। ବର୍ତ୍ତମାନ ଦ୍ୱିପାକ୍ଷିକ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ସଂଶୋଧିତ ଗାଇଡ୍‌ଲାଇନ୍ ଅନୁସାରେ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସେମାନଙ୍କର ଟ୍ରେନିଂ ଓ ପ୍ରତିଯୋଗିତାର ବାର୍ଷିକ କ୍ୟାଲେଣ୍ଡର ପାଇଁ ରଖିଥିବା ବଜେଟର ୩୦ ପ୍ରତିଶତରୁ ଅଧିକ ବିଦେଶୀ କୋଚ୍/ଏକ୍ସପର୍ଟଙ୍କ ନିଯୁକ୍ତି କ୍ଷେତ୍ରରେ ବ୍ୟୟ କରିପାରିବେ ନାହିଁ। ଗାଇଡଲାଇନ ଅନୁସାରେ ବିଦେଶୀ କୋଚ୍‌ଙ୍କୁ ଅତିକମ୍‌ରେ ୫ ଭାରତୀୟ କୋଚ୍‌ଙ୍କୁ ଟ୍ରେନିଂ ଦେବାକୁ ହେବ।

# ଆଇପିଏଲ୍‌ର ଅବଶିଷ୍ଟାଂଶ ଖେଳିବେନି କୁମିନ୍ସ

**ମେଲବୋର୍ନ, ୧୩ା୫ (ପି.ଟି.)**

କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ମୁଖ୍ୟ ପେସ୍ ବୋଲର ପ୍ୟାଟ୍ କୁମିନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶ ଖେଳିବେ ନାହିଁ। ତାଙ୍କ ପିଚାରେ ସାମାନ୍ୟ ଆଘାତ ଲାଗିଥିବାରୁ ଚିକିତ୍ସା ପାଇଁ ସେ ସ୍ୱଦେଶ ଫେରିଯିବେ। କେକେଆର ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକଙ୍କୁ ୭.୨୫ କୋଟି ଟଙ୍କାରେ କ୍ରୟ କରିଥିଲା। ଜାତୀୟ ଦଳ ଆସନ୍ତା ମାସରେ ଶ୍ରୀଲଙ୍କା ଟୁର୍‌ରେ ଯିବାର ଥିବାରୁ ଏହା ପୂର୍ବରୁ ସେ ନିଜକୁ ସମ୍ପୂର୍ଣ୍ଣ ଫିଟ୍ କରିବାକୁ ଚାହୁଁଛନ୍ତି। ରିପୋର୍ଟ ଅନୁସାରେ ଫିଟ୍ ହେବାକୁ କୁମିନ୍ସଙ୍କୁ ଦୁଇ ସପ୍ତାହ ସମୟ ଲାଗିବ। ଟେଷ୍ଟ ଦଳର ଅଧିନାୟକ ବ୍ୟତୀତ କୁମିନ୍ସ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଦଳର ମଧ୍ୟ ଜଣେ ପ୍ରମୁଖ ସଦସ୍ୟ। ଅଷ୍ଟ୍ରେଲିଆ କ୍ରିକେଟ ଦଳର ଆଗାମୀ ୧୮ ମାସ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ଶ୍ରୀଲଙ୍କା ଟୁର୍ ପରେ ଅଷ୍ଟ୍ରେଲିଆ ନିଜ ଦେଶରେ ଟି୨୦ ବିଶ୍ୱକପ୍, ୫ଟି ଟେଷ୍ଟ, ଭାରତକୁ ଏକ ଟେଷ୍ଟ ଟୁର୍ ଏବଂ ବିଦେଶରେ ଆଶେସ ସରିଜ ଖେଳିବ। ଅଷ୍ଟ୍ରେଲିଆ ପରେ ଭାରତକୁ ଫେରି ୨୦୨୩ ଅକ୍ଟୋବରରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳିବ। କେକେଆର ଟିମ୍ ମ୍ୟାନେଜମେଣ୍ଟ ତରଫରୁ କିନ୍ତୁ ଏପର୍ଯ୍ୟନ୍ତ କୁମିନ୍ସଙ୍କ ବିଷୟରେ କିଛି କୁହାଯାଇ ନାହିଁ। ଚଳିତବର୍ଷ କୁମିନ୍ସ ମାତ୍ର ୫ଟି ଆଇପିଏଲ ମ୍ୟାଚ ଖେଳିଛନ୍ତି। ସେ ୧୭.୦ ଷ୍ଟ୍ରାଇକ୍ ରେଟ୍‌ରେ ୭ଟି ଉଇକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂରେ ସେ ୬୩ ରନ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୧୪ ବଲ୍‌ରୁ ଅପରାଜିତ ୫୬ରନ ଅନ୍ୟତମ।



ପ୍ୟାଟ୍ କୁମିନ୍ସ

# ଭାରତକୁ ଆଉ ୪ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୧୩ା୫ (ପି.ଟି.):** ଜର୍ମାନୀର ସୁହଲଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ଶୁଟିଂ ପ୍ରତିଯୋଗିତାରେ ଭାରତ ଶୁକ୍ରବାର ମହିଳା ଓ ପୁରୁଷ ଏୟାର ରାଇଫଲ ଏବଂ ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ଆଉ ୪ଟି ସ୍ୱର୍ଣ୍ଣ ପଦକ ଲାଭ କରିଛି। ଫଳରେ ଭାରତର ପଦକ ସଂଖ୍ୟା ୮ ସ୍ୱର୍ଣ୍ଣ ଓ ୬ ରୌପ୍ୟ ସହ ୧୪ରେ ପହଞ୍ଚିଛି। ଅଷ୍ଟ୍ରେଲିଆ, ଫ୍ରାନ୍ସ, ପୋଲାଣ୍ଡ ଓ ବୁଲ୍‌ଗେରିଆ ଅନ୍ୟ ୪ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶୁକ୍ରବାର ରୁଦ୍ରାକ୍ଷ ପାଟିଲ, ପାର୍ଥ ମାକ୍ଷିଜା ଓ ଉମାମହେଶ ମାଡିନେନିଙ୍କୁ ନେଇ ପୁରୁଷ ୧୦ ମିଟର ଏୟାର ରାଇଫଲ ଟିମ୍ ଫାଇନାଲରେ ସ୍ପେନର ଜେସସ ଓଭିଡୋ, ଆଡ୍ରିଆନା ଡାଏଜ୍ ଓଜର୍ଜ ଏଷ୍ଟିଭେଜଙ୍କୁ ୧୬-୮ରେ ହରାଇ ଭାରତକୁ ସ୍ୱର୍ଣ୍ଣ ପଦକ ଆଣିଦେଇଥିଲେ। ଏହାପରେ ଜୁନିୟର ମହିଳା ୧୦ମିଟର ଏୟାର ପିସ୍ତଲରେ ମନୁ ଭାକର, ପଲକ ଓ ଇଶା ସିଂ ଜର୍ଜିଆର ସାଲୋମ ପ୍ରୋଡିଆଶଭିଲି, ମାରିଆମ୍ ଆମ୍ବାମିସ୍‌ଭିଲି ଓ ମାରିଆମି ପ୍ରୋଡିଆଶଭିଲିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲେ। ପରେ ଆର୍ଯ୍ୟା ବୋର୍ସେ, ଜିନା ଖି ଓ ରମିତାଙ୍କୁ ନେଇ ଏୟାର ରାଇଫଲ ମହିଳା ଟିମ୍ ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ଆଣିଥିଲେ। ଶେଷରେ ସୌରଭ ଚୌଧାରୀ, ଶିବ ନରୱାଲ ଓ ସରବଜୋତ ସିଂଙ୍କୁ ନେଇ ପୁରୁଷ ଏୟାର ପିସ୍ତଲ ଟିମ୍ ଭାରତ ପାଇଁ ଶୁକ୍ରବାର ଚତୁର୍ଥ ସ୍ୱର୍ଣ୍ଣ ଜିତିଥିଲେ।

# ନ୍ୟୁଜିଲାଣ୍ଡ ଚୁକ୍ତି ଖେଳାଳି ତାଲିକାରେ ବ୍ରେସ୍‌ୱେଲ, ପଟେଲ

**ୱେଲିଂଟନ, ୧୩ା୫ (ଏପି)**

ନ୍ୟୁଜିଲାଣ୍ଡ କ୍ରିକେଟ ୩ ବର୍ଷ ମଧ୍ୟରେ ପ୍ରଥମ ଥର ଅଲରାଉଣ୍ଡର ଜିମ୍ମି ନିଶାମଙ୍କୁ ଏହାର ଖେଳାଳି ଚୁକ୍ତି ତାଲିକାରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ ୱେଲିଂଟନ ଅଫସ୍ପିନ ଅଲରାଉଣ୍ଡର ମାଇକେଲ ବ୍ରେସ୍‌ୱେଲଙ୍କୁ ଏଥିରେ ସ୍ଥାନ ମିଳିଛି। ୩୧ ବର୍ଷୀୟ ନିଶାମ ୧୨ ଟେଷ୍ଟ, ୬୬ ଅନ୍ତର୍ଜାତୀୟ ଦିନିକିଆ ଓ ୩୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୨୦୧୯ରେ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲ ସୁପର ଓଭରରେ ସେ ମାର୍ଟିନ ଗୁପ୍‌ଟିଲଙ୍କ ସହ ବ୍ୟାଟିଂ କରିଥିଲେ। ନିଶାମ ନେଦରଲାଣ୍ଡ୍ସ ବିପକ୍ଷ ଦିନିକିଆ ସିରିଜ ଖେଳି ନ ଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟ ତାଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବା ଲାଗି ଅନୁମତି ଦେଇଥିଲା। ବ୍ରେସ୍‌ୱେଲ ଗତ ମାର୍ଚ୍ଚରେ ନେଦରଲାଣ୍ଡ୍ସ ବିପକ୍ଷରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ନିକଟରେ ବ୍ରିଟେନକୁ ନ୍ୟୁଜିଲାଣ୍ଡର ଟେଷ୍ଟ ଟୁର୍ ବେଳେ ତାଙ୍କୁ ଦଳରେ ସ୍ଥାନ ମିଳିଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ ଶୁକ୍ରବାର ପ୍ରକାଶ କରାଯାଇଥିବା ୨୦ ଜଣିଆ ଚୁକ୍ତି ଖେଳାଳି ତାଲିକାରେ ବ୍ରେସ୍‌ୱେଲଙ୍କୁ ପ୍ରଥମଥର ନିଆଯାଇଛି। ଗତ ଡିସେମ୍ବରରେ ଭାରତ ବିପକ୍ଷ ଏକ ଟେଷ୍ଟ ମ୍ୟାଚର ଗୋଟିଏ ଇନିଂସରେ ୧୦ ଉଇକେଟ ନେଇଥିବା ସ୍ପିନର ଏଜାଜ ପଟେଲ ଗତ ସିଜନରେ ବାଦ୍ ପଡ଼ିବା ପରେ ତାଲିକାକୁ ଫେରିଛନ୍ତି। ଚଳିତବର୍ଷ ତାଲିକା ଚୂଡ଼ାନ୍ତ କରିବା କଠିନ ଥିଲା ବୋଲି ମୁଖ୍ୟ କୋଚ୍ ଗ୍ୟାରି ଷ୍ଟେଡ୍ କହିଛନ୍ତି।

**ନ୍ୟୁଜିଲାଣ୍ଡ ଖେଳାଳି ଚୁକ୍ତି ତାଲିକା:** ଟମ୍ ବଣ୍ଡେଲ, ଟ୍ରେଣ୍ଟ ବୋଲ୍ଟ, ମାଇକେଲ ବ୍ରେସ୍‌ୱେଲ, ଡେଭନ କନୱେ, କଲିନ ଡି' ଗ୍ରାଣ୍ଡହୋମ୍, ଲୋକି ଫର୍ଗୁସନ, ମାର୍ଟିନ ଗୁପ୍‌ଟିଲ, ମ୍ୟାଟ୍ ହେନ୍‌ରୀ, କାଇଲ ଜେମିସନ, ଟମ୍ ଲଥାମ, ଡରିଲ ମିଚେଲ, ହେନ୍‌ରୀ ନିକୋଲ୍ସ, ଏଜାଜ ପଟେଲ, ଗ୍ଲେନ୍ ଫିଲିପ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଢ଼ି, ଟିମ୍ ସୌଦି, ନିଲ୍ ୱାଗନର, କେନ୍ ୱିଲିୟମସନ ଓ ୱିଲ ୟଙ୍ଗ୍।



ମାଇକେଲ ବ୍ରେସ୍‌ୱେଲ୍ ଓ ଏଜାଜ ପଟେଲ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ